

୧୨ ବର୍ଷ ଧରି ଶାହରୁଖଙ୍କ ସାଥୀରେ

▶ପୃଷ୍ଠା ୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-354 ◆BHUBANESWAR ◆THURSDAY ◆20 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୫୪ ◆ଭୁବନେଶ୍ୱର ◆ଗୁରୁବାର ◆୨୦ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ୟୁଜିସି-ନେଟ୍ ପରୀକ୍ଷା ରଦ୍ଦ; ତଦନ୍ତ କରିବ ସିବିଆଇ

**ପରୀକ୍ଷାର ସ୍ୱଚ୍ଛତା ଉପରେ ସନ୍ଦେହ**

■ **ଭୁବନେଶ୍ୱର, ୧୯ ।୬(ସମିସ):** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ମଙ୍ଗଳବାର ହୋଇଥିବା ନେଟ୍ ପରୀକ୍ଷାକୁ ଶିକ୍ଷା ମନ୍ତ୍ରାଳୟ ବାତିଲ୍ କରିଦେଇଛି । ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଥିବା ନେଇ ଅଭିଯୋଗ ଆସିବା ପରେ ପରୀକ୍ଷାକୁ ବାତିଲ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏହାସହ କେନ୍ଦ୍ର ସରକାର ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ବୁଧବାର ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଅନ୍ତର୍ଗତ ରାଷ୍ଟ୍ରୀୟ ସାଇବର ଅପରାଧ ବିଶ୍ଳେଷଣ ୟୁନିଟ୍‌କୁ ନେଟ୍ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଥିବା ନେଇ ସୂଚନା ମିଳିଥିଲା । ପରୀକ୍ଷା ପରିଚାଳନାରେ ସଠିକ ଭାବେ ସ୍ୱଚ୍ଛତା ଅବଲମ୍ବନ କରାଯାଇନଥିବା ନେଇ ପ୍ରାଥମିକ ଭାବେ ଜଣାପଡ଼ିଥିଲା । ଅତଏବ ବ୍ୟବସ୍ଥାରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ କାଳବିଳମ୍ବ ନକରି କେନ୍ଦ୍ର ସରକାର ପରୀକ୍ଷା ବାତିଲ ଏବଂ ସିବିଆଇ ତଦନ୍ତ ପରି ବଡ଼ ନିଷ୍ପତ୍ତି ନେଇଛନ୍ତି । ସୂଚନା ଅନୁଯାୟୀ, ୧୮ ତାରିଖରେ ଦେଶର ୩୧୭ଟି ସହରର ୧୨୦୫ଟି ପରୀକ୍ଷା କେନ୍ଦ୍ରରେ ନେଟ୍ ପରୀକ୍ଷା ହୋଇଥିଲା । ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ମୋଟ୍ ୯ ଲକ୍ଷ ୮ ହଜାର ୫୮୦ ଜଣ ପରୀକ୍ଷା ଦେଇଥିଲେ ।

▶ପୃଷ୍ଠା-୯

**୧୪ ଖରିଫ ଫସଲର ସହାୟକ ମୂଲ୍ୟ ବଢ଼ିଲା**

# ଧାନର ଏମ୍‌ଏସ୍‌ପି ୨୩୦୦ ଟଙ୍କାକୁ ବୃଦ୍ଧି

■ **ନୂଆଦିଲ୍ଲୀ, ୧୯।୬ (ସମିସ):** ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୧୭ ଟଙ୍କା ବୃଦ୍ଧି ନିମନ୍ତେ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର । କେନ୍ଦ୍ର କ୍ୟାବିନେଟରେ ଧାନ ସହ ୧୪ଟି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ନିଷ୍ପତ୍ତି ନିଆଯାଇଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି ।

ଶ୍ରୀ ବୈଷ୍ଣବଙ୍କ ସୂଚନା ଅନୁସାରେ ପୂର୍ବରୁ ଧାନର ଏମ୍‌ଏସ୍‌ପି ୨୧୮୩ ଟଙ୍କା ଥିବାବେଳେ ଆଗାମୀ ଖରିଫ ଋତୁ ନିମନ୍ତେ ଏହାକୁ ୨୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସେହିପରି ଏ ଗ୍ରେଡ୍ ଧାନର ଏମ୍‌ଏସ୍‌ପି ମଧ୍ୟ ୧୧୭ ଟଙ୍କା ବୃଦ୍ଧି କରାଯାଇ ୨୩୨୦ ଟଙ୍କା ରଖାଯାଇଛି । ଅନ୍ୟପକ୍ଷରେ ଯଅ, ବାଜରା, ମାଣ୍ଡିଆ, ମକା, ହରଡ଼, ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ, ସୋୟାବିନ୍, ରାଶି, କପା ଆଦି ଫସଲର ଏମ୍‌ଏସ୍‌ପି ବୃଦ୍ଧି କରାଯାଇଛି । ତେବେ ଅନ୍ୟ ସମସ୍ତ ଫସଲ ତୁଳନାରେ ଧାନର ସହାୟକ ମୂଲ୍ୟ ବୃଦ୍ଧି ସବୁଠାରୁ କମ୍ ରହିଛି । ଯଅର ସର୍ବନିମ୍ନ ସହାୟମ ମୂଲ୍ୟ ୧୯୧ରୁ ୧୯୬ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳ ମାଣ୍ଡିଆର ଏମ୍‌ଏସ୍‌ପି

▶ପୃଷ୍ଠା-୯



**ଓଡ଼ିଶାରେ ଏମ୍‌ଏସ୍‌ପି ୩୧୦୦ ଟଙ୍କା ଦେବାକୁ ରାଜ୍ୟ କ୍ୟାବିନେଟ୍‌ରେ ହୋଇଛି ନିଷ୍ପତ୍ତି**

# ଏବେ ଖୋଲିବନି ରତ୍ନଭଣ୍ଡାର

## ସରକାରୀ ସ୍ତରରେ କୌଣସି ନିଷ୍ପତ୍ତି ହୋଇନି: ଆଇନ ମନ୍ତ୍ରୀ

■ **ଭୁବନେଶ୍ୱର/ପୁରୀ, ୧୯।୬ (ସମିସ):** ଆସନ୍ତା ୮ ତାରିଖରେ ରତ୍ନ ଭଣ୍ଡାର ଖୋଲିବା ଘଟଣାରେ ନୂଆ ମୋଡ଼ ନେଇଛି । ଆଜି ସକାଳେ ରତ୍ନଭଣ୍ଡାର ଖୋଲା ହେବା ନେଇ ଏଏସ୍‌ଆଇ ଅଧୀକ୍ଷକ ଡଃ ବି. ବି. ଗଡ଼ନାୟକ ପ୍ରତିକ୍ରିୟା ଦେବା ପରେ ଏହାକୁ ଖଣ୍ଡନ କରିଛନ୍ତି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଛତିଶା ନିଯୋଗ ବୈଠକରେ ରତ୍ନଭଣ୍ଡାର ଖୋଲା ହେବା ନେଇ ସରକାରୀ ସ୍ତରରେ କୌଣସି ନିଷ୍ପତ୍ତି ହୋଇନାହିଁ । ବିଶୃଙ୍ଖଳିତ ଆଚରଣ ପୂର୍ବକ ଏଏସ୍‌ଆଇ ଅଧିକାରୀଜଣକ ଏନେଇ ବିଭ୍ରାନ୍ତିକର ଖବର ଦେଇଛନ୍ତି । ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟ ସରାକର ରତ୍ନଭଣ୍ଡାର ଖୋଲିବା ପାଇଁ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଅଛନ୍ତି । କେବେ ଏବଂ କେଉଁଦିନ ରତ୍ନଭଣ୍ଡାର ଖୋଲାହେବ ସେନେଇ ଖୁବ୍‌ଶୀଘ୍ର ଜଣାପଡ଼ିବ । ସରକାରଙ୍କ ନିଷ୍ପତ୍ତି ପୂର୍ବରୁ ଯେଉଁ ଅଧିକାରୀ ଏପରି ବିଭ୍ରାନ୍ତିକର ତଥ୍ୟ ଦେଇଛନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।



**ବିଶୃଙ୍ଖଳିତ ଭାବେ ଏଏସ୍‌ଆଇ ଅଧିକାରୀ ଦେଇଛନ୍ତି ବୟାନ**

**ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ**

**ଆସନ୍ତା ୮ ତାରିଖରେ ରତ୍ନଭଣ୍ଡାର ଖୋଲିବା ନେଇ ବୟାନ ଦେଇଥିଲେ ଏଏସଆଇ ଅଧୀକ୍ଷକ ଡଃ ବି. ବି ଗଡ଼ନାୟକ**

ସୂଚନାଯୋଗ୍ୟ ଯେ ବୁଧବାର ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ସ୍ନାନଯାତ୍ରା ନୀତିକାନ୍ତି ନିର୍ଘଣ୍ଟ ହୋଇଥିବା ବେଳେ ବ୍ୟବସ୍ଥାବଳୀରେ ମୋହର ବାଜିଛି । ତେବେ ଏଥିରେ କମିଟି ସଦସ୍ୟମାନେ ରତ୍ନଭଣ୍ଡାର ପ୍ରସଙ୍ଗ ଉଠାଇଥିଲେ । ବୈଠକ ସରିବା ପରେ ଏଏସଆଇ ଅଧୀକ୍ଷକ ଡଃ ବି ବି ଗଡ଼ନାୟକ ଗଣମାଧ୍ୟମରେ ଆସନ୍ତା ୮ ତାରିଖରେ ରତ୍ନଭଣ୍ଡାର ଖୋଲିବ ବୋଲି ବୟାନ ରଖିଥିଲେ । ସେ କହିଥିଲେ ଯେ ଆସନ୍ତା ଜୁଲାଇ ୮ ତାରିଖରେ ଖୋଲିବ ଶ୍ରୀମନ୍ଦିର ରତ୍ନଭଣ୍ଡାର । ପରିଚାଳନା କମିଟିରେ ଏହା ଉପରେ ସହମତି ପ୍ରକାଶ ପାଇଛି । ସେ ସମୟରେ ଠାକୁର ରଥରେ ଥିବେ । ତେଣୁ ଆମକୁ ସମୟ ମିଳିବ । ଟେକ୍ନିକାଲ କୋର୍ କମିଟି,

▶ପୃଷ୍ଠା-୯



**ଦୁଇ ସେବାୟତ ନିଯୋଗ ମଧ୍ୟରେ ବିବାଦ**

## ଦ୍ୱାଦଶୀରେ ହେଲା ଏକାଦଶୀ ନୀତି

■ **ପୁରୀ, ୧୯।୬ (ସମିସ):** ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ବିଭିନ୍ନ ସମୟରେ ନୀତି ବିଭ୍ରାଟ ଏବଂ ବିଳମ୍ବ ହେଉଛି । ଫଳରେ ଏହାର ପ୍ରଭାବ ଠାକୁରଙ୍କ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନ ଉପରେ ପଡୁଛି । ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଥିଲେ ହେଁ ଏଥିପ୍ରତି ଅଧିକାରୀ ନା ସେବାୟତ କେହି ବି ସଚେତନ ହେଉନାହାନ୍ତି । ମଙ୍ଗଳବାର ଶ୍ରୀମନ୍ଦିରରେ ଦୁଇ ସେବାୟତ ନିଯୋଗ ମଧ୍ୟରେ ବିବାଦ ଯୋଗୁ ନୀତିକାନ୍ତି ଅହେତୁକ ଭାବେ ବିଳମ୍ବ ହୋଇଛି । ଏକାଦଶୀ ନୀତିକାନ୍ତି ଦ୍ୱାଦଶୀରେ ସମ୍ପନ୍ନ ହେବା ସହ ୪ ଘଣ୍ଟା ବିଳମ୍ବରେ ଅର୍ଥାତ୍ ବୁଧବାର ସକାଳ ୯ଟା ୫୬ରେ ହୋଇଛି ମଙ୍ଗଳ ଆଳତି । ହେଲେ ଏହି ବିଳମ୍ବକୁ ନେଇ ନୀତି ପ୍ରଶାସକଙ୍କର କୌଣସି ନିଘା ନାହିଁ ।

ମଙ୍ଗଳବାର ଥିଲା ରୁକ୍ମିଣୀ ହରଣ ଏକାଦଶୀ । ମହାପ୍ରଭୁଙ୍କ ବିବାହ ମହୋତ୍ସବ । ହେଲେ ପୂଜାପଣ୍ଡା ଏବଂ ସିଂହାରୀ ସେବାୟତଙ୍କ ମଧ୍ୟରେ ଉପୁଜିଥିଲା ବିବାଦ । ମଙ୍ଗଳବାର ରାତି ୩ଟା ୫୫ରେ ସନ୍ଧ୍ୟାଧୂପ ଶେଷ ହୋଇଥିଲା । ଏହାପରେ ଦିଅଁ ବିବାହ ନୀତି ଆରମ୍ଭ ହୋଇଥିଲା । ହେଲେ ଏହି ନୀତିରେ ପୂଜାପଣ୍ଡା ସେବକ ଅଧିକ ରହିଥିବା ନେଇ ଆପତ୍ତି ଉଠାଇଥିଲେ ସିଂହାରୀ ସେବକ ।

▶ପୃଷ୍ଠା-୯

**୪ ଘଣ୍ଟା ବିଳମ୍ବରେ ମଙ୍ଗଳ ଆଳତି**

**ବିଳମ୍ବକୁ ନୀତି ପ୍ରଶାସକଙ୍କର ନିଘା ନାହିଁ**

# ନବୀନ ବିରୋଧୀ ଦଳ ନେତା





ପ୍ରସନ୍ନ ଆଚାର୍ଯ୍ୟ ଉପନେତା | ପ୍ରମିଳା ମଲ୍ଲିକ ମୁଖ୍ୟ ସଚେତକ | ପ୍ରତାପ ଦେବ ଉପମୁଖ୍ୟ ସଚେତକ

■ **ଭୁବନେଶ୍ୱର, ୧୯ ।୬ (ସମିସ):** ଆଗାମୀ ବିଧାନସଭାରେ ଏକ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଗତ ୨୪ ବର୍ଷ ଧରି କ୍ରମାଗତ ଭାବରେ ନିର୍ବାଚିତ ହୋଇ ଆସୁଥିବା ନବୀନ ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ ଥିଲେ । ଆଗାମୀ ବିଧାନସଭାରେ ତାଙ୍କୁ ପ୍ରଥମଥର ପାଇଁ ଏକ ନୂଆ ଭୂମିକାରେ ଦେଖିବାକୁ ମିଳିବ । ବିଜେଡି ବିଧାୟକ ଦଳର ନେତା ଭାବରେ ନିର୍ବାଚିତ ହେବା ସହ ବିଧାନସଭାରେ ନବୀନ ବିରୋଧୀ ଦଳର ନେତା ଭାବରେ କାର୍ଯ୍ୟ କରିବେ । ଶଙ୍ଖ ଭବନରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ସର୍ବସମ୍ମତକ୍ରମେ ଦଳୀୟ ବିଧାୟକମାନେ ନବୀନଙ୍କୁ ବିରୋଧୀ ଦଳ ନେତା ଭାବରେ ନିର୍ବାଚିତ କରିଛନ୍ତି । ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ବିରୋଧୀ ଦଳ ଉପନେତା ଓ ପ୍ରମିଳା ମଲ୍ଲିକ ମୁଖ୍ୟ ସଚେତକ ରୂପେ ନିର୍ବାଚିତ ହୋଇଛନ୍ତି । ବିଜେଡି ବିଧାୟକ ଦଳର ଉପମୁଖ୍ୟ ସଚେତକ ରୂପେ ପ୍ରତାପ କେଶରୀ ଦେବଙ୍କୁ ସର୍ବସମ୍ମତକ୍ରମେ ନିର୍ବାଚିତ କରାଯାଇଛି ।

ବୁଧବାର ଅପରାହ୍ନରେ ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଛି ବିଜେଡି ବିଧାୟକ ଦଳ ବୈଠକ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେଡିର ୫୧ ବିଧାୟକଙ୍କ ସହ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଅନ୍ୟ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ପ୍ରମିଳା ମଲ୍ଲିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଔପଚାରିକ ଭାବରେ ବୈଠକକୁ ଆରମ୍ଭ କରିଥିଲେ । ଏହି ଅବସରରେ ବିଜେଡି ବିଧାୟକ ଦଳ ନେତା ଭାବରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନିର୍ବାଚିତ

▶ପୃଷ୍ଠା-୯

**ବାଲେଶ୍ୱର ଗୋଷ୍ଠୀ ସଂଘର୍ଷ ଘଟଣା**

# ୨୦ ମଧ୍ୟରାତ୍ରି ଯାଏଁ ବଢ଼ିଲା କର୍ଫ୍ୟୁ

■ **ବାଲେଶ୍ୱର, ୧୯ ।୬(ସମିସ):** ଗୋଷ୍ଠୀ ସଂଘର୍ଷ ଯୋଗୁଁ ବାଲେଶ୍ୱର ସହରରେ ଜାରି ହୋଇଥିବା କର୍ଫ୍ୟୁ ବଳବତ୍ତର ରହିଛି । ପରିସ୍ଥିତିକୁ ଦେଖି କର୍ଫ୍ୟୁକୁ ଗୁରୁବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ହେଲେ ଗୁରୁବାର ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଏହି ପରିପ୍ରେକ୍ଷୀରେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଏଡିଜି (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ପୂର୍ବାଞ୍ଚଳ ଆଇଜି ଦୀପକ କୁମାର, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଜିଲ୍ଲାପାଳ ଆଶିଷ ଠାକରେଙ୍କ

▶ପୃଷ୍ଠା-୯

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଓ ପୁଲିସ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ**

**ଗୁରୁବାର ସକାଳ ୭ରୁ ୧୧ଟା କର୍ଫ୍ୟୁ କୋହଳ**

**ଆଉ ଦୁଇ ଦିନ ବନ୍ଦ ରହିବ ସ୍କୁଲ, କଲେଜ**

**କର୍ଫ୍ୟୁ ନିୟମକୁ ଉଲ୍ଲଙ୍ଘନ ଅଭିଯୋଗରେ ୩୦ ଅଟକ**

**ସହରରେ ୪୦ ପ୍ଲାଟୁନ ଫୋର୍ସ ସହ ୬ କମ୍ପାନୀ ବିଏସ୍‌ଏଫ୍ ମୁତୟନ**

## ସରକାରଙ୍କୁ କଂଗ୍ରେସର ନିଶାଣ

**ସାଂସଦ, ବିଧାୟକଙ୍କ ଇଙ୍ଗିତରେ ଚାଲୁଛି ପ୍ରଶାସନ: ଶ୍ରୀକାନ୍ତ ଜେନା**

■ **ଭୁବନେଶ୍ୱର, ୧୯ ।୬ (ସମିସ):** ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ବାଲେଶ୍ୱର ଜିଲ୍ଲାରେ ସାମ୍ପ୍ରଦାୟିକ ଶାନ୍ତି ଭଙ୍ଗ ହେଉଛି । ପୂର୍ବରୁ କୌଣସି ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ଏପରି ଘଟଣା ଘଟି ନ ଥିଲା; ମାତ୍ର ସମ୍ପ୍ରତି ହିଂସାର ନିଆଁରେ ଜଳୁଥିବା ବାଲେଶ୍ୱରରେ ଶାନ୍ତି ଫେରାଇ ଆଣିବା ବଦଳରେ ସ୍ଥାନୀୟ ସାଂସଦ ଏବଂ ବିଧାୟକ ଭିନ୍ନ ଧରଣର ବୟାନବାଜି କରୁଛନ୍ତି । ଜିଲ୍ଲା ପ୍ରଶାସନ ଏମାନଙ୍କ ଇଙ୍ଗିତରେ କାର୍ଯ୍ୟ କରୁଛି ବୋଲି ଅଭିଯୋଗ କରିଛି

▶ପୃଷ୍ଠା-୯



**ହାଇକୋର୍ଟ ବିଚାରପତିଙ୍କ ଦ୍ୱାର ନ୍ୟାୟିକ ତଦନ୍ତ ଦାବି**

**ଶାନ୍ତି ଓ ସଦଭାବ ଫେରାଇ ଆଣିବା ପାଇଁ ନିବେଦନ**

**ଡିପ୍‌ଥେରିଆ ସଂକ୍ରମଣ ପଛର କାରଣ ଖୋଜା**

## ଆକ୍ରାନ୍ତଙ୍କ ହେବ ଜିନମ୍ ସିକ୍ୱେନ୍ସିଂ

■ **ଭୁବନେଶ୍ୱର, ୧୯।୬ (ସମିସ):** ରାଜ୍ୟରେ ଡିପଥେରିଆ ସଂକ୍ରମଣ ପଛର କାରଣ ଖୋଜିବା ଆରମ୍ଭ କରିଛି ସ୍ୱାସ୍ଥ୍ୟ ବିଭାଗ । ଟିକାର ପ୍ରଭାବ ହ୍ରାସ ନା ଷ୍ଟ୍ରେନରେ ପରିବର୍ତ୍ତନ ଯୋଗୁ ସଂକ୍ରମଣ ବ୍ୟାପିଛି, ତା'ର କାରଣ ଜାଣିବାକୁ ଉଦ୍ୟମ ଆରମ୍ଭ ହୋଇଛି । ଏଥିପାଇଁ ରୋଗୀଙ୍କ ଆଣ୍ଟିବଡି ପରୀକ୍ଷା ସହ ଡିପଥେରିଆ ବ୍ୟାକ୍ଟେରିଆର ଜିନମ ସିକ୍ୱେନ୍ସିଂ ପାଇଁ ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେଇଛି । ଆଣ୍ଟି ବଡି ବା ରୋଗ ପ୍ରତିରୋଧ ଶକ୍ତିର ପରୀକ୍ଷା ପାଇଁ ରୋଗୀଙ୍କ ନମୁନା ଲ୍ୟାବକୁ ପଠାଯାଇଥିବା ବେଳେ ଜିନମ୍ ସିକ୍ୱେନସିଂ ପାଇଁ ଆଇଏଲ୍‌ଏସ୍ କିମ୍ବା ଆଇସିଏମ୍‌ଆରକୁ ନମୁନା ପଠାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏବେ ରାଜ୍ୟରେ ଡିପ୍‌ଥେରିଆ ସ୍ଥିତି ନିୟନ୍ତ୍ରଣରେ ଅଛି । ନୂଆ ମାମଲା ସାମ୍ନାକୁ ଆସିନି । ରାୟଗଡ଼ା ହସ୍ପିଟାଲରେ କେହି ରୋଗୀ ନାହାନ୍ତି । ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଭବାନୀପାଟଣାରେ ଯେଉଁ ୫ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ୪ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଜଣେ କାଶୀପୁର ଯାଇଛନ୍ତି । ଡାକ୍ତରଖାନାରେ ଭର୍ତ୍ତି ୪ ଜଣଙ୍କ ମଧ୍ୟରୁ ଦୁଇ ଜଣ ଡିପଥେରିଆ ରୋଗୀ ବୋଲି ଜଣାପଡ଼ିଛି ।

▶ପୃଷ୍ଠା-୯



## ରାଇମଣିରେ ଡବଲ ମର୍ଡର

**ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା ପରେ ଝିଅକୁ ପଥରରେ ଛେଚି ମାରିଲା**

■ **ଭଦ୍ରକ, ୧୯।୬ (ସମିସ):** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ରାଇମଣୀ ଛକ ନିକଟରେ ଅଭାବନୀୟ ଘଟଣା ଘଟିଛି । ଜଣେ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରିବା ପରେ ତାଙ୍କ ଝିଅକୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି । ସୂଚନାନୁଯାୟୀ, ଜଳଙ୍ଗା ଅଞ୍ଚଳର ସୁକାନ୍ତୀ ମୁଣ୍ଡା, ସ୍ୱାମୀ ରାଜୁ ମୁଣ୍ଡା ଓ ୬ ବର୍ଷୀୟ ଝିଅକୁ ନେଇ ରାଇମଣିରେ ରହି ଦିନମଜୁରିଆ କାମ କରୁଥିଲେ । ବୁଧବାର ସକାଳୁ ଉଭୟ ମା' ଓ ଝିଅ ମେଡିକାଲ ଯାଇଥିଲେ । ପରେ ସ୍ଥାନୀୟ ଲୋକେ ସୁକାନ୍ତୀଙ୍କ ମୃତଦେହ ଦେଖିଥିଲେ । ସେହି ସ୍ଥାନରୁ ଜଣେ ନାବାଳକକୁ ଦେଖି ସନ୍ଦେହ ହେବାରୁ ଲୋକେ ପୁଲିସକୁ ଖବର ଦେଇଥିଲେ । ତେବେ କିଛି ସମୟ ପରେ ମୃତ ମହିଳାଙ୍କ ୬ ବର୍ଷୀୟ ଝିଅର ମୃତଦେହ ଘଟଣାସ୍ଥଳରୁ ଏକ କିଲୋମିଟର ଦୂରରେ ଥିବା ଏକ ପୋଲ ତଳୁ ରକ୍ତାକ୍ତ ଅବସ୍ଥାରେ ମିଳିଥିଲା ।

▶ପୃଷ୍ଠା-୯

## ଲୋକକଥା



ନୂଆ ସରକାର ହଉ ହଉ ଏବେ
ଦର ହେଲା ଅଣାୟତ୍ତ,
ଦରବ ଦରକୁ ଦେଖି ଖାଉଟିଏ
ହୋଇଲେଣି ହନ୍ତସନ୍ତ !
ମାରି ହେଉନାହିଁ ହାତ,
ଆଚ୍ଛାଦିନ ଭଳି ହେବନି ତ ଆଉ
କଷଣର ବଜ୍ରପାତ !!

**ଆଗ୍ନିକଙ୍କୁ ମିଳିବ ବଳ**

# ନିଆଁ ଲିଭାଇବ ରୋବୋଟ୍

■ **ଭୁବନେଶ୍ୱର, ୧୯।୬ (ସମିସ):** ଓଡ଼ିଶାରେ ପ୍ରତିବର୍ଷ ଅଗ୍ନିଶମ ଜନିତ କ୍ଷୟକ୍ଷତି ବଢ଼ିଚାଲିଛି । ଅଗ୍ନିକାଣ୍ଡ ହେବାର ଗୋଲ୍ଡେନ୍ ଆୱାର ଭିତରେ ନିଆଁର ଜ୍ୱାଳା ଅଧିକ ମାତ୍ରାରେ ଥିବାରୁ ନିଆଁ ଭିତରକୁ ଅଗ୍ନିଶମ କର୍ମଚାରୀ ପଶିପାରୁ ନାହାନ୍ତି । ଏଥିସହ ଅନେକ ସ୍ଥାନକୁ ଅଗ୍ନିଶମ କର୍ମଚାରୀ ପଶି ପାରୁନଥିବାରୁ ମୃତହାତ ଓ ଧନଜୀବନ ନଷ୍ଟ ହୋଇଛି । ତେଣୁ ଅଳ୍ପ ସମୟରେ ଧନଜୀବନ ରକ୍ଷା ଲାଗି ଏହି ରୋବୋଟ କିଣିବାକୁ ଯୋଜନା କରାଯାଇଛି । ଫଳରେ ଅଗ୍ନିଶମ କର୍ମଚାରୀଙ୍କୁ ଆଶ୍ୱସ୍ତି ମିଳିବ । ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ବଦଳରେ ନିଆଁ ଲିଭାଇବା କାର୍ଯ୍ୟରେ ରୋବୋଟ ନିୟୋଜିତ ହେବ । ନିଆଁକୁ ଆୟତ୍ତ କରିବା ସହ ଧନଜୀବନ ରକ୍ଷା କରିବ । ନିଆଁ ଲାଗିଥିବା ସ୍ଥାନର ଦେଢ଼ରୁ ୨ କିଲୋମିଟର ମଧ୍ୟରେ ରୋବଟ୍ କାର୍ଯ୍ୟକ୍ଷମ ହୋଇପାରିବ । ନିଆଁର ଉତ୍ତାପ କମ୍ ଥିବା ସ୍ଥାନରେ ଅଗ୍ନିଶମ କର୍ମଚାରୀମାନେ ରହି ରିମୋଟ୍ ସହାୟତାରେ ରୋବଟକୁ ନିୟନ୍ତ୍ରଣ କରିପାରିବେ । ଅଗ୍ନିଶମ ବାହାନୀର ପାଣି ଟ୍ୟାଙ୍କରରେ ଲାଗିଥିବା ପାଣି ପାଇପ ଧରି ରୋବୋଟ୍ ନିଆଁକୁ ଲିଭାଇବ ।

ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଅଗ୍ନିଶମ ବିଭାଗ ୨୪ ରୋବୋଟ ଆଣିବ । ପ୍ରତି ରୋବର୍ଟକୁ କ୍ରୟ ବାବଦରେ ୧ କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏନେଇ ଟଙ୍କା ବ୍ୟୟବରାଦ କରାଯାଇଛି । ଓଡ଼ିଶାରେ ଏକ ସଂସ୍ଥା ବିଦେଶରୁ କିଛି ଯନ୍ତ୍ରପାତି ଆଣି ରୋବୋଟ ପ୍ରସ୍ତୁତ ଲାଗି କାର୍ଯ୍ୟ ଚଳାଇଛି । ଏହି ରୋବୋଟରେ ୧୨୦ରୁ ଅଧିକ ହର୍ସପାୱାର ଶକ୍ତି ଇଞ୍ଜିନ ରହିଛି । ତେଣୁ ନିଆଁରେ ପିଶିବା ପରେ ସୁରୁଖୁରରେ ନିଆଁ ଲିଭାଇପାରିବ । ରୋବୋଟ ଆଗ ଭାଗରେ ସେନ୍ସର ଏବଂ କ୍ୟାମେରା ଲଗାଯାଇଛି । ସେନସର ନିଆଁ ନିକଟରେ ପହଞ୍ଚିବା ପରେ ସେଠାରେ ଥିବା ତାପମାତ୍ରା ଅନୁସାରେ ପାଣି ଛାଡ଼ିବ । ରୋବୋଟରେ କ୍ୟାମେରା ଲାଗିବ, ଯାହା ନିଆଁ

▶ପୃଷ୍ଠା-୯



**ପ୍ରଥମ ପର୍ଯ୍ୟାୟରେ ବିଭାଗକୁ ମିଳିବ ୨୪ ରୋବଟ୍**

# ଦନ୍ତାର ସନ୍ଦେହଜନକ ମୃତ୍ୟୁ

**ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିବା ଅନୁମାନ**

**ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଅଞ୍ଚଳବାସୀ**



■ **ହାଟଡ଼ିହୀ/ ସୋସୋ/ ଆଗରପଡ଼ା/ ବନ୍ତ, ୧୯।୬ (ସମିସ) :** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ହଦଗଡ ହସ୍ତୀ ଅଭୟାରଣ୍ୟର ଏକ ଦନ୍ତା ହାତୀର ସୋସୋ ପଞ୍ଚାୟତ କାନପୁର ଗ୍ରାମର ଏକ ବ୍ୟକ୍ତିର ସପୁରୀ ଓ ଆମ୍ବ ତୋଟାରେ ମୃତ୍ୟୁ ଘଟିଛି । ହାତୀଟିର ବୟସ ୨୫ ବର୍ଷ ବୋଲି ଅନୁମାନ କରାଯାଉଛି । ଦନ୍ତା ହାତୀର ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ହାତୀ ମୃତ୍ୟୁର କାରଣ ଜଣାପଡିନାହିଁ । ତେବେ ବିଦ୍ୟୁତ ଆଘାତରେ ଦନ୍ତା ହାତୀ ମରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ହାତୀଟି ଦୁଇବର୍ଷ ଧରି ହସ୍ତୀ ଅଭୟାରଣ୍ୟରୁ ବାହାରି ଆସି ବର୍ଷର ଛଅମାସ ପଡିଆରିପଲ୍ଲୀ ଗାଁ ଦେଇ ବାଲିବରେଇ ଓ ସୋସୋ ପଞ୍ଚାୟତରେ ଥିବା ପଣସ, ଆମ୍ବ ଓ ସପୁରୀ ତୋଟାରେ ବୁଲି ଖାଇଥାଏ । ହାତୀଟି ଅତି ସାଧାରଣ ଥିବାରୁ ଲୋକମାନେ ତାର ପାଖକୁ ଯାଇପାରୁଥିବା ଲୋକମାନେ କହିଛନ୍ତି । ହାତୀଟି ଆଜି ସକାଳୁ ସପୁରୀ ଓ ଆମ୍ବ ତୋଟାରେ ମରି ପଡିଥିବାର

▶ପୃଷ୍ଠା-୯

ସକାଳ
THE SAKALA
www.sakalaepaper.com

# ୧୨ ବର୍ଷ ଧରି ଶାହାରୁଖ୍‌ଙ୍କ ଛାଇ ପରି ରହିଛନ୍ତି ଏହି ମହିଳା



ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖ୍ ଖାନଙ୍କ ସୁଖ ଏବଂ ଦୁଃଖ ସମୟରେ ପାଖେ ପାଖେ କେବଳ ତାଙ୍କ ପରିବାର ଲୋକ ନୁହଁନ୍ତି, ବରଂ ସବୁ ସମୟରେ ତାଙ୍କ ସହ ରହି ଆସିଛନ୍ତି ପୂଜା ଦଦ୍‌ଲାନି । ଅନେକ ସମୟରେ ସେ ତାଙ୍କ ସହ ନଜର ଆସିଥାନ୍ତି । ତେବେ ସବୁ ପରିସ୍ଥିତିରେ ଶାହରୁଖ୍‌ଙ୍କ ସହ ସାମିଲ ରହୁଥିବା ଏହି ପୂଜା ଦଦ୍‌ଲାନି କିଏ ବୋଲି ପ୍ରଶ୍ନ ଆସିବା ସ୍ୱାଭାବିକ । ପ୍ରକୃତରେ ପୂଜା ହେଉଛନ୍ତି ଶାହରୁଖ୍‌ଙ୍କ ମ୍ୟାନେଜର । ୨୦୧୨ ମସିହାରୁ ସେ ଏହି ଦାୟିତ୍ୱ ତୁଲାଇ ଆସୁଛନ୍ତି । ୨୦୨୧ରେ ଶାହରୁଖ୍‌ଙ୍କ ପୁଅ ଆର୍ୟନ ଖାନ୍‌ଙ୍କ ନାଁ ଡ୍ରଗ୍ସ ମାମଲାରେ ଆସିବା ପରେ ପୂଜାଙ୍କ ନାଁ ଚର୍ଚ୍ଚାକୁ ଆସିଥିଲା । ତେବେ ଶାହରୁଖ୍‌ଙ୍କ ବ୍ୟତୀତ ତାଙ୍କର ଗୌରୀ ଖାନ୍, ଆର୍ୟନ, ଅବରାମ ଏବଂ ସୁହାନାଙ୍କ ସହ ଉତ୍ତମ ସମ୍ପର୍କ ଅଛି । ପୂଜା ଶାହରୁଖ୍‌ଙ୍କ ବଲିଉଡ୍ ସହ ଜଡ଼ିତ କାମ ଉପରେ କେବଳ ଦୃଷ୍ଟି ଦେଇ ନ ଥାନ୍ତି, ବରଂ ବିଜ୍ଞାପନଠୁ ଆରମ୍ଭ କରି ଅଲଗା ଅଲଗା ବ୍ୟବସାୟ କାମ ମଧ୍ୟ ସମ୍ଭାଳନ୍ତି । କେବଳ ସେତିକି ନୁହେଁ, ସେ ଶାହରୁଖ୍‌ଙ୍କ କ୍ରିକେଟ ଟିମ୍ କୋଲକାତା ନାଇଟ୍ ରାଇଡର୍ସର ଦାୟିତ୍ୱରେ ଅଛନ୍ତି । ଅନ୍ୟପଟେ ଏଭଳି ଜଣେ ଲୋକପ୍ରିୟ ତାରାକାଙ୍କ ବ୍ୟସ୍ତବହୁଳ ଜୀବନକୁ ମ୍ୟାନେଜ କରୁଥିବାରୁ ପୂଜା ପାରିଶ୍ରମିକ ବାବଦରେ ମାସକୁ ୭୫ ଲକ୍ଷ ଟଙ୍କା ନିଅନ୍ତି ବୋଲି କୁହାଯାଉଛି । ସେହିପରି ଯଦି ପୂଜାଙ୍କ ବ୍ୟକ୍ତିଗତ ଜୀବନ କଥା ଆଲୋଚନା କରାଯିବ, ତାହେଲେ ସେ ହେଉଛନ୍ତି ବିବାହିତା । ୨୦୦୮ ରେ ସେ ବ୍ୟବସାୟୀ ହିତେଶ ଗୁରନାନୀଙ୍କୁ ବିବାହ କରିଛନ୍ତି । ରେନା ନାଁରେ ତାଙ୍କର ଝିଅଟିଏ ଅଛି ।



# ବିଶ୍ୱ ଶରଣାର୍ଥୀ ଦିବସ

ପ୍ରତିବର୍ଷ ଜୁନ୍ ୨୦ ତାରିଖକୁ 'ବିଶ୍ୱ ଶରଣାର୍ଥୀ ଦିବସ' ଭାବେ ପାଳନ କରାଯାଏ । ଯୁଦ୍ଧ, ହିଂସା, ଭୟଙ୍କର ବିବାଦ ତଥା ନିର୍ଯାତନା ଯୋଗୁଁ ନିଜ ଦେଶ ଛାଡ଼ି ସବୁଦିନ ପାଇଁ ଅନ୍ୟ ଅଞ୍ଚଳ ବା ଅନ୍ୟ ଦେଶରେ ଶରଣାପନ୍ନ ହୋଇଥିବା ଲୋକେ ଶରଣାର୍ଥୀ ଭାବେ ଗଣାଯାନ୍ତି । ଶରଣାର୍ଥୀମାନଙ୍କୁ ସହଯୋଗ କରିବା ତଥା ସେମାନଙ୍କୁ ଥଇଥାନ କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତି ବୃଦ୍ଧି କରି ସେମାନଙ୍କୁ ଅନ୍ୟ ଦେଶରେ ପୁଣି ଥରେ ସୁରୁଖୁରୁରେ ଜୀବନ ଅତିବାହିତ କରିବାର ସୁବିଧାସୁଯୋଗ ଦେବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ । ଏହି ଦିବସ ମାଧ୍ୟମରେ ସେମାନଙ୍କର ଦୁର୍ଦ୍ଦଶା ଏବଂ ସ୍ଥିତି ଉପରେ ଗୁରୁତ୍ୱ ଦିଆଯାଏ । ପ୍ରଥମେ ଏହାକୁ ୨୦୦୧ ଜୁନ୍ ୨୦ରେ ପାଳନ କରାଯାଇଥିଲା । ତେବେ ଶରଣାର୍ଥୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୦୧ରେ ୧୯୫୧ରେ ଆୟୋଜିତ ଶରଣାର୍ଥୀ ସମ୍ମିଳନୀର ୫୦ ତମ ବାର୍ଷିକୀ ପାଳନ ଅବସରରେ ଏହି ଦିବସ ପାଳନ ପାଇଁ ମିଳିତ ଜାତିସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । ଏହି ଦିନ ସମଗ୍ର ବିଶ୍ୱରେ ଥିବା ଶରଣାର୍ଥୀଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯିବା ସହ ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଏ । ବିଶେଷକରି ଶରଣାର୍ଥୀଙ୍କ ପ୍ରତି ଏହି ଦିନ ଜନସଚେତନତା ଓ ସମର୍ଥନକୁ ପ୍ରୋତ୍ସାହିତ କରାଯାଏ । ଏଥର ଏହି ଦିବସର ଥିମ୍ ହେଉଛି, 'Hope Away from Home: A World Where Refugees Are Always Included'

## ଆଜିର ଦିନରେ

- ୧୮୩୭: ଭିକ୍ଟୋରିଆ ବ୍ରିଟେନର ମହାରାଣୀ ହେଲେ ।
- ୧୮୫୮: ଗ୍ୱାଲିୟର ଉପରେ ବ୍ରିଟିଶ ସେନାର କବ୍‌ଜା ।
- ୧୮୮୭: ମୁମ୍ବାଇର ସବୁଠୁ ବ୍ୟସ୍ତତମ ରେଳ ଷ୍ଟେସନ ଭିକ୍ଟୋରିଆ ଟର୍ମିନସ୍ ଲୋକଙ୍କ ପାଇଁ ଖୋଲିଲା ।
- ୧୯୨୩: ବିଶିଷ୍ଟ ସାମ୍ବାଦିକ ତଥା ଲେଖକ ଗୌର କିଶୋର ଘୋଷଙ୍କ ଜନ୍ମ ।
- ୨୦୦୧: ପାକିସ୍ତାନର ରାଷ୍ଟ୍ରପତି ହେଲେ ଜେନେରାଲ ପରଭେଜ୍ ମୁସାରଫ୍ ।
- ୨୦୦୬: ଇରାକ୍‌ରୁ ନିଜ ସୈନ୍ୟ ପ୍ରତ୍ୟାହାର ପାଇଁ ଜାପାନର ନିଷ୍ପତ୍ତି ।

# କଥାବାର୍ତ୍ତା ସମୟରେ ଭାବଭଙ୍ଗୀ ଗୁରୁତ୍ୱ ବହନ କରେ

କେ କଥାବାର୍ତ୍ତା ସମୟରେ ହାବଭାବର ଗୁରୁତ୍ୱ ନେଇ ନର୍ଟିଙ୍ଘମ୍ ଟ୍ରେଣ୍ଟ ୟୁନିଭର୍ସିଟି (ଏନ୍‌ଟିୟୁ) ଏକ ଗବେଷଣା କରିଛି । ଗବେଷକଙ୍କ ଅନୁସାରେ, ଯେଉଁମାନେ ମୁହଁର ଭାବକୁ ଅଧିକ ବ୍ୟକ୍ତ କରନ୍ତି, ସେମାନେ କଥାବାର୍ତ୍ତାରେ ବେଶ୍ ପ୍ରଭାବଶାଳୀ ହୋଇଥାନ୍ତି । ଗବେଷଣାରେ ୧୫୦୦ରୁ ଅଧିକ କଥାବାର୍ତ୍ତାକୁ ବିଶ୍ଳେଷଣ କରାଯାଇଥିଲା । ଏଥିରେ କଥାବାର୍ତ୍ତା ସମୟରେ ମୁହଁର ମାଂସପେଶୀ ହଲିବା, ଭ୍ରୂଲତା ଉଠାଇବା, ହସିବା ଭଳି ଅନ୍ୟାନ୍ୟ ଦିଗ ଉପରେ ଗବେଷଣା କରାଯାଇଛି । ଗବେଷକଙ୍କ ଅନୁସାରେ, କଥାବାର୍ତ୍ତା ସମୟରେ ଭାବଭଙ୍ଗୀ ପ୍ରଦର୍ଶନ କରୁଥିବା ଲୋକେ ସ୍ଥିର ହୋଇ କଥାବାର୍ତ୍ତା କରୁଥିବା ଲୋକଙ୍କ ଅପେକ୍ଷା ଅଧିକ ପସନ୍ଦଯୋଗ୍ୟ ହୋଇଥାନ୍ତି । ଏପରିକି ଏଭଳି ଲୋକ ସାମାଜିକ ସ୍ତରରେ ଅଧିକ ସଫଳ ଓ ସକ୍ରିୟ ରହିଥାନ୍ତି । ପ୍ରଫେସର ବ୍ରିଜେଟ୍ ବାଲରଙ୍କ ନେତୃତ୍ୱରେ କରାଯାଇଥିବା ଏହି ଅଧ୍ୟୟନର ଉଦ୍ଦେଶ୍ୟ ଥିଲା, କୌଣସି ଅନ୍ୟ ପ୍ରଜାତି ତୁଳନାରେ ମନୁଷ୍ୟର ଜଟିଳ ଚେହେରାର ଭାବଭଙ୍ଗୀ ପଛରେ ଥିବା କାରଣ ବାବଦରେ ଜାଣିବା । ତେବେ ଗବେଷକମାନେ ୧୭୦ ଲୋକଙ୍କ କଥାବାର୍ତ୍ତା ସମୟର ଛୋଟ ଛୋଟ ଭିଡିଓ ଦେଖିଥିଲେ । ଭିଡିଓରେ ସେମାନେ ଲୋକଙ୍କ ଇମୋସନ ଏବଂ ଏକ୍ସପ୍ରେସନକୁ କେତେ ଭଲଭାବେ ବୁଝିପାରନ୍ତି, ସେନେଇ ପଚରାଯାଇଥିଲା । ସେହିପରି ୧୪୫୬ ଲୋକଙ୍କ ମଧ୍ୟରେ ଜୁମ୍ କଲ୍‌ର କଥାବାର୍ତ୍ତା ଉପରେ ମଧ୍ୟ ସେମାନେ ଗବେଷଣା କରିଥିଲେ । ତେବେ ଜୁମ୍ କଲ୍‌ରେ ସାମିଲ ଥିବା ଲୋକେ ପରସ୍ପରକୁ ଜାଣି ନ ଥିଲେ । ଏହି କଥାବାର୍ତ୍ତା ସମୟରେ ଲୋକେ ପ୍ରତି ମିନିଟ୍‌ରେ ୭୧ ଭାବଭଙ୍ଗୀ ଦେଖାଇ ଥିଲେ । ତେବେ ଯେଉଁମାନେ କଥାବାର୍ତ୍ତା ସମୟରେ ଅଧିକ ଭାବଭଙ୍ଗୀ ଦେଖାଉଥିଲେ ସେମାନଙ୍କୁ ଅଧିକ ପସନ୍ଦ କରାଯାଇଥିଲା ।



# ସାପ ଗାଁ



ସାଧାରଣତଃ ଲୋକେ ସାପ ଦେଖିଲେ ଭୟଭୀତ ହୋଇଯାଆନ୍ତି । ସାପକୁ ବିଷାକ୍ତ ପ୍ରାଣୀଭାବେ ମଧ୍ୟ ଜଣାଯାଏ । ଏପରିସ୍ଥଳେ କୌଣସି ବିଷାକ୍ତ ସାପ ଯଦି କାହାକୁ କାମୁଡ଼ିଦିଏ ବଞ୍ଚିବା ମୁସକିଲ୍ ହୋଇପଡ଼େ । କିନ୍ତୁ ଏପରି ଏକ ଗାଁ ରହିଛି, ଯେଉଁଠି ଲୋକେ ସାପ ଚାଷ ବା ପାଳନ କରି ଜୀବିକା ନିର୍ବାହ କରିଥାନ୍ତି । ଚୀନ୍‌ର ଝେଜିୟାଙ୍ଗ ପ୍ରାନ୍ତରେ ଥିବା ଜିସିକ୍ୟାଓ ଗାଁରେ ସାପ ଚାଷ କରାଯାଏ । ଯେଉଁଥିପାଇଁ ଏହି ଗାଁ ଗତ କିଛି ବର୍ଷ ଧରି ଚର୍ଚ୍ଚାରେ ରହି ଆସିଛି । ଏହି ଗାଁର ୧୭୦ ପରିବାର ସାପ ପାଳନ କରି ଚଳନ୍ତି । ଗାଁରେ ପାଖାପାଖି ୧୦୦ଟି ସ୍ନେକ୍ ଫାର୍ମ ରହିଛି ଯେଉଁଠି ୩୦ ଲକ୍ଷରୁ ଅଧିକ ସାପ ଅଛନ୍ତି । ହୋଟେଲର ଖାଦ୍ୟ ଆଇଟମ୍‌ଠାରୁ ଆରମ୍ଭ କରି ଚୀନ୍‌ର ପାରମ୍ପରିକ ଔଷଧ ତିଆରିରେ ଏହି ସାପଗୁଡ଼ିକୁ ବ୍ୟବହାର କରାଯାଏ । ଗାଁ ଲୋକଙ୍କର ସାପ ପାଳନ ହିଁ ରୋଜଗାରର ମାଧ୍ୟମ । ଏଠାରେ ଅଜଗର, ନାଗସାପ ଭଳି ବିଷାକ୍ତ ସାପକୁ ମଧ୍ୟ ପାଳନ କରାଯାଏ । ତେବେ ଗାଁ ଲୋକେ ସାପକୁ ନେଇ କୋଟି କୋଟି ଟଙ୍କାର ବ୍ୟବସାୟ କରନ୍ତି । ଅଶୀ ଦଶକରୁ ଏଠାକାର ଲୋକେ ସାପ ପାଳିବା କାମ କରିଥିଲେ । ସମୟ ସହ ଏଠାରେ ଏହି ବ୍ୟବସାୟ ବଢ଼ିବାରେ ଲାଗିଲା । ଗୃହପାଳିତ ପଶୁଙ୍କ ପରି ଏଠାରେ ସାପମାନଙ୍କ ଦେଖାଶୁଣା କରାଯାଏ । ଏହି ସାପମାନଙ୍କୁ କାଠ ଏବଂ ଛୋଟ ଛୋଟ କାଚ ଜାରରେ ରଖାଯାଇଥାଏ । ଚୀନ୍‌ର ଏହି ଗାଁ ବିଶ୍ୱରେ ସାପ ଗାଁ ଭାବେ ପ୍ରସିଦ୍ଧି ଲାଭ କରିଛି ।

# ଝରକା ସଂପର୍କିତ ବାସ୍ତୁ ନିୟମ

ଘର କିମ୍ବା ଫ୍ଲାଟ୍ କିଣିବା ସମୟରେ ବାସ୍ତୁ ନିୟମକୁ ବିଚାର କରିବା ଜରୁରି । ଅନେକେ ଭାବନ୍ତି ଯେ, ଆପାର୍ଟମେଣ୍ଟ ପାଇଁ ବାସ୍ତୁ ନିୟମକୁ ଆପଣାଇବାର କୌଣସି ଆବଶ୍ୟକତା ନାହିଁ । କିନ୍ତୁ ଏଭଳି କରିବା ଅନୁଚିତ । ଘର ହେଉ କିମ୍ବା ଫ୍ଲାଟ୍, ଯେ କୌଣସି ସ୍ଥାନ ପାଇଁ ବାସ୍ତୁକୁ ଅନୁସରଣ କରାଯିବା ଉଚିତ । ବାସ୍ତୁ ଅନୁସାରେ, ଘରର ଝରକାଗୁଡ଼ିକ ମଧ୍ୟ ସଠିକ୍ ଭାବରେ ରଖିବା ଜରୁରି । ଘରେ ସକାରାତ୍ମକ ଶକ୍ତି ସୃଷ୍ଟି କରିବା କ୍ଷେତ୍ରରେ କବାଟ ଓ ଝରକାର ଗୁରୁତ୍ୱ ଅଧିକ । ତେଣୁ ଝରକା ସମ୍ପର୍କିତ କିଛି ବାସ୍ତୁ ନିୟମ ରହିଛି । ସେହିସବୁ ନିୟମଗୁଡ଼ିକ ପାଳନ କରିବା ଉଚିତ ।



- ପଶ୍ଚିମ ଓ ଦକ୍ଷିଣ ଦିଗରେ ଝରକା ନିର୍ମାଣ କରିବାକୁ ଚାହୁଁଥିଲେ, ଝରକାର ଆକାର ଛୋଟ ରଖନ୍ତୁ ।
- ପଶ୍ଚିମ କିମ୍ବା ଦକ୍ଷିଣ ଦିଗରେ ଅଧିକ ଚଉଡ଼ା ଓ ଖୋଲାସ୍ଥାନ ଥିଲେ, ସେଠାରେ ଝରକା ନିର୍ମାଣ କରିବା ଉଚିତ ନୁହେଁ ।
- ଉତ୍ତର-ପୂର୍ବ କିମ୍ବା ପୂର୍ବ ଦିଗରେ ବଡ଼ ଝରକା ନିର୍ମାଣ କରନ୍ତୁ । ପୂର୍ବ ଦିଗରୁ ସୂର୍ଯ୍ୟରଶ୍ମି ଓ ତାଜା ପବନ ଘର ଭିତରକୁ ଆସିବା ଦ୍ୱାରା ସକାରାତ୍ମକ ଶକ୍ତି ସୃଷ୍ଟି ହୋଇଥାଏ ।
- ବାସ୍ତୁ ନିୟମ ଅନୁଯାୟୀ, ଘରର ଝରକା ସଂଖ୍ୟା ୪,୬, ୮ ଓ ୧୦ ଭଳି ସମ ସଂଖ୍ୟାରେ ନିର୍ମାଣ କରନ୍ତୁ । ବିସମ ସଂଖ୍ୟାରେ ଝରକା ରହିବା ଶୁଭ ହୋଇନଥାଏ ।
- ଝରକା ଘର ଭିତରକୁ ଖୋଲିବା ଉଚିତ ଏବଂ ଝରକାରେ ଥିବା ଆବରଣ ଦୁଇ ଭାଗରେ ବିଭକ୍ତ ହେବା ଆବଶ୍ୟକ ।
- ଦକ୍ଷିଣ-ପଶ୍ଚିମ ଦିଗରେ ଝରକା ରହିବା ଶୁଭ ନୁହେଁ । ଏଭଳି କରିବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ ।

# ୧୩୦୦ ଥର ଗିରଫ ହୋଇଥିଲେ ଏହି ଅପରାଧୀ



ଯଦି ବି କୌଣସି ବ୍ୟକ୍ତି କିଛି ଭୁଲ୍ କରି ଜେଲ୍ ଯାଆନ୍ତି, ମୁକୁଳିବାପରେ ଦ୍ୱିତୀୟ ଥର ଏହାର ପୁନରାବୃତ୍ତି କରି ନଥାନ୍ତି । କିନ୍ତୁ ଆମେରିକାର କେଣ୍ଟୁକିରେ ଥିବା ହେନେରି ଅର୍ଲଙ୍କୁ ଜେଲ୍ ଯିବା ନିଶା ବୋଧେ ଘାରିଥିଲା । ସେ ତାଙ୍କ ଜୀବନରେ ଥରେ କି ଦୁଇ ଥର ନୁହେଁ, ୧୩୦୦ରୁ ଅଧିକ ଥର ଗିରଫ ହୋଇ ଜେଲ୍ ଯାଇଛନ୍ତି । କେବଳ ସେତିକି ନୁହେଁ, ସେ ୬୦୦୦ ଦିନ ଜେଲ୍‌ରେ ମଧ୍ୟ କାଟିଛନ୍ତି । ନିକଟରେ ହେନରିଙ୍କର ୭୪ବର୍ଷ ବୟସରେ ମୃତ୍ୟୁ ହେବା ପରେ ତାଙ୍କର ଜେଲ୍ ଯିବା ଘଟଣାକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ୧୮ ବର୍ଷ ବୟସରେ ହେନେରି ତାଙ୍କ ମା'ଙ୍କୁ ହରାଇବା ପରେ ନିଶାସେବନ ଆରମ୍ଭ କଲେ । ୧୯୭୦ ମସିହାରୁ ତାଙ୍କର ଅପରାଧିକ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେହିବର୍ଷ ଏକ ମାରଣାସ୍ତ୍ର ରଖିବା ମାମଲାରେ ତାଙ୍କୁ ଜେଲ୍ ହୋଇଥିଲା । ୧୯୯୨ ମସିହାରେ ଡିଜିଟାଲ୍ ତରିକାରେ ଅପରାଧ କରୁଥିବା ଲୋକଙ୍କୁ ଗିରଫ ଆରମ୍ଭ ହୋଇଥିଲା । ଏହି ସମୟରେ ସେ ମଧ୍ୟ ଗିରଫ ହୋଇଥିଲେ । ୨୦୦୪ ମସିହାରେ ଆମେରିକାର ଏକ ଟକ୍ ଶୋ', 'ଜିମି କିମେଲ ଲାଇଭ' ତରଫରୁ ତାଙ୍କୁ ଅଫର୍ ଦିଆଯାଇଥିଲେ ସୁଦ୍ଧା ଜେଲ୍‌ରେ ଥିବାରୁ ସେ ଏଥିରେ ଯୋଗ ଦେଇ ପାରି ନ ଥିଲେ । ଶେଷ ଥର ପାଇଁ ଅପ୍ରେଲ୍ ୨୦୧୭ ରେ ସେ ଗିରଫ ହୋଇଥିଲେ । ଏହି ସମୟରୁ ତାଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାରୁ ସେ ଏକ ହେଲଥ୍ କେୟାର ସେଣ୍ଟରରେ ବାକି ଜୀବନ ଅତିବାହିତ କରିଥିଲେ । ହେଲ୍‌ଥ କେୟାରରେ ଚିକିତ୍ସିତ ଅବସ୍ଥାରେ ସେ ଆଖି ବୁଜିଥିଲେ ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟଜନିତ ସମସ୍ୟା ଦେଖା ଦେବ । କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ । ବୈବାହିକ ଜୀବନ ସୁଖମୟ ହେବ । ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିବ । ବ୍ୟବସାୟରେ ଲାଭ ମିଳିବ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ବିଦେଶୀ ଭାଷା ଶିଖିବା ପ୍ରତି ଆଗ୍ରହ ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିବ । ଦିନଟି ବ୍ୟସ୍ତତା ଭିତରେ କଟିବ । ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ । ସାମାଜିକ କାର୍ଯ୍ୟରେ ସହଯୋଗ କରିବେ । ମନୋରଞ୍ଜନରେ ସମୟ ଅତିବାହିତ କରିବେ ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ । ଖର୍ଚ୍ଚ ବୃଦ୍ଧି ପାଇବ । ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ । ଗବେଷଣା କରୁଥିବା ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ । ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ଚାକିରିର ସୁଯୋଗ ମିଳିବ । ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ଧନ ଲାଭର ଯୋଗ ଅଛି ।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ । ଧାର୍ମିକ ସ୍ଥାନକୁ ଯାତ୍ରା କରିବେ । ଆଇନ ମାମଲାରେ ସଫଳତା ମିଳିବ । ସନ୍ତାନଙ୍କ ବ୍ୟବହାରକୁ ନେଇ ଚିନ୍ତାରେ ରହିବେ ।

**ଧନୁ:** ଖେଳକୁଦ ପ୍ରତି ବିଦ୍ୟାର୍ଥୀଙ୍କ ଆଗ୍ରହ ପରିଲକ୍ଷିତ ହେବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ଜୀବନସାଥୀଙ୍କଠାରୁ ଉପହାର ମିଳିବ । ଘରକୁ ଅତିଥିଙ୍କ ଆଗମନ ହେବ ।

**ମକର:** ଦିନଟି କର୍ମତତ୍ପର ରହିବେ । ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବେ । ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଅଯଥା କାମକୁ ନେଇ ଚିନ୍ତାରେ ରହିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ବିବାହ ପ୍ରସ୍ତାବ ଆସିବ ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ ଏବଂ ସହକର୍ମୀଙ୍କ ସହଯୋଗ ମିଳିବ । ପରିବାରରେ ହସଖୁସିର ପରିବେଶ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ ।

■ ସ୍ନାନଯାତ୍ରା ନୀତିରେ ବାଜିଲା ମୋହର

# ଭୋର୍ ୫ରୁ ପହଣ୍ଡି; ଦିନ ୩ଟା ୪୦ରେ ହାତୀବେଶ

**ପୁରୀ, ୧୯।୬(ସମିସ):** ଆସନ୍ତା ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପକୁ ଚତୁର୍ଦ୍ଧାବିଗ୍ରହ ବିଜେ କରି ପ୍ରତ୍ୟକ୍ଷ ସ୍ନାନ କରିବେ। ଲକ୍ଷ ଲକ୍ଷ ଭକ୍ତ ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଏବଂ ହାତୀବେଶ ଦର୍ଶନ ଲାଗି ଆସିବେ। ତେଣୁ ଠାକୁରଙ୍କ ନୀତିକାନ୍ତି ଏବଂ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେ ନେଇ ବୁଧବାର ଅନୁଷ୍ଠିତ ହୋଇଥିଲା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଗଜପତି



ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ନାନଯାତ୍ରା ନୀତିରେ ମୋହର ବାଜିଥିବା ବେଳେ ବ୍ୟବସ୍ଥାବଳୀକୁ ମଧ୍ୟ ଅନୁମୋଦନ ଦିଆଯାଇଛି।

ପୂର୍ବରୁ ନୀତି ସବ୍ କମିଟି ଏବଂ ଛତିଶା ନିଯୋଗ ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ହୋଇଥିଲା। ଆବଶ୍ୟକ ସଂଶୋଧନ ପରେ ପରିଚାଳନା କମିଟିରେ ଏହାକୁ ଅନୁମୋଦନ କରାଯାଇଛି। ଆସନ୍ତା ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ପୂର୍ବ ରାତି ସାଢ଼େ ୪ଟାରେ ମଙ୍ଗଳାର୍ପଣ ସରି ଭୋର ୫ଟାରୁ ପହଣ୍ଡି ଆରମ୍ଭ ହେବ। ସକାଳ ୭ଟାରେ ପହଣ୍ଡି ସରି ୯ଟାରେ ହେବ ମଙ୍ଗଳ ଆଳତି। ମଧ୍ୟାହ୍ନ ୧୨ଟା ୨୦ରୁ ଅପରାହ୍ନ ୧ଟା ୪୫ ମଧ୍ୟରେ ଜଳବିଜେ, ପୂଜା ଓ ଠାକୁରଙ୍କ ସ୍ନାନ ସରିବ। ଅପରାହ୍ନ ୩ଟାରେ ଛେରାପହଁରା ପରେ ୩ଟା ୪୦ରେ ଠାକୁରଙ୍କ ହାତୀବେଶ କରାଯିବ। ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୧୦ ଅର୍ଥାତ୍ ସାଢେ ୩ ଘଣ୍ଟା ସାହାଣ ମେଲା ଦର୍ଶନ ରହିଛି। ସ୍ନାନଯାତ୍ରା ଦିନ ପହଣ୍ଡି ପରଠାରୁ ଭକ୍ତଙ୍କ ନିରବଚ୍ଛିନ

## ସ୍ନାନବେଦୀରେ ଅବରୋଧମୁକ୍ତ ଦର୍ଶନକୁ ଗୁରୁତ୍ୱ

ଦର୍ଶନ ଚାଲୁ ରହିବ। ତେବେ ସ୍ନାନ ବେଦୀରେ ଅବରୋଧ ମୁକ୍ତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ସମ୍ମୁଖରୁ ଦର୍ଶନ କରିବେ କିନ୍ତୁ କେହି ଠାକୁରଙ୍କୁ ସ୍ପର୍ଶ କରିବେ ନାହିଁ। ସ୍ନାନଯାତ୍ରାର ବାହୁଡା ପହଣ୍ଡି ରାତି ସାଢ଼େ ୧୧ରୁ ଆରମ୍ଭ ହୋଇ ରାତି ୨ଟାରେ ଶେଷ ହେବ। ଏହାପରେ ସାଢେ ୨ଟାରେ ଠାକୁରଙ୍କ ସୁନାଚିତା ଏବଂ ରାହୁରେଖା ମଇଲମ ହେବ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇଥିଲେ।

ଆଜି ବାଚସ୍ପତି ନିର୍ବାଚନ

# ନବୀନଙ୍କ ସମର୍ଥନ ଲୋଡ଼ିଲେ ମୋହନ

## ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଭରିଲେ ବିଜେପିର ସୁରମା ପାଢ଼ୀ

**ଭୁବନେଶ୍ୱର, ୧୯।୬(ସମିସ):** ଆସନ୍ତାକାଲି ହେବ ବିଧାନସଭାର ବାଚସ୍ପତି ନିର୍ବାଚନ। ଏହା ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ବିଧାୟକ ଦଳର ନେତା ନବୀନ ପଟ୍ଟନାୟକଙ୍କ ସହ ବାଚସ୍ପତି ନିର୍ବାଚନ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ଆଲୋଚନା କରିଛନ୍ତି। ବୁଧବାର ଏକମାତ୍ର ପ୍ରାର୍ଥୀ ରୂପେ ବିଜେପି ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ନାମାଙ୍କନ ଦାଖଲ କରିଛନ୍ତି। ବୁଧବାର ୧୨ଟା ଯାଏଁ ନାମାଙ୍କନ ଦାଖଲ କରିବା ପାଇଁ ଶେଷ ସମୟ ଧାର୍ଯ୍ୟ କରାଯାଇଥିଲା। ସୁରମାଙ୍କ ବ୍ୟତୀତ ବାଚସ୍ପତି ପଦ ପାଇଁ ଆଉ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବାରୁ ସୁରମା ପାଢ଼ୀ ଓଡ଼ିଶା ବିଧାନସଭାର ପରବର୍ତ୍ତୀ ବାଚସ୍ପତି ହେବା ଏକପ୍ରକାର ସୁନିଶ୍ଚିତ ହୋଇଯାଇଛି।

ଆଜି ସକାଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ୫୪ ନମ୍ବର ପ୍ରକୋଷ୍ଠରେ ବିଜେପି ବିଧାୟକ ଦଳ ବୈଠକ ବସିଥିଲା। ବାଚସ୍ପତି ପଦ ପାଇଁ ସୁରମାଙ୍କ ନାମ ପ୍ରସ୍ତାବ ଦେଇଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ଏହାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ



ସମର୍ଥନ କରିଥିଲେ। ଏହାପରେ ବାଚସ୍ପତି ଭାବେ ସୁରମାଙ୍କ ନାମାଙ୍କନକୁ ସମର୍ଥନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ଏହାପରେ ଶ୍ରୀମତୀ ପାଢ଼ୀ ନିଜର ନାମାଙ୍କନ ଭରିଥିଲେ।

ସୁରମା ୧୯୬୦ ମସିହା ଡିସେମ୍ବର ୨୯ରେ ସୁରମା ଜନ୍ମଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମଏ କରିଥିବା ସୁରମା ଓକିଲ ଭାବେ ନିଜର ପେଶା ଆରମ୍ଭ କରିଥିଲେ। ୧୯୮୮ ମସିହାରେ ସେ ବିଜେପିରେ ଯୋଗ ଦେଇଥିଲେ। ୧୯୯୮ରୁ ୨୦୦୦ ପର୍ଯ୍ୟନ୍ତ ସେ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ଥିଲେ। ୨୦୦୦ରୁ ୨୦୦୨ ପର୍ଯ୍ୟନ୍ତ ସୁରମା ଜାତୀୟ ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ରହିଥିଲେ। ଜାତୀୟ କାର୍ଯ୍ୟକାରୀ କମିଟିରେ ସେ ସ୍ଥାନ ପାଇବା ସହ ୨୦୦୪ରେ ପ୍ରଥମ ଥର ପାଇଁ ବିଧାୟିକା ହୋଇଥିଲେ। ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ସେ ସମବାୟ ବିଭାଗର ମନ୍ତ୍ରୀ ମଧ୍ୟ ଥିଲେ। ୨୦୦୯, ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ସେ ରଣପୁରରୁ ପରାସ୍ତ ହୋଇଥିଲେ। ତେବେ ଚଳିତ ଥର ସେ ରଣପୁର ଆସନରୁ ସେ ବିଜୟୀ ହୋଇଛନ୍ତି। ଆସନ୍ତାକାଲି ସୁରମା ବାଚସ୍ପତି ଭାବେ ନିର୍ବାଚିତ ହେବା ସହ ପ୍ରମିଳା ମଲ୍ଲିକ ପରେ ଦ୍ୱିତୀୟ ଥର ପାଇଁ ଓଡ଼ିଶା ବିଧାନସଭାର ବାଚସ୍ପତି ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି।

ବିଧାନସଭା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦ ତାରିଖ ସକାଳ ୧୧ଟା ବେଳେ ବାଚସ୍ପତି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ପ୍ରକ୍ରିୟା ଅନୁଯାୟୀ ସୁରମା ପାଢ଼ୀ ବାଚସ୍ପତି ହେବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଏକ ମୋସନ ଆଣିବେ। ମୋସନ ଉପରେ ଦୁଇ ଉପ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ତଥା ଅନ୍ୟମାନେ ଆଲୋଚନା କରିବେ। ଏହାପରେ ନବ ନିର୍ବାଚିତ ବାଚସ୍ପତି ବିଧିବଦ୍ଧ ଭାବରେ ଦାୟିତ୍ୱଗ୍ରହଣ କରିବେ।

# ଡିପ୍‌ଥେରିଆ ଆକ୍ରାନ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଟିକା ନେଲେ ୨୩ କର୍ମଚାରୀ

**ବ୍ରହ୍ମପୁର,୧୯।୬(ସମିସ):** ରାଜ୍ୟରେ ଡିପ୍‌ଥେରିଆ ରୋଗ ନିଜର କାୟା ମେଲାଉଥିବା ବେଳେ ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଉକ୍ତ ଜିଲ୍ଲାରୁ ବହୁ ରୋଗୀ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ଆସୁଛନ୍ତି।

- ଆଜି ନେବେ ଆଉ ୬୭ କର୍ମଚାରୀ ଓ ଆକ୍ରାନ୍ତଙ୍କ ସମ୍ପର୍କୀୟ
- ସୁଧୁରୁଛି ଆକ୍ରାନ୍ତ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା

ଡିପ୍‌ଥେରିଆ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ଅନେକ ସଂକ୍ରମଣର ଶିକାର ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏମକେସିଜି ମେଡ଼ିକାଲର ଶିଶୁ ବିଭାଗରେ କାର୍ଯ୍ୟରତ ଡାକ୍ତର, ନର୍ସିଂ ଅଫିସର ଓ ଆଟେଣ୍ଡାଣ୍ଟଙ୍କୁ ଡିପ୍‌ଥେରିଆ ଟିକା(ଟିଡି) ପ୍ରଦାନ କରାଯାଇଛି। ଗତ ଦୁଇ ଦିନ ମଧ୍ୟରେ ଶିଶୁ ବିଭାଗର ମୋଟ ୨୩ ଜଣ କର୍ମଚାରୀଙ୍କୁ ଟିଡି ଟିକାପ୍ରଦାନ କରାଯାଇଥିବା ପ୍ରଫେସର ଡା. ନରେନ୍ଦ୍ର ବେହେରା କହିଛନ୍ତି। ଏହାସହ ମେଡିକାଲରେ ଚିକିତ୍ସା ହେଉଥିବା ଆକ୍ରାନ୍ତ ଶିଶୁଙ୍କର ମୋଟ ୫ଜଣ ସମ୍ପର୍କୀୟଙ୍କୁ ଏହି ଟିକାପ୍ରଦାନ କରାଯାଇଛି। ଗୁରୁବାର ଦିନ ପୁଣି ୬୭ଜଣ କର୍ମଚାରୀଙ୍କୁ ଟିକାପ୍ରଦାନ କରିବା ନିମନ୍ତେ ନିଷ୍ପତି ନିଆଯାଇଛି। ଆଗାମୀ ଦିନରେ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଉକ୍ତ ଟିକାପ୍ରଦାନ କରାଯିବ ବୋଲି ଡା. ବେହେରା କରିଛନ୍ତି। ଡିପ୍‌ଥେରିଆ ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀ ଓ କର୍ମଚାରୀ ଦିନ ରାତି ଚିକିତ୍ସା କରୁଥିବା ବେଳେ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନିଆଯାଇଛି। ଅନ୍ୟପକ୍ଷରେ ଏମକେସିଜି ମେଡିକାଲର ଶିଶୁ ବିଭାଗରେ ବର୍ତ୍ତମାନ ମୋଟ ୪ଟି ଡିପ୍‌ଥେରିଆ ଆକ୍ରାନ୍ତ ଶିଶୁ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରୁଥିବା ଡାକ୍ତର କହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ଶିଶୁ ବିଭାଗରେ ଅଧୀନରେ ଥିବା ଏଚ୍‌ଡିୟୁ(ହାଇ ଡିପେଡେନ୍ସି ୟୁନିଟ୍)ରେ ଜଣେ ଗୁରୁତର ଶିଶୁଙ୍କ ଚିକିତ୍ସା ଚାଲିଥିବା ବେଳେ ଶିଶୁଟିର ସ୍ୱାସ୍ଥ୍ୟବସ୍ଥାରେ ଧୀରେ ଧୀରେ ସୁଧାର ଆସୁଛି।

ସୂଚନାଯୋଗ୍ୟ, ଗତ ୧୨ ତାରିଖରୁ ୧୭ ତାରିଖ ମଧ୍ୟରେ ରାୟଗଡ଼ା ଓ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏମ୍‌କେସିଜି ମେଡିକାଲକୁ ୫ଜଣ ଶିଶୁ ରେଫର୍ ହୋଇଥିଲେ। ଆକ୍ରାନ୍ତଙ୍କ ବୟସ ୧୦ରୁ ୧୨ବର୍ଷ ମଧ୍ୟରେ ରହିଛି। ଡିପ୍‌ଥେରିଆ ରୋଗୀଙ୍କ ଚିକିତ୍ସା ପାଇଁ ଶିଶୁରୋଗ ବିଭାଗ ଅଧୀନରେ ସ୍ୱତନ୍ତ୍ର ସଂଘରୋଧ କକ୍ଷ କରାଯାଇଛି। ସେଠାରେ ୩ ଜଣ ଆକ୍ରାନ୍ତ ଶିଶୁ ଚିକିତ୍ସାଧୀନ ଅଛନ୍ତି। ସେହିପରି ଅନ୍ୟ ଏକ ଶିଶୁଙ୍କ ଏଚ୍‌ଡିୟୁରେ ଚିକିତ୍ସା ଜାରିରହିଛି। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ମେଡ଼ିକାଲରେ ସେମାନଙ୍କ ଚିକିତ୍ସା ଜାରି ରହିଥିବା ବେଳେ ହାଇଦ୍ରାବାଦରୁ ଆଣ୍ଟି ଡିପ୍‌ଥେରିଆ ଟକ୍ସିନ୍ ମଗାଇ ଆକ୍ରାନ୍ତଙ୍କୁ ଦିଆଯାଇଥିଲା। ଅସୁସ୍ଥ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଡାକ୍ତରୀ ଟିମ୍ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଗତ ୧୩ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ରାୟଗଡ଼ାର ଜଣେ ୧୨ବର୍ଷୀୟ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ମୃତ ଶିଶୁକନ୍ୟାଙ୍କ ନମୁନା ସଂଗ୍ରହ କରାଯାଇଥିଲା।

# ବଜେଟ ପ୍ରସ୍ତୁତି ପାଇଁ ସାଧାରଣ ଲୋକଙ୍କ ମତ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୬(ସମିସ):** ସାଧାରଣ ଲୋକଙ୍କ ମତାମତ ଅନୁଯାୟୀ ପ୍ରସ୍ତୁତ ହେବ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣାଙ୍ଗ ବଜେଟ୍। ଏଥିପାଇଁ ସାଧାରଣ ଲେକମାନେ ମତାମତ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଦନ କରିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ, ଇମେଲ୍, ଏସ୍‌ଏମ୍‌ଏସ୍, ହ୍ୱାଟସ୍‌ଆପ୍ ମାଧ୍ୟମରେ ମତାମତ ସଂଗ୍ରହ କରିବାକୁ ଯୋଜନା କରାଯାଇଛି। ମତାମତ ପଠାଇବା ପାଇଁ ଏକ ସ୍ୱତନ୍ତ୍ର ଢ଼ାଞ୍ଚା ମଧ୍ୟ ପ୍ରସ୍ତୁତ କରାଯାଇଛି। ୱେବ୍‌ପୋର୍ଟାଲ୍ https://budget.odisha.gov.in/ରେ ଏହା ଉପଲବ୍ଧ ରହିଛି। ନିଜର ମତାମତ ବା ପରାମର୍ଶଗୁଡ଼ିକ ଇ-ମେଲ୍ ଦ୍ୱାରା odisha.budget@gov.in ଠିକଣାରେ ପଠାଇ ପାରିବେ। ସେହିପରି, ହ୍ୱାଟସ୍‌ଆପ୍ ମାଧ୍ୟମରେ +୯୧ ୯୪୩୮୧୬୧୧୧୧ ମୋବାଇଲ ନମ୍ବରରେ, ସାମାଜିକ ଗଣମାଧ୍ୟମ ଏକ୍ସ (@FdOdisha), ଫେସ୍‌ବୁକ୍ (@FinanceOdisha) ଓ ଇଷ୍ଟାଗ୍ରାମ୍ (@fdodisha) ଦ୍ୱାରା ମଧ୍ୟ ପଠାଇପାରିବେ। ଆସନ୍ତାକାଲି ବା ଗୁରୁବାର ଠାରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ମତାମତ ପଠାଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଜନସାଧାରଣ, ନାଗରିକ ସମାଜ, ବିଭିନ୍ନ ସିଭିଲ୍ ସୋସାଇଟି ଅର୍ଗାନାଇଜେସନ୍ ଗୁଡିକୁ ବଜେଟ୍ ପ୍ରସ୍ତୁତିରେ ନିଜର ମତାମତ ପ୍ରଦାନ କରି ସକ୍ରିୟ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।



ଦେଶ ବିଦେଶ
ସକାଳ
www.sakalaepaper.com

## ଘରୋଇ ସହାୟକଙ୍କୁ ଉତ୍ପୀଡ଼ନ ଦେଉଛି ହିନ୍ଦୁଜା ପରିବାର

ବର୍ଣ୍ଣ, ୧୯।୬ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଅରବପତି ହିନ୍ଦୁଜା ପରିବାର ଉପରେ ଗୁରୁତର ଅଭିଯୋଗ ଲାଗିଛି। ଏହି ପରିବାର ନିଜ ଘରୋଇ ସହାୟକଙ୍କୁ ଉତ୍ପୀଡ଼ନ ଦେଉଛି। ରିପୋର୍ଟ ଅନୁଯାୟୀ ସ୍ୱିଜରଲାଣ୍ଡ ସ୍ଥିତ ଭିଲାରେ ଘରୋଇ କର୍ମଚାରୀଙ୍କୁ ବହୁତ କମ୍ ଦରମାରେ ରଖାଯାଇଛି। ଏମାନଙ୍କୁ ୧୫ରୁ ୧୮ ଘଣ୍ଟା ଖଟା ଯାଉଛି। ଏହାକୁ ନେଇ ସ୍ୱିଜରଲାଣ୍ଡରେ ଏହି ପରିବାର ବିରୋଧରେ ମାନବ ଚାଲାଣ ମାମଲା ରୁଜୁ କରି ଟ୍ରାଏଲ ଆରମ୍ଭ କରାଯାଇଛି। ସରକାରୀ ଓକିଲ ଦୋଷୀଙ୍କୁ ଅତିକମ୍‌ରେ ବର୍ଷେ ଜେଲ୍ ଦଣ୍ଡ ଦେବାକୁ ଦାବି କରିଛନ୍ତି। ଅନ୍ୟ ଜଣେ ସରକାରୀ ଓକିଲ କହିଛନ୍ତି ଯେ ନିଜ କର୍ମଚାରୀଙ୍କ ଅପେକ୍ଷା କୁକୁରଙ୍କ ଉପରେ ହିନ୍ଦୁଜା ପରିବାର ଅଧିକ ଟଙ୍କା ଖର୍ଚ୍ଚା କରୁଛି। ଏମାନେ କର୍ମଚାରୀଙ୍କ ପାସପୋର୍ଟ୍ ମଧ୍ୟ ଜବତ କରିନେଇଛନ୍ତି। ଜେନେଭା ସ୍ଥିତ 'ଲେକ୍ ଭିଲା'ର କର୍ମଚାରୀଙ୍କୁ ଭାରତୀୟ ମୁଦ୍ରାରେ ମାତ୍ର ୧୮ ହଜାର ଟଙ୍କା ଦେଉଥିଲେ। ଚାକିରି ଛାଡ଼ିବାକୁ ମଧ୍ୟ ଅନୁମତି ଦେଉ ନ ଥିଲେ। ବିନା ଅନୁମତିରେ ଘରୁ ବାହାରିବାକୁ ଦିଆଯାଉ ନ ଥିଲା।

● କେଜ୍ରିୱାଲଙ୍କ ହାଜତ ମିଆଦ ବୃଦ୍ଧି

## '୪୫ କୋଟିର ମନି ଟ୍ରେଲ୍ ମିଳିଛି'

ନୂଆଦିଲ୍ଲୀ, ୧୯।୬(ଏଜେନ୍ସି): ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଜେଲ ମିଆଦ ଜୁଲାଇ ୩କୁ ବଢ଼ିଛି। ଇଡି ପକ୍ଷରୁ ଅଦାଲତଙ୍କୁ ଜଣାଇ ଦିଆଯାଇଛି ଯେ ସାଉଥ୍ ଗ୍ରୁପ୍‌ଠାରୁ ଲାଞ୍ଚ ଆକାରରେ ନିଆଯାଇଥିବା ୧୦୦ କୋଟି ଟଙ୍କା ମଧ୍ୟରୁ ୪୫ କୋଟିର ମନିଟ୍ରେଲ୍ ମିଳିଲାଣି। କେଜ୍ରିୱାଲଙ୍କ ଓକିଲ ଜେଲ୍ ମିଆଦ ବୃଦ୍ଧିକୁ ବିରୋଧ କରିଥିଲେ। ତାଙ୍କ ବିରୋଧରେ କୌଣସି ପ୍ରମାଣ ନ ଥିବା କହିଥିଲେ। କେବଳ କେତେଜଣ ଆପ୍ରୁଭର୍‌ଙ୍କ ସନ୍ଦେହଜନକ ବୟାନ ଉପସ୍ଥାପନ କରି ଜାମିନ ଆବେଦନକୁ ବିରୋଧ କରାଯାଉଛି। ଇଡି ଓକିଲ କହିଥିଲେ, ଗୋଆ ବିଧାନସଭା ନିର୍ବାଚନରେ ଖର୍ଚ୍ଚ ପାଇଁ କେ କବିତାଙ୍କ ବ୍ୟକ୍ତିଗତ ସହାୟକ ଅଭିଶେକ ବୋଇନପାଲ୍ଲୀଙ୍କଠାରୁ ବିନୋଦ ଚୌହାନ ୨୫ କୋଟି ଟଙ୍କା ନେଇଥିଲେ। ଏହି ୨୫ କୋଟି ଟଙ୍କା ସାଉଥ୍ ଗୋଷ୍ଠୀର ୧୦୦ କୋଟି ଲାଞ୍ଚ ଟଙ୍କାର ଅଂଶବିଶେଷ। ଏଯାଏଁ ୪୫ କୋଟି ଟଙ୍କାର ମନିଟ୍ରେଲ ମିଳିଛି। ବିନୋଦ ଚୌହାନ ଆପ୍‌ର ଗୋଆ ନିର୍ବାଚନ ଦାୟିତ୍ୱ ତୁଲାଇଥିଲେ।

## ସଂସଦରେ ସରକାରଙ୍କୁ ଘେରିବେ ବିରୋଧୀ

ନୂଆଦିଲ୍ଲୀ, ୧୯।୬(ଏଜେନ୍ସି): ଅଷ୍ଟାଦଶ ଲୋକସଭାର ଉଦ୍‌ଘାଟନୀ ଅଧିବେଶନରେ ବିରୋଧୀ ଇଣ୍ଡିଆ ବ୍ଲକ୍ ନିଟ୍ ୟୁଜି-୨୦୨୪ ପରୀକ୍ଷାରେ ପେପର୍ ଲିକ୍ ଭଳି ଗୁରୁତର ବିଭ୍ରାଟ ଓ ତତ୍‌ସମ୍ପର୍କିତ ବ୍ୟାପକ ଦୁର୍ନୀତି ପ୍ରସଙ୍ଗ ଉଠାଇବ। ପ୍ରୟୋଜିତ ଏକ୍‌ଜିଟ୍ ପୋଲ୍‌ରେ ବିଜେପି ତଥା ଏନ୍‌ଡିଏ'ର ମହାବିଜୟର ଆକଳନ କରାଯାଇ ଷ୍ଟକ୍ ମାର୍କେଟରେ ନିବେଶକମାନଙ୍କୁ ଯେପରି ଅଚାନକ ଲକ୍ଷ ଲକ୍ଷ କୋଟି ଟଙ୍କାର ଫାଇଦା ଉଠାଇବାକୁ ସୁଯୋଗ ଦିଆଗଲା ସେ ପ୍ରସଙ୍ଗରେ ମଧ୍ୟ ବିପକ୍ଷ ଦଳ ସରକାରଙ୍କୁ ପ୍ରଶ୍ନ କରିବ।

■ ନିଟ୍ ବିଭ୍ରାଟ ଓ ଷ୍ଟକ୍ ମାର୍କେଟ୍ ହେର୍‌ଫେର୍ ପ୍ରସଙ୍ଗ ଉଠାଇବେ
■ ରାଜନାଥଙ୍କ ବାସଭବନରେ ଏନଡିଏ ବୈଠକ

ଏତଦ୍‌ବ୍ୟତୀତ ଖାଦ୍ୟ ପଦାର୍ଥ ସମେତ ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ଓ ଉତ୍କଟ ବେକାରୀ ସମସ୍ୟା ବିଷୟରେ ସଂସଦରେ ବିତର୍କ ପାଇଁ ମଧ୍ୟ ବିପକ୍ଷ ବ୍ଲକ୍ ସରକାରଙ୍କୁ ଆହ୍ୱାନ ଦେବ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ନିଟ୍ ୟୁଜି ପରୀକ୍ଷା ବିଭ୍ରାଟଟି ଏକ ଘୋଟାଲା। ନ୍ୟାସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)ର ସାଧୁତା ଓ ଯୋଗ୍ୟତା ଉପରେ ମଧ୍ୟ ପ୍ରଶ୍ନ ଚିହ୍ନ ଲାଗିଛି। ନିଟ୍‌ର ଡିଜାଇନ୍ ଓ ପ୍ରଶାସନିକ ବ୍ୟବସ୍ଥାକୁ ନେଇ ସନ୍ଦେହ ଦେଖାଦେଇଛି। ଏହି ପ୍ରସଙ୍ଗରେ ବିରୋଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିବୃତି ଦାବି କରିବ।

ଅନ୍ୟପକ୍ଷରେ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବାସଭବନରେ ଶାସକ ଏନଡିଏ'ର ବୈଠକ ବସି ସଂସଦ ଅଧିବେଶନରେ କେଉଁ ପ୍ରସଙ୍ଗ ଉପସ୍ଥାପନ ହେବ ଓ ରାଷ୍ଟ୍ରପତି ଅଭିଭାଷଣରେ କ'ଣ ଫୋକସରେ ରଖାଯିବ ସେ ନେଇ ଚର୍ଚ୍ଚା କରିଛନ୍ତି। ଏଥିରେ କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର, ଭୂପେନ୍ଦ୍ର ଯାଦବ, ଅନ୍ନପୂର୍ଣ୍ଣା ଦେବୀ, ଏସ୍ ଜୟଶଙ୍କର, ଲଲନ ସିଂହ ଓ ଚିରାଗ ପାଶ୍ୱାନ ଯୋଗ ଦେଇଥିଲେ।

ଚିନ୍ତା ବଢ଼ାଉଛି ବାୟୁ ପ୍ରଦୂଷଣ

# ୨୦୨୧ରେ ୨୧ ଲକ୍ଷ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି)



ବାୟୁ ପ୍ରଦୂଷଣ ଦିନକୁ ଦିନ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଏଥିଯୋଗୁଁ ଅକାଳରେ ଅନେକ ଲୋକଙ୍କ ଜୀବନ ଚାଲିଯାଉଛି। ଅନେକ ବିକଳାଙ୍ଗ ମଧ୍ୟ ହେଇଯାଉଛନ୍ତି। କେବଳ ୨୦୨୧ରେ ବାୟୁ ପ୍ରଦୂଷଣ ବିଶ୍ୱରେ ୮୧ ଲକ୍ଷ ଲୋକଙ୍କ ଜୀବନ ନେଇଛି । ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ। ବାୟୁ ପ୍ରଦୂଷଣ କରଣରୁ ଭାରତରେ ସେହି ବର୍ଷ ୨୧ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଚୀନ୍‌ରେ ୨୩ଲକ୍ଷ, ପାକିସ୍ତାନରେ ୨ ଲକ୍ଷ ୫୬ ହଜାର, ବାଂଲାଦେଶରେ ୨, ୩୬, ୩୦୦, ଇଣ୍ଡୋନେସିଆରେ ୨, ୨୧, ୬୦୦, ଭିଏତନାମରେ ୯୯, ୭୦୦, ଫିଲିପିନ୍ସରେ ୯୮, ୨୦୯, ନାଇଜେରିଆରେ ୨, ୦୬, ୭୦୦ ଏବଂ ଇଜିପ୍ଟରେ ୧, ୧୬, ୫୦୦ ଲୋକଙ୍କ ଜୀବନ ଯାଇଥିଲା। କେବଳ ଭାରତ ଏବଂ ଚୀନ୍‌ରେ ବିଶ୍ୱର ୫୪ ପ୍ରତିଶତ ମୃତ୍ୟୁ ହୋଇଥିଲା। ବୁଧବାର ଜାରି ଏକ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। ୟୁନିସେଫ୍ ଓ ଆମେରିକାର ସ୍ୱାଧୀନ ରିସର୍ଚ୍ଚ ସଂସ୍ଥା ହେଲଥ୍ ଇଫେକ୍ଟସ ଇନଷ୍ଟିଚ୍ୟୁଟ୍ ମିଳିତ ଭାବେ ଏହି ରିପୋର୍ଟ ପ୍ରକାଶ କରିଛନ୍ତି। ରିପୋର୍ଟରେ ଉଲ୍ଲେଖ ଅଛି, ୨୦୨୧ରେ ଭାରତରେ ବାୟୁ ପ୍ରଦୂଷଣ ଜନିତ ବ୍ୟାଧିରେ ୫ବର୍ଷରୁ କମ୍ ବୟସର ୧ଲକ୍ଷ ୬୯ ହଜାର ୪୦୦ ଶିଶୁଙ୍କ ଜୀବନ ଯାଇଛି। ବାୟୁ ପ୍ରଦୂଷଣ ଜନିତ ବ୍ୟାଧିରେ ୫ବର୍ଷରୁ କମ୍ ବୟସର ଶିଶୁ ନାଇଜେରିଆରେ ୧ଲକ୍ଷ ୧୪ହଜାର ୧୦୦ ଜଣ, ପାକିସ୍ତାନରେ ୬୮ହଜାର ୧୦୦ ଜଣ, ଇଥିଓପିଆରେ ୩୧ହଜାର ୧୦୦ ଜଣ ଓ ବାଂଲାଦେଶରେ ୧୯ହଜାର ୧୦୦ ଜଣଙ୍କ ଜୀବନ ଯାଇଛି। ଦକ୍ଷିଣ ଏସିଆରେ ଉଚ୍ଚ ରକ୍ତଚାପ, ପୁଷ୍ଟିହୀନତା ଓ ତମାଖୁ ସେବନ ଜନିତ ମୃତ୍ୟୁ ସଂଖ୍ୟାଠାରୁ ବାୟୁ ପ୍ରଦୂଷଣ ଜନିତ ମୃତ୍ୟୁ ସଂଖ୍ୟା ଅଧିକ। ପିଏମ୍ ୨.୫ ପାଇଁ ଘଟୁଥିବା ବାୟୁ ପ୍ରଦୂଷଣ ଓ ଓଜନ ଛିଦ୍ର କାରଣରୁ ୨୦୨୧ରେ ପ୍ରାଣ ହରାଇଥିବା ୮୧ ଲକ୍ଷ ହେଉଛନ୍ତି ସେ ବର୍ଷ ମୃତ୍ୟୁ ଲଭିଥିବା ମୋଟ ସଂଖ୍ୟାର ପ୍ରାୟ ୧୨ ପ୍ରତିଶତ।

ବଦଳୁଛି ପାଣିପାଗ: ଏପଟେ ବନ୍ୟାକୁ ସେପଟେ ତାତି

## ଆସାମ ବନ୍ୟାରେ ୨୬, ଦିଲ୍ଲୀ ତାତିରେ ୨୦ ମୃତ





ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ଦେଶର ପାଣିପାଗ ବଦଳିବାରେ ଲାଗିଛି। ଗୋଟିଏ ପଟେ ଗ୍ରୀଷ୍ମ ପ୍ରବାହ ଲାଗିଥିବାବେଳେ ଅନ୍ୟପଟେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ହେଉଛି। ଦେଶରେ ମୌସୁମୀ ବାୟୁ ପ୍ରବେଶ ସହିତ ୧୧ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାଣିପାଗ ବିଭାଗ (ଆଇଏମଡି) ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ପଞ୍ଜାବ ମଧ୍ୟପ୍ରଦେଶ ଆଦିକୁ ଚେତାବନୀ ଜାରି କରିଛି। ସେହିପରି ଗୁଜରାଟ, ମହାରାଷ୍ଟ୍ର, ପଶ୍ଚିମବଙ୍ଗର କିଛି ଅଂଶ ସହିତ ଉତ୍ତର-ପୂର୍ବ ରାଜ୍ୟ ସିକିମ, ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପାରାରେ ପ୍ରବଳ ବର୍ଷା ହେଉଛି। ଆସାମ ବନ୍ୟାରେ ଆସିଛି। ଏଥିରେ ୧୫ ଜିଲ୍ଲାର ୧.୬୧ ଲକ୍ଷ ଲୋକ ପ୍ରଭାବିତ ହୋଇଥିବାବେଳେ ୨୬ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟପଟେ ଦିଲ୍ଲୀରେ ଅସହ୍ୟ ଗୁଳୁଗୁଳିରେ ଗତ ୨ ଦିନରେ ତିନି ବଡ଼ ଡାକ୍ତରଖାନାରେ ୨୦ ଜଣଙ୍କ ମୃତ୍ୟୁ ହେଲାଣି। ଏଥିସହିତ ଅଂଶୁଘାତରେ ଗତ ତିନି ଦିନରେ ତିନି ରାଜ୍ୟରେ ୧୨୭ ଜଣଙ୍କ ମୃତ୍ୟୁ ହେଲାଣି। ଏହା ପୂର୍ବରୁ ଉତ୍ତରପ୍ରଦେଶରେ ୯୦ ଜଣ, ବିହାରରେ ୧୭ ଜଣଙ୍କ ଜୀବନ ଯାଇଥିଲା। ଦିଲ୍ଲୀରେ କେବଳ ଆଜି ଦିନକରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ବିଭିନ୍ନ ହସ୍ପିଟାଲରେ ୧୦୦ରୁ ଅଧିକ ରୋଗୀ ମଧ୍ୟ ଚିକିତ୍ସିତ ହେଉଛନ୍ତି। ଏହାକୁ ଦେଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ହସ୍ପିଟାଲଗୁଡ଼ିକୁ ମାର୍ଗଦର୍ଶିକା ଜାରି କରାଯାଇଛି। ଅଂଶୁଘାତ ରୋଗୀଙ୍କ ଚିକିତ୍ସାକୁ ପ୍ରାଧାନ୍ୟ ଦେବାକୁ କୁହାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ସ୍ଥିତି ସମୀକ୍ଷା କରି ଅଂଶୁଘାତ ୟୁନିଟ ଖୋଲିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

● କୋବାଲ୍ଟ ପାହାଡ଼ରେ କବ୍‌ଜା ପାଇଁ ଲଢ଼େଇ

## ଭାରତର ଆବେଦନ ଖାରଜ କଲା ଆଇଏସ୍‌ଏ

ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ଭାରତର ଦକ୍ଷିଣ ଉପକୂଳରୁ ୧୩୫୦ କିମି ଦୂର ଭାରତ ମହାସାଗରରେ ଥିବା କୋବାଲ୍ଟ ପାହାଡ଼ ଉପରେ ଅନେକ ଦେଶ ଦାବି କରୁଛନ୍ତି। ଏହି ପାହାଡ଼ର ନାମ ଅଫାନାସି ନିକିତିନ ସିମାଉଣ୍ଟ ରହିଛି। ଏହା ଭାରତ ପରିବର୍ତ୍ତେ ଶ୍ରୀଲଙ୍କା ନିକଟରେ ରହିଛି। ଉଭୟ ଦେଶ ଏହି ଖଣି ଖନନ କରିବାକୁ ଚାହୁଁଛନ୍ତି। ମାତ୍ର ଚୀନ୍ ଏହା ଉପରେ କବ୍ଜା କରିବାରେ ବୋଲି ଭାରତ ଭାବୁଛି। ଏଥିପାଇଁ ଭାରତ ଚଳିତ ବର୍ଷ ଜାନୁଆରୀରେ ଇଣ୍ଟରନ୍ୟାସନାଲ ସିବେଡ ଅଥରିଟି (ଆଇଏସଏ)କୁ ଖଣି ଖନନ ପାଇଁ ଅନୁମତି ମାଗିଥିଲା। ଏଥିପାଇଁ ଦେୟ ଭାବେ ୪ କୋଟି ଟଙ୍କା ଦିଆଯିବ ବୋଲି କୁହାଯାଇଥିଲା। ତେବେ ଭାରତର ଏହି ଅଫରକୁ ଆଇଏସଏ ଖାରଜ କରିଦେଇଛି। ନିୟମ ଅନୁଯାୟୀ ଯଦି କୌଣସି ଦେଶ ନିଜ ଅଧିନରେ ନ ଥିବା ସମୁଦ୍ର ସୀମାରେ ଗବେଷଣା କରିବାକୁ ଚାହେଁ ତେବେ ଏଥିପାଇଁ ଆଇଏସଏଠାରୁ ମଞ୍ଜୁରି ନେବାକୁ ପଡ଼ିଥାଏ। ଭାରତ ଏହି ପାହାଡ଼ରେ ୧୫ ବର୍ଷ ପର୍ଯ୍ୟନ୍ତ ଗବେଷଣା କରିବାକୁ ଚାହୁଁଥିଲା।

ସାଉଦି ଆରବରେ ଅସହ୍ୟ ଗୁଳୁଗୁଳି

## ୭ ଦିନରେ ଗଲାଣି ୫୭୭ ହଜ୍ ଯାତ୍ରୀଙ୍କ ଜୀବନ

ମକ୍କା, ୧୯।୬ (ଏଜେନ୍ସି): ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡ଼ିବାରେ ଲାଗିଛି। ଏହାର ପ୍ରଭାବରେ ସାଉଦି ଆରବରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଛି। ଦେଶର ତାପମାତ୍ରା ୫୨ ଡିଗ୍ରୀ ସେଲ୍‌ସିୟସ ନିକଟତର ହୋଇଛି। ଅସହ୍ୟ ଗୁଳୁଗୁଳି ମଧ୍ୟରେ ଗତ ସପ୍ତାହେ (ଜୁନ୍ ୧୨ରୁ ୧୯) ମଧ୍ୟରେ ୫୭୭ ହଜ୍ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ପ୍ରଚଣ୍ଡ ଖରା ସହି ନ ପାରି ୨୦୦୦ରୁ ଅଧିକ ହଜ୍ ଯାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ବିଭିନ୍ନ ହସ୍ପିଟାଲରେ ଏମାନଙ୍କ ଚିକିତ୍ସା ଜାରି ରହିଛି। ମୃତକଙ୍କ ମଧ୍ୟରେ କେବଳ ଇଜିପ୍ଟର ୩୨୩ ଜଣ ଏବଂ ଜୋର୍ଡାନର ୬୦ ଜଣ ହଜ୍‌ଯାତ୍ରୀ ସାମିଲ ଅଛନ୍ତି। ଏହା ବ୍ୟତୀତ ଇରାନ, ଇଣ୍ଡୋନେସିଆ ଏବଂ ସେନେଗଲ ହଜ୍‌ଯାତ୍ରୀ ମଧ୍ୟ ପ୍ରାଣ ହରାଇଛନ୍ତି। ତାପଜନିତ ଅସୁସ୍ଥତାରେ ସେମାନଙ୍କ ମୃତ୍ୟୁ ଘଟିଛି। ମକ୍କା ଉପକଣ୍ଠସ୍ଥ ଅଲ୍ ମୁଆଇସେମ୍'ର ହସ୍ପିଟାଲ୍ ଶବାଗାର ପକ୍ଷରୁ ଏହି ତଥ୍ୟ ଦିଆଯାଇଛି। ତେବେ ମୃତକଙ୍କ ମଧ୍ୟରେ କୌଣସି ଭାରତୀୟ ସାମିଲ ଅଛନ୍ତି କି ନାହିଁ ତାହା ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ ଯେ ଗତ ବର୍ଷ ଅସହ୍ୟ ଗୁଳୁଗୁଳିରେ ୨୪୦ ଜଣ ହଜ୍‌ଯାତ୍ରୀଙ୍କ ଜୀବନ ଯାଇଥିଲା। ଏମାନଙ୍କ ମଧ୍ୟରେ ଅଧିକାଂଶ ଇଣ୍ଡୋନେସିଆର ନାଗରିକ ସାମିଲ ଥିଲେ। ସାଉଦି ଜାତୀୟ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ସୋମବାର ଦିନ ମକ୍କାର ଗ୍ରାଣ୍ଡ ମସ୍କ୍ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ୫୧.୮ ଡିଗ୍ରୀ ସେଲ୍‌ସିୟସ୍ ଥିଲା। ମକ୍କାରେ ଜଳବାୟୁ ପରିବର୍ତ୍ତନର ଗଭୀର ପ୍ରଭାବ ପଡୁଛି। ପ୍ରତି ୧୦ ବର୍ଷରେ ଏଠାକାର ହାରାହାରି ତାପମାତ୍ରା ୦.୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଉଛି। ସାଉଦି କର୍ତ୍ତୃପକ୍ଷ ହଜ୍ ଯାତ୍ରୀଙ୍କୁ ଛତା ବ୍ୟବହାର କରିବା, ପ୍ରଚୁର ପାଣି ପିଇବା ଓ ଖରାକୁ ଶରୀର ଉପରେ ପଡ଼ିବାକୁ ନଦେବା ପାଇଁ ପରାମର୍ଶ ଦେଇଛନ୍ତି।

କାଞ୍ଚନଜଙ୍ଘାକୁ ମାଲବାହୀ ଟ୍ରେନ୍ ଧକ୍କା ଦେବା ମାମଲା

## ୪ ରାତି ହେଲା ଶୋଇ ନ ଥିଲେ ଲୋକୋ-ପାଇଲଟ

ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): କାଞ୍ଚନଜଙ୍ଘା ଟ୍ରେନ୍ ଦୁର୍ଘଟଣାକୁ ନେଇ ରେଳବାଇ ବୋର୍ଡ ମାଲବାହୀ ଟ୍ରେନ୍‌ର ଲୋକୋ-ପାଇଲଟଙ୍କ ଉପରେ ଦୋଷ ଲଦୁଛି। ରଙ୍ଗପାନି ଷ୍ଟେସନରୁ ଟିଏ ୯୧୨ ନେବା ପରେ ଲୋକୋ-ପାଇଲଟ ଖରାପ ସିଗ୍‌ନାଲ ମଧ୍ୟରେ ଧାର୍ଯ୍ୟଠାରୁ ଅଧିକ ଗତିରେ ଯାଇଥିଲେ। ଏଥିପାଇଁ ଦୁର୍ଘଟଣା ଘଟିଥିଲା ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ଅଲ୍ ଇଣ୍ଡିଆ ରନିଂ ଲୋକୋ ଷ୍ଟାଫ ଆସୋସିଏସନର ଉପାଧ୍ୟକ୍ଷ ଏସଏସ୍ ଠାକୁର ଭିନ୍ନ ମତ ଦେଇଛନ୍ତି। ମାଲବାହୀ ଟ୍ରେନ୍‌ର ଲୋକୋ-ପାଇଲଟ ୪ ରାତି ହେଲା ଶୋଇ ନ ଥିଲେ। କ୍ରମାଗତ ଭାବେ ୨ ରାତି ଡ୍ୟୁଟି ଦେବାକୁ ନିୟମ ଥିବାବେଳେ ଏହାକୁ ଉଲ୍ଲଙ୍ଘନ କରାଯାଇଥିବା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସିଗ୍‌ନାଲ ବିଫଳ ହେବାରୁ ଫର୍ମ ଟିଏ ୯୧୨ ମାଧ୍ୟମରେ ଟ୍ରେନ୍ ଚାଲିଥାଏ। ଆଗରେ ଯାଉଥିବା ଟ୍ରେନ ପରବର୍ତ୍ତୀ ଷ୍ଟେସନ ପାର୍ ନ କରିବା ପର୍ଯ୍ୟନ୍ତ ଅନ୍ୟ ଟ୍ରେନ୍ ପଛ ଷ୍ଟେସନରୁ ଆଗକୁ ନ ଯିବାର ନିୟମ ରହିଛି। ମାତ୍ର ରଙ୍ଗପାନି ଷ୍ଟେସନରେ ଏହି ଭୁଲ୍ ହୋଇଥିଲା। କଞ୍ଚନଜଙ୍ଘା ଯିବାର ୧୫ ମିନିଟ ପରେ ଏଠାକାର ଷ୍ଟେସନ ମାଷ୍ଟର ମାଲଗାଡ଼ିକୁ ଟିଏ ୯୧୨ ଦେଇଥିଲେ। ମାତ୍ର ଏହି ସମୟରେ କାଞ୍ଚନଜଙ୍ଘା ଏକ୍ସପ୍ରେସ କିଛି କିମି ଆଗକୁ ଯାଇ ଅଟକି ରହିଥିଲା। ଷ୍ଟେସନ ମାଷ୍ଟରଙ୍କ ଏହି ଭୁଲ୍‌ର ମଧ୍ୟ ଯାଞ୍ଚ ହେବା ଉଚିତ ବୋଲି ଠାକୁର ଦାବି କରିଛନ୍ତି। ଯେଉଁ ଲୋକୋ-ପାଇଲଟଙ୍କ ଉପରେ ଦୋଷ ଲଦା ଯାଉଛି, ସେ କ୍ରମାଗତ ଭାବେ ୪ ରାତି ହେଲା ଶୋଇ ନ ଥିଲେ। ମାତ୍ର ୨ ରାତିରୁ ଅଧିକ କାହାକୁ ଡ୍ୟୁଟି ଦିଆଯିବନି ବୋଲି ନିୟମ ରହିଛି। ସିଗ୍‌ନାଲ ଖରାପ ହେବା ସ୍ଥିତିରେ ଟ୍ରେନ୍ କେମିତି ଚଲାଯିବ ତାହାର ପର୍ଯ୍ୟାପ୍ତ ପ୍ରଶିକ୍ଷଣ ନର୍ଥ-ଇଷ୍ଟ ଜୋନ୍‌ର ଲୋକ-ପାଇଲଟଙ୍କୁ ଦିଆଯାଇ ନାହିଁ ବୋଲି କହିଛନ୍ତି।

## ସଠିକ୍ ସ୍ଲୋଗାନ ଲେଖିପାରିଲେନି କେନ୍ଦ୍ରମନ୍ତ୍ରୀ ସାବିତ୍ରୀ

ଭୋପାଳ, ୧୯।୬ (ଏଜେନ୍ସି): କେନ୍ଦ୍ର ମହିଳା ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁରଙ୍କ ଏକ ଭିଡିଓ ଏବଂ ଫଟୋ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ସେ କେନ୍ଦ୍ର ସରକାରଙ୍କ ସ୍ଲୋଗାନ 'ବେଟି ବଚାଓ, ବେଟି ପଢ଼ାଓ' ଠିକ୍‌ରେ ଲେଖି ପାରିନାହାନ୍ତି। ସେ 'ବେଡି ପଢ଼ାଓ, ବଚ୍ଚାୱ' ଲେଖିଛନ୍ତି। ଏହି ମାମଲା ମଙ୍ଗଳବାର। ମଧ୍ୟପ୍ରଦେଶ ଧାରରେ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ସାମିଲ ହୋଇଥିଲେ। ସେ ଶିକ୍ଷା ରଥକୁ ସବୁଜ ପତାକା ଦେଖାଇ ଥିଲେ। ସେ ଏହି ରଥରେ ଲାଗିଥିବା ବୋର୍ଡରେ ଭୁଲ୍ ସ୍ଲୋଗାନ ଲେଖିଥିଲେ। ଏହାକୁ ବିରୋଧୀ ଦଳଗୁଡିକ ସମାଲୋଚନା କରୁଛନ୍ତି। ଏହାକୁ ଦୁର୍ଭାଗ୍ୟଜନକ କହିଛନ୍ତି।



ବିଏମ୍‌ଡବ୍ଲ୍ୟୁ ଚଢ଼ାଇ ରଙ୍ଗମିସ୍ତ୍ରିଙ୍କୁ ହତ୍ୟାକଲେ ସାଂସଦଙ୍କ ଝିଅ

# ମାଧୁରୀଙ୍କୁ ଥାନାରୁ ମିଳିଗଲା ଜାମିନ

ଚେନ୍ନଇ, ୧୯।୬ (ଏଜେନ୍ସି)







● ପୁନେ ପୋର୍ସ ମାମଲାର ପୁନରାବୃତ୍ତି
● ୮ ମାସ ତଳେ ବାହା ହୋଇଥିଲେ ରଙ୍ଗମିସ୍ତ୍ରି

ପୁନେ ପୋର୍ସ ମାମଲା ମନରୁ ନ ଯାଉଣୁ ଚେନ୍ନଇରୁ ଏଭଳି ଏକ ହିଟ୍ ଆଣ୍ଡ ରନ୍ ମାମଲା ସାମ୍ନାକୁ ଆସିଛି। ଜଣେ ରାଜ୍ୟସଭା ସାଂସଦଙ୍କ ଝିଅ ସୋମବାର ରାତିରେ ଚେନ୍ନଇର ବେସାନ୍ତ ନଗର ଫୁଟ୍‌ପାଥ୍‌ରେ ଶୋଇଥିବା ରଙ୍ଗମିସ୍ତ୍ରୀ ସୁରିୟା (୨୪)ଙ୍କ ଉପରେ ବିଏମ୍‌ଡବ୍ଲ୍ୟୁ ଚଢ଼ାଇ ଦେଇଛନ୍ତି। ଏଥିରେ ଗୁରୁତର ଆହତ ହୋଇ ରଙ୍ଗମିସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସାଂସଦଙ୍କ ଝିଅଙ୍କୁ ସଙ୍ଗେ ସଙ୍ଗେ ଜାମିନ ମିଳିଯାଇଛି। ସୂଚନା ଅନୁଯାୟୀ ୱାଇଏସଆରସିପିର ରାଜ୍ୟସଭା ସାଂସଦ ବିଡ଼ା ମସ୍ଥାନ ରାଓ (ବିଏମଆର)ଙ୍କ ଝିଅ ମାଧୁରୀ ବିଏମ୍‌ଡବ୍ଲ୍ୟୁ ଚଳାଉ ଥିଲେ। ଏହି ସମୟରେ ତାଙ୍କର ଜଣେ ବାନ୍ଧବୀ କାର୍‌ରେ ଯାତ୍ରା କରୁଥିଲେ। ଅଧିକାରୀଙ୍କ ସୂଚନା ଅନୁଯାୟୀ ଦୁର୍ଘଟଣା ଘଟାଇ ମାଧୁରୀ ସେଠାରୁ ସଙ୍ଗେ ସଙ୍ଗେ ପଳାଇ ଥିଲେ। ମାତ୍ର ତାଙ୍କ ବାନ୍ଧବୀ ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ସହ ଯୁକ୍ତି କରିଥିଲେ। କିଛି ଲୋକ ସୁରିୟାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୁରିୟା ମାତ୍ର ୮ ମାସ ତଳେ ବାହା ହୋଇଥିଲେ। ଏ ନେଇ ଜେ-୫ ଶାସ୍ତ୍ରୀ ନଗର ଥାନାରେ ତାଙ୍କ ସମ୍ପର୍କୀୟ ଏତଲା ଦେଇଥିଲେ ଏବଂ ହଙ୍ଗାମା କରିଥିଲେ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ପୁଲିସ ସିସିଟିଭି ଫୁଟେଜ ଦେଖିବାରୁ କାର୍‌ଟି ବିଏମଆର ଗ୍ରୁପର ବୋଲି ଜଣାପଡ଼ିଥିଲା। ପୁଡୁଚେରିରେ ଏହାର ପଞ୍ଜିକରଣ ହୋଇଛି। ଏହି ମାମଲାରେ ମାଧୁରୀଙ୍କୁ ଗିରଫ କରାଯାଇଥିଲା। ମାତ୍ର ତାଙ୍କୁ ଥାନାରୁ ଜାମିନ ମିଳି ଯାଇଥିଲା। ଏଭଳି ଏକ ସଙ୍ଗୀନ ମାମଲାରେ ଥାନାରୁ ଜାମିନ ମିଳିବାକୁ ଲୋକେ ସହଜରେ ହଜମ କରିପାରୁନାହାନ୍ତି। ଏହି ଘଟଣାକୁ ନେଇ ପୁଣି ଆଇନ ବ୍ୟବସ୍ଥା ଉପରେ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସାଂସଦଙ୍କ ପାଇଁ ନିୟମ ଅଲଗା କି ବୋଲି ପଚାରିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ମାଧୁରୀଙ୍କ ବାନ୍ଧବୀ ଲୋକଙ୍କ ସହ ଯୁକ୍ତି କରୁଛନ୍ତି ଏବଂ ଯୁବକଙ୍କୁ ହସ୍ପିଟାଲକୁ ନେବା ପାଇଁ ଆମ୍ବୁଲାନ୍ସ ଡାକିଥିବା କହୁଛନ୍ତି। ପୁଲିସ ସାଂସଦଙ୍କ ଝିଅ ଏବଂ ତାଙ୍କ ବାନ୍ଧବୀଙ୍କୁ ଏହି ମୋବାଇଲ ନମ୍ବର ମାଧ୍ୟମରେ ଟ୍ରାକ୍ କରିଥିଲା। ସୂଚନାଯୋଗ୍ୟ ଯେ ବିଏମଆର ଆନ୍ଧ୍ରପ୍ରଦେଶର ଜଣେ ନେତା ଏବଂ ବ୍ୟବସାୟୀ। ନିର୍ବାଚନ ସତ୍ୟପାଠ ଅନୁଯାୟୀ ସେ ୧୬୫ କୋଟିରୁ ଅଧିକ ଟଙ୍କାର ମାଲିକ। ବଜାରରେ ତାଙ୍କ କମ୍ପାନୀ ବିଏମଆର ଗ୍ରୁପ୍‌ର ଭଲ ନାମ ରହିଛି। ସେ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ଟିଡିପିରେ ଥିଲେ। ଏହି ସମୟରେ ଆନ୍ଧ୍ରପ୍ରଦେଶ କବାଲି ଆସନର ବିଧାୟକ ଥିଲେ। ପରେ ୨୦୧୯ରେ ୱାଇଏସଆରସିପିରେ ସାମିଲ ହୋଇଥିଲେ। ସେ ୨୦୨୨ରେ ୱାଇଏସଆରସିପିରୁ ରାଜ୍ୟସଭାକୁ ଯାଇଥିଲେ।

ଏହା ପୂର୍ବରୁ ପ୍ରାୟ ମାସେ ତଳେ ପୁନେରେ ଜଣେ ନାବାଳକ ମଦ ପିଇ ପୋର୍ସ କାର୍ ଚଳାଇ ଏକ ବାଇକକୁ ଧକ୍କା ଦେଇଥିଲେ। ଏଥିରେ ୨ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଥିଲା। ଏହି ମାମଲାରେ ନାବାଳକ, ତାଙ୍କ ବାପା, ମାଆ, ଜେଜେ ଆଦିଙ୍କୁ ଗିରଫ କରାଯାଇଛି।

କାନାଡ଼ା ସଂସଦରେ ଆତଙ୍କବାଦୀକୁ ଶ୍ରଦ୍ଧାଞ୍ଜଳି: ଭାରତର ବିରୋଧ

## କନିଷ୍କ ବିମାନ ଆକ୍ରମଣର ବର୍ଷ ପୂର୍ତ୍ତି ପାଳନ କରିବୁ

ଓଟାୱା, ୧୯।୬ (ଏଜେନ୍ସି): କାନାଡ଼ା ସଂସଦରେ ଖଲିସ୍ତାନୀ ଆତଙ୍କବାଦୀ ହର୍‌ଦୀପ ସିଂହ ନିଜ୍ଜାର ହତ୍ୟାର ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ମଙ୍ଗଳବାର ସଂସଦ (ହାଉସ ଅଫ୍ କମନ୍ସ)ରେ ଏହି ଆତଙ୍କବାଦୀକୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପ୍ରଥମେ ବାଚସ୍ପତି ଗ୍ରେଗ୍ ଫର୍ଗସ ଶୋକ ବାର୍ତ୍ତା ପଢ଼ିଥିଲେ। ପରେ ଆତଙ୍କବାଦୀ ପାଇଁ ସାଂସଦମାନଙ୍କୁ ଗୋଟିଏ ମିନିଟ୍ ପର୍ଯ୍ୟନ୍ତ ମୌନ ରହିବାକୁ କହିଥିଲେ। ଏହି ଘଟଣାକୁ ଭାରତ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। କାନାଡ଼ାକୁ ପ୍ରତି ଜବାବ ଦେବାକୁ ଯାଇ ଭାରତ ବଡ଼ ପଦକ୍ଷେପ ଗ୍ରହଣ କରିଛି। କାନାଡ଼ାର ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ୨୩ ତାରିଖରେ ଏୟାର ଇଣ୍ଡିଆ ବିମାନ ୧୮୨ (କନିଷ୍କ) ଉପରେ ଖଲିସ୍ତାନୀ ଆତଙ୍କବାଦୀ ଆକ୍ରମଣର ୩୯ତମ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏହି ଆକ୍ରମଣରେ ୩୨୯ ଜଣଙ୍କ ଜୀବନ ଚାଲି ଯାଇଥିଲା। ଭ୍ୟାଙ୍କୁଭରର ଷ୍ଟେନଲେ ପାର୍କ ସ୍ଥିତ ଏୟାର ଇଣ୍ଡିଆ ସ୍ମାରକରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବ।



ସୂଚନାଯୋଗ୍ୟ ଯେ ନିଜ୍ଜାର ହତ୍ୟା ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଟ୍ରୁଡୋ ଜି୭ ସମ୍ମିଳନୀରେ ମୁହାଁମୁହିଁ ହୋଇଥିଲେ। ନିଜ୍ଜାର ହତ୍ୟାକୁ ନେଇ ଗତ ବର୍ଷଠାରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ହତ୍ୟା ପାଇଁ କାନାଡ଼ା ଭାରତକୁ ଦୋଷ ଦେଇଚାଲିଛି। ମାତ୍ର ଭାରତ ଅଭିଯୋଗକୁ ଖାରଜ କରିଦେଇଛି।

## ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ସିକଲ୍ ସେଲ୍ ଦିବସ ପାଳିତ



**ରାଉରକେଲା, ୧୯ ।୬(ସମିସ):** ସିକଲ୍ ସେଲ ବା ରକ୍ତ ଶିକୁଳି ରୋଗ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଜୁନ୍ ୧୯ରେ 'ବିଶ୍ୱ ସିକଲ୍ ସେଲ ସଚେତନତା ଦିବସ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍), ଯୁବ ରେଡ୍‌କ୍ରସ (ୱାଇଆର୍‌ସି) ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଶାଖା ପକ୍ଷରୁ ମିଳିତ ଭାବେ ଏହି ଅବସରରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହା ସହ ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରାଚୀରପତ୍ର ବା ପୋଷ୍ଟର ମେକିଂ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ମହବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ସଂଯୋଜକ ଅଧ୍ୟାପକ ସମୀର ସୌରଭ ପୃଷ୍ଟି ଓ ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ, ଯୁକ୍ତଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଅଧିକାରୀ ଅଶୋକ ମିଞ୍ଜ, ଏନ୍‌ସିସି ଭାରପ୍ରାପ୍ତ ଅଧିକାରୀ କ୍ୟାପ୍ଟେନ୍ ମୀନା ଦାସ ପ୍ରମୁଖ ପରିଚାଳନା ଓ ସଂଯୋଜନା କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଅଧ୍ୟାପିକା ଡ. ସସ୍ମିତା ସାମଲ ଓ ଡ. ସୋନିଆ ଏବଂ ଅଧ୍ୟାପକ ମାୟାଧର ବାରିକ ଦାୟିତ୍ୱ ତୁଲାଇଥିଲେ। ପ୍ରଫେସର ବେହେରା ଏହି ରୋଗ ସମ୍ପର୍କରେ ଜନସାଧାରଣଙ୍କ ଜ୍ଞାନ ବୃଦ୍ଧି, ରୋଗର ଶୀଘ୍ର ନିରାକରଣକୁ ପ୍ରୋତ୍ସାହିତ କରିବା ଏବଂ ପ୍ରଭାବିତଙ୍କ ପାଇଁ ଯତ୍ନର ଗୁଣବତ୍ତା ଉପରେ ଧ୍ୟାନ ଦେବା ଏହି ଅବସରରେ କରାଯାଇଥାଏ ବୋଲି କହିଥିଲେ। ଏହି ରକ୍ତକୋଷ ରୋଗର ବିଶ୍ୱବ୍ୟାପୀ ପ୍ରଭାବକୁ ସ୍ୱୀକୃତି ଦେଇ ମିଳିତ ଜାତିସଂଘର ସାଧାରଣ ସଭା ଡିସେମ୍ବର ୨୦୦୮ରେ ଏକ ସଂକଳ୍ପ ପାରିତ କରି ଜୁନ୍ ୧୯କୁ ବିଶ୍ୱ ସିକଲ୍ ସେଲ ସଚେତନତା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା ବୋଲି ପୃଷ୍ଟି ସୂଚନା ଦେଇଥିଲେ। ଅସୁସ୍ଥ ବା ଅସ୍ୱାଭାବିକ ରକ୍ତକୋଷ ରୋଗ ହେଉଛି ଏକ ଜେନେଟିକ୍ ବ୍ୟାଧି ଯେଉଁଥିରେ ଲାଲ ରକ୍ତକଣିକା ବିକୃତ ହୋଇ ଏକ ଦାଆ ଆକାରରେ ପରିଣତ ହୁଏ। ଏହି ଅସ୍ୱାଭାବିକ କୋଷଗୁଡ଼ିକ ଶୀଘ୍ର ମରିଯାଆନ୍ତି ଏବଂ ରକ୍ତ ପ୍ରବାହକୁ ରୋକିଦିଅନ୍ତି। ତେଣୁ ସୁସ୍ଥ ଲାଲ ରକ୍ତକଣିକା ଅଭାବ ଯୋଗୁଁ ଏଭଳି ପରିସ୍ଥିତି ଆସେ ବୋଲି ଭୋଇ ସୂଚନା ଦେଇଥିଲେ। ବିଶ୍ୱ ସ୍ତରରେ ଏହି ସମସ୍ୟା ପ୍ରତ୍ୟେକ ଜାତି ଏବଂ ଗୋଷ୍ଠୀର ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଥାଏ। ଚଳିତ ବର୍ଷ ଏହି ଦିବସ ପାଳନର ମୁଖ୍ୟ ପ୍ରସଙ୍ଗ ହେଉଛି 'ପ୍ରଗତି ମାଧ୍ୟମରେ ଆଶା-ବିଶ୍ୱସ୍ତରରେ ସିକଲ୍ ସେଲ ଦ୍ୱାରା ପ୍ରଭାବିତଙ୍କ ପାଇଁ ଯତ୍ନକୁ ଆଗେଇ ନେବା' ବୋଲି କ୍ୟାପ୍ଟେନ୍ ମୀନା ଦାସ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ଜୁନ୍ ୧୯ରୁ ଜୁଲାଇ ୩ ତାରିଖ ୧୫ ଦିନ ଧରି ଏହି ପରିପ୍ରେକ୍ଷୀରେ ସିକଲ୍ ସେଲ ରୋଗର ପରୀକ୍ଷା ବା ସ୍କ୍ରିନିଂ ଏବଂ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ପାଇଁ ପ୍ରସ୍ତୁତି

**ରାଉରକେଲା, ୧୯ ।୬(ସମିସ):** ଜୁନ୍ ୨୧ ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ। ଦେଶବ୍ୟାପୀ ଏହି ଦିବସ ପାଳିତ ହେବ। ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗ ଦିବସ ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଉରକେଲା ମହାନଗର ନିଗମ ଅଞ୍ଚଳ ଏବଂ ରାଉରକେଲାର ଦୁଇ ପ୍ରମୁଖସ୍ଥଳ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଓ ବେଦବ୍ୟାସ, ସମସ୍ତ ବ୍ଲକର ମୁଖ୍ୟାଳୟ, ସମସ୍ତ ପୌରପାଳିକା ଅଞ୍ଚଳରେ ଯୋଗ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଯୋଗ ଶିବିର ଆୟୋଜିତ ହେବ। ଏହା ବ୍ୟତୀତ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ମଧ୍ୟ ଏହି ଦିବସ ପାଳନ କରାଯିବ। ଏହି ଅବସରରେ ନିଜ ନିଜ ଅଞ୍ଚଳରେ ହେଉଥିବା ଏହି କାର୍ଯ୍ୟକ୍ରମରେ ଜନସାଧାରଣ ଯୋଗଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ଜିଲ୍ଲା ସଦର ମହକୁମା ଭବାନୀ ଭବନ ଖେଳପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୫୦୦ ଲୋକ ଯୋଗଦେବା ଯୋଜନା ରହିଛି।

# ରଘୁନାଥପାଲୀ ବିଜେଡିର ମାନସମନ୍ଥନ

ରାଉରକେଲା, ୧୯ ।୬(ସମିସ)



ସଦ୍ୟ ସମାପ୍ତ ବିଧାନସଭା ଓ ଲୋକସଭା ନିର୍ବାଚନ ପରେ ବୁଧବାର ସନ୍ଧ୍ୟାରେ ରଘୁନାଥପାଲୀ ବିଜେଡି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସେକ୍ଟର-୩ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବୈଠକରେ ପୂର୍ବତନ ବିଧାୟକ ସୁବ୍ରତ ତରାଇଙ୍କ ସମେତ ସମସ୍ତ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ତରାଇଙ୍କ ବିରୋଧରେ ରଘୁନାଥପାଲୀ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରବଳ ଜନ ଅସନ୍ତୋଷ ରହିଥିବା ନେଇ ଦଳ ହୃଦବୋଧ କରି ତାଙ୍କ ଟିକଟ କାଟି ପତ୍ନୀ ଅର୍ଚ୍ଚନାରେଖା ବେହେରାଙ୍କୁ ଦଳ

### ପରାଜୟର ବିଭିନ୍ନ ଦିଗ ଉପରେ ଆଲୋଚନା

ପ୍ରାର୍ଥୀ କରିଥିଲା। ତେବେ ନିର୍ବାଚନ ଫଳାଫଳ ବି ଯାହା ଆଶଙ୍କା କରାଯାଉଥିଲା ତାହା ହେଲା। ବିଜେପିରେ ସମ୍ପୂର୍ଣ୍ଣ ନୂଆ ମୁହଁ ରହିଥିବା ଦୁର୍ଗାଚରଣ ତନ୍ତି ବିଜେଡି ପ୍ରାର୍ଥୀ ଅର୍ଚ୍ଚନାରେଖା ବେହେରାଙ୍କୁ ୫୭୦୯ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ।

ଏହି ମାନସମନ୍ଥନ ବୈଠକରେ ପରାଜୟର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯିବା ସହ ଏହାକୁ ସୁଧାରିବା ପାଇଁ ନିଷ୍ପତ୍ତି ହୋଇଛି। ପୂର୍ବତନ ବିଧାୟକ ତରାଇ ନିର୍ବାଚନ ପରିଚାଳନା ସମ୍ବନ୍ଧିତ ତ୍ରୁଟି ବିଷୟରେ ସମୀକ୍ଷା କରିଥିଲେ। ଏହି ଅବସରରେ ରଘୁନାଥପାଲୀବାସୀଙ୍କ ଜନାଦେଶକୁ ସମ୍ମାନ ଜଣାଇବା ସହ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ବିଶ୍ୱାସ କରି ବିଜେଡିକୁ ଭୋଟ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାରେ ପୂର୍ବରୁ ୨ ବିଧାୟକ



ବିଜୟୀ ହୋଇ ଆସୁଥିବା ବେଳେ ଚଳିତ ନିର୍ବାଚନରେ ଦଳର ତିନି ବିଧାୟକ ବିଜୟୀ ହେବା ଆମ ସମସ୍ତଙ୍କ ମନୋବଳକୁ ଦୃଢ଼ କରିଛି। ଆଗାମୀ ଦିନରେ ବିରୋଧୀ ଦଳ ଭୂମିକା ଗ୍ରହଣ କରି ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରି ଭବିଷ୍ୟତରେ ସେ ସବୁ ହାତକୁ ନେବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଥିଲା। ପ୍ରମୁଖ ସମସ୍ୟା ଓ ଦାବି ମଧ୍ୟରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ସହ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦେବା, ରାଉରକେଲାରେ ରେଳ ଡିଭିଜନ, ବନ୍ଧମୁଣ୍ଡାରେ ରେଳ ୱାଗନ ଫ୍ୟାକ୍ଟ୍ରି, ପ୍ରଧାନମନ୍ତ୍ରୀଙ୍କ ଘୋଷିତ ମେଡିକାଲ କଲେଜ, ରାଉରକେଲାରେ ବିଶ୍ୱବିଦ୍ୟାଳୟ ସ୍ଥାପନ, ସରକାରୀ ହସ୍ପିଟାଲରେ ମେଡିକାଲ କଲେଜ କରିବା, କେନ୍ଦ୍ର ସରକାର ସୁନ୍ଦରଗଡ଼ରେ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଘୋଷିତ ଡବଲ ଡେକର ଟ୍ରେନ୍ ଚଳାଇବା ଦାବି ନେଇ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ତରାଇ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ବୈଠକରେ ରଘୁନାଥପାଲୀ ନଗର ସଭାପତି ଆର୍ତ୍ତ ମହାରଣା, ରାଜ୍ୟ ପରିଷଦ ସଦସ୍ୟ ସୁଧୀର ସୁନ୍ଦରରାୟ, ମହିଳା ସଭାନେତ୍ରୀ ଇନ୍ଦିରା ନାୟକ, ଯୁବ ସଭାପତି ସଞ୍ଜୀବ ସ୍ୱାଇଁ, ଛାତ୍ର ସଭାପତି ରାକେଶ ସ୍ୱାଇଁ, ରାଜ୍ୟ ମହିଳା ସମ୍ପାଦିକା ମିନତି ବିଶ୍ୱାଳ, ପ୍ରତିମା ରାଉତ ବରିଷ୍ଠ ନେତା ବଂଶୀଧର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ରଘୁନାଥପାଲୀ ବିଜେଡିର ପରାଜୟର କାରଣ ନେଇ ବିଭିନ୍ନ ୟୁନିଟ୍ ସଭାପତି ଓ ଜିଲ୍ଲା କାର୍ଯ୍ୟକର୍ତ୍ତା ଏହି ଅବସରରେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ବରିଷ୍ଠ ନେତୃତ୍ୱ ତ୍ରୁଟି ସୁଧାରି ଜନତାଙ୍କ ସେବା କରିବା ସହ ସାମୂହିକ ଦାବି ପୂରଣ ଦିଗରେ ସମସ୍ତେ ଏକ ମନ ଏକ ଚିତ୍ତରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ନୂତନ ସୁବିଧା ଲୋକାର୍ପିତ



**ରାଉରକେଲା, ୧୯ ।୬(ସମିସ):** ଖଣି ଅଞ୍ଚଳର ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ପାଇଁ ଏହାର ପ୍ରତିବଦ୍ଧତା ସ୍ୱରୂପ ଆର୍‌ଏସ୍‌ପି ଓଡ଼ିଶା ଗ୍ରୁପ ଅଫ ମାଇନ୍ସର ବରସୁଆଁ ଖଣି ଅଞ୍ଚଳରେ ଥିବା ସହରାଞ୍ଚଳରେ ନୂତନ ସୁବିଧାମାନ ଯୋଡ଼ିଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ବୁଧବାର ଖଣି ସହରାଞ୍ଚଳରେ ନବନିର୍ମିତ ଶିଶୁ ଉଦ୍ୟାନ ଏବଂ ସାମାଜିକ କେନ୍ଦ୍ର ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଭୟ କାର୍ଯ୍ୟକ୍ରମରେ ବରସୁଆଁ ସରପଞ୍ଚ ଏମ୍ଲେନ ଭୂୟାଁ, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ପ୍ରକଳ୍ପ ବିଭାଗ ସିଜିଏମ ଆନନ୍ଦ କୁମାର, ଖଣି ବିଭାଗ ସିଜିଏମ ମାଲ୍ଲା ଶ୍ରୀନିବାସୁ, ବିଆଇଏମ, କେଆଇଏମ ଏବଂ ତାଳଡିହି ଖଣି ବିଭାଗ ଜିଏମ ଇନ ଚାର୍ଜ ତିଳକ ପଟ୍ଟନାୟକ, ବିଆଇଏମର ଜିଏମ ରାଜେଶ କୁମାର, ଖଣି ବିଭାଗ ଜିଏମ ପିସି ବରୱା ଉପସ୍ଥିତ ଥିଲେ।



ସମାବେଶଗୁଡ଼ିକୁ ସମ୍ବୋଧିତ କରି ଡିଆଇସି ଭୌମିକ କହିଥିଲେ ଯେ ଆମ ଖଣି ଅଞ୍ଚଳସ୍ଥିତ ସହରର ଉନ୍ନତି ତଥା ଖଣି ଅଞ୍ଚଳ ପରିବାରର କୁଶଳମଙ୍ଗଳ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ, ଯାହା ଆମ ଇସ୍ପାତ କାରଖାନାର ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ସେ ନୂତନ ରୂପେ ବିକଶିତ ସ୍ଥାନଗୁଡ଼ିକୁ ବୁଲି ଦେଖିବା ସହ ପ୍ରକଳ୍ପ ସହ ଜଡ଼ିତ ଏଜେନ୍ସିଗୁଡ଼ିକର ପ୍ରୟାସର ପ୍ରଶଂସା କରିଥିଲେ। ଭବିଷ୍ୟତରେ ଏପରି ଅଧିକ ସୁବିଧା ଯୋଗାଇବା ଯୋଜନା ଉପରେ ଡିଆଇସି ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଯେ ସହରାଞ୍ଚଳର ଏକ ପରିତ୍ୟକ୍ତ ଅଞ୍ଚଳକୁ ରୂପାନ୍ତରିତ କରି ନୂତନ ଶିଶୁ ଉଦ୍ୟାନ ଭାବରେ ବିକାଶିତ କରାଯାଇଛି। ଏହି ଉଦ୍ୟାନରେ ଏକ ଫିଟନେସ୍ ପାଥ, ସେଲଫି ପଏଣ୍ଟ, ବାହ୍ୟ ଜିମ୍ ଉପକରଣ, ଆମୋଦ ପ୍ରମୋଦ ସ୍ଥାନ ଏବଂ ଏକ ମିନି ଫୁଆରା ଆଦି ରହିଛି। ପିଲାମାନଙ୍କ ପାଇଁ ଏକ ମନୋରଞ୍ଜନ ସ୍ଥାନ ଯୋଗାଇବା ଲକ୍ଷ୍ୟରେ ନିଆଯାଇଥିବା ଏହି ପଦକ୍ଷେପ ନିମନ୍ତେ ୫୧ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହି ଅଞ୍ଚଳର ପିଲାଙ୍କ ମନୋରଞ୍ଜନ ତଥା ଖେଳିବା ପାଇଁ ଏହା ଉପଯୁକ୍ତ ସ୍ଥାନ ଯୋଗାଇଦେଇଛି।

ସେହିଭଳି ଟାଉନସିପରେ ସାମାଜିକ ଉତ୍ସବାଦିର ଆୟୋଜନ ଏବଂ ଇନ୍‌ଡୋର ବ୍ୟାଡମିଣ୍ଟନ କ୍ରୀଡ଼ା ପାଇଁ ନୂତନ ସାମାଜିକ କେନ୍ଦ୍ର ନିର୍ମାଣ କରାଯାଇଛି। ଏହି ସୁବିଧା ପାଇଁ ମୋଟ ୮୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହି ସୁବିଧା ଉକ୍ତ ଅଞ୍ଚଳର ଲୋକଙ୍କ ଏଭଳି ଏକ କେନ୍ଦ୍ର ନିମନ୍ତେ ଦୀର୍ଘ ଦିନର ଆବଶ୍ୟକତାକୁ ପୂରଣ କରିଛି। ସୂଚନାଯୋଗ୍ୟ, ଡିଆଇସି ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ଖଣି ଏବଂ ଟାଉନସିପ୍ ଅଞ୍ଚଳ ପରିଦର୍ଶନ ପାଇଁ ୨ ଦିନିଆ ଗସ୍ତରେ ଯାଇଛନ୍ତି। ତାଙ୍କ ଗସ୍ତ ସମୟରେ ବିଭିନ୍ନ ଖଣିର କାର୍ଯ୍ୟଧାରା ପରିଦର୍ଶନ କରିବା ସହ ସେ ଖଣି ସାମୂହିକଙ୍କ ସହିତ ମତବିନିମୟ କରିବେ।

# ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଦିବ୍ୟାଙ୍ଗ ଯଶୋଦା

## ଶିଶୁର ଚିକିତ୍ସା ପାଇଁ ଅର୍ଥାଭାବ ସାଜିଛି ବାଧକ

ବଣାଇଁ, ୧୯ ।୬(ସମିସ)







ଗରିବ, ଅସହାୟ, ଦିବ୍ୟାଙ୍ଗ, ବୃଦ୍ଧ, ବିଧବାମାନଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ତଥାପି ପ୍ରଶାସନିକ ଅବହେଳା ତଥା ସଚେତନତା ଅଭାବରୁ ବର୍ତ୍ତମାନ ମଧ୍ୟ ଅନେକ ଅସହାୟ ବ୍ୟକ୍ତି ସରକାରୀ ସହାୟତା ନ ପାଇ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ପ୍ରଶାସନିକ ଆନ୍ତରିକତା ଅଭାବରୁ ଯୋଜନା ପ୍ରହସନ ପାଲଟିଛି। ବଣାଇଁ ବ୍ଲକ କେନାଭେଟା ପଞ୍ଚାୟତ ଇନ୍ଦ୍ରପୁର ଗ୍ରାମ କିସାନ ସାହିର ଫୁଲମଣି କିସାନଙ୍କ ମାନସିକ ବିକୃତ ଝିଅ ଯଶୋଦା କିସାନ (୧୮) ୨୦୨୧ରୁ ୭୦ ପ୍ରତିଶତ ଭିନ୍ନକ୍ଷମ ବୋଲି ସାର୍ଟିଫିକେଟ ପାଇସାରିଥିବା ବେଳେ ବ୍ଲକ ପ୍ରଶାସନ କେବଳ ଗୋଟିଏ ଟ୍ରାଇ ସାଇକଲ ଦେଇ ନିଜ କର୍ତ୍ତବ୍ୟ ଶେଷ କରିଦେଇଛି। ଦୀର୍ଘ ତିନି ବର୍ଷ ବିତି ଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଭିନ୍ନକ୍ଷମ ଭତ୍ତା ପାଇବାରୁ ସେ ବଞ୍ଚିତ ରହିଛନ୍ତି। ଅନେକ ଥର ସ୍ଥାନୀୟ ସରପଞ୍ଚଙ୍କୁ ଏ ନେଇ ଗୁହାରି କରିଥିଲେ ମଧ୍ୟ ସରକାରୀ ସହାୟତାରୁ ବଞ୍ଚିତ ରହିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

୧୦ ବର୍ଷ ବୟସରୁ ମାନସିକ ରୋଗରେ ଆକ୍ରାନ୍ତ ହେବା ପରେ ପରିବାର ଲୋକେ ଧାରଉଧାର କରି ଯଶୋଦାଙ୍କ ଚିକିତ୍ସା କରିଥିଲେ ମଧ୍ୟ କିଛି ଲାଭ ହେଲା ନାହିଁ। କିଛିବର୍ଷ ପୂର୍ବେ ବାପା ଆରପାରିକୁ ଚାଲିଗଲା ପରେ ବିଧବା ମା' ଉପରେ ପରିବାରର ବୋଝ। ମା' ପେଟପାଟଣା ଚିନ୍ତାରେ ଘାରି ହେଉଥିବା ବେଳେ ଅନ୍ୟପଟେ ମାନସିକ ବିକୃତ ଝିଅର ଚିନ୍ତା ପରିବାର ଲୋକଙ୍କୁ ବ୍ୟଥିତ କରିପକାଉଛି। ସବୁବେଳେ ଝିଅର ଭବିଷ୍ୟତ ଚିନ୍ତାରେ ଘାରି ହେଉଛନ୍ତି ବିଧବା ମାଆ। ବାରମ୍ବାର ପ୍ରଶାସନଠାରେ ଆବେଦନ କରିଥିଲେ ମଧ୍ୟ ଯଶୋଦାଙ୍କୁ ଭିନ୍ନକ୍ଷମ ଭତ୍ତା ମିଳିନାହିଁ। ସେପଟେ ଘର ମଧ୍ୟ ଭାଙ୍ଗିରୁଜି ଗଲାଣି। ଏଭଳି ସ୍ଥିତିରେ ଚାରିପ୍ରାଣୀ କୁଟୁମ୍ବକୁ ନେଇ ସଂଘର୍ଷ କରୁଛନ୍ତି ବିଧବା ଫୁଲମଣି। ଏପଟେ ସ୍ଥାନୀୟ ପ୍ରଶାସନ ଗରିବ ସୀମାରେଖା ତଳେ ଥିବା ଲୋକଙ୍କୁ ସରକାରୀ ଯୋଜନା ମାଧ୍ୟମରେ ତାଙ୍କ ଉନ୍ନତି ପାଇଁ ପ୍ରୟାସ କରୁଥିବା କହୁଥିବା ବେଳେ ଏଭଳି ଅନେକ ଜାଗାରେ ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାର ସିଧାସଳଖ ଲାଭ ପାଇପାରୁ ନ ଥିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ପ୍ରଶାସନ ତୁରନ୍ତ ଏହି ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ସହ ଯଶୋଦାଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ତାଙ୍କ ପରିବାରକୁ ଘର ଖଣ୍ଡିଏ ଯୋଗାଇ ଦେବାକୁ ଦାବି ହୋଇଛି।

ସେହିପରି ଗ୍ରାମର ପୁରେନ୍ଦ୍ର କିସାନଙ୍କ ଝିଅ ଲିପିକା କିସାନ (୩) ଅପପୁଷ୍ଟି କାରଣରୁ ହେଉ କିମ୍ବା କୌଣସି ରୋଗରେ ଆକ୍ରାନ୍ତ ହୋଇ ଠିକ୍ ଭାବେ ଛିଡ଼ା ହେବା କିମ୍ବା ଚାଲିବାକୁ ସକ୍ଷମ ହୋଇପାରୁନାହିଁ। ଶାରୀରିକ ଦୁର୍ବଳତା ଯୋଗୁଁ ଦେଖିଲେ ସେ ୮ ମାସର ଶିଶୁ ଭଳି ଦେଖାଯାଉଛି। ଗରିବ ପରିବାର ପାଖରେ ଶିଶୁର ଉପଯୁକ୍ତ ଚିକିତ୍ସା ପାଇଁ ଅର୍ଥାଭାବ ସାଜିଛି ପ୍ରତିବନ୍ଧକ। ଆଗକୁ ଯଦି ଶିଶୁର ଉପଯୁକ୍ତ ଚିକିତ୍ସା ପାଇଁ ଅବହେଳା କରାଯାଏ ହୁଏତ ଶିଶୁଟି ସବୁଦିନ ପାଇଁ ଅକର୍ମଣ୍ୟ ହୋଇଯିବା ସମ୍ଭାବନା ରହିଛି। ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ ଥିବାରୁ ଏହି ନିଷ୍ପାପ ଶିଶୁର ଚିକିତ୍ସା କିଭଳି କରିବେ ତାହା ହିଁ ସେମାନଙ୍କ ପାଇଁ ବଡ଼ ଆହ୍ୱାନ। ତେଣୁ ଗରିବ ଶିଶୁର ଚିକିତ୍ସା ସହ ଏଭଳି ଏକ ଅଭାବୀ ପରିବାର ପ୍ରତି ସରକାର ସହାୟତାର ହାତ ବଢ଼ାଇବାକୁ ଦାବି ହେଉଛି।

## ବସ୍‌ରେ ରହୁନି ଅଂଶୁଘାତ ପ୍ରତିଷେଧକ ବ୍ୟବସ୍ଥା

**ରାଉରକେଲା, ୧୯ ।୬(ସମିସ):** ତିନି ମାସ ହେବ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆଗାମୀ ଦିନରେ ଏହା ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ସମୟରେ ଅଂଶୁଘାତରୁ ରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ବାରମ୍ବାର ସତର୍କତା ଜାରି କରାଯାଉଛି। ବିଭିନ୍ନ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି। ତେବେ ବସ୍ କର୍ମଚାରୀମାନେ ଏହି ନିୟମକୁ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହୋଇଛି। ଯାତ୍ରା ସମୟରେ ଅଂଶୁଘାତରେ ଶିକାର ହେଲେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଦେବା ପାଇଁ ଯାହା ସବୁ ସୁବିଧା ରହିବା କଥା ତାହା ରହୁ ନ ଥିବା ଅଭିଯୋଗ ଆସିଛି। ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ଜାରି ରହିବା ସତ୍ତ୍ୱେ ଜରୁରୀ କାମରେ ଲୋକେ ବାହାରକୁ ବାହାରୁଛନ୍ତି। ଯାତାୟାତର ମାଧ୍ୟମ ଭାବେ ସେମାନେ ବସ୍ ବ୍ୟବହାର କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ବସ୍‌ରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଥଣ୍ଡା ପାଣି ମହଜୁଦ ରଖିବା, ଯାତ୍ରୀଙ୍କୁ ଗ୍ଲୁକୋଜ ବା ଓଆରଏସ୍ ପାଣି ଦେବା ଭଳି ନିୟମ ଅଛି। ତେବେ ଅଧିକାଂଶ ବସରେ ଏହି ସୁବିଧା ଉପଲବ୍ଧ ନ ଥିବା ଅଭିଯୋଗ ଆସିଛି। ଏମିତିକି ଥଣ୍ଡା ପାଣି ବୋତଲ ଟିଏ ମଧ୍ୟ ମିଳୁନି। ଅଧିକାଂଶ ବସ୍‌ରେ ପ୍ରାଥମିକ ସେବା ଚିକିତ୍ସା ପାଇଁ ଆବଶ୍ୟକ ସରଞ୍ଜାମ ନ ଥିବା ମଧ୍ୟ ଅଭିଯୋଗ ଆସୁଛି। ପ୍ରତ୍ୟେକ ଦିନ ରାଉରକେଲା ବସ୍‌ଷ୍ଟାଣ୍ଡରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ୫୦ରୁ ଉର୍ଦ୍ଧ୍ୱ ବସ୍ ଯାତାୟାତ କରୁଛି। ସେହିଭଳି ଜିଲ୍ଲା ବାହାର ବିଶେଷକରି ସମ୍ବଲପୁର, ବଲାଙ୍ଗିର, ଝାରସୁଗୁଡ଼ା, କଟକ, ଭୁବନେଶ୍ୱର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ଯାଜପୁର ସମେତ ଅନ୍ୟ ଅଞ୍ଚଳକୁକୁ ପ୍ରତିଦିନ ୫୦ରୁ ଉର୍ଦ୍ଧ୍ୱ ବସ୍ ଯିବାଆସିବା କରୁଛି। ଏସି ବସ୍ ବ୍ୟତୀତ ନନ୍ ଏସି ବସ୍‌ଗୁଡ଼ିକ ମଧ୍ୟରୁ ଅଧିକାଂଶରେ ଏହି ସେବା ନ ଥିବା ଅଭିଯୋଗ ଆସିଛି।

ଜିଲ୍ଲାରେ ଅଂଶୁଘାତ ମୁକାବିଲା ପାଇଁ ବିଗତ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବୈଠକ ବସିଥିଲା। ଜିଲ୍ଲାର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଅଂଶୁଘାତରୁ ରକ୍ଷା ପାଇବାର ଉପାୟ ଉପରେ ଆଲୋଚନା ହୋଇଥିଲା। ସେଥିରେ ବସ୍ ଯାତ୍ରୀଙ୍କ ପାଇଁ ଷ୍ଟାଣ୍ଡଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ପାଣି ରଖିବା ସହ ବସ୍‌ରେ ଗ୍ଲୁକୋଜ ବା ଓଆରଏସ୍ ପାଣି ରଖିବାକୁ ପରାମର୍ଶ ଦିଆଯାଇଥିଲା। ତେବେ ଏଭଳି ପରାମର୍ଶ କାମରେ ଆସୁ ନ ଥିବା ଅଭିଯୋଗ ଆସୁଛି। ପ୍ରତିଦିନ ବସ୍‌ରେ ଶହ ଶହ ଯାତ୍ରୀ ଯାତ୍ରା କରିଥାନ୍ତି। ସେମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ବସ୍‌ରେ ଆବଶ୍ୟକ ପରିମାଣରେ ଗ୍ଲୁକୋଜ ବା ଓଆରଏସ୍ ପାଣି, ଥଣ୍ଡା ପାଣି ରଖିବାକୁ ବସ୍ ଯାତ୍ରୀ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି କରାଯାଇଛି।



# ରାଜ୍ୟ ଓ ଜାତୀୟ ପ୍ରତିଯୋଗିତାରେ ଚମକିଲେ ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ଛାତ୍ରଛାତ୍ରୀ





**ରାଉରକେଲା,୧୯ ।୬(ସମିସ):** ରାଉରକେଲା ତଥା ଓଡ଼ିଶାର ଅଗ୍ରଣୀ କ୍ରୀଡ଼ା ସଂଗଠନ ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନର ଛାତ୍ରଛାତ୍ରୀ ଉଭୟ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମେଡାଲ ଜିତି ସଂଗଠନ ସହ ରାଉରକେଲା ପାଇଁ ସୁନାମ ଆଣିଦେଇଛନ୍ତି। ରାଜସ୍ଥାନ ଗଙ୍ଗାନଗରରେ ଜୁନ୍ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଜାତୀୟସ୍ତରୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ୫୩ କେଜି ଓଜନ ବର୍ଗର ସବ୍ ଜୁନିୟରରେ ଅନୀଲ କୁମାର ନାୟକ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ୧୦୫ କେଜି ଓଜନ ବର୍ଗର ଜୁନିୟର ବର୍ଗରେ ପ୍ରିୟବ୍ରତ ବିଷୋୟୀ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ସବ୍ ଜୁନିୟର ୭୬ କେଜି ଓଜନ ବର୍ଗରେ ମମତା ହଡ଼ିପା ଓ ୬୯ କେଜି ଓଜନ ବର୍ଗରେ ରବିନା ସିଂ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ଭୁବନେଶ୍ୱର ଉତ୍କଳ କାରେଟା ସ୍କୁଲ ପକ୍ଷରୁ ଜୁନ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ପ୍ରତିଯୋଗିତାରେ ୫୯ କେଜି ଓଜନ ବର୍ଗରେ ଶମ୍ଭୁନାଥ ମହାନ୍ତି ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଏ ସମସ୍ତ ବିଜେତା ପ୍ରତିଯୋଗୀ ଓଡ଼ିଶା ଟିମ୍ କୋଚ୍ ତଥା ଅନ୍ତର୍ଜାତୀୟ ଖେଳାଳି ଗଙ୍ଗା ବିଷୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିଲେ। ସମ୍ପ୍ରତି ବିଷୋୟୀ ରାଉରକେଲା ଇସ୍ପାତ କାରଖାନାର କୋକ୍ ଓଭେନ ବିଭାଗରେ ଷ୍ଟୋର କିପର୍ ଭାବେ କାର୍ଯ୍ୟରତ। ସମସ୍ତ ପ୍ରତିଯୋଗୀଙ୍କ ସଫଳତା ପାଇଁ ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ପକ୍ଷରୁ ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ସମସ୍ତଙ୍କୁ କୃତଜ୍ଞତା ଅର୍ପଣ ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଏବିଭିପିର ୪ଦିନିଆ ପ୍ରାନ୍ତ ଅଭ୍ୟାସ ବର୍ଗ ଆରମ୍ଭ



**ସୁନ୍ଦରଗଡ଼,୧୯ ।୬(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶାର ୪ଦିନିଆ ପ୍ରାନ୍ତ ଅଭ୍ୟାସ ବର୍ଗ ସୁନ୍ଦରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ପଶ୍ଚିମାଞ୍ଚଳ ୧୪ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ଶିକ୍ଷା ଓ ସାମାଜିକ ବିଷୟରେ ପ୍ରଶିକ୍ଷଣ ନେଉଛନ୍ତି। ଅତିଥି ଭାବେ ପୂର୍ବତନ ରାଜ୍ୟ ସଭାପତି ସ୍ୱର୍ଗତ କମଳ କିଶୋର ନାଏକଙ୍କ ଧର୍ମପତ୍ନୀ ଖୁଲଣା ଦେବୀ ଯୋଗଦେଇ କମଳ ବାବୁ କିପରି ନିଜକୁ ସମାଜ ପାଇଁ ସମର୍ପିତ କରିଦେଇଥିଲେ ସେ ସମ୍ପର୍କରେ କହିଥିଲେ। ରାଜ୍ୟ ସଭାପତି ଅଧ୍ୟାପିକା ଗାର୍ଗୀ ବାନାର୍ଜୀ, କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ, ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏହି ବର୍ଗ ୨୧ ତାରିଖ ରାଷ୍ଟ୍ରୀୟ ଯୋଗ ଦିବସ ପାଳନ ପରେ ଉଦ୍‌ଯାପିତ ହେବ। ଏହି ଅବସରରେ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିବେ। ଏହି ବର୍ଗର ସୁନ୍ଦରଗଡ଼ ଛାତ୍ରଛାତ୍ରୀମାନେ ବ୍ୟବସ୍ଥାରେ ରହି ବର୍ଗକୁ ସଫଳ କରିବାରେ ଲାଗିପଡ଼ିଛନ୍ତି।

# ଶଙ୍ଖ ନଦୀରେ ବୁଡ଼ି ୨ ମୃତ

**ରାଉରକେଲା,୧୯ ।୬(ସମିସ):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ରୋଡ୍ ଯମୁନାନାକି ଦେଇ ଯାଇଥିବା ଶଙ୍ଖ ନଦୀରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ବୁଧବାର ଉତ୍ତରପ୍ରଦେଶର ଦୁଇଟି ଟ୍ରକ୍ ବେଦବ୍ୟାସ ଅଞ୍ଚଳକୁ ଆସିଥିଲା। ନିକଟସ୍ଥ ସୁନୟନା ମେଟାଲିକ୍ସ ନାମକ ଘରୋଇ ପାର୍କିଂ ସ୍ଥାନରେ ଗାଡ଼ି ପାର୍କିଂ ହୋଇଥିଲା। ଟ୍ରକ ହେଲପର ଜାଭେଦ ଅଲ୍ଲି ଓ ହାବିଦ୍ ଖାନ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ହଠାତ୍ ଦୁହେଁ ବୁଡ଼ି ଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ଲୋକେ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା ନେଇଥିଲେ। ମାତ୍ର ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଗୁରୁବାର ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୁଲିସକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।




ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ଗୋଡାଲ ନାଳା ଡ୍ୟାମ୍ କେନାଲରେ ପିଲାଙ୍କ ଜଳକ୍ରୀଡ଼ା।

# ଶସ୍ୟ ବୀମା ଟଙ୍କା ପ୍ରଦାନ ଦାବିରେ ତହସିଲ ଘେରଉ

**ଗୋଲାମୁଣ୍ଡା, ୧୯।୬(ସମିସ):** ୨୦୨୩-୨୪ ମସିହାର ଶସ୍ୟ ବୀମା ଟଙ୍କା ତୁରନ୍ତ ପ୍ରଦାନ କରିବା ଦାବିରେ କଳାହାଣ୍ଡି କିଶାନ ସଂଘ ଓ ଜନ ସଂଗ୍ରାମ ସମିତି ପକ୍ଷରୁ ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଗତବର୍ଷ ୨୦୨୩-୨୪ ମସିହା ପାଇଁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ହଜାର ହଜାର ସଂଖ୍ୟାରେ ଶସ୍ୟ ବୀମା ଟଙ୍କା ଜମା କରିଥିଲେ। ଗତବର୍ଷ ଖରିଫ ସମୟରେ ଚାଷୀ ଧାନ ଚାଷ କରିଥିଲେ ସୁଦ୍ଧା ସମଗ୍ର ବ୍ଲକରେ ମରୁଡ଼ି ଦେଖା ଦେଇଥିଲା। ଏଣୁ ମରୁଡ଼ିର ସମ୍ମୁଖୀନ ହୋଇଥିବା ବ୍ଲକର ୨୮ ଗୋଟି ଗ୍ରାମ ପଞ୍ଚାୟତର ହଜାର ହଜାର ଚାଷୀଙ୍କୁ ତୁରନ୍ତ ଶସ୍ୟ ବୀମା ଟଙ୍କା ପ୍ରଦାନ ଦାବିରେ ତହସିଲ ଘେରଉ କରାଯାଇ ଏଥି ସହିତ ୯ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ୯ ଦଫା ଦାବି ମଧ୍ୟରେ ବ୍ଲକର ତେଲ ଓ ଉଦନ୍ତି ନଦୀରେ ବ୍ୟାରେଜ ନିର୍ମାଣ। ଇନ୍ଦ୍ରାବତୀ କେନାଲ ଜରିଆରେ ଗୋଲାମୁଣ୍ଡା ବ୍ଲକର ପ୍ରତ୍ୟେକ ଗ୍ରାମ ପଂଚାୟତ ପାଣି ଯୋଗାଣ କରିବା। ବ୍ଲକରେ ହୋଇଥିବା ଚେକ ଡ୍ୟାମ ଚାଷୀଙ୍କ କାମରେ ଆସୁନାହିଁ ଏହି ଚେକ ଡ୍ୟାମଗୁଡ଼ିକ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା। ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ, ଚାଷୀଙ୍କୁ ତୁରନ୍ତ ମରୁଡ଼ି ସହାୟତା ପ୍ରଦାନ କରାଯିବା, କପା ଚାଷୀମାନଙ୍କ ପାଇଁ ସ୍ଥାୟୀ ମଣ୍ଡି କରାଯିବାକୁ ଦାବି ରହିଛି। ବ୍ଲକର କୁଲେରଗୁଡ଼ା, ଚପରିଆ ଓ କେଗାଁ ଅଞ୍ଚଳର ଚାଷୀଙ୍କଠାରୁ ନୂଆପଡ଼ା ଜିଲ୍ଲା ଡୁକୁଲାର ଗ୍ରାମର ଏକ ବ୍ୟବସାୟୀ କପା କିଣି ଅଦ୍ୟାବଧି ଟଙ୍କା ପ୍ରଦାନ କରିନାହିଁ। ଉକ୍ତ ବ୍ୟବସାୟୀଙ୍କୁ ତୁରନ୍ତ ଗିରଫ କରି ଟଙ୍କା ପ୍ରଦାନ କରାଯିବାକୁ ଦାବି ମଧ୍ୟ ରହିଛି। ଫସଲ ବୀମା କରିଥିବା ଚାଷୀମାନଙ୍କ ରିଜେକ୍ଟ ଲିଷ୍ଟକୁ ହଟାଇ ତୁରନ୍ତ ଅନୁମୋଦନ କରାଯାଉ। ଏହି ଘେରାଉ କାର୍ଯ୍ୟକ୍ରମରେ ସଂଘର ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଚାଷୀନେତା ଜଗୁ ପ୍ରସାଦ ରାଉତ, ସୋମେଶ୍ୱର ମୁନି, ରମେଶ ଅଗ୍ରୱାଲ, ଅନିଲ ମଲ୍ଲିକ, ଜଗଜୀବନ ଅଘ୍ରିଆ, କୁମୁଦ ଗହିର, ପ୍ରସନ୍ନ ମାଝୀ, ଅଗସ୍ତି ମାଝୀ, କନକ ମାଝୀ, ଦିବା ବନ୍ଦିଛୋଡ, ମଧୁ ମାଝୀ, କେଶରୀ ବୋଡକିଆଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ତହସିଲଦାର ଶ୍ରୀ ନାୟକ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଆସନ୍ତା ମାସ ୧୦ ତାରିଖ ସୁଦ୍ଧା ଫସଲ ବୀମା ଟଙ୍କା ପ୍ରଦାନ କରାଯିବ ଓ ବାକି ଦାବି ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଯଥାଶୀଘ୍ର ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଘେରଉ ପ୍ରତ୍ୟାହୃତ ହୋଇଥିଲା।




## ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଝାରବନ୍ଧ ଦଳ ଚାମ୍ପିଅନ



**ସିନାପାଲି/ହାତୀବନ୍ଧା, ୧୯ ।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଝାରବନ୍ଧ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାଦୀବାହାଲ ଓ ଝାରବନ୍ଧ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବାଦୀବାହାଲ ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୧୦ ଓଭରରେ ୯ ଉଇକେଟ ହରାଇ ଦଳ ୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଝାରବନ୍ଧ ଦଳ ୮ ଓଭରରେ ଦୁଇ ଉଇକେଟ ହରାଇ ୯୬ ରନ୍ ସଂଗ୍ରହ କରି ବିଜୟଲାଭ କରିଥିଲା। ବିଜୟୀ ଦଳକୁ ୨ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୫ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। କ୍ଷୀରସିନ୍ଧୁ ତାଣ୍ଡି, ଚିନ୍ତାମଣି ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୋରିଂରେ ବରୁଣ ବନ୍ଦୀଛୋର, ହରେକୃଷ୍ଣ ମେହେର ସହଯୋଗ କରିଥିଲେ। ଲମ୍ବୋଧର ବାଗ ଓ କୃତିବାସ ତେଜୀ ଧାରାବିବରଣୀ ପ୍ରଦାନ କରିଥିଲେ।

# ୩୦ରେ ଟିଆଇଏଆରଏ ମିସ୍ ଆଣ୍ଡ ମିସେସ୍ ଇଣ୍ଡିଆ-୨୦୨୪




**ରାଉରକେଲା,୧୯ ।୬(ସମିସ):** ସ୍ଥାନୀୟ ଏନଆଇଟି ପରିସରରେ ଆସନ୍ତା ୩୦ ତାରିଖ ଟିଆଇଏଆରଏ ମିସ୍ ଆଣ୍ଡ ମିସେସ୍ ଇଣ୍ଡିଆ-୨୦୨୪ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବୁଧବାର ଆୟୋଜକ ସଂସ୍ଥା ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ଡ. ଲୋପାମୁଦ୍ରା ସାହୁ ଏ ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଦୁଇଟି ଗ୍ରୁପରେ ପ୍ରତିଯୋଗିତା ହେବ। ମିସ୍ ଏବଂ ମିସେସ୍ ଇଣ୍ଡିଆ ପ୍ରତିଯୋଗିତା ପାଇଁ ଏବେ ଅନଲାଇନ ଅଡିସନ ଆରମ୍ଭ ହୋଇଛି। ପ୍ରତିଯୋଗୀଙ୍କ ବୟସ ୧୫ରୁ ୫୦ ବର୍ଷ ମଧ୍ୟରେ ସୀମିତ ରଖାଯାଇଛି। ପ୍ରତିଯୋଗିତାରେ ଓଡ଼ିଶା ସମେତ ସାରା ଦେଶରୁ ବହୁ ସଂଖ୍ୟାରେ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ରାଉରକେଲାରୁ ଏବେ ସୁଦ୍ଧା ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅନଲାଇନ ମାଧ୍ୟମରେ ଅଡିସନ ଦେଇଛନ୍ତି। ମହିଳା ସଶକ୍ତୀକରଣ ତଥା ଟାଲେଣ୍ଟ ଥିବା ଯୁବତୀ, ମହିଳା, ଗୃହିଣୀମାନଙ୍କୁ ଏହି କାର୍ଯ୍ୟକ୍ରମ ସେମାନଙ୍କ ଟାଲେଣ୍ଟ ପ୍ରଦର୍ଶନ ପାଇଁ ଏକ ସୁଯୋଗ ପ୍ରଦାନ କରିବ ବୋଲି ଡ. ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମ ରାଉରକେଲାରେ ପ୍ରଥମ କରି ଆୟୋଜିତ ହେଉଥିବାରୁ ଏଥିରେ ସହଯୋଗ କରିବାକୁ ଡ. ଅଖିଳେଶ ସାମଲ ଅନୁରୋଧ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୁଇଟି ଅଗ୍ରୱାଲ, ଡିଜିଟାଲ ହେଡ୍ ସୁବ୍ରତ ରାୟ, ଆଶୁତୋଷ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ରିତ ନିଲମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୂତ ସ୍କୁଲରୁ ୧୦ମ ପାସ୍ କରି ଶିକ୍ଷୟିତ୍ରୀ ଚାକିରି !

**ରାଉରକେଲା,୧୯ ।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକର ଜଣେ ମହିଳା ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ସାର୍ଟିଫିକେଟ ବଳରେ ସରକାରୀ ପ୍ରାଥମିକ ସ୍କୁଲରେ ହିନ୍ଦୀ ଶିକ୍ଷୟିତ୍ରୀ ଭାବେ ଚାକିରି କରୁଥିବା ବେଳେ ସେ ଯେଉଁ ସ୍କୁଲରେ ପାଠ ପଢ଼ି ଦଶମ ପାସ କରିଥିଲେ, ତା'ର ଖୋଜଖବର ମିଳୁନାହିଁ। ଏବେ ସୂଚନା ଅଧିକାର ଆଇନ ମାଧ୍ୟମରେ ଖୋଳତାଡ଼ କରାଯିବା ବେଳେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଘଟଣାକୁ ଚପାଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ସୁରକ୍ଷା ଦିଆଯିବାକୁ ଉଦ୍ୟମ କରାଯାଉଥିବା ଚର୍ଚ୍ଚା ଜୋର ଧରିଛି।
ସୂଚନାଯୋଗ୍ୟ, ସମ୍ପୃକ୍ତ ଶିକ୍ଷୟିତ୍ରୀ ୨୦୦୩ରେ ବାସନ୍ତି କଲୋନୀର କଳ୍ପତରୁ ବାଣୀବିହାର ସଂସ୍କୃତ ବିଦ୍ୟାଳୟରେ ୧୦ ଶ୍ରେଣୀ ପଢ଼ିଥିବା ନେଇ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାର୍ଟିଫିକେଟ ହାସଲ କରିଥିଲେ। ତେବେ ଏ ବିଷୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତଦନ୍ତ କରାଯିବା ବେଳେ ବିଶ୍ରା ବିଇଓ କାର୍ଯ୍ୟାଳୟ ପକ୍ଷରୁ ଗତ ମାର୍ଚ୍ଚ ୨୪ ତାରିଖରେ ଶିକ୍ଷୟିତ୍ରୀ ଜଣକ ଜମା କରିଥିବା ମାଟ୍ରିକ ସାର୍ଟିଫିକେଟର ନକଲ ଦାଖଲ କରିଥିଲେ, ଯେଉଁଥିରେ ସେ କଳ୍ପତରୁ ବାଣୀବିହାର ସଂସ୍କୃତ ବିଦ୍ୟାଳୟରୁ ମାଟ୍ରିକ ପାସ କରିଥିବା ଉଲ୍ଲେଖ ରହିଛି। ହେଲେ ଆଶ୍ଚର୍ଯ୍ୟର ବିଷୟ ଯେ ବାସନ୍ତୀ କଲୋନୀରେ କଳ୍ପତରୁ ବାଣୀବିହାର ସଂସ୍କୃତ ବିଦ୍ୟାଳୟ ନାମକ କୌଣସି ସ୍କୁଲ ହିଁ ନାହିଁ। ଫଳରେ ଶିକ୍ଷୟିତ୍ରୀଙ୍କ ମାଟ୍ରିକ ସାର୍ଟିଫିକେଟ ସମ୍ପୂର୍ଣ୍ଣ ନକଲି ବୋଲି ସ୍ପଷ୍ଟ ହେଉଛି। ଏହି ନକଲି ସାର୍ଟିଫିକେଟ ବଳରେ ସେ ଏକ ସରକାରୀ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ପୂର୍ବତନ ବିଧାୟକ ଶଙ୍କର ଓରାମ ଦାବି କରିଥିଲେ ହେଁ ବିଇଓ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ନେଇ ବିଶ୍ରା ବିଇଓ ସଦାନନ୍ଦ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଯେ ସେ ଏବେ ଅଳ୍ପ ଦିନ ହେବ ଦାୟିତ୍ୱ ନେଇଛନ୍ତି, ଏ ବିଷୟରେ ସେ ଅବଗତ ନାହାନ୍ତି। ଘଟଣାର ତଦନ୍ତ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

# କଳାହାଣ୍ଡି ଜିଲ୍ଲାରେ ୧୧ତମ ଆର୍ଟ ଅଫ୍ ଗିଭିଂ ପାଳିତ




**ଭବାନୀପାଟଣା, ୧୯।୬(ସମିସ):** କଳାହାଣ୍ଡି ଜିଲ୍ଲାର ୧୩ଗୋଟି ବ୍ଲକରେ ୧୧ତମ ଆର୍ଟ ଅଫ୍ ଗିଭିଂ ଗ୍ରୁପ ଓ ବ୍ୟକ୍ତିଗତ ଭାବରେ ୬୦ଟି ଜାଗାରେ ପାଳିତ ହୋଇଛି। ସନ୍ଧ୍ୟା ସମୟର ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଲୋକ ଓ କଳାହାଣ୍ଡି କିସ୍‌ର ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ ଡ. ଅଚ୍ୟୁତ ସାମନ୍ତଙ୍କ ଏ ମହାନ କାର୍ଯ୍ୟକ୍ରମ ଆର୍ଟ ଅଫ ଗିଭିଂ ଭବାନୀପାଟଣାସ୍ଥିତ ଟାଉନ ହଲରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବରେ ଭବାନୀପାଟଣା ପୌରପାଳିକା ଅଧ୍ୟକ୍ଷା ସଂଯୁକ୍ତା ବେହେରା, ମୁଖ୍ୟବକ୍ତା ଶିକ୍ଷାବିତ ଡ. ଉମେଶ ଶତପଥୀ, ସମ୍ମାନିତ ଅତିଥି ପ୍ରଦୀପ ସାହୁ, ବାଳ ଗୋପାଳ ସେବା ନିକେତନର ପ୍ରତିଷ୍ଠାତା ହେମନ୍ତ କୁମାର ମୁଣ୍ଡ, ବରିଷ୍ଠ ସାମ୍ବାଦିକ ଲଳିତ କାନୁନଗୋଙ୍କ ସମେତ କିସ୍ କଳାହାଣ୍ଡିର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷାବିତ ବିରଞ୍ଚି ନାରାୟଣ ମୁଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସମବେତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ପରେ କିସ୍‌ର ପୁରାତନ ଛାତ୍ର ତଥା ରିଷିଡ଼ା ମହାବିଦ୍ୟାଳୟର ଅଧ୍ୟାପକ ନୀଳାମ୍ବର ପାତ୍ର କିସ୍ କିଟ୍ ଓ ଡ. ଅଚ୍ୟୁତ ସାମନ୍ତଙ୍କ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ଉପସ୍ଥିତ ଅତିଥିଗଣ ଡ. ସାମନ୍ତଙ୍କ ଦ୍ୱାରା ଆରମ୍ଭ ଆର୍ଟ ଅଫ ଗିଭିଂ ପ୍ରତିବର୍ଷ କରୁଥିବାରୁ ତାଙ୍କ ପ୍ରଶଂସା କରିବା ସହ କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କଠାରେ ତାଙ୍କ ଦୀର୍ଘାୟୁ କାମନା କରିଥିଲେ। କାର୍ଯ୍ୟକ୍ରମରେ ହଂସିକା ଧଙ୍ଗଡ଼ାମାଝି ନୃତ୍ୟ ପରିବେଷଣ କରିଥିଲେ। କିସ୍‌ର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କିସ୍‌ର ଶିକ୍ଷୟତ୍ରୀ ନମିତା ପଧାନ, ଅଭିସ୍ପା ସାହୁ, ଜ୍ୟୋତିର୍ମୟୀ ରଣା, ରଶ୍ମିତା ନାଏକ ପ୍ରମୁଖ ସହାୟତା କରିଥିଲେ।

# 'ପ୍ରଜ୍ଞା ପ୍ରବାହ'ର ବୁଦ୍ଧିଜୀବୀ ସମ୍ମିଳନୀ



**ରାଉରକେଲା,୧୯ ।୬(ସମିସ):** ପ୍ରଜ୍ଞା ପ୍ରବାହ, ରାଉରକେଲା ତରଫରୁ ସ୍ଥାନୀୟ ସେକ୍ଟର-୨୦ ରାଉରକେଲା କ୍ଲବ୍‌ରେ ସହ ସଂଯୋଜକ କୃଷ୍ଣ କୁମାର ଜୟସ୍ୱାଲଙ୍କ ମଞ୍ଚ ପରିଚାଳନା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମହାନଗର ସଂଘଚାଳକ ପ୍ରଭାତ ସାହୁଙ୍କ ସଭାପତିତ୍ୱରେ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଛି। 'ସ୍ୱାଧୀନତାରୁ ସ୍ୱତନ୍ତ୍ରତା ପର୍ଯ୍ୟନ୍ତ' ଶୀର୍ଷକ ଏହି ଆଲୋଚନାଚକ୍ରରେ ମ୍ୟୁନିସିପାଲ କଲେଜ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ମୁଖ୍ୟଅତିଥି, ପ୍ରଜ୍ଞା ପ୍ରବାହର ଅଖିଳ ଭାରତୀୟ ସଂଯୋଜକ ତଥା ଏନ୍‌ଆଇଟି ଭୋପାଳର ଅବସରପ୍ରାପ୍ତ ପ୍ରଫେସର ଡ. ସଦାନନ୍ଦ ସାପ୍ରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏନ୍‌ଆଇଟି ରାଉରକେଲାର ପ୍ରଫେସର ଡ. ସୁବ୍ରତ ମାଇତି ସ୍ୱାଗତ ଭାଷଣ ରଖିଥିଲେ। ମୁଖ୍ୟବକ୍ତା ଡ. ସାପ୍ରେ ତାଙ୍କ ବକ୍ତବ୍ୟରେ କହିଲେ ଯେ ଭାରତବର୍ଷରେ ଅନେକ ପ୍ରଭାବୀ ପୁସ୍ତକ ଅଛି ଯାହାକୁ ପଢ଼ିଲେ ଛାତ୍ରଛାତ୍ରୀ ପ୍ରେରଣା ପାଇଥାନ୍ତି। ଏ ଭଳି ପୁସ୍ତକକୁ ଆମକୁ ଖୋଜିବାକୁ ପଡ଼ିବ। ଭାରତ ଏକ ବିକାଶଶୀଳ ରାଷ୍ଟ୍ର। ଏହି ବିକାଶରେ ଆମ ସମ୍ପୃକ୍ତି ରହିବା ଦରକାର। ବଡ଼ ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଅହଂକାର ପରିତ୍ୟାଗ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ମୁଖ୍ୟଅତିଥି ଡ. ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଲେ ଯେ 'ପ୍ରଜ୍ଞା ପ୍ରବାହ' ଶିକ୍ଷାବିତ ଏବଂ ପ୍ରବୁଦ୍ଧମାନଙ୍କର ଏକ ମଞ୍ଚ। ପାଶ୍ଚାତ୍ୟ ଶିକ୍ଷା ବ୍ୟତୀତ ଭାରତବର୍ଷର ଆଧ୍ୟାତ୍ମିକ, ସଂସ୍କୃତି, ପରମ୍ପରା ଓ ଭାରତୀୟ ପୁସ୍ତକକୁ ଅଧିକ ଅଧ୍ୟୟନର ଆବଶ୍ୟକତା ସହ ସ୍ୱାଧ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଶ୍ୟାମସୁନ୍ଦର ସେଠୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିବେକାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଶୁଭୋଜିତ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ରାଉରକେଲା କଲେଜ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା, ପ୍ରାଧ୍ୟାପକ ମନୋଜ କୁମାର ଦଲେଇ, ଜିତେନ୍ଦ୍ର ଡାକୁଆ, ବ୍ରଜେନ୍ଦ୍ର ଦାଶ, ଅଶୋକ ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ, ମରୁମୟୀ ମହାନ୍ତି, ସ୍ୱପ୍ନାମୟୀ ହୋତା, ଶଶାଙ୍କ ପାଢ଼ୀ ପ୍ରମୁଖ ରାଉରକେଲାର ବିବିଧ କ୍ଷେତ୍ରରେ କାର୍ଯ୍ୟରତ ଶତାଧିକ ବୁଦ୍ଧିଜୀବୀ ଏବଂ ପ୍ରଜ୍ଞା ପ୍ରବାହର ଡ. ଆନନ୍ଦ ପାଣ୍ଡେ, ଅରବିନ୍ଦ ଦାସ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ଅଧ୍ୟାପକ କରୁଣାକର ପାଟଶାଣୀ, ପ୍ରଫେସର ଦିଲୀପ ପ୍ରଧାନ, ପ୍ରଫେସର ଉପେନ୍ଦ୍ର ସାହୁ, ଦିଲୀପ ପତି, ପେଦିନା ଶିବ କ୍ରିଷ୍ଣନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।







ବୁଧବାର ବିରୋଧୀ ଦଳ ନେତା ନିର୍ବାଚିତ ହେବା ପରେ ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଦଳୀୟ ନେତା ଓ କର୍ମୀଙ୍କ ଶୁଭେଚ୍ଛା

### ଗଡ଼ୁଛି ଚାଲିଛି ତିନିରଥ...

# ଯୋଖା ଲାଗିବା ଆରମ୍ଭ



**ପୁରୀ, ୧୯।୬(ସମିସ):** ପାଖେଇ ଆସୁଛି ରଥଯାତ୍ରା। ଆଉ ୧୭ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଚଳଚଞ୍ଚଳ ରଥଖଳା। ତିନିରଥର ମୁଖ୍ୟ ବିଶ୍ୱକର୍ମାଙ୍କ ନେତୃତ୍ୱରେ ଚଳିତବର୍ଷ କାମ ବେଶ୍ ଆଗୁଆ ରହିଛି। ତେବେ ବୁଧବାର ଯୋଖା ଲାଗିବା କାମ ଆରମ୍ଭ ହୋଇଛି। ପ୍ରଥମେ ଦେବଦଳନ ରଥରେ ଯୋଖା ଲଗାଯାଇଛି। ଗୁରୁବାର ଅନ୍ୟ ଦୁଇରଥରେ ଯୋଖା ଲଗାଯିବ। ନନ୍ଦିଘୋଷ ଏବଂ ତାଳଧ୍ୱଜ ରଥରେ ୧୬ଟି ଲେଖାଏଁ ଯୋଖା ଲାଗିବାକୁ ଥିବା ବେଳେ ଦେବଦଳନ ରଥରେ ୧୨ଟି ଯୋଖା ଲାଗିବ। ପ୍ରତି କୋଣରେ କାମ ହୋଇ ଯୋଖା ଲଗାଯାଇଛି। ସେହିପରି ଛନ୍ଦାଗୟଳ ମୋଡ଼ା କାମ ମଧ୍ୟ ଚାଲିଛି। ଏଥିସହ ତିନିରଥର ଜଗତପୃଷ୍ଠ ଶ୍ରେଣୀ କାମ ଜାରି ରହିଛି। ଏହା ରଥର ବେଦୀ ନିର୍ମାଣରେ ବ୍ୟବହୃତ କରାଯିବ। ପ୍ରତ୍ୟେକ ରଥରେ ୫ଟି ଲେଖାଏଁ ଜଗତପୃଷ୍ଠ ଶ୍ରେଣୀ ଲଗାଯିବ। ତିନିରଥର ରୂପକାର ସେବକମାନେ ଖୋଦେଇ କାମ ଜାରି ରଖିଛନ୍ତି। ପ୍ରତି ରଥର ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ କରାଯାଉଛି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ତିଆରି କରୁଛନ୍ତି।

### ଚାଷୀଙ୍କ ମନରେ ଛନକା

# ମୌସୁମୀ ଆସିବ ତ!

**ଭୁବନେଶ୍ୱର, ୧୯।୬(ସମିସ):** ରାଜ୍ୟରେ ପ୍ରଚଣ୍ଡ ଗୁଳୁଗୁଳିରେ ଲୋକେ ଅତିଷ୍ଠ ହେଲେଣି। ପଶ୍ଚିମ ଓଡ଼ିଶାରେ ତାତି କମିବାର ନାଁ ବି ଧରୁନି। ଏମିତି ସ୍ଥିତିରେ ମୌସୁମୀ ମାଲକାନଗିରିରେ ଅଟକି ରହିଥିବା ବେଳେ କେବେ ଆଗକୁ ବଢ଼ିବ ତାହା ସ୍ପଷ୍ଟ ହୋଇପାରୁନି। କାରଣ, ଗତ ୮ ତାରିଖରେ ମୌସୁମୀ ମାଲାକାନଗିରି ଛୁଇଁଥିବା ବେଳେ ୧୨ ତାରିଖ ପରେ ୨-୪ ଦିନ ମଧ୍ୟରେ ରାଜ୍ୟର ଅନ୍ୟ ସ୍ଥାନକୁ ମୌସୁମୀ ଅଗ୍ରସର ହେବ ବୋଲି ପାଣିପାଗ କେନ୍ଦ୍ର କହି ଆସୁଛି। ୨-୪ ଦିନ ମଧ୍ୟରେ ମୌସୁମୀ ଅଗ୍ରସର ହେବ ବୋଲି ଲଗାତାର ଭାବେ ବୁଲେଟିନ୍‌ରେ ଦର୍ଶାଯାଉଥିବା ବେଳେ ୮ ଦିନ ହେବ ମୌସୁମୀ କୌଣସି ଅଞ୍ଚଳକୁ ଅଗ୍ରସର ନ ହେବା ପାଣିପାଗ କେନ୍ଦ୍ରର ଆକଳନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପଟେ ମୌସୁମୀ କେବେ ଅଗ୍ରସର ହେବ ତାହାର କୌଣସି ସଠିକ୍ ସୂଚନା ମିଳିପାରୁ ନ ଥିବାରୁ ଚାଷୀମାନେ ମଧ୍ୟ ଦ୍ୱନ୍ଦ୍ୱରେ ରହିଛନ୍ତି।

ମୌସୁମୀ ଅଗ୍ରସର ନ ହେବା ଯୋଗୁଁ ରାଜ୍ୟରେ ବର୍ଷାର ଅଭାବ ପରିଲକ୍ଷିତ ହେଉଛି। ଫଳରେ ଜୁନ୍ ମାସରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪୮ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ପଶ୍ଚିମ ଓଡ଼ିଶାରେ ପ୍ରବଳ ତାତି ସାଙ୍ଗକୁ ଉପକୂଳରେ ଗୁଳୁଗୁଳିର ମାତ୍ରା ଅଧିକ ରହୁଥିବା ବେଳେ ପାଣିପାଗ କେନ୍ଦ୍ର ପକ୍ଷରୁ କାହିଁକି ହିଟ୍ ୱେଭ୍ ଆଲର୍ଟ ଜାରି ହେଉ ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଭାଗ ପକ୍ଷରୁ ହିଟ୍ ୱେଭ୍ ନେଇ ସତର୍କ ସୂଚନା ଜାରି କରାଯିବା ପରିବର୍ତ୍ତେ ଦିନ ସରିବା ପରେ କେଉଁ କେଉଁ ଜିଲ୍ଲାରେ ହିଟ୍ ୱେଭ୍ ଅନୁଭୂତ ହୋଇଛି ସେହି ସୂଚନା ଦିଆଯାଉଛି।

ସୂଚନା ଥାଉ କି ମଙ୍ଗଳବାର ରାଜ୍ୟର କୌଣସି ଜିଲ୍ଲା ପାଇଁ ହିଟ୍ ୱେଭ୍ ଆଲର୍ଟ ଜାରି କରାଯାଇ ନ ଥିବା ବେଳେ ସେହିଦିନ ଝାରସୁଗୁଡ଼ା ଓ ବଲାଙ୍ଗିରରେ ହିଟ୍ ୱେଭ୍ ଅନୁଭୂତ ହୋଇଥିବା ବୁଧବାର ବୁଲେଟିନ୍‌ରେ ଦର୍ଶାଯାଇଛି।

- ମାସ ଶେଷ ସୁଦ୍ଧା ନାହିଁ ବଡ଼ ବର୍ଷା
- ବିଳମ୍ବିତ ମୌସୁମୀ ଯୋଗୁଁ ବଢ଼ୁଛି ତାତି
- ହିଟ୍ ୱେଭ୍ ଆଲର୍ଟ ଲୁଚାଉଛି ଆଇଏମ୍‌ଡି

ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ରାଜ୍ୟରେ ୩୬ ଦିନ ହିଟ୍‌ୱେଭ୍ ଆଲର୍ଟ ହୋଇ ସାରିଛି। ଏପ୍ରିଲ୍‌ରେ ସର୍ବାଧିକ ୧୮ ଦିନ ହିଟ୍ ୱେଭ୍ ହୋଇଥିବା ବେଳେ, ମେ'ରେ ୮ ଓ ଜୁନ୍‌ରେ ବର୍ତ୍ତମାନ ୧୦ ଦିନ ହିଟ୍ ୱେଭ୍ ହୋଇ ସାରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମେଘୁଆ ବା ଆଂଶିକ ମେଘୁଆ ରହିବ। ଏହି ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ହେବ, କିନ୍ତୁ ଗରମ ରହିବ। ୨୪ ଓ ୨୫ରୁ କେତେକ ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ଷା କିଛି ବଢ଼ିବା ସହ ତାପମାତ୍ରା ୩୬ ଡିଗ୍ରୀ ତଳକୁ ଖସିବ। ମାଲକାନଗିରି, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲାରେ ୨୮ ପର୍ଯ୍ୟନ୍ତ ସମୁଦାୟ ବର୍ଷା ୬୦-୧୦୦ ମିମି ହେବାର ସମ୍ଭାବନା ଥିବା ବେଳେ ବାକି ଜିଲ୍ଲାରେ ବିଶେଷ କରି ଉପକୂଳ ଓ ଫଂଲ୍ଲ ଜିଲ୍ଲାରେ ୧୦ ଦିନରେ ସମୁଦାୟ ବର୍ଷା ୪୦-୫୦ ମିମି ହେବ। ମାସ ଶେଷ ସୁଦ୍ଧା ନିଅଣ୍ଟିଆ ପରିମାଣ ୩୦ ପ୍ରତିଶତରୁ ଅଧିକ ରହିପାରେ। ୨୭ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୨୮ ତାରିଖ ପରେ ବର୍ଷାର ପ୍ରକୋପ ବୃଦ୍ଧି ପାଇବ। ବର୍ଷା ସହିତ ତାପମାତ୍ରା ଓ ଅନ୍ୟାନ୍ୟ ଉପଦାନକୁ ବିଶ୍ଳେଷଣ କରି ପ୍ରଫେସର ପଶୁପାଳକ କହିଛନ୍ତି ଯେ ୨୪ରେ କେତେକ ସ୍ଥାନରେ ଏବଂ ୩୦ ସୁଦ୍ଧା ଅବଶିଷ୍ଟ ସ୍ଥାନରେ ମୌସୁମୀ ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ୩ ଡିଏସ୍‌ପିଙ୍କ ବଦଳି

**କଟକ, ୧୯।୬(ସମିସ):** ଗୃହ ବିଭାଗର ପୂର୍ବ ବିଜ୍ଞପ୍ତି ଅନୁସାରେ, ତିନି ଜଣ ଇନ୍ସପେକ୍ଟରଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି ସହ ନୂତନ ସ୍ଥାନକୁ ବଦଳି କରାଯାଇଛି। ଆଜି ଏ ସଂକ୍ରାନ୍ତରେ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପିଟିସି ଅନୁଗୁଳରେ ଇନ୍ସପେକ୍ଟର ଥିବା ରମାକାନ୍ତ ସାହୁଙ୍କୁ ସେହି ସ୍ଥାନରେ ଡିଏସପି ଭାବେ ଅବସ୍ଥାପିତ କରାଯାଇଛି। ସୁବର୍ଣ୍ଣପୁରରେ ଇନ୍ସପେକ୍ଟର ଥିବା ଲୋକନାଥ ସାହୁଙ୍କୁ କଳାହାଣ୍ଡି ଜିଲ୍ଲା ମୁଖ୍ୟାଳୟକୁ ଡିଏସପି ଭାବେ ବଦଳି କରାଯାଇଛି। ସେହିପରି ଅଳକାନନ୍ଦ ସାହୁ ପଦୋନ୍ନତି ପାଇ କଳାହାଣ୍ଡି ସାଇବର ଥାନାକୁ ଡିଏସପି ଭାବେ ବଦଳି ହୋଇଛନ୍ତି।

# ହତ୍ୟାକାରୀକୁ ଆଜୀବନ ଜେଲ୍‌ଦଣ୍ଡ

**ଭଦ୍ରକ, ୧୯।୬(ସମିସ):** ବୁଧବାର ଭଦ୍ରକ ଅତିରିକ୍ତ ଜିଲ୍ଲା ଜଜ ଏକ ହତ୍ୟାକାଣ୍ଡ ମାମଲାର ବିଚାର କରି ତାଙ୍କ ରାୟରେ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ, ଗତ ୨୦୧୭ ମସିହା ମାର୍ଚ୍ଚ ମାସ ୧୯ ତାରିଖରେ ଭଦ୍ରକ ଜିଲ୍ଲା ନାୟକାଣୀଡ଼ିହି ଥାନା ତମ୍ବାଖଣ୍ଡି ଗାଁର ସତ୍ୟସୁନ୍ଦର କୁଅଁର ଘରେ ଖାଉଥିବାବେଳେ ତାଙ୍କ ପଡ଼ୋଶୀ ବନମାଳୀ କୁଅଁରଙ୍କ ପୁତ୍ର ମହେନ୍ଦ୍ର କୁଅଁର( ୩୩) ସେଠାରେ ପହଞ୍ଚି ତାଙ୍କୁ ବାରମ୍ବାର ଛୁରୀରେ ଆଘାତ କରି ହତ୍ୟା କରିଥିଲେ। ସତ୍ୟର ମାମୁଁ ହରେକୃଷ୍ଣ ଦତ୍ତ ସ୍ଥାନୀୟ ନୟାକାଣୀଡ଼ିହି ଥାନାରେ ଏତେଲା ଦେବା ପରେ ପୁଲିସ ଘଟଣାରେ ଏକ ମାମଲା ରୁଜୁ କରିଥିଲେ। ସେହି ଦିନ ଅଭିଯୁକ୍ତ ହରେକୃଷ୍ଣ କୁଅଁରକୁ ପୁଲିସ ୩୦୨ ଦଫାରେ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରାଧୀନ ବନ୍ଦୀ ଭାବରେ ଅଭିଯୁକ୍ତ ଜେଲ୍‌ରେ ଅଟକ ଅଛି। ଏହି ମାମଲାରେ ୨୦ ଜଣ ସାକ୍ଷୀଙ୍କର ବୟାନ ରେକର୍ଡିଂ କରିବା ପରେ ଭଦ୍ରକ ଅତିରିକ୍ତ ଜିଲ୍ଲା ଜଜ ଆଶିଷ କୁମାର ତ୍ରିପାଠୀ ହତ୍ୟାକାରୀ ମହେନ୍ଦ୍ର କୁଅଁର (୩୩)କୁ ଆଜୀବନ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା, ଅନାଦେୟ ପୁଣି ୩ ମାସ ସଶ୍ରମ କାରଦଣ୍ଡ ଭୋଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କ ପାଇଁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ସାମଲ, ଅରୁଣ କୁମାର ମିଶ୍ର ଓ ସୂର୍ଯ୍ୟକାନ୍ତ କୁଅଁର ମାମଲା ପରିଚାଳନା କରୁଥିଲେ।

### ସାମାନ୍ୟ କଳହରୁ ସର୍ବନାଶ

# ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନ ମୃତ

**ଅନୁଗୋଳ,୧୯ ।୬(ସମିସ):** ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନଭାଇ ପ୍ରାଣ ହରାଇଛି। ଏଭଳି ଘଟଣା ଅନୁଗୋଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଜରାସିଂହା ପୁରୁଣା ସାହିରେ ଘଟିଛି। ସୂଚନା ଅନୁସାରେ, ଜରାସିଂହା ପୁରୁଣା ସାହିର ବଳେହି ନାଏକଙ୍କ ପୁଅ ଗଦା ନାଏକ ଗାଁ ପାଖରେ ଥିବା ରାଇସ୍ ମିଲ୍ ରେ କାର୍ଯ୍ୟ କରନ୍ତି। ପ୍ରତ୍ୟକ ଦିନ ଘର ବାହାର ପଟରେ ଶୋଇବାକୁ ଆସନ୍ତି। ଗତକାଲି ଗାଁ ଆଡୁ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ବଡ଼ ଭାଇ ବିରଞ୍ଚିଙ୍କ ସହ ପାରିବାରିକ ସମସ୍ୟାକୁ ନେଇ ଯୁକ୍ତିତର୍କ ହୋଇଥିଲା। ତେବେ ପରେ ଦୁହେଁ ଦୁହିଁଙ୍କ ଘରକୁ ଯାଇ ଖାଇସାରି ଶୋଇବାକୁ ଯାଇଥିଲେ। ସକାଳୁ ଉଠି ଦେଖିଲା ବେଳକୁ ଗଦା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶୋଇଛନ୍ତି। ଏହା ଦେଖି ଗଦାଙ୍କ ସ୍ତ୍ରୀ ଚିତ୍କାର କରିଥିଲେ। ଘର ପାଖ ଲୋକ ଆସି ଦେଖିଲା ବେଳକୁ ଗଦାଙ୍କର ମୃତ୍ୟୁ ହୋଇ ସାରିଥିଲା। ଖବର ପାଇ ସଦର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବିରଞ୍ଚି ଟାଙ୍ଗିଆରେ ହାଣି ଗଦାଙ୍କୁ ହତ୍ୟାକରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି।

### ହାଇକୋର୍ଟରେ ଶ୍ରୀମନ୍ଦିର ଆଇନ ସଂଶୋଧନ ମାମଲା

# ସଂଶୋଧନ ପରବର୍ତ୍ତୀ କାରବାର ସମ୍ପର୍କିତ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**କଟକ, ୧୯।୬(ସମିସ):** ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୪ର କେତେକ ଧାରା ସଂଶୋଧନ କରାଯିବାକୁ ଚାଲେଞ୍ଜ କରି ଦାୟର ମାମଲାରେ ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ହୋଇଥିଲା। ଉପରୋକ୍ତ ଆଇନରେ ସଂଶୋଧନ ଅଣାଯିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହୋଇଥିବା ଜମି ଖର୍ଦ୍ଦି ବିକ୍ରି ଅଥବା ଲିଜ୍ କାରବାର ସମ୍ପର୍କରେ ସବିଶେଷ ବିବରଣୀ ଉଲ୍ଲେଖ କରାଯାଇନାହିଁ। ହାଇକୋର୍ଟଙ୍କ ଗତ ୨୦୨୨ ମାର୍ଚ୍ଚ ୧୫ର ନିର୍ଦ୍ଦେଶ ଅନୁସାରେ ଆଇନ ସଂଶୋଧନ ପରବର୍ତ୍ତୀ କାରବାର ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଜବାବ ଦାଖଲ କରି ନଥିବା ନେଇ ଆବେଦନକାରୀ ଅବଗତ କରିଥିଲେ। ଏଣୁ ପ୍ରତିପକ୍ଷ ଶ୍ରୀମନ୍ଦିର ପ୍ରଶାସନକୁ ୧୦ହଜାର ଟଙ୍କା ତଣ୍ଡ ଆକାରରେ ରାଜ୍ୟ ଆଇନସେବା ପ୍ରାଧିକରଣରେ ପଇଠ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ଅତିରିକ୍ତ ସତ୍ୟପାଠ ଦାଖଲ ପାଇଁ ଏକ ସପ୍ତାହ ସମୟ ପ୍ରଦାନ କରିଛନ୍ତି ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଶ୍ରୀମନ୍ଦିର ପ୍ରଶାସନ ଓ ସରକାର ଏ ସମ୍ପର୍କିତ ସତ୍ୟପାଠ ଦାଖଲ କରିବେ। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।

ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁନ୨୬କୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ମାମଲାରୁ ପ୍ରକାଶ ଯେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୪ର ଧାରା ୧୬(୨)ର ସଂଶୋଧନ କରିଥିଲେ ରାଜ୍ୟ ସରକାର। ଏହାକୁ ମଧ୍ୟ ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ ମିଳିଥିଲା। ଶ୍ରୀଜଗନ୍ନାଥଙ୍କ ନାମରେ ରହିଥିବା କୌଣସି ଅସ୍ଥାବର ସମ୍ପତ୍ତିକୁ ରାଜ୍ୟ ସରକାରଙ୍କ ପୂର୍ବ ଅନୁମତି ବିନା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବିକ୍ରି କରିପାରିବ ନାହିଁ କିମ୍ବା କାହାକୁ ଲିଜ୍ ସୂତ୍ରରେ ଦେଇପାରିବ ନାହିଁ। କୌଣସି ପରିସ୍ଥିତିରେ ସରକାରଙ୍କ ଅନୁମତି ବିନା ଏହି ସମ୍ପତ୍ତିକୁ ବନ୍ଧକ ମଧ୍ୟ ରଖାଯାଇପାରିବ ନାହିଁ ବୋଲି ପୁରୁଣା ଆଇନରେ ଉଲ୍ଲେଖ ଥିଲା। କିନ୍ତୁ ଆଇନରେ ସଂଶୋଧନ ଅଣାଯିବା ଦ୍ୱାରା ସମସ୍ତ କ୍ଷମତା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ହାତକୁ ଯାଇଥିଲା। ଜମି ଲିଜ, ଖର୍ଦ୍ଦି ବିକ୍ରି ପାଇଁ ଆଉ ରାଜ୍ୟ ସରକାରଙ୍କ ଅନୁମତି ଆବଶ୍ୟକ ପଡ଼ିବ ନାହିଁ। ଏହା ଦ୍ୱାରା କ୍ଷମତାର ଅପବ୍ୟବହାର ସମ୍ଭାବନା ଥିବାରୁ ଉପରୋକ୍ତ ସଂଶୋଧିତ ଆଇନକୁ ରଦ୍ଦ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ବିଚାରାଧୀନ ମାମଲାର ଚୂଡ଼ାନ୍ତ ଫଇସଲା ଉପରେ ଆଇନ ସଂଶୋଧନ ନିଷ୍ପତ୍ତି ନିର୍ଭର କରିବ ବୋଲି ହାଇକୋର୍ଟ ଗତ ୨୦୨୨ ମାର୍ଚ୍ଚ୧୫ରେ ମଧ୍ୟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।



### ୧୦ ହଜାର ତଣ୍ଡ ଗଣିବ ଶ୍ରୀମନ୍ଦିର ପ୍ରଶାସନ

### ସୂଚନା କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲା

# ୨ ଅଭିଯୁକ୍ତ ଗିରଫ, ୩ ଫେରାର

**ଫୁଲବାଣୀ,୧୯।୬(ସମିସ):** ବହୁ ଚର୍ଚ୍ଚିତ ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲାରେ୨ ଅଭିଯୁକ୍ତ ଶ୍ୟାମସୁନ୍ଦର ପାତ୍ର ଓ ବିଶ୍ୱନାଥ ପାତ୍ରଙ୍କୁ ବାଲିଗୁଡ଼ା ଥାନା ପୁଲିସ ଗିରିଫ କରିଛି। ଅନ୍ୟ ଅଭିଯୁକ୍ତ ଗୋପାଳ ଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର ଓ ଆନନ୍ଦ ଆଚାର୍ଯ୍ୟ ଫେରାର ଥିବା ଜଣାପଡ଼ିଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତ ଆନନ୍ଦ ଆଚାର୍ଯ୍ୟଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିଛନ୍ତି।

ଥାନା ଅଧିକାରୀ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସୂଚନା ଅନୁଯାୟୀ ଗତ ୨୦୧୯ ଡିସେମ୍ବର ୧୦ ତାରିଖ ସକାଳେ ବାଲିଗୁଡା ଅଞ୍ଚଳର ଜଣାଶୁଣା ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ତାଙ୍କ ଘର ସାମନାରେ ଠିଆ ହୋଇଥିବା ବେଳେ ଦୁର୍ବୃତ୍ତ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଅଭିମନ୍ୟୁଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡକୁ ଆସିକାରୁ ଗିରଫ କରାଯିବା ସହିତ ସମୁଦାୟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ। ତେବେ ଉପରୋକ୍ତ ଅଭିଯୁକ୍ତ ମାନଙ୍କ ନାମ ଏତାଲାରେ ଥିଲେ ମଧ୍ୟ ପୁଲିସ ସେମାନଙ୍କ ନାମକୁ ଚାର୍ଜସିଟରୁ ବାଦ୍ ଦେଇଥିଲା। ପରେ ବ୍ରହ୍ମପୁର ସେସନ୍‌ସ ଜଜ୍‌ଙ୍କ ଅଦାଲତରେ ଘଟଣାର ଶୁଣାଣି ବେଳେ ହତ୍ୟା ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିବା ଅନୁଭବ କରି ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସମନ ସତ୍ତ୍ୱେ ଅଭିଯୁକ୍ତ ଅଦାଲତରେ ହାଜର ହୋଇ ନ ଥିଲେ। ପରେ ଅଭିଯୁକ୍ତ ଆନନ୍ଦ ଉଚ୍ଚ ନ୍ୟାୟାଳୟରେ ଅଗ୍ରୀମ ଜମାନତ ପାଇଁ ଆବେଦନ କରିଥିଲେ। ଉଚ୍ଚ ଅଦାଲତ ଜାମିନ ଆବେଦନର ବିଚାର କରି ଆବେଦନ ଖାରଜ କରିଥିବା ଜଣାପଡ଼ିଛି।

# ଦର୍ଶନ ଶୃଙ୍ଖଳା ପାଇଁ ବସିବ ସ୍ୱତନ୍ତ୍ର ପରିଚାଳନା କମିଟି ବୈଠକ

**ପୁରୀ,୧୯।୬(ସମିସ):** ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ନୀତିକାନ୍ତି ବିଳମ୍ବ ଏବଂ ବିଭ୍ରାଟ ହେଉଛି। କେତେବେଳେ ସେବାୟତଙ୍କ ମଧ୍ୟରେ ବିବାଦ ତ ପୁଣି କେତେବେଳେ ସେବାୟତଙ୍କ ସହ କର୍ମଚାରୀଙ୍କ ମନୋମାଳିନ୍ୟ ହେଉଛି। ହେଲେ ଦାୟିତ୍ୱରେ ଥିବା ଅଧିକାରୀ ନୀତିକାନ୍ତିର ତଦାରଖ ଠିକ୍ ଭାବେ କରୁ ନ ଥିବାରୁ ନୀତି ବିଳମ୍ବ ଏକପ୍ରକାର ନିତିଦିନିଆ ଘଟଣା ହେଲାଣି। ମଙ୍ଗଳବାର ରାତିରେ ମଧ୍ୟ ଏଭଳି ସ୍ଥିତି ଉପୁଜିଛି। ଦୁଇ ସେବାୟତ ନିଯୋଗ ମଧ୍ୟରେ ବିବାଦ ଯୋଗୁ ମଙ୍ଗଳବାରର ନୀତି ବୁଧବାର ସକାଳେ ହୋଇଛି। ତେଣୁ ଏହାର ସମାଧାନ ପାଇଁ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ଶ୍ରୀମନ୍ଦିର ସୁରକ୍ଷା, ରାଜସ୍ୱ ଏବଂ କିଛିଦିନ ହେବ ମନ୍ଦିର ଭିତରେ ପ୍ରବଳ ଭିଡ଼ ଯୋଗୁ ଯେଉଁ ଦର୍ଶନ ବିଶୃଙ୍ଖଳା ହେଉଛି ତାହାର କିପରି ସମାଧାନ କରାଯିବ ସେ ନେଇ ମଧ୍ୟ ବୈଠକରେ ତର୍ଜମା ହୋଇଥିଲା।

- ନିଯୁକ୍ତି ପାଇବେ ଉପ ନୀତି ପ୍ରଶାସକ
- ସୁରକ୍ଷା ପାଇଁ ଆସିବେ ୨ ଡିଏସ୍‌ପି
- ଖଣିରୁ ପ୍ରତି ୨ ବର୍ଷରେ ୧୦ ପ୍ରତିଶତ ଅଧିକ ରାଜସ୍ୱ ଆସିବ

ବୈଠକ ଶେଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ କହିଥିଲେ ଯେ, ପୂର୍ବରୁ ୧୪ ତାରିଖରେ ନୀତି ସବ୍ କମିଟି ଏବଂ ଛତିଶା ନିଯୋଗରେ ସ୍ନାନଯାତ୍ରା ନୀତି ନିର୍ଘଣ୍ଟ ହୋଇଥିଲା। ତାହାକୁ ପରିଚାଳନା କମିଟି ବୈଠକରେ ଅନୁମୋଦନ ହୋଇଛି। ସେହିପରି ସ୍ନାନଯାତ୍ରା ବ୍ୟବସ୍ଥାବଳୀରେ ମଧ୍ୟ ମୋହର ଲାଗିଛି। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜଭୁତ୍ ଏବଂ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ ଲାଗି ୨ ଜଣ ଡିଏସ୍‌ପି, ୪ ଜଣ ଇନ୍ସପେକ୍ଟର ଏବଂ ୬ ଜଣ ସବ୍ ଇନ୍ସପେକ୍ଟରଙ୍କୁ ଡେପୁଟେସନରେ ଆଣିବା ପାଇଁ ପୁଲିସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ। ଏଥିସହ ନୀତିକାନ୍ତି ଶୃଙ୍ଖଳା ଆଣିବା ପାଇଁ ଜଣେ ନୀତି ଉପ ପ୍ରଶାସକ, ୨ ଜଣ ସହକାରୀ ପ୍ରଶାସକ ଡେପୁଟେସନରେ ଆଣିବା ଲାଗି ସରକାରଙ୍କୁ ଅବଗତ କରାଯିବ। ଏଥିସହ ବୈଠକରେ ରାଜସ୍ୱ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଖଣି ଏବଂ କ୍ରସର ୟୁନିଟ୍‌ରୁ ପ୍ରତିବର୍ଷ ୧୦ ପ୍ରତିଶତ ଅର୍ଥ ବୃଦ୍ଧି କରାଯିବ ବୋଲି ଗତବର୍ଷ ନିଷ୍ପତ୍ତି ହୋଇଥିଲା। ହେଲେ ଗୋଟିଏ ବର୍ଷରେ ୧୦ ପ୍ରତିଶତ ଅଧିକ ହେଉଛି ବୋଲି ଏହାର ପୁନର୍ବିଚାର ଲାଗି ମନ୍ଦିର ପ୍ରଶାସନ ପାଖକୁ ପିଟିଶନ ଆସିଥିଲା। ଏ ବାବଦରେ ମଧ୍ୟ ପରିଚାଳନା କମିଟିରେ ଆଲୋଚନା କରାଯାଇଛି। ପ୍ରତି ୨ ବର୍ଷରେ ୧୦ ପ୍ରତିଶତ ବୃଦ୍ଧି କରାଯିବା ଲାଗି ନିଆଯାଇଛି ନିଷ୍ପତ୍ତି।

ଏହାବ୍ୟତୀତ ଭିତର ଦର୍ଶନ ବ୍ୟବସ୍ଥାରେ କିପରି ଶୃଙ୍ଖଳା ଅଣାଯାଇପାରିବ ସେ ନେଇ ସଦସ୍ୟମାନେ କହିଥିଲେ। ରଥଯାତ୍ରା ପରେ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଏବଂ ଏସ୍‌ପି ୩ ଜଣ ବସି ଏ ସଂକ୍ରାନ୍ତରେ ପ୍ରସ୍ତାବ ଦେବେ। ଏଥିପାଇଁ ରଥଯାତ୍ରା ପରେ ସ୍ୱତନ୍ତ୍ର ପରିଚାଳନା କମିଟି ବୈଠକ ବସି ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

### ହାଇକୋର୍ଟରେ ରତ୍ନଭଣ୍ଡାର ଚାବି ହଜିବା ମାମଲା

# କ୍ୟାବିନେଟରେ ଉପସ୍ଥାପନ ହେବ ତଦନ୍ତ କମିସନ ରିପୋର୍ଟ

**କଟକ, ୧୯ ।୬(ସମିସ):** ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିସନ ରିପୋର୍ଟକୁ ସାର୍ବଜନୀନ କରିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଜଷ୍ଟିସ ରଘୁବୀର ଦାଶ ତଦନ୍ତ କମିସନ୍ ଦାଖଲ କରିଥିବା ରିପୋର୍ଟର ସ୍ଥିତି ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଆସିଥିବା ବେଳେ ରାଜ୍ୟ ସରକାର ଅଦ୍ୟାବଧି ଏହା ଦାଖଲ କରିନାହାଁନ୍ତି। ଏହି ପ୍ରସଂଗରେ ସତ୍ୟପାଠ ଦାଖଲ ପାଇଁ ସରକାର ଆଉ ତିନି ସପ୍ତାହ ସମୟ ମାଗିଥିବା ବେଳେ ଅଦାଲତ ମହଲତ ପ୍ରଦାନ କରିଛନ୍ତି। ଆସନ୍ତା ୩ ସପ୍ତାହ ମଧ୍ୟରେ ସାନି ସ୍ଥିତି ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

### ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ୩ ସପ୍ତାହ ମହଲତ

ଏହି ମାମଲାରେ ରାଜ୍ୟ ସରକାର ଗତ ଏପ୍ରିଲ ମାସରେ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଥିଲେ। ଏହି ସତ୍ୟପାଠ ସମ୍ପର୍କରେ ହାଇକୋର୍ଟ ଅବଗତ ହୋଇଥିଲେ। ସତ୍ୟପାଠରେ ଦର୍ଶାଯାଇଥିଲା ଯେ ୨୦୨୪ଓଡ଼ିଶା ବିଧାନସଭା ନିର୍ବାଚନ ପରେ ସରକାର ଗଠନ ହେଲା ପରେ କ୍ୟାବିନେଟରେ ଜଷ୍ଟିସ ରଘୁବୀର ଦାଶ ତଦନ୍ତ କମିସନ ରିପୋର୍ଟକୁ ଉପସ୍ଥାପନ କରାଯିବ। ଅନ୍ୟପଟରେ ଇତିମଧ୍ୟରେ ସରକାର ଗଠନ ହୋଇ ପ୍ରଥମ କ୍ୟାବିନେଟ ବସିସାରିଥିଲେ ମଧ୍ୟ କମିସନ ରିପୋର୍ଟ ଉପସ୍ଥାପନ ହୋଇପାରି ନଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଜଷ୍ଟିସ ରଘୁବୀର ଦାଶ କମିସନ ରିପୋର୍ଟକୁ ବିଧାନସଭାରେ ରାଜ୍ୟ ସରକାର ଉପସ୍ଥାପନ କରିବା କଥା।୨୦୧୮, ନଭେମ୍ବର ୨୯ରେ କମିସନ ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସରକାର ଧାରା ୩(୪) ଅନୁସାରେ ପଦକ୍ଷେପ ନେଉନାହାଁନ୍ତି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ସୂଚନାଥାଉକି ତଦନ୍ତ କମିସନ ରିପୋର୍ଟର ସ୍ଥିତି ସମ୍ପର୍କରେ ସତ୍ୟପାଠ ଦେବାକୁ ଗତ ଏପ୍ରିଲ ୨୫ରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ କମିସନଙ୍କ ନିକଟରୁ ରିପୋର୍ଟ ମିଳିସାରିଛି ଓ ଏହା ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି ବୋଲି ସରକାର ପୂର୍ବରୁ ଉଲ୍ଲେଖ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୧୦କୁ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି ଆଇନଜୀବୀ ଅନୁପ କୁମାର ମହାପାତ୍ର।

# ବାଘ ଛାଲ ଜବତ; ୨ ବ୍ୟବସାୟୀ ଗିରଫ

**ଅନୁଗୋଳ /ଛେଣ୍ଡିପଦା,୧୯।୬(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନ ବିଭାଗକୁ ମିଳିଛି ବଡ଼ ସଫଳତା । ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ବାଲିନାଳି ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରୁ ବାଘ ଛାଲ ବିକ୍ରି ସମୟରେ ମାଡ଼ିବସିଲା ବନ ବିଭାଗ। ବାଘ ଛାଲ ଜବତ କରାଯିବା ସହ ୨ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗିରଫ ୨ଜଣ ବ୍ୟବସାୟୀ ହେଲେ




ଛେଣ୍ଡିପଦା ଥାନା ହାଣ୍ତିଗୋଡ଼ା ଗାଁର ଟିକନ୍ ଗୋଚ୍ଛାୟତ ଓ ଧଉରାଖମଣ ଗାଁର ସମିତି ସଭ୍ୟ ଯୁଗଳ ନାଏକ ବୋଲି ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଅନୁଗୋଳ ଡିଏଫଓ ନିତିଶ୍ କୁମାର ବାଘ ଛାଲ ବିକ୍ରି ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଛେଣ୍ଡିପଦା ବନାଞ୍ଚଳ ତତ୍ତ୍ୱାବଧାନରେ କଣିହାଁ ଓ ଜରପଡ଼ା ବନାଞ୍ଚଳ ଅଧିକାରୀଙ୍କ ସମେତ ୬ଟି ବନାଞ୍ଚଳ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରିବା ସହିତ ବାଘ ଛାଲ ବ୍ୟବସାୟୀଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ବାଘ ବ୍ୟବସାୟୀଙ୍କ ନିକଟରୁ ଏକ ବାଘ ଛାଲ ଜବତ କରିବା ସହିତ ଧଉରାଖମଣ ଗ୍ରାମର ଯୁଗଳ ନାଏକ ଓ ହାଣ୍ଡିଗୋଡ଼ା ଗ୍ରାମର ଟିକନ ଗୋଚ୍ଛାୟତଙ୍କୁ ବନ ବିଭାଗ ଗରିଫ କରି ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ତଦନ୍ତ ଚଳାଇଛି। ତଦନ୍ତ ପରେ ବାଘ ଛାଲ କେଉଁଠାରୁ ଆସିଲା, ସେ ନେଇ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ବନ ବିଭାଗ ପ୍ରକାଶ କରିଛି । ଏହି ଚଢ଼ଉରେ ଛେଣ୍ଡିପଦା ରେଞ୍ଜର ଶୁଭ୍ରା ଶୁଚିସ୍ମିତା ମହାପାତ୍ର ଓ ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବାନନ୍ଦ ନାଏକଙ୍କ ସମେତ ବନ କର୍ମଚାରୀମାନେ ସାମିଲ ଥିଲେ ।

ସକାଳ
THE SAKALA

# ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ଡେରି କାହିଁକି?

ଶ୍ରୀଜଗନ୍ନାଥ ଓଡ଼ିଶାର ରାଷ୍ଟ୍ର ଦେବତା ଏବଂ ପ୍ରତ୍ୟେକ ଓଡ଼ିଆର ପରମ ଆରାଧ୍ୟ। ତାଙ୍କ ବିଷୟରେ ଯେ କୌଣସି ସମ୍ବାଦ ଓଡ଼ିଶାବାସୀଙ୍କ ପାଇଁ ବିଶେଷ ମହତ୍ୱ ରଖେ। ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପ ନିର୍ମାଣ ଯେପରି କିଛିକାଳ ଧରି ସର୍ବତ୍ର ଚର୍ଚ୍ଚାରେ ଥିଲା, ସେହିପରି ଏବେ ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଏବଂ ଏହାର ସୁରକ୍ଷା ନେଇ କ୍ରମାଗତ ପ୍ରଶ୍ନ ଉଠି ଚାଲିଛି! ଏପରିକି ଗତ ନିର୍ବାଚନରେ ଏହା ଏକ ସମ୍ବେଦନଶୀଳ ରାଜନୀତିକ ପ୍ରସଙ୍ଗ ପାଲଟିଥିଲା। ତେବେ ପୂର୍ବ ବିଜେଡି ସରକାର ନିର୍ବାଚନ ପୂର୍ବରୁ ରତ୍ନଭଣ୍ଡାରର ଚାବି ଖୋଲିବା ସହିତ ଏହାର ଅଳଙ୍କାର ସମୂହର ଗଣନା ତଥା ଚିଠା ପ୍ରସ୍ତୁତ କରିବାକୁ ଆବଶ୍ୟକ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ କରିବା ସହିତ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସରକାର ଏହି କମିଟି ଗଠନ କରି ପ୍ରକ୍ରିୟା ଆରମ୍ଭ କରିଥିଲେ ମଧ୍ୟ ରତ୍ନଭଣ୍ଡାର ଖୋଲିବା ତାରିଖ ଚୂଡ଼ାନ୍ତ ହୋଇ ନଥିଲା।

ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହାର ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ସହିତ ରତ୍ନଭଣ୍ଡାର ଚାବି ଖୋଲିବା ପାଇଁ ଆଗ୍ରହ ଦେଖାଇଛନ୍ତି। ଗତକାଲି ଏଏସ୍ଆଇ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଆସନ୍ତା ଜୁଲାଇ ଆଠ ତାରିଖରେ ପୂର୍ବ ଘୋଷଣା ଅନୁସାରେ ରତ୍ନଭଣ୍ଡାର ଖୋଲାଯାଇପାରେ। ରଥଯାତ୍ରା ସମୟରେ ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବାରୁ ସେତେବେଳେ ଏହି କାର୍ଯ୍ୟ କରିବା ସହଜ ହେବ। କେବଳ ରତ୍ନଭଣ୍ଡାରର ଚାବି ଖୋଲାଯିବ ନାହିଁ, ଏହାର ଆବଶ୍ୟକୀୟ ସୁରକ୍ଷା ଓ ମରାମତି କାର୍ଯ୍ୟ ମଧ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହି ସମୟରେ କରିବ। ତେବେ ସରକାରଙ୍କ ପକ୍ଷରୁ ପରେ ସ୍ପଷ୍ଟ କରି ଦିଆଯାଇଛି ଯେ ରତ୍ନଭଣ୍ଡାର ଚାବି ଖୋଲିବା ନିର୍ଦ୍ଦିଷ୍ଟ ତାରିଖ ବିଷୟରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆ ଯାଇନାହିଁ। ଏଣେ ରାଜ୍ୟ ସରକାର ହାଇକୋର୍ଟକୁ ଜଣାଇଛନ୍ତି ଯେ ଏ ସମ୍ପର୍କିତ ଜଷ୍ଟିସ୍ ରଘୁବୀର ଦାସ ଯାଞ୍ଚ କମିଶନ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯିବ ଏବଂ ଆସନ୍ତା କ୍ୟାବିନେଟ୍ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବାପରେ ଏ ସମ୍ପର୍କରେ ଆବଶ୍ୟକୀୟ ନିଷ୍ପତ୍ତି ନିଆଯିବ।

ରତ୍ନଭଣ୍ଡାରର ଚାବି, ଏଥରେ ଗଚ୍ଛିତ ଧନରତ୍ନ ଓ ଏହାର ସୁରକ୍ଷା ଏ ତିନିଟି ବିଷୟରେ ପ୍ରାୟତଃ ଚର୍ଚ୍ଚା ହୋଇଥାଏ। ଏଏସ୍ଆଇ ରିପୋର୍ଟ ଅନୁସାରେ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀମନ୍ଦିରର ରତ୍ନଭଣ୍ଡାର ସ୍ଥିତି ଭଲ ନାହିଁ। ୨୦୧୮ ରେ ହୋଇଥିବା ତଦାରଖ ଓ ପରୀକ୍ଷା ନିରୀକ୍ଷାରୁ ଜଣାପଡ଼ିଥିଲା ଯେ ଏହାର କାନ୍ଥ ଓ ଆଉ କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ପରବର୍ତ୍ତୀ ସମୟରେ ଲେଜର ରଶ୍ମି ପରୀକ୍ଷାରୁ ଏହି ଫାଟ କଥା ସ୍ପଷ୍ଟ ହୋଇଛି। ଫଳରେ ଭଣ୍ଡାର ମଧ୍ୟକୁ ବର୍ଷା ପାଣି ପଶୁଥିବାର ଆଶଙ୍କାକୁ ଏଡାଇ ଦିଆଯାଇ ପାରିବ ନାହିଁ। ତେଣୁ ବୈଷୟିକ କମିଟିଙ୍କ ଅଧ୍ୟକ୍ଷତାରେ ରତ୍ନଭଣ୍ଡାରର ଚାବି ଖୋଲାଯାଇ ତାହାର ଭିତର ସ୍ଥିତି ଅନୁଧ୍ୟାନ କରାଯିବାପାଇଁ ଦାବୀ ଉଠିଥିଲା।

ରତ୍ନଭଣ୍ଡାରର ଚାବି, ଏହା ଭିତରେ ଥିବା ରତ୍ନ ଓ ଅଳଙ୍କାର ଏବଂ ଏହାର ନିରାପତ୍ତା ସର୍ବଦା ଚର୍ଚ୍ଚାରେ ଥାଏ। ପ୍ରତିବର୍ଷ ମନ୍ଦିରର ପର୍ବପର୍ବାଣି ଅବସରରେ ଦୁଇଭାଗରେ ବିଭକ୍ତ ରତ୍ନଭଣ୍ଡାରର ବାହାର କୋଠରିରୁ ଠାକୁରଙ୍କ ଅଳଙ୍କାରମାନ ଅଣାଯାଏ। ପର୍ବ ଓ ଯାତ୍ରା କାମ ସରିଲେ ତାହାକୁ ପୁନର୍ବାର ସେଠାରେ ରଖାଯାଇଥାଏ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ବରିଷ୍ଠ ଅଧିକାରୀ ତଥା କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ତେବେ ଭଣ୍ଡାରର ଭିତର କୋଠରିର ସ୍ଥିତି ସମ୍ପର୍କରେ ବିଶେଷ କିଛି ଜଣାଯାଏ ନାହିଁ। ଶ୍ରୀମନ୍ଦିରର ରତ୍ନଭଣ୍ଡାର ନେଇ ଅନେକ ଲୋକକଥା ଓ ଗୁଜବ ମଧ୍ୟ ଶୁଣାଯାଏ। ହେଲେ ମନ୍ଦିରର ଚାବି ହଜିବା ବା ଚୋରି ହୋଇଯିବା, ଧନସମ୍ପତ୍ତି କେହି ଚୋରାଇ ନେବା ଭଳି ଅତ୍ୟନ୍ତ ଚିନ୍ତାଉଦ୍ରେକକାରୀ ବିବୃତି ଭକ୍ତମାନଙ୍କୁ ନିଶ୍ଚିତ ଭାବେ ବିବ୍ରତ କରାଏ।

ଶ୍ରୀମନ୍ଦିର ରତ୍ନଭଣ୍ଡାର, ଯାହା ଦୁଇ ଭାଗରେ ବିଭକ୍ତ, ଶେଷଥର ପାଇଁ ୧୯୮୫ରେ ଖୋଲାଯାଇଥିଲା। ତାହାର ପ୍ରାୟ ସାତବର୍ଷ ପୂର୍ବରୁ ୧୯୭୮ ଜୁଲାଇ ୨୩ରେ ରତ୍ନଭଣ୍ଡାର ଖୋଲାଯାଇ ସେଠାରେ ଥିବା ପ୍ରଭୁଙ୍କ ଗହଣା ଗାଣ୍ଠି, ମୂଲ୍ୟବାନ ରତ୍ନପଥର, ହୀରା, ଲୀଳା, ସୁନା, ଚାନ୍ଦି ଆଦିର ଗଣନା କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହା ପରେ ଆଉ ରତ୍ନଭଣ୍ଡାର ଭିତର ପ୍ରକୋଷ୍ଠ ଖୋଲା ଯାଇନାହିଁ। ୨୦୧୮ ଏପ୍ରିଲ ୪ରେ ଏକ ୧୬ ଜଣିଆ ଦଳ ରତ୍ନଭଣ୍ଡାରର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବାକୁ ଭଣ୍ଡାରକୁ ପ୍ରବେଶ କରିଥିଲେ। ତେବେ ଭିତର କୋଠରିର ଚାବି ନ ମିଳିବାରୁ ସେଠାରେ ଲାଗିଥିବା ଏକ ଲୁହାବାଡ଼ ବାହାରପଟୁ ସମ୍ପୃକ୍ତ ଦଳର ସଦସ୍ୟମାନେ ସର୍ଚ୍ଚ ଲାଇଟ୍ ପକାଇ ଏହାର କାନ୍ଥବାଡ଼ର ବାହ୍ୟ ଅଂଶ ଦେଖି ଫେରି ଆସିଥିଲେ। ଚାବି ନ ମିଳିବାରୁ ବିଭ୍ରାନ୍ତି ଓ ଗୋଳମାଳିଆ ସ୍ଥିତି ସୃଷ୍ଟି ହେବା ସ୍ୱାଭାବିକ ଓ ତାହା ହିଁ ହେଲା। ତେବେ ପୁରୀ ଜିଲ୍ଲା ପ୍ରଶାସନ ଅସଲି ପରିବର୍ତ୍ତେ ରତ୍ନଭଣ୍ଡାରର ଏକ ନକଲି ଚାବି ମିଳିଛି ବୋଲି କହିବା ପରେ ବିବାଦ ଆହୁରି ବଢ଼ିଥିଲା। ଏହାକୁ ନେଇ ମାମଲା କୋର୍ଟ କଚେରିକୁ ମଧ୍ୟ ଯାଇଥିଲା। ଶେଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରତ୍ନଭଣ୍ଡାରର ଚାବି ଖୋଲି ଏହାର ମୂଲ୍ୟବାନ ସାମଗ୍ରୀକୁ ଗଣତି କରି ତାଲିକା ପ୍ରସ୍ତୁତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଲେ ଓ ତତ୍କାଳୀନ ବିଜେଡି ସରକାର ଜଷ୍ଟିସ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। କମିଟି ପକ୍ଷରୁ ଏବର୍ଷ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲାଯିବାର ଯୋଜନା ଅଛି ବୋଲି ସୂଚନା ଦିଆଯାଇଥିଲା।

ଏବେ ରତ୍ନଭଣ୍ଡାର ଖୋଲାଗଲେ ସବୁ କଥା ସ୍ପଷ୍ଟ ହୋଇଯିବ। ରତ୍ନଭଣ୍ଡାର ରେ ଥିବା ସବୁ ଅଳଙ୍କାର ଓ ରତ୍ନାଦିର ହିସାବ ହେବା ସହିତ ଏହି କୋଠାରୀ ଦୁଇଟିର କାନ୍ଥବାଡ଼ ଓ ଛାତ ଆଦି କେତେ ସୁରକ୍ଷିତ ଅଛି, ତାହାକୁ ପରଖା ଯିବ । ଆବଶ୍ୟକ ମରାମତି ମଧ୍ୟ କରାଯାଇପାରେ। ଏଏସ୍ଆଇର ଗତବର୍ଷର ରିପୋର୍ଟ ଅନୁସାରେ ରତ୍ନଭଣ୍ଡାରର ଯେଉଁ ୪୯ଟି ସ୍ଥାନରେ ସ୍କାନିଂ କରାଯାଇଥିଲା, ସେଥିରୁ ଏହାର ବାହାର ପଟ କାନ୍ଥ, ଜଗମୋହନକୁ ସଂଯୋଗ କରୁଥିବା ସ୍ଥାନ, ଉତ୍ତରପଟ କାନ୍ଥ, ପ୍ରଥମ ପୀଢ଼ର ଠିକ୍ ତଳ ଅଂଶରେ କିଛି ଫାଟ ରହିଛି ଓ ଏହାକୁ ନିବୁଜ କରିବାକୁ ମରାମତି ଦରକାର।

ଜଗନ୍ନାଥ ଆମର ଉପାସ୍ୟ ଓ ଇଷ୍ଟ। ଏହା ସବୁ ରାଜନୀତି, ସରକାର, ଚର୍ଚ୍ଚା, ବିଚାର ଓ ଦୃଷ୍ଟିକୋଣର ଊର୍ଦ୍ଧ୍ୱରେ। ତାଙ୍କ ସହିତ କେହି ଖେଳି ପାରିବେ ନାହିଁ କିମ୍ବା ତାଙ୍କୁ ନେଇ କେହି କାହାକୁ ବିଭ୍ରାନ୍ତ କରିପାରିବେ ନାହିଁ। ସେ ଆମ ବିଶ୍ୱାସର ଏକ ପ୍ରଚଣ୍ଡ ସତ୍ୟମୂର୍ତ୍ତି। କୁହାଯାଏ ଯାହା ସବୁ ହୁଏ କେବଳ ତାଙ୍କରି ଇଚ୍ଛା ଅନୁସାରେ ଘଟେ। ସୁତରାଂ ଯାହା ଏବେ ହେଉଛି ତାହା ତାଙ୍କରି ଇଚ୍ଛାରେ ଘଟୁଛି। ରତ୍ନଭଣ୍ଡାର ନିଶ୍ଚୟ ଖୋଲିବ, ପ୍ରଭୁଙ୍କ ମୂଲ୍ୟବାନ ଆଭୂଷଣ ସବୁର ସୁମାରି କରାଯାଇ ତାଲିକା ହେବ। ଏଥି ସହିତ ରତ୍ନଭଣ୍ଡାରର ଆବଶ୍ୟକ ମରାମତି କରାଯାଇ ଏହାକୁ ଅଧିକ ସୁଦୃଢ଼ କରାଯିବ। ଏଥି ସହିତ ସତ୍ୟ ପଦାକୁ ଆସିବ ଓ ଅନେକ ଗୁଜବର ସ୍ଥାୟୀ ଅବସାନ ଘଟିବ। ତେଣୁ ଆଉ ବିଳମ୍ବ ନକରି ରତ୍ନ ଭଣ୍ଡାର ଚାବି ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ଆମର ବିଶ୍ୱାସ! ●

**ଜୟ ଜଗନ୍ନାଥ!**

# ବିଶ୍ୱ ଐତିହ୍ୟ ସୂଚୀରେ ଭାରତ

ଗତ ତିନିଦଶକରୁ ଊର୍ଦ୍ଧ୍ୱ ୟୁନେସ୍କୋ ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ ମୁଖ୍ୟ ଐତିହ୍ୟ ସ୍ଥଳଗୁଡିକର ଚିହ୍ନଟ ଏବଂ ରକ୍ଷଣାବେକ୍ଷଣ ପାଇଁ କାମ କରିଆସୁଛି। ଏହାର ଉଦ୍ଦେଶ୍ୟ ହେଲା ଉତ୍ତର ପିଢି ପାଇଁ ଏହି ଐତିହ୍ୟ ସ୍ଥଳକୁ ସାଇତି ରଖିବା ଯାହା ଦ୍ୱାରା ପରବର୍ତ୍ତୀ ବଂଶଧରମାନେ ନିଜର ଇତିହାସ, ଐତିହ୍ୟ, ଜୀବନଯାତ୍ରା ଓ ସଂସ୍କୃତି ବିଷୟରେ ପ୍ରତ୍ୟକ୍ଷ ଜାଣିପାରିବେ। ଏଯାଏ ବିଶ୍ୱ ଐତିହ୍ୟସ୍ଥଳ ତାଲିକାରେ ୭୫୦ରୁ ଅଧିକ ସାଂସ୍କୃତିକ,ପ୍ରାକୃତିକ ଓ ଅନ୍ୟାନ୍ୟ ସ୍ଥଳ ସ୍ଥାନ ପାଇଛି। ଏସବୁ ଐତିହ୍ୟକୁ ସୁରକ୍ଷିତ ନରଖିଲେ ମାନବ ସଭ୍ୟତାର ଅପୂରଣୀୟ କ୍ଷତି ଘଟିବ।

୧୯୭୨ରେ ୟୁନେସ୍କୋର ସାଧାରଣ ପରିଷଦ ବୈଠକରେ ବିଶ୍ୱ ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟର ସୁରକ୍ଷା ପାଇଁ ଆନ୍ତର୍ଜାତିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ବିଶ୍ୱର ବିଭିନ୍ନ ଦେଶରେ ଥିବା ମୁଖ୍ୟ କୀର୍ତ୍ତିରାଜି ଓ ଐତିହ୍ୟସ୍ଥଳ ଗୁଡ଼ିକୁ ସମଗ୍ର ବିଶ୍ୱର ଐତିହ୍ୟ ଭାବେ ସୁରକ୍ଷିତ କରିବା ହେଲା ଏହି ରାଜିନାମାର ଉଦ୍ଦେଶ୍ୟ। ୨୦୦୪ ସୁଦ୍ଧା ବିଶ୍ୱର ୧୭୭ଦେଶ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ବିଶ୍ୱ ଐତିହ୍ୟ ସ୍ଥଳ ମାନ୍ୟତା ପାଇଥିବା ସ୍ଥାନଗୁଡ଼ିକ ବିଶ୍ୱବାସୀଙ୍କ ସାମୁହିକ ସାଂସ୍କୃତିକ ସମ୍ପତ୍ତି ଭାବେ ପରିଗଣିତ ହୋଇଥାଏ।

ଏପର୍ଯ୍ୟନ୍ତ ଭାରତର ୪୨ଟି ଐତିହ୍ୟସ୍ଥଳ ବିଶ୍ୱ ଐତିହ୍ୟ ସୂଚୀରେ ସ୍ଥାନ ପାଇଛି। ସେଥି ମଧ୍ୟରୁ କେତେକ ହେଲା :- ଆଗ୍ରାଫୋର୍ଟ ବା ଆଗ୍ରା ଦୁର୍ଗ:- ଉତ୍ତର ପ୍ରଦେଶରେ ଥିବା ପ୍ରସିଦ୍ଧ ତାଜମହଲର ନିକଟରେ ଯମୁନା ନଦୀର ଅପର ପାର୍ଶ୍ୱରେ ରହିଛି ଆଗ୍ରା ଦୁର୍ଗ। ମୋଗଲ ଶାସକଙ୍କ ଦ୍ୱାରା ଷୋଡଶ ଶତାବ୍ଦୀରେ ଏହା ନିର୍ମିତ। ଏହା ଭିତରେ ରହିଛି ଜାହାଙ୍ଗୀର ମହଲ ଓ ଖାସ୍ ମହଲ ଭଳି ଅନେକ ସୁନ୍ଦର ଅଟ୍ଟାଳିକା ଯାହା ସମ୍ରାଟ ଶାହାଜାହାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ପ୍ରଜାଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ଏକ ଭବ୍ୟ ଭବନ- ଦିୱାନି ଖାସ ଓ ଦୁଇଟି ସୁନ୍ଦର ମସ୍ଜିଦ ମଧ୍ୟ ଏହି ଦୁର୍ଗ ମଧ୍ୟରେ ରହିଛି। ଅଜନ୍ତାକେଭ:- ଅଜନ୍ତା ହେଉଛି ଭାରତର ପ୍ରଥମ ବୌଦ୍ଧ-ଗୁମ୍ଫା କୀର୍ତ୍ତି। ଏହାକୁ ଗୁପ୍ତ ସାମ୍ରାଜ୍ୟର ଶାସନ କାଳରେ ପଞ୍ଚମ ଓ ଷଷ୍ଠ ଶତାବ୍ଦୀରେ ଅଧିକ ସୁନ୍ଦର କରାଯାଇଥିଲେ ମଧ୍ୟ ବାସ୍ତବରେ ଏହା ମୂଳତଃ ଖ୍ରୀଷ୍ଟପୂର୍ବ ଦ୍ୱିତୀୟରୁ ପ୍ରଥମ ଶତାବ୍ଦୀ ମଧ୍ୟରେ ନିର୍ମିତ। ବୌଦ୍ଧ ସ୍ଥାପତ୍ୟର ଏହା ଶ୍ରେଷ୍ଠ ନିଦର୍ଶନ। ନାଳନ୍ଦା ମହାବିହାର :- ବିହାରର ନାଳନ୍ଦା ସ୍ଥିତ ପ୍ରତ୍ନତାତ୍ତ୍ୱିକ କ୍ଷେତ୍ର ମହାବିହାରରେ ଅନେକ ପ୍ରାଚୀନ ମଠ, ଶିକ୍ଷାନୁଷ୍ଠାନ ଓ ବୌଦ୍ଧ ଧର୍ମପୀଠର ପ୍ରତ୍ନତାତ୍ତ୍ୱିକ ଅବଶେଷ ରହିଛି। ଏସବୁର ନିର୍ମାଣ ସମୟ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ। ସେଥି ମଧ୍ୟରୁ ଅଛି ବୌଦ୍ଧ ବିହାର, ପୀଠ / ତୀର୍ଥ ସ୍ଥଳ, ସ୍ତୁପ ଓ ଆବାସିକ ଶିକ୍ଷାନୁଷ୍ଠାନ। ଏକଦା ଦେଶ ଓ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ନାଳନ୍ଦା ବିଶ୍ୱବିଦ୍ୟାଳୟ ଏହିଠାରେ ଥିଲା ଏବଂ ଏହାର ବହୁ ପ୍ରତ୍ନତାତ୍ତ୍ୱିକ ଅବଶେଷ ମିଳିଛି। ଦୀର୍ଘ ୮୦୦ବର୍ଷ ଧରି ନିରନ୍ତର ଏହି ପ୍ରାଚୀନ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ କରି ପ୍ରସିଦ୍ଧି ଲାଭ କରିଥିଲା। ସାଞ୍ଚିର ବୌଦ୍ଧ କୀର୍ତ୍ତିରାଜି:- ମଧ୍ୟପ୍ରଦେଶର ରାଜଧାନୀ ଭୋପାଳଠାରୁ ୪୦କି.ମି. ଥିବା ପାହାଡର ପୂର୍ବକୁ ରହିଛି ଏକ ସମତଳ ଭୂମି। ଏଠାରେ ଥିବା ବୌଦ୍ଧ କୀର୍ତ୍ତିରାଜି ମଧ୍ୟରୁ ଅନ୍ୟତମ ହେଲା ଖଣ୍ଡିଏ ପଥରରେ ନିର୍ମିତ ବୌଦ୍ଧସ୍ତମ୍ଭ, ରାଜପ୍ରାସାଦ, ମନ୍ଦିର, ବୌଦ୍ଧବିହାର ଓ ମଠ। ଏସବୁ ଖ୍ରୀଷ୍ଟପୂର୍ବ ଦ୍ୱିତୀୟରୁ ପ୍ରଥମ ଶତାବ୍ଦୀ ମଧ୍ୟରେ ନିର୍ମିତ। ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ସାଞ୍ଚି ଭାରତ ଓ ବିଶ୍ୱର ଏକ ପ୍ରମୁଖ ବୌଦ୍ଧ ଧର୍ମକେନ୍ଦ୍ର ଭାବେ ପରିଗଣିତ ହେଉଥିଲା। ଚମ୍ପାଦେଇ ପାବାଗଡ଼ ପ୍ରତ୍ନତାତ୍ତ୍ୱିକ ଉଦ୍ୟାନ:- ଗୁଜରାଟର ପଞ୍ଚମହଲ ଜିଲ୍ଲାସ୍ଥିତ ଏହା ଭାରତର ଶକ୍ତିପୀଠ ମାନଙ୍କ ମଧ୍ୟରୁ ଅନ୍ୟତମ। ଏଠାକାର ମହାକାଳୀମନ୍ଦିର ବହୁ ପ୍ରସିଦ୍ଧ। ଏହାଛଡା ଏଠାରେ ଅନେକ ଧାର୍ମିକ, ଐତିହାସିକ, ସାଂସ୍କୃତିକ ଓ ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ରହିଛି ଯାହା ପ୍ରାଗ୍ ଐତିହାସିକ କାଳର। ଏହା ଭାରତର ଏକମାତ୍ର ତଥା ପ୍ରଥମ ପ୍ରାଚୀନ ପୂର୍ଣ୍ଣାଙ୍ଗ ସହର ଯାହା ଇସଲାମୀୟ ଓ ମୋଗଲ ଶାସନ ପୂର୍ବରୁ ବିକଶିତ ହୋଇଥିଲା। ଛତ୍ରପତି ଶିବାଜୀ ରେଳ ଟର୍ମିନସ୍ (ଭିକ୍ଟୋରିଆ ଟର୍ମିନସ୍):- ଏହା ମୁମ୍ବାଇ ମହାନଗରୀର ସବୁଠାରୁ ପୁରୁଣା ରେଳଷ୍ଟେସନ। ବ୍ରିଟିଶ ଶାସନ କାଳରେ ଭାରତର ପ୍ରଥମ ରେଳପଥ ବମ୍ବେରୁ ଥାଣେକୁ ନିର୍ମିତ ହେବାବେଳେ ଏହି ଷ୍ଟେସନ ତିଆରି ହୋଇଥିଲା। ଅଳ୍ପ କେଇ ବର୍ଷ ତଳେ ସରକାର ଏହାର ନାମ ବଦଳାଇ ଛତ୍ରପତି ଶିବାଜୀ ଟର୍ମିନସ କରିଛନ୍ତି। ଏହି ଷ୍ଟେସନ ଭିକ୍ଟୋରିଆ ଓ ଗୋଥିକ ସ୍ଥାପତ୍ୟ ଶୈଳୀରେ ନିର୍ମିତ। ଏଥିରେ ଭାରତର ପାରମ୍ପରିକ ସ୍ଥାପତ୍ୟର ମିଶ୍ରଣ ହୋଇଛି। ଏହି ଷ୍ଟେସନ ବିଲ୍ଡିଙ୍ଗର ନକ୍ସା ପ୍ରସ୍ତୁତ କରିଥିଲେ ବ୍ରିଟିଶ ସ୍ଥପତି ଏଫ୍. ଡବ୍ଲ୍ୟୁ ଷ୍ଟିଭେନ୍ସ। ଏହା ବମ୍ବେ ଗୋଥିକ ସିଟିର ସଙ୍କେତ ହୋଇ ରହିଛି। ୧୮୭୮ ରୁ ଆରମ୍ଭ ହୋଇଥିବା ଏହି ଟର୍ମିନସ୍ ଭବନ ସମ୍ପୂର୍ଣ୍ଣ ହେବାକୁ



୧୦ବର୍ଷ ସମୟ ଲାଗିଥିଲା। ଏଥିରେ ଇଟାଲୀୟ ବାସ୍ତୁକଳାର ପ୍ରୟୋଗ ମଧ୍ୟ ରହିଛି।ଗୋଆର ଚର୍ଚ୍ଚ ଓ କନଭେଣ୍ଟ:- ପୂର୍ବରୁ ଗୋଆ ପର୍ତ୍ତୁଗୀଜ୍ ଶାସନାଧୀନ ଭାରତୀୟ ଭୂଖଣ୍ଡର ରାଜଧାନୀ ଥିଲା। ସେଠାରେ ଚର୍ଚ୍ଚ ଓ କନ୍ଭେଣ୍ଟଗୁଡିକ ନିଆରା ଢଙ୍ଗରେ ନିର୍ମିତ। ବିଶେଷକରି 'ବମ୍ ଜେସସ୍', ଚର୍ଚ୍ଚ ଯେଉଁଠି ସେଣ୍ଟ ଫ୍ରାନ୍ସିସ୍ ଜାଭିୟରଙ୍କ ସମାଧି ରହିଛି, ତାହା ଏସିଆରେ ଖ୍ରୀଷ୍ଟଧର୍ମ ପ୍ରଚାରର ପ୍ରାଚୀନତମ ସ୍ମୃତିସ୍ଥଳ। ଗୋଆର ସ୍ମାରକ ଓ କୀର୍ତ୍ତିରାଜୀଗୁଡିକରେ ମାନୁଲାଇନ (ଅର୍ଣ୍ଣେଟ), ମ୍ୟାଜେରିଷ୍ଟସ ଓ ବାରୋକ୍ କଳାର ପ୍ରଭାବ ଦେଖିବାକୁ ମିଳେ।

ଧୋଲାବୀରା ଓ ହରପ୍ପା ସହର- ଗୁଜରାଟର ମରୁଅଞ୍ଚଳର ଏକ ଦ୍ୱୀପ ଖଡିରରେ ହରପ୍ପା ସଭ୍ୟତାର ଅବଶେଷ ଦେଖିବାକୁ ମିଳେ। ସେଠାରେ ଥିବା ଏକ ସ୍ଥାନ ଧୋଲାବୀରାରେ ପ୍ରାଚୀନ ହରପ୍ପା ସଭ୍ୟତାର ଅନେକ ଅବଶେଷ ରହିଛି। ଏହି ସ୍ଥାନଟି ହରପ୍ପା ସଭ୍ୟତାର ଦକ୍ଷିଣ କେନ୍ଦ୍ର ଥିଲା। ଖ୍ରୀଷ୍ଟପୂର୍ବ ୩୦୦୦ରୁ ୧୫୦୦ ମଧ୍ୟରେ ଏହି ଅଞ୍ଚଳରେ ହରପ୍ପା ସଭ୍ୟତାର ଲୋକେ ବସବାସ କରୁଥିବା ପ୍ରମାଣ ମିଳେ। ଧୋଲାବୀରା ଦକ୍ଷିଣ -ପୂର୍ବ ଏସିଆରେ ଥିବା ହରପ୍ପା ସଭ୍ୟତାର ସବୁଠୁ ଉତ୍ତମ ଭାବେ ସଂରକ୍ଷିତ ସ୍ଥାନ। ଏଠାରେ ଦୁର୍ଗୀକୃତ ନଗରୀ ଓ ଅନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ରହିଛି। ଏହି ଅଞ୍ଚଳ ଅନ୍ୟାନ୍ୟ ହରପ୍ପୀ ସଭ୍ୟତା ଥିବା ଦେଶ ସହ ବାଣିଜ୍ୟ ବ୍ୟବସାୟ କରୁଥିବା ପ୍ରମାଣ ମିଳେ। ମେସୋପଟାମିଆ ଓ ଓମାନର ତତ୍କାଳୀନ ସଭ୍ୟତା ସହ ଏହି ଅଞ୍ଚଳରେ ବାଣିଜ୍ୟିକ ସମ୍ପର୍କ ଥିଲା। ଏଲିଫାଣ୍ଟା ଗୁମ୍ଫା :-ଏହା ଆରବ ସାଗର ଭିତରେ, ବମ୍ବେ ସହର ନିକଟରେ ଅବସ୍ଥିତ ଏକ ଦ୍ୱୀପ। ଏଠାରେ ଅନେକ ପ୍ରସ୍ତର କାରୁକାର୍ଯ୍ୟ ଦେଖିବାକୁ ମିଳେ। ଏହା ମହାପ୍ରଭୁ ଶିବଙ୍କ ସହିତ ସମ୍ପୃକ୍ତ। ଏଠାରେ ଭାରତୀୟ କଳାର ସର୍ବୋତ୍କୃଷ୍ଟ ପରିପ୍ରକାଶ ଘଟିଛି। ଏଲୋରା କେଭ୍ସ:- ମହାରାଷ୍ଟ୍ରର ଔରଙ୍ଗାବାଦ ସହରର ଅନତି ଦୂର ଜଙ୍ଗଲରେ ଏଲୋରା କେଭ ପୁଞ୍ଜି (ଗୁମ୍ଫା) ଅବସ୍ଥିତ। ଏହା ଦୁଇ କିମିରୁ ଅଧିକ ଅଞ୍ଚଳ ଯାଏ ପରିବ୍ୟାପ୍ତ। ଆଗ୍ନେୟଗିରି-ଶିଳା ବା ବାସଲ୍ଟ ରକ୍ ଦ୍ୱାରା ଗଠିତ ଏହି ଗୁମ୍ଫାର କାନ୍ଥ ଖୋଦେଇ କରି ୩୪ଟି ବିହାର, ମଠ, ମନ୍ଦିର ଓ ଛୋଟ ଗୁମ୍ଫା ତିଆରି କରାଯାଇଛି। ଏହା ୬୦୦ରୁ ୧୦୦୦ ଶତାବ୍ଦୀ ମଧ୍ୟରେ ନିର୍ମିତ। କଳାତ୍ମକ ଓ ପ୍ରଯୁକ୍ତିଗତ ଦୃଷ୍ଟିରୁ ଏଲୋରା କେଭ ବିଶ୍ୱରେ ଅଦ୍ୱିତୀୟ। ଏଠାରେ ବୌଦ୍ଧ, ହିନ୍ଦୁ ଓ ଜୈନ ଧର୍ମର ନିର୍ମାଣ ଶୈଳୀ ତଥା କଳାକୃତିର ଅପୂର୍ବ ସମନ୍ୱୟ ଘଟିଛି। ଫତେପୁର ସିକ୍ରି:- ଏହା ଉତ୍ତର ପ୍ରଦେଶର ଆଗ୍ରାର ଅନତି ଦୂରେ ଥିବା ଏକ ଛୋଟ ସହର। ଷୋଡଶ ଶତାବ୍ଦୀରେ ମୋଗଲ ସମ୍ରାଟ ଆକବର ଏହାକୁ ତିଆରି କରିଥିଲେ। ଫତେପୁର ସିକ୍ରିର ଅର୍ଥ ହେଲା ବିଜୟନଗର। ପ୍ରାୟ ୧୦ବର୍ଷ ଧରି ଏହା ମୋଗଲ ଶାସନର ରାଜଧାନୀ ଥିଲା। ଏହି ସହରର ସବୁ କୀର୍ତ୍ତିରାଜି ଓ ମନ୍ଦିର ଏକ ପ୍ରକାର ଶୈଳୀରେ ନିର୍ମିତ। ଏଠାରେ ଭାରତର ଅନ୍ୟତମ ସର୍ବବୃହତ ମସ୍ଜିଦ୍ 'ଜାମା ମସ୍ଜିଦ୍' ରହିଛି। ମହାନ୍ ଚୋଳ ମନ୍ଦିରପୁଞ୍ଜ :- ଏହି ମନ୍ଦିର ସବୁ ପ୍ରାଚୀନ ଚୋଳ ଶାସକମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ସମଗ୍ର ଦକ୍ଷିଣ ଭାରତ ଓ ଆଖପାଖ ଅଞ୍ଚଳରେ ଏସବୁ ମନ୍ଦିରର ବିଶେଷ ସୁଖ୍ୟାତି ଥିଲା।ବାସ୍ତବରେ ଏହା ତିନିଟି ବିଶାଳ ମନ୍ଦିରପୁଞ୍ଜି ଯାହା ନବମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଚୋଳ ଶାସକଙ୍କ ଦ୍ୱାରା ତିଆରି ହୋଇଥିଲା। ଏଗୁଡ଼ିକ ହେଲା ତାଞ୍ଜାବୁର ର ବୃହଦିଶ୍ୱର ମନ୍ଦିର, ଗଙ୍ଗାଇକୋଣ୍ଡାଚୋଳପୁରମ୍ ର ବୃହଦିମନ୍ଦିର ଏବଂ ଦାରାସୁରମ୍ ର ଐରାବତେଶ୍ୱର ମନ୍ଦିର। ଏହାକୁ ଜୀବନ୍ତ ବା 'ଲିଭିଂ' ମନ୍ଦିର କୁହାଯାଏ କାରଣ ସ୍ଥାପନ କାଳରୁ ଏଯାଏ ଏହି ମନ୍ଦିର ସବୁରେ ଦିଅଁଙ୍କ ପୂଜାର୍ଚ୍ଚନା ନିରବଚ୍ଛିନ୍ନଭାବେ ଚାଲିଛି। ଏହି ସବୁ ମନ୍ଦିରର ନିର୍ମାଣଶୈଳୀ ଅତୀବ ଚମତ୍କାର। ସବୁ ମନ୍ଦିରରେ ଏକାଧିକ ବିମାନ ବା ଗମ୍ବୁଜ ରହିଛି। ଏଠାରେ ଶିବଙ୍କ ପ୍ରତିମା ପଥର ନିର୍ମିତ। ମନ୍ଦିର ନିର୍ମାଣ ଶୈଳୀ ଅତି ଚମତ୍କାର। ଏହାର କାନ୍ଥ ଓ ଖମ୍ବ ସବୁ ଚିତ୍ର ଦ୍ୱାରା ଶୋଭିତ। ହାମ୍ପି ର କୀର୍ତ୍ତିରାଜି: ହାମ୍ପି ବିଶାଳ ପ୍ରାଚୀନ ହିନ୍ଦୁ ସାମ୍ରାଜ୍ୟ ବିଜୟନଗରର ଶେଷ ରାଜଧାନୀ ଥିଲା। ଏହାର ଧନାଢ୍ୟ ରାଜାମାନେ ନଗରୀରେ ଅନେକ ଦ୍ରାବିଡ ଶୈଳୀର ମନ୍ଦିର ଓ ପ୍ରାସାଦ ତିଆରି କରିଥିଲେ। ଚତୁର୍ଦ୍ଦଶରୁ ଷୋଡଶ ଶତାବ୍ଦୀ ମଧ୍ୟରେ ନିର୍ମିତ ଏହି ସହରର କୀର୍ତ୍ତିରାଜିକୁ ପରିବ୍ରାଜକମାନେ ଉଚ୍ଚ ପ୍ରଶଂସା କରୁଥିଲେ। ୧୫୬୫ରେ ଦକ୍ଷିଣର ମୁସଲମାନ ଶାସକମାନଙ୍କ ମିଳିତ ଶକ୍ତି ଏହି ନଗରୀ ଦଖଲ କରିବା ପରେ ଏହା ଶ୍ରୀହୀନ ହୋଇ ଯାଇଥିଲା। ଛ'ମାସ ଧରି ଏଠାରେ ଲୁଣ୍ଠନ ଓ ଲୁଟତରାଜ ପରେ ସେମାନେ ହାମ୍ପିନଗରୀ ଛାଡ଼ି ଚାଲିଯାଇଥିଲେ।

ଏସବୁ ସ୍ଥାନ ବ୍ୟତୀତ ୟୁନେସ୍କୋର ବିଶ୍ୱ ତାଲିକାରେ ସ୍ଥାନ ପାଇଥିବା ଭାରତର ଅନ୍ୟ ମୁଖ୍ୟ କୀର୍ତ୍ତିରାଜିମାନଙ୍କ ମଧ୍ୟରେ ରହିଛି ତାମିଲନାଡୁର ମହାବାଲୀପୁରମ୍ ମନ୍ଦିର, କର୍ଣ୍ଣାଟକର ପଟ୍ଟାଡକାଲସ୍ଥିତ ମନ୍ଦିର ସମୂହ, ରାଜସ୍ଥାନର ଚିତ୍ତୋରଗଡ଼, କୁମ୍ଭଲଗଡ଼, ଝାଲାୱାର, ଜୟପୁର ଓ ଜୟସଲମୀର ପାହାଡି ଦୁର୍ଗ, ଐତିହାସିକ ଅହମ୍ମଦାବାଦ ନଗରୀ, ଦିଲ୍ଲୀର ହୁମାୟୁନ ସମାଧି ଏବଂ ରାଜସ୍ଥାନର ଐତିହାସିକ ଗୋଲାପୀ ନଗର ତଥା ରାଜଧାନୀ ଜୟପୁର।

ଏହା ସହିତ ତେଲଙ୍ଗାନାର କାକତୀୟ ରୁଦ୍ରେଶ୍ୱର ମନ୍ଦିର( ରାମାପ୍ପା ମନ୍ଦିର), ମଧ୍ୟପ୍ରଦେଶର ଖଜୁରାହୋସ୍ଥିତ ବିଭିନ୍ନ ପ୍ରକାର କୀର୍ତ୍ତିରାଜି, ବିହାରର ବୋଧଗୟାର ମହାବୋଧି ମନ୍ଦିର ଯାହା ପ୍ରଭୁ ବୁଦ୍ଧଙ୍କ ପାଇଁ ଉଦ୍ଦିଷ୍ଟ, ପଶ୍ଚିମବଙ୍ଗର ଦାର୍ଜିଲିଂର ଏବେ ବି ଚାଲୁଥିବା ପାହାଡି ରେଳଗାଡ଼ି, ଦିଲ୍ଲୀର କୁତବମିନାର। ଗୁଜରାଟର ପାଟନ୍ ସ୍ଥିତ ରାଣୀ କି ବାଓ୍ୱଲି :- ଏହା ପ୍ରାଚୀନ ସରସ୍ୱତୀ ନଦୀ କୂଳରେ ନିର୍ମିତ ଏକ ପ୍ରକାର କୂଅ ଯାହାର ପାଣି ପାଖରେ ଓହ୍ଲାଇ ପହଞ୍ଚିବାକୁ ଗୋଲାକାର ପାହାଚ ରହିଛି। ପାଣିଥିବା ସ୍ଥାନର ଗଭୀରତା ୧୦ମିଟର। ଲାଲକିଲ୍ଲା ଓ ତାଜମହଲ ଇତ୍ୟାଦି:- ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ଆଉ ଯେଉଁ ସ୍ଥାନ ତାଲିକାଭୁକ୍ତ ହୋଇଛି ସେଥିରେ ରହିଛି ଦିଲ୍ଲୀରେ ଶାହାଜାହାନଙ୍କ ଦ୍ୱାରା ନିର୍ମିତ ଲାଲକିଲ୍ଲା, ଆଗ୍ରାର ତାଜମହଲ, ଜୟପୁରର ଜନ୍ତରମନ୍ତର, ଦକ୍ଷିଣ ଭାରତର ହୟଶାଳା ମନ୍ଦିର ସମୂହ, ବିନ୍ଧ୍ୟ ପର୍ବତମାଳାରେ ଥିବା ଭୀମ ଭେଟକା ର 'ରକ୍ ସେଲଟର'।

କୋଣାର୍କ ସୂର୍ଯ୍ୟମନ୍ଦିର: ଓଡ଼ିଶାର କୋଣାର୍କ ସୂର୍ଯ୍ୟମନ୍ଦିର ମଧ୍ୟ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନିତ। ଏହା ପୁରୀଠାରୁ ଉତ୍ତରକୁ ପ୍ରାୟ ୩୬ କି.ମି. ଦୂରରେ ବଙ୍ଗୋପସାଗର କୂଳରେ ଅବସ୍ଥିତ। ସୂର୍ଯ୍ୟଙ୍କ ଉପାସନା ପାଇଁ ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଏହି ସ୍ଥାପତ୍ୟର ମୁଖ୍ୟ ମନ୍ଦିରଟି ଭାଙ୍ଗି ଯାଇଛି। ରହିଛି କେବଳ ରଥାକୃତିର ଏକ ମୁଖଶାଳା। ପ୍ରତୀକାତ୍ମକ ଶୈଳୀରେ ନିର୍ମିତ ଏହି ରଥକୁ ସାତଟି ପଥର ନିର୍ମିତ ଘୋଡା ଟାଣୁଛନ୍ତି।

ଶାନ୍ତି ନିକେତନ: ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ୧୯୦୧ରେ ସ୍ଥାପିତ ପଶ୍ଚିମବଙ୍ଗର ଶାନ୍ତି ନିକେତନ ଶିକ୍ଷାନୁଷ୍ଠାନ ପରବର୍ତ୍ତୀ ସମୟରେ ୧୯୨୧ରେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହୋଇଥିଲା। ସେଠାକାର ଶିକ୍ଷାଦାନ ପରମ୍ପରା, ପରିବେଶ ଓ ଗୁରୁ-ଶିଷ୍ୟ ସମ୍ପର୍କ ବିଶ୍ୱରେ ବିରଳ। ଏହା ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଛି।

ଭାରତର ଅନେକ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ମଧ୍ୟ ୟୁନେସ୍କୋ ଐତିହ୍ୟ ତାଲିକାରେ ସ୍ଥାନ ପାଇଛି। ସେଗୁଡିକ ହେଲା ହିମାଳୟର ପଶ୍ଚିମଭାଗରେ ଥିବା ଗ୍ରେଟ ହିମାଳୟାନ ଜାତୀୟ ଉଦ୍ୟାନ ଓ ସଂରକ୍ଷିତ ଅଞ୍ଚଳ, ଆସାମର କାଜିରଙ୍ଗା ପାର୍କ (ଏକଶିଙ୍ଗିଆ ଗଣ୍ଡା ପାଇଁ ପ୍ରସିଦ୍ଧ), ରାଜସ୍ଥାନର କେଓ୍ୱଲଦେବ ଜାତୀୟ ଉଦ୍ୟାନ (ବିଦେଶୀ ସାରସ ଓ ପରିବ୍ରାଜକ ପକ୍ଷୀମାନଙ୍କ ପାଇଁ ଖ୍ୟାତ), ନନ୍ଦାଦେବୀ ପୁଷ୍ପ ଉପତ୍ୟକା ଜାତୀୟ ଉଦ୍ୟାନ, ମାନସ ବନ୍ୟପ୍ରାଣୀ ଅଭୟାରଣ୍ୟ(ଆସାମ), ପଶ୍ଚିମବଙ୍ଗର ସୁନ୍ଦରବନ ଜାତୀୟ ଉଦ୍ୟାନ, ପଶ୍ଚିମଘାଟ ପର୍ବତମାଳା, ସିକ୍କିମର କାଞ୍ଚନଜଙ୍ଘା ଜାତୀୟ ଉଦ୍ୟାନ ଅନ୍ୟତମ।

ଇତିହାସ, ପ୍ରତ୍ନତତ୍ତ୍ୱ, ଐତିହ୍ୟ, ସଂସ୍କୃତି, ଧାର୍ମିକସ୍ଥଳ, ଦୁର୍ଗ, ଗୁମ୍ଫା, ପ୍ରାକୃତିକସ୍ଥଳ, ନଦୀ, ହ୍ରଦ, ନିଆରା ଶିକ୍ଷାନୁଷ୍ଠାନ, ପ୍ରାଚୀନ କୀର୍ତ୍ତିରାଜି ଆଦି ଏସବୁ ଭାରତୀୟ ଐତିହ୍ୟ ୟୁନେସ୍କୋର ବିଶ୍ୱ ଐତିହ୍ୟରେ ସ୍ଥାନ ପାଇବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଐତିହ୍ୟ ବିଭିନ୍ନ ପ୍ରକାରର। ତାହା ସ୍ପର୍ଶନୀୟ ଅସ୍ପର୍ଶନୀୟ, ଦୃଶ୍ୟ, ଅଦୃଶ୍ୟ, ସାଂସ୍କୃତିକ, ଐତିହାସିକ, ଧାର୍ମିକ, ପ୍ରାକୃତିକ, ମିଶ୍ରିତ, ଶିଳ୍ପିକ, ଯାନ୍ତ୍ରିକ ଆଦି ବିଭିନ୍ନ ବର୍ଗର ହୋଇଥାଏ। ଭାରତରେ ଥିବା ମହାନ୍ ଐତିହ୍ୟରାଜିର ସୁରକ୍ଷା ଓ ରକ୍ଷଣାବେକ୍ଷଣ ସରକାରଙ୍କ ଯେତିକି ଦାୟିତ୍ୱ, ଜନସାଧାରଣଙ୍କର ମଧ୍ୟ ସମାନ ଦାୟିତ୍ୱ ରହିଛି। ●

(ସକାଳ ମିଡ଼ିଆ ସର୍ଭିସ)

# ହଜିଯାଇଥିବା ପିଲାଦିନ



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**
ଯାଜପୁର, ମୋ: ୯୪୩୮୦୭୪୪୭୪

ବହୁ ବର୍ଷ ପୂର୍ବେ, ଆମେ ଏକ ସୁନ୍ଦର ପିଲାଦିନ ଅନୁଭବ କରୁଥିଲୁ। ମୋର ସେହି ଛୁଟିଦିନଗୁଡ଼ିକ ମନେ ଅଛି, ଯେଉଁଥିପାଇଁ ଆମେ ସାଙ୍ଗମାନେ ଉତ୍ସାହର ସହିତ ଅପେକ୍ଷା କରୁଥିଲୁ ଏବଂ ଏହାର ଅନେକ ପୂର୍ବରୁ ଯୋଜନା କରୁଥିଲୁ। ବିଦ୍ୟାଳୟ ପାଠର ଚାପ ଆମ ଉପରେ ନଥିଲା। ଛୁଟି କେବଳ ସାଙ୍ଗମାନଙ୍କ ସହ ଦିନସାରା ଖେଳିବା ପାଇଁ, ଜେଜେମା, ଜେଜେବାପାମାନଙ୍କ ସହିତ ରହିବା ପାଇଁ ଉଦ୍ଦିଷ୍ଟ ଥିଲା। ପରିବାର ଲୋକେ ମଧ୍ୟ ଦିନଯାକ ଆମକୁ ଖୋଜୁ ନଥିଲେ, କାରଣ ସେମାନେ ଜାଣିଥିଲେ ଯେ ଆମେ ସାଙ୍ଗମାନଙ୍କ ସହିତ ସୁରକ୍ଷିତ ଥିବୁ।

ଏବେ ସମୟ ବହୁତ ବଦଳି ଯାଇଛି। ପିଲାମାନେ ଦିନକୁ ଦିନ ଆଦେଶ ପାଳନକାରୀ ରୋବଟ୍‌ରେ ପରିଣତ ହୋଇଯାଉଛନ୍ତି। ସେମାନଙ୍କ ସମ୍ପୂର୍ଣ୍ଣ ଜୀବନ ପିତାମାତା ଏବଂ ଶିକ୍ଷକମାନଙ୍କ ଦ୍ୱାରା ନିୟନ୍ତ୍ରିତ। ବିଦ୍ୟାଳୟ ଶିକ୍ଷା ୩ ବର୍ଷ ବୟସରୁ ଆରମ୍ଭ ହେଉଛି ଏବଂ ଏହାର ବହୁ ପୂର୍ବରୁ ପ୍ରସ୍ତୁତି ମଧ୍ୟ କରାଯାଉଛି। ପିଲାମାନେ କଥା କହିବା ଆରମ୍ଭ କରିବା ମାତ୍ରେ ପିତାମାତା ସେମାନଙ୍କୁ ସାଧାରଣ ଜ୍ଞାନ ବହି ଧରାଇ ଦେଇ ବିଭିନ୍ନ ଚିତ୍ର ଚିହ୍ନିବାକୁ ବାଧ୍ୟ କରନ୍ତି, କିମ୍ବା ନର୍ସରୀ ରାଇମ୍ ଘୋଷାନ୍ତି। କିଛି ପିତାମାତା ତ' ଘରେ ସବୁବେଳେ ନର୍ସରୀ ରାଇମ୍ ମଧ୍ୟ ବଜାନ୍ତି। ପିଲାଟି ଖେଳ ପଡ଼ିଆରେ ଉପଭୋଗ କରିବା, ନଦୀରେ ପହଁରିବା, ମାଛ ଧରିବା କିମ୍ବା କ୍ରିକେଟ୍ ଖେଳିବା କିପରି, ତାହା ବହିରେ, ଭିଡ଼ିଓରେ ଦେଖେ, କିନ୍ତୁ ସେ ନିଜେ ତାହା କରିବାକୁ ଅନୁମତି ପାଏ ନାହିଁ। ପିତାମାତା ସେମାନଙ୍କୁ ପାର୍କକୁ ନେଇ ଯାଆନ୍ତି, ଯେଉଁଠାରେ ସେମାନେ ମନୁଷ୍ୟକୃତ ଜିନିଷ ସହିତ ଖେଳନ୍ତି। ସେମାନଙ୍କୁ ଧୂଳି କିମ୍ବା କାଦୁଅରେ ଖେଳିବାକୁ ଅନୁମତି ମିଳେ ନାହିଁ। ଏପରିକି ସେମାନେ ନିଜ ଇଚ୍ଛାରେ ନିଜ ପାଇଁ ବନ୍ଧୁଟିଏ ମଧ୍ୟ ବାଛି ପାରନ୍ତି ନାହିଁ। ଏହା ପରିବର୍ତ୍ତେ ସେମାନଙ୍କୁ ଖେଳ ସାଥୀ ଭାବରେ ଫୋନ୍ କିମ୍ବା ଭିଡିଓ ଗେମ୍ ଯୋଗାଇ ଦିଆଯାଏ। ଅଧିକାଂଶ କର୍ମଜୀବୀ ଅଭିଭାବକ ନିଜ କୁନି ପିଲାମାନଙ୍କୁ ଦିନରେ ରଖିବା ପାଇଁ ପ୍ଲେ ସ୍କୁଲ କିମ୍ବା କ୍ରେଚ୍ ପସନ୍ଦ କରନ୍ତି। କିନ୍ତୁ ଏହା ପିଲାକୁ ସାମାଜିକ ହେବାକୁ ସାହାଯ୍ୟ କରେ କି? ସେ ସହଭାଗିତା କିମ୍ବା ସାମାଜିକତା ଶିଖେ ନା ଏହା ବଦଳରେ ଏକ ଅସ୍ୱାସ୍ଥ୍ୟକର ପ୍ରତିଦ୍ୱନ୍ଦ୍ୱିତା ଆଡ଼କୁ ଠେଲି ହୋଇଯାଏ? ଆଶ୍ଚର୍ଯ୍ୟ ଲାଗେ ଯେ କୋମଳ ବୟସରେ ପିଲାଙ୍କ ପାଇଁ କେତେ ପ୍ରତିଶତ ମାର୍କ ରଖୁଛି, ସେ ନାଚଗୀତ ଶିଖୁଛି କି ନାହିଁ, ଏସବୁ ଜରୁରି ହେଇ ପଡୁଚି। ଛୋଟ ଛୋଟ ଶିଶୁମାନଙ୍କ ମାର୍କଲିଷ୍ଟକୁ ନେଇ କେଉଁଠି ଶିକ୍ଷକ ଅସନ୍ତୁଷ୍ଟ ତ କେଉଁଠି ପିତାମାତା। ଏଭଳି ଯାନ୍ତ୍ରିକ ମଣିଷ ଗଠନ ପାଇଁ ଶିକ୍ଷାର ଉଦ୍ଦେଶ୍ୟ କି? ଥରେ ମୋ ପୁଅର କ୍ରୀଡ଼ା ଶିକ୍ଷକ ଅଭିଯୋଗ କଲେ ଯେ ସେ ଖେଳ ସମୟରେ ଗୋଟିଏ ସ୍ଥାନରେ ଠିଆହୋଇ ରହୁ ନାହିଁ, ଚାରିଆଡ଼େ ଦୌଡୁଛି। ତେଣୁ ତାକୁ ମନୋବୈଜ୍ଞାନିକ ପରାମର୍ଶ ଆବଶ୍ୟକ। ମୋର ପ୍ରଶ୍ନ ଥିଲା, ୯ ବର୍ଷର ପିଲା କାହିଁକି ଖେଳ ପଡ଼ିଆରେ ଗୋଟିଏ ସ୍ଥାନରେ ଛିଡ଼ା ହୋଇ ରହିବ? କିନ୍ତୁ ନିୟମିତ ଭାବରେ ତାକୁ ଏଥିପାଇଁ ଦଣ୍ଡ ଦିଆ ଯାଉଥିଲା। ଦିନକୁ ଦିନ ତା'ର ଏକାଗ୍ରତା ଭାଙ୍ଗିଗଲା ଏବଂ ଏହା ତା'ର ଅଧ୍ୟୟନରେ ପ୍ରତିଫଳିତ ହେଲା। ପରେ ମୁଁ ବାଧ୍ୟହୋଇ ବିଦ୍ୟାଳୟ ବଦଳାଇ ଦେଲି। ଜଣେ ଅଭିଭାବକ ଭାବରେ ମୁଁ ଭାବୁଛି ଯେ ଯଦି ପିଲା ସ୍କୁଲରେ ଖୁସି ନହୁଏ, ତେବେ ସେ କିପରି ତା'ର ଶିକ୍ଷାକୁ ଗ୍ରହଣ କରିବ? କାରଣ ଶିକ୍ଷା ଯଦି ଚାପଯୁକ୍ତ ହୁଏ, ତେବେ ଲକ୍ଷ୍ୟସାଧନ କଷ୍ଟକର ହୋଇପଡ଼େ।

ପିଲାଟି ଯାହା କରିବାକୁ ଚାହୁଁଛି, ତାହା ମୁକ୍ତ ଭାବେ କରିବାକୁ ମୁଁ ଏଠାରେ ପରାମର୍ଶ ଦେଉ ନାହିଁ। କାରଣ ବେଳେବେଳେ ଆମର ପିଲାଙ୍କ ଭବିଷ୍ୟତ ବିଷୟରେ ମଧ୍ୟ କିଛିଟା କଠୋରତା ଆବଶ୍ୟକ ହୁଏ। ସେ ଖରାପ ଅଭ୍ୟାସ ପ୍ରତିପୋଷଣ କରିବା ଉଚିତ ନୁହେଁ କିମ୍ବା ଗୁରୁତର ଭୁଲ୍ କରିବା ଉଚିତ ନୁହେଁ। ଆମର ଭାରତୀୟ ସମାଜରେ ଆମେ ଝିଅପିଲାଙ୍କୁ ନୈତିକତା, ଦାୟିତ୍ୱବୋଧ ଏବଂ ପାରିବାରିକ ପ୍ରତିଷ୍ଠା ବିଷୟରେ ଶିକ୍ଷା ଦେଇଥାଉ। ସେ ସାମନା କରୁଥିବା ପ୍ରତ୍ୟେକ ଖରାପ ପରିସ୍ଥିତି ପାଇଁ ଆମେ ତାଙ୍କ ଭିତରେ ତ୍ରୁଟି ଖୋଜୁ। ମାତ୍ର ସେମାନଙ୍କର ସୁରକ୍ଷା ପାଇଁ ଯାହା ଆବଶ୍ୟକ ସେହି ଜିନିଷଗୁଡ଼ିକୁ ଆମ ପୁଅମାନଙ୍କୁ ଶିଖାଇବାକୁ ଭୁଲିଯାଉ। ଯେତେବେଳେ ସେମାନେ ଭୁଲ୍ କରନ୍ତି ଆମେ ଶିକ୍ଷକ କିମ୍ବା ବିଦ୍ୟାଳୟ କିମ୍ବା ବନ୍ଧୁମାନଙ୍କୁ ଦାୟୀ କରୁ। କିନ୍ତୁ ଆମେ ପିତାମାତା ମଧ୍ୟ ଦାୟୀ ନୁହେଁ କି? ଆମେ ସେମାନଙ୍କୁ ଯଥେଷ୍ଟ ସମ୍ବେଦନଶୀଳ ହେବାକୁ ଶିଖାଉ କି? ଏକ ସନ୍ତୁଳିତ ଏବଂ ସୁସ୍ଥ ସମାଜ ଗଠନ କରିବାକୁ ଆମେ ଲିଙ୍ଗ ନିର୍ବିଶେଷରେ ସେମାନଙ୍କୁ ଭଲ ବ୍ୟକ୍ତି ଭାବରେ ଗଢ଼ିବା ଆବଶ୍ୟକ।

ଯେତେ କାର୍ଯ୍ୟଭାର ଥିଲେ ମଧ୍ୟ, ପିତାମାତା ସେମାନଙ୍କ ପିଲାମାନଙ୍କୁ ସମୟ ଦେବା, ସେମାନଙ୍କ ସହିତ ଖେଳିବା, ସେମାନଙ୍କ ଭାବନାକୁ ବୁଝିବା ଏବଂ ଆମର ସମସ୍ୟା ଏବଂ ଦାୟିତ୍ୱ ବିଷୟରେ କଥାବାର୍ତ୍ତା କରିବା ଜରୁରି। ଏହିପରି ଭାବେ ସେମାନେ ପରିବାରରେ ସେମାନଙ୍କର ଗୁରୁତ୍ୱ ଅନୁଭବ କରିବେ। ଯଦିଓ ଆମେ ଜାଣୁ ଯେ ଆମ ଚାରିପାଖରେ ଥିବା ଦୁନିଆ ସର୍ବଦା ସୁରକ୍ଷିତ ନୁହେଁ, ତଥାପି ଆମେ ସେମାନଙ୍କୁ ବାହାରେ ଖେଳିବାକୁ କିମ୍ବା ବନ୍ଧୁତା କରିବାକୁ ଅନୁମତି ଦେବା ଉଚିତ। ତାହେଲେ ପିଲାଟି ନିଜ ମନରେ ଘଟୁଥିବା ସମସ୍ତ ଭାବନାକୁ ପିତାମାତାଙ୍କ ସହିତ ବାଣ୍ଟିବାକୁ ନିଶ୍ଚୟ ସହଜ ମନେ କରିବ। କେବଳ ଅଧ୍ୟୟନରେ ନୁହେଁ, ଆମ ପିଲା ଏହି ନିଷ୍ଠୁର ପୃଥିବୀରେ ବଞ୍ଚିବା ପାଇଁ ଯଥେଷ୍ଟ ମାନସିକ ଏବଂ ଶାରୀରିକ ଭାବରେ ଶକ୍ତିଶାଳୀ ହେବା ଆବଶ୍ୟକ। ସବୁବେଳେ ସୁରକ୍ଷାର ଆବରଣରେ ରଖି ସହଜ ଆନନ୍ଦର ପିଲାଦିନକୁ ସେମାନଙ୍କଠାରୁ ଛଡ଼ାଇ ନିଆଯାଇଥାଏ। ଆସନ୍ତୁ, ସେମାନଙ୍କୁ ପିଲାଦିନର ସରଳ ଜୀବନ ଯାପନରୁ ବଞ୍ଚିତ କରିବା ନାହିଁ।

ସାରା ଦେଶରେ ଅନେକ ଶିଶୁ ଶ୍ରମିକ ଅଛନ୍ତି, ଯେଉଁମାନେ କେବେ କାହାର ସ୍ନେହ ପାଆନ୍ତି ନାହିଁ, ଏପରିକି ସେମାନଙ୍କ ପିତାମାତାଙ୍କଠାରୁ ମଧ୍ୟ ନୁହେଁ। କେତେକ ଅନାଥ ଦିନରାତି ସେମାନଙ୍କର ବଞ୍ଚିବା ପାଇଁ ସଂଗ୍ରାମ କରୁଥାନ୍ତି। ଆମେ ଶିକ୍ଷିତ ଲୋକ ଏଥିପାଇଁ ସରକାର ଏବଂ ବ୍ୟବସ୍ଥାକୁ ଦାୟୀ କରିଚାଲିଛୁ। କିନ୍ତୁ ଆମେ ନିଜ ପିଲାମାନଙ୍କ ପ୍ରତି କେତେ ଦାୟିତ୍ୱ ସମ୍ପନ୍ନ, ଆମେ ନିଜକୁ ପଚାରିବା ଆବଶ୍ୟକ। ଆଦର୍ଶ ପିଲାଦିନ କେବଳ ପାଠ୍ୟପୁସ୍ତକ ପାଇଁ ଏକ ବିଷୟ ହେବା ଉଚିତ ନୁହେଁ। ଏଥିପାଇଁ ଆବଶ୍ୟକ ନିଜ ପିଲାଦିନକୁ ମନେ ପକାଇବା ଏବଂ ନିଜ ପିଲାମାନଙ୍କ ସହିତ ଏହାକୁ ଜିଇଁବା। ●

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ଅବଶିଷ୍ଟାଂଶ...

## ୟୁଜିସି-ନେଟ୍ ପରୀକ୍ଷା...

ପରୀକ୍ଷା ବାତିଲ ହେବାପରେ ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଶିକ୍ଷା ମନ୍ତ୍ରଣାଳୟର ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା ଶୈଳୀକୁ ସାଧାରଣରେ କଡ଼ା ସମାଲୋଚନା କରାଯାଇଛି। ୟୁଜିସି ନେଟ୍ ପରୀକ୍ଷା ନୁହେଁ, ନିକଟରେ ପ୍ରକାଶିତ ନିଟ୍ ପରୀକ୍ଷା ଫଳକୁ ନେଇ ମଧ୍ୟ ବିବାଦ ଦେଖାଦେଇଥିବାବେଳେ କେନ୍ଦ୍ର ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଧାନ ଏମ୍ଏସ୍ପି...

୪୪୪ ଟଙ୍କା, ମକାର ୧୩୫ ଟଙ୍କା, ହରଡ଼ର ୫୫୦ ଟଙ୍କା, ବିରିର ୪୫୦ ଟଙ୍କା, ସୂର୍ଯ୍ୟମୁଖୀର ୫୨୦ ଟଙ୍କା, ରାଶିର ୬୩୨ ଟଙ୍କା, କପାର ଏମ୍ଏସ୍ପି ୫୦୧ ଟଙ୍କା ବୃଦ୍ଧି କରାଯାଇଛି ।

ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଲେ ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ଦଳ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା । ସେହିପରି ବିଜେପି ସରକାରର ପ୍ରଥମ କ୍ୟାବିନେଟ୍‌ରେ ମଧ୍ୟ ଏ ସଂକ୍ରାନ୍ତରେ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ କୃଷି ବିଭାଗ ସୁପାରିସ ଆଧାରରେ ୧୦୦ ଦିନ ମଧ୍ୟରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଥିଲା।

## ଏବେ ଖୋଲିବନି...

କଞ୍ଜରଭେସନ କୋର୍ କମିଟି ଏବଂ ରତ୍ନଭଣ୍ଡାର ପାଇଁ ଗଠିତ ତଦାରଖ କମିଟି ଉପସ୍ଥିତିରେ ତାହା ଖୋଲାଯିବ। ରତ୍ନଭଣ୍ଡାରର ସ୍ଥିତି କ'ଣ ରହିଛି ତାହା ଅନୁଧ୍ୟାନ ହେବ। ସ୍ଥିତିକୁ ଦେଖି ସଂରକ୍ଷଣ ଲାଗି ନିଷ୍ପତ୍ତି ନିଆଯିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଅପରପକ୍ଷେ ରତ୍ନଭଣ୍ଡାର ଖୋଲିବା ନେଇ ବିନ୍ନମତ ରଖିଥିଲେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କିନ୍ତୁ ଭିନ୍ନ ମତ ରଖିଥିଲେ। ସେ କହିଥିଲେ ଯେ ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ଉପରେ ଆଲୋଚନା ହୋଇଥିଲା। ପୂର୍ବରୁ ସରକାର ଯେଉଁ ରତ୍ନଭଣ୍ଡାର ପାଇଁ ଯେଉଁ ତଦାରଖ କମିଟି ଗଠନ କରିଛନ୍ତି, ତାଙ୍କର ବୈଠକ ବସିବ। ସେମାନେ ଯାହା ନିଷ୍ପତ୍ତି ନେବେ ସେହି ଅନୁଯାୟୀ ପଦକ୍ଷେପ ନିଆଯିବ। ତେବେ ଖୁବ୍‌ଶୀଘ୍ର ରତ୍ନଭଣ୍ଡାର ତଦାରଖ କମିଟି ବସିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ୍ ପାଶୟତଙ୍କ ଅଧ୍ୟକ୍ଷତାରେ ୧୨ ଜଣିଆ ରତ୍ନଭଣ୍ଡାର ତଦାରଖ କମିଟି ଗଠନ କରିଥିଲେ। ଗତ ମାର୍ଚ୍ଚ ମାସରେ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲାଯିବା ବୈଠକରେ ନିଷ୍ପତ୍ତି ହୋଇଥିଲା।

## ଦ୍ୱାଦଶୀରେ ହେଲା...

ପୂଜାପଣ୍ଡା କହିଥିଲେ ଆମର ୨ ଜଣ ଠିଆହୋଇ ଦିଅଁଙ୍କ ବିବାହ ନୀତି କିପରି ହେଉଛି ଶିଖିବେ। ହେଲେ ଏହାକୁ ବାରଣ କରିଥିଲେ ସିଂହାରୀ। ଶିଖିବାର ଅଛି ଯଦି ଘରେ ଶିଖ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ପାଳିଆ ପୂଜାପଣ୍ଡା ସେବାୟତ ପଳାଇଥିଲେ। ସେହିଠାରେ ନୀତି ଅଟକିଥିଲା। ଶ୍ରୀମନ୍ଦିର କମାଣ୍ଡର ଉଭୟ ପକ୍ଷଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ସେତେବେଳକୁ ଭୋର ହୋଇଆସୁଥିଲା। ଏହାପରେ ପ୍ରଶାସନିକ ଅଧିକାରୀ ଫୋନ ମାଧ୍ୟମରେ ଏଥିରେ ହସ୍ତକ୍ଷେପ କରି ବୁଝାସୁଝା କରିଥିଲେ। ଏକାଦଶୀରେ ହେବାକୁ ଥିବା ଦିଅଁଙ୍କ ବିବାହ ବୁଧବାର ଭୋର ୫ଟା ୫୦ରେ ଆରମ୍ଭ ହୋଇଥିଲା। ହାତଗଣ୍ଠି ପଡ଼ିବା ବେଳକୁ ଦ୍ୱାଦଶୀ ହୋଇସାରିଥିଲା। ତେବେ ଏହି ବିଳମ୍ବ ଯୋଗୁ ବ୍ରାହ୍ମ ମୁହୂର୍ତ୍ତରେ ହେବାକୁ ଥିବା ମଙ୍ଗଳ ଆଳତି ପୂର୍ବାହ୍ନ ପ୍ରାୟ ୧୦ଟାରେ ହୋଇଥିଲା। ଏ ସଂକ୍ରାନ୍ତରେ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ନୀତି ବିଳମ୍ବ ହେଲେ ଏହାକୁ କିପରି ସମାଧାନ କରାଯିବ ସେଥିପ୍ରତି ନୀତି ପ୍ରଶାସକ କୌଣସି ପଦକ୍ଷେପ ନେଉ ନ ଥିବାରୁ ଏହାର ପୁନରାବୃତ୍ତି ହେଉଥିବା ଜଣାପଡ଼ିଛି।

## ନବୀନ ବିରୋଧୀ...

କରିବା ପାଇଁ ପ୍ରତାପ କେଶରୀ ଦେବ ପ୍ରସ୍ତାବ ଦେଇଥିଲେ ଓ ବିଧାୟକ ଡ଼. ଅରୁଣ କୁମାର ସାହୁ ଏହାକୁ ସମର୍ଥନ କରିଥିଲେ । ନବୀନଙ୍କୁ ବିଜେଡି ବିଧାୟକ ଦଳ ନେତା ଭାବରେ ନିର୍ବାଚିତ କରିବା ପାଇଁ ଏହି ପ୍ରସ୍ତାବକୁ ଦଳର ସମସ୍ତ ବିଧାୟକ ସମର୍ଥନ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ବିଜେଡି ବିଧାୟକ ଦଳ ଉପନେତା ଓ ପ୍ରମିଳା ମଲ୍ଲିକଙ୍କୁ ମୁଖ୍ୟ ସଚେତକ ଭାବରେ ନିର୍ବାଚିତ କରାଯାଇଥିଲା। ସେହିପରି ବିଧାୟକ ପ୍ରତାପ କେଶରୀ ଦେବ ଉପମୁଖ୍ୟ ସଚେତକ ରୂପେ ନିର୍ବାଚିତ ହୋଇଥିଲେ ।

ଏହି ଅବସରରେ ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ ବିଧାନସଭାରେ ବିଜେଡିର ଭୂମିକା ସମ୍ପର୍କରେ ବିଧାୟକମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟର ହିତ ନିମନ୍ତେ ତାଙ୍କ ଦଳ ଦ୍ୱାରା ଯାହା ସମ୍ଭବ ତାହା କରିବ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ବିଧାନସଭାରେ ସ୍ୱର ଉଠାଇବ ବୋଲି କହିଛନ୍ତି। ତାଙ୍କୁ ବିଧାୟକ ଦଳ ନେତା ଭାବରେ ନିର୍ବାଚିତ କରିଥିବାରୁ ବିଧାୟକମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ । ଶେଷରେ ବିଧାୟକ ବ୍ୟୋମକେଶ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୦ ମଧ୍ୟରାତ୍ରି...

ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଇଣ୍ଟରନେଟ ସେବା ସାଙ୍ଗକୁ କର୍ଫ୍ୟୁ କୋହଳ ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଗୋଷ୍ଠୀ ସଂଘର୍ଷରେ ସାମିଲ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯାଉଥିବା ବେଳେ କର୍ଫ୍ୟୁ ନ ମାନି ଯେଉଁମାନେ ବାହାରେ ବୁଲୁଥିଲେ, ସେମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାବ୍ୟତିତ ଇଣ୍ଟରନେଟ କୋହଳକୁ ନେଇ ରାଜ୍ୟ ଗୃହ ବିଭାଗକୁ ଚିଠି କରାଯାଇଥିବା ବେଳେ କେବଳ ଲିଜ୍ ଲାଇନ ବ୍ୟବହାରକୁ କୋହଳ କରାଯିବା ନେଇ ଆଲୋଚନା ହୋଇଛି। ସହରରେ କିପରି ଭାବେ ଶାନ୍ତି ଫେରାଇ ଅଣାଯିବ ଏବଂ ଆସନ୍ତାକାଲି ସନ୍ଧ୍ୟାରେ ସମୀକ୍ଷା ପରେ କର୍ଫ୍ୟୁ ଉଠିବ କି ନାହିଁ ସେ ଉପରେ ଆଲୋଚନା କରାଯାଇଥିଲା। ଏ ବାବଦରେ ଏଡିଜି (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର କହିଛନ୍ତି ଯେ, ବାଲେଶ୍ୱରରେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ତାହା ଏବେ ନିୟନ୍ତ୍ରଣାଧୀନ ରହିଛି। ପୁଲିସ ପ୍ରଶାସନ ନିଜ କାମ ସଠିକ ଭାବେ ତୁଲାଇଛନ୍ତି। ବର୍ତ୍ତମାନ ପୂର୍ବପରି ଶାନ୍ତି ଫେରାଇ ଆଣିବା ପାଇଁ ସମସ୍ତ ପ୍ରୟାସ ଜାରି ରହିଛି। ଗୋଷ୍ଠୀ ସଂଘର୍ଷରେ ଜଡିତ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ, ପ୍ରତିଦିନ ଏହି ଘଟଣାର ସମୀକ୍ଷା କରାଯାଉଛି ଏବଂ ପ୍ରଶାସନ ସହ ମିଶି କାର୍ଯ୍ୟ କରାଯାଉଛି। ରାଜ୍ୟ ସରକାରଙ୍କ ସହ ଆଲୋଚନା ମଧ୍ୟ କରାଯାଇଛି। ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ପାଇଁ ବିଭିନ୍ନ ଅଂଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ।

ଜିଲ୍ଲାପାଳ ଶ୍ରୀ ଠାକ୍‌ରେ କହିଛନ୍ତି ଯେ, ପରିସ୍ଥିତିକୁ ସମୀକ୍ଷା କରାଯିବା ପରେ ଗୁରୁବାର ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯିବ। ଯାହାଫଳରେ ଲୋକେ ସେମାନଙ୍କର ଅତ୍ୟାବଶ୍ୟକ ସାମଗ୍ରୀ ଆଣି ପାରିବେ। ଏହାଛଡା ବିଭିନ୍ନ ଦୋକାନଗୁଡିକ ଖୋଲାଯିବ। ୧୧ଟା ପରେ ପୂର୍ବରୁ ଯେଉଁଭଳି ଭାବେ କର୍ଫ୍ୟୁ ଲାଗି ରହୁଥିଲା ସେଭଳି ଭାବେ ରହିବ। ଏତଦ୍‌ବ୍ୟତିତ ଗୋଟିଏ ଗୋଟିଏ ସୋପାନକୁ ତର୍ଜମା କରାଯିବା ପରେ କର୍ଫ୍ୟୁ ଉଠିବା ନେଇ ନିଷ୍ପତ୍ତି ନିଆଯିବ। ଗୃହ ବିଭାଗକୁ ଲିଜ୍ ଲାଇନ କୋହଳ କରାଯିବା ପାଇଁ ମଧ୍ୟ ପ୍ରସ୍ତାବ ଯାଇଛି। ଏଭଳି ସ୍ଥିତିରେ ସ୍କୁଲ, କଲେଜକୁ ଆଉ ଦୁଇ ଦିନ ପାଇଁ ମଧ୍ୟ ବନ୍ଦ ରଖାଯାଇଛି।

ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ କହିଛନ୍ତି ଯେ ବିଶେଷକରି ଏହି ବୈଠକରେ ଆଜି ପର୍ଯ୍ୟନ୍ତ କି ପ୍ରକାର ପରିସ୍ଥିତି ରହିଥିଲା, ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗୁରୁବାର କର୍ଫ୍ୟୁକୁ ମଧ୍ୟ ୪ଘଣ୍ଟା ପାଇଁ କୋହଳ କରାଯାଉଛି, ପରେ ଅନ୍ୟ ନିଷ୍ପତ୍ତି ନିଆଯିବ। ଲିଜ୍ ଲାଇନ ଗୁରୁବାର ୧୧ଟା ପରେ ଖୋଲିବ। ବର୍ତ୍ତମାନ ସୁଦ୍ଧା ସହରରେ ୪୦ ପ୍ଲାଟୁନ ଫୋର୍ସ ସହ ୬ କମ୍ପାନୀ ବିଏସ୍ଏଫ୍ ମୁତୟନ କରାଯାଇଛି। କର୍ଫ୍ୟୁ ଉଲ୍ଲଂଘନ କରିଥିବା ୩୦ଜଣଙ୍କୁ ଅଟକ ରଖାଯାଇଛି।

## ସରକାରଙ୍କୁ କଂଗ୍ରେସର...

କଂଗ୍ରେସ। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ଏକ ସମ୍ମିଳନୀରେ ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଜଣେ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ସେହିପରି ପୂର୍ବତନ ସାଂସଦ ଅନନ୍ତ ସେଠୀ ବାଲେଶ୍ୱରରେ ଶାନ୍ତି ଓ ସ୍ୱାଭାବିକ ବାତାବରଣ ଶୀଘ୍ର ଫେରାଇ ଆଣିବା ପାଇଁ ନିବେଦନ କରିଛନ୍ତି।

ଶ୍ରୀ ଜେନା କହିଛନ୍ତି ଯେ ସମ୍ପ୍ରତି ରାଜ୍ୟରେ ସଂଘ ପରିବାର ପକ୍ଷରୁ ଅଭିସନ୍ଧି ରଖି ସାଂପ୍ରଦାୟିକ ବିବାଦ ସୃଷ୍ଟି କରାଯାଉଛି। ପ୍ରଥମେ କଟକରେ ଓ ଏବେ ବକ୍ରି ଇଦ୍ ପର୍ବ ପାଳନ ଅବସରରେ ବାଲେଶ୍ୱରରେ ସାଂପ୍ରଦାୟିକ ବିଦ୍ୱେଷ ଏବଂ ହିଂସା ବଢ଼ାଇବା ପାଇଁ ଚକ୍ରାନ୍ତ ହୋଇଛି। ବାଲେଶ୍ୱରର ବିଜେପି ସାଂସଦ ଏବଂ ବାଲେଶ୍ୱର ସଦର ବିଜେପି ବିଧାୟକଙ୍କ ଉଚ୍ଚାରଣ ଓ ଆଚରଣ ଭାଇଚାରାର ସହର ବାଲେଶ୍ୱରକୁ ବିଭାଜିତ ଓ କ୍ଷତବିକ୍ଷତ କରୁଛି। ସହରରେ କର୍ଫ୍ୟୁ ବଳବତ୍ତର ଥିବା ବେଳେ ବାଲେଶ୍ୱର ସଦର ବିଧାୟକ ବିଜେପି ଦଳୀୟ ପତାକା ଲଗାଇ ରାସ୍ତାରେ ବୁଲୁଛନ୍ତି । ବିଜେପି ନେତାଙ୍କ ଇସାରାରେ ରାଜନୈତିକ ବାଛବିଚାର କରି ପୁଲିସ ଲୋକଙ୍କୁ ବାନ୍ଧୁଛି। ପ୍ରଶାସନ ଓ ପୁଲିସକୁ ପ୍ରଭାବିତକରି ସାଂପ୍ରଦାୟିକ ଦଙ୍ଗାକୁ ବ୍ୟାପକ କରିବା ପାଇଁ ଷଡ଼ଯନ୍ତ୍ର ରଚନା କରାଯାଇଛି। ପ୍ରଶାସନିକ ସ୍ୱାଧିନତା ବାଲେଶ୍ୱରରେ ଆଉ ଦେଖିବାକୁ ମିଳୁ ନାହିଁ। କାହିଁକି ଏଭଳି ଅଘଟଣା ଘଟିଲା? କିଏ ଏଥିପାଇଁ ଦାୟୀ ବୋଲି ଗୋଟିଏ ପଟେ ପ୍ରଶାସନ ମୁହଁ ଖୋଲୁ ନ ଥିଲା ବେଳେ କାହାକୁ ଗିରଫ କରାଯିବ ଏବଂ କେଉଁଠି ୧୪୪ ଧାରା ଲାଗିବ ତାହାକୁ ବିଜେପି ନେତାମାନେ ସ୍ଥିର କରୁଛନ୍ତି । ଏହାର ପରିଣତି ଭବିଷ୍ୟତରେ ଭୟଙ୍କର ହେବ ବୋଲି ଶ୍ରୀ ଜେନା ଓ ଶ୍ରୀ ସେଠୀ ଚେତାଇ ଦେଇଛନ୍ତି ।

## ଆକ୍ରାନ୍ତଙ୍କ ହେବ...

ବାକି ୨ ଜଣ ସାଧାରଣ ଥଣ୍ଡା ଜ୍ୱରରେ ପୀଡ଼ିତ ବୋଲି ସେ କହିଛନ୍ତି। ତେବେ ସଂକ୍ରମିତ ଜିଲ୍ଲାର ଆଖପାଖ ଜିଲ୍ଲାରେ ମଧ୍ୟ ଥଣ୍ଡା, ଜ୍ୱର ନେଇ ସର୍ଭେଲାନ୍ସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋରାପୁଟ ବନ୍ଧୁଗାଁର ରୋଗୀ ଏମ୍‌କେସିଜି ମେଡିକାଲରେ ଭେଣ୍ଟିଲେଟରରେ ଅଛନ୍ତି। ବର୍ତମାନ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି ବୋଲି ଡାକ୍ତର ମିଶ୍ର କହିଛନ୍ତି।

ବର୍ତ୍ତମାନ ସୁଦ୍ଧା ୩ ଜିଲ୍ଲାରେ ୨୧ ଜଣ ଡିପଥେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏଥିରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଜଣେ ଗୁରୁତର ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ରାୟଗଡାରୁ ୧୫ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ବନ୍ଧୁଗାଁରୁ ଜଣେ, କଳାହାଣ୍ଡିରୁ ୪ରୁ ୫ ଜଣ ସନ୍ଦିଗ୍ଧ ଡିପ୍‌ଥେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଧୀରେଧୀରେ ସଂକ୍ରମଣ ବ୍ୟାପୁଥିବାରୁ ଆଜିଠାରୁ ରାୟଗଡ଼ା କାଶୀପୁର ବ୍ଲକରେ ଡିପଥେରିଆ ବୁଷ୍ଟର ଡୋଜ ଟିକାକରଣ ଆରମ୍ଭ ହୋଇଛି। ମୁନୁଷପଦର ସମେତ ଅନ୍ୟ ୫ଟି ଗାଁରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ ଟିକାକରଣ କରୁଛି। ଆଦୌ ଡିପଥେରିଆ ଟିକା ନେଇ ନଥିବା ଶିଶୁଙ୍କୁ ଚିହ୍ନଟ କରାଯାଇ ଟିକା ଦିଆଯିବା ସହ ଅନ୍ୟ ବର୍ଗ ଲୋକଙ୍କୁ ବୁଷ୍ଟର ଡୋଜ ଦିଆଯାଉଥିବା ଜଣାଆପଡିଛି। ସଂପୂର୍ଣ୍ଣ କାଶୀପୁର ବ୍ଲକରେ ଏହି ବୁଷ୍ଟର ଡୋଜ ଟିକାକରଣ କରାଯିବ। ସ୍ୱତନ୍ତ୍ର ଟିମ ଜରିଆରେ ଟିକାକରଣ ତ୍ୱରାନ୍ୱିତ ପାଇଁ ଯୋଜନା କରାଯାଉଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡାକ୍ତର ସଂଯୁକ୍ତା ସାହୁ ସୂଚନା ଦେଇଛନ୍ତି।

## ରାଇମଣିରେ ଡବଲ...

ତେବେ ସ୍ଥାନୀୟ ଲୋକେ ନାବାଳକକୁ ଧରି ଗ୍ରାମାଞ୍ଚଳ ପୁଲିସକୁ ଦେଇଥିଲେ। ତେବେ ମୃତକଙ୍କ ସ୍ୱାମୀଙ୍କ ଅଭିଯୋଗ ଅନୁଯାୟୀ ନାବାଳକ ଜଣକ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଓ ଝିଅ ଦେଖିଦେବାରୁ ଝିଅକୁ ପଥରରେ ଛେଚି ହତ୍ୟା କରାଯାଇଥିବା କହିଛନ୍ତି। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ଥାନାଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଭଳି ହତ୍ୟାକାଣ୍ଡ ନେଇ ମୃତକଙ୍କ ସ୍ୱାମୀ ରାଜୁ ମୁଣ୍ଡା ଥାନାରେ ଏତଲା ଦେଇଥିବା ବେଳେ ଖୁବ ଶୀଘ୍ର ଦୋଷୀ ଧରା ପଡ଼ିବେ ବୋଲି ପୁଲିସ ଏସ୍‌ଡିପିଓ ସୌରଭ ଓତା କହିଛନ୍ତି।

## ନିଆଁ ଲିଭାଇବ...

ଲାଗିଥିବା ଅଞ୍ଚଳର ପରିସ୍ଥିତିକୁ ଅନୁଧ୍ୟାନ କରିପାରିବ। ଏହାସହିତ ଜଣେ ବ୍ୟକ୍ତି ଭିତରେ ଫସି ରହିଛନ୍ତି କି ନାହିଁ ତାହା ଜାଣିବା ସହଜ ହେବ। ରୋବୋଟ ଏହାର ପଛ ଭାଗରେ ଏକ ପାଇପ୍ ସଂଲଗ୍ନ ହେବ ଯାହା ବାହାରେ ଠିଆ ହୋଇଥିବା ଟ୍ୟାଙ୍କଗୁଡ଼ିକରୁ ପାଣି ବାହାର କରି ଚାରିଆଡେ ପାଣି ସ୍ପ୍ରେ କରିପାରିବ। ବିପଦମୁକ୍ତ ଓ କମ୍ ସମୟ ମଧ୍ୟରେ ନିଆଁକୁ ନିୟନ୍ତ୍ରଣକୁ ନିଆଯାଇପାରିବ ବୋଲି ଆଶା କରାଯାଉଛି।

ରୋବର୍ଟ ପ୍ରତି ମିନିଟରେ ୨ ହଜାରରୁ ଅଧିକ ଲିଟର ଜଳ ସିଞ୍ଚନ କରି ପାରିବ। ରୋବୋଟ ସହିତ ଏକ ବେତାର ରିମୋଟ ସଂଲଗ୍ନ ହୋଇଛି ଯାହା ଜଳର ସ୍ପ୍ରେକୁ ନିୟନ୍ତ୍ରଣ କରିବାରେ ସକ୍ଷମ। ରୋବୋଟଗୁଡିକରେ ସେନା ଟ୍ୟାଙ୍କ ପରି ଏକ ଟ୍ରାକିଂ ସିଷ୍ଟମ ଅଛି, ଯାହା ମାଧ୍ୟମରେ ଏହି ରୋବୋଟଗୁଡ଼ିକ ସହଜରେ ସିଡ଼ି ଚଢ଼ିପାରିବେ। ସଂକୀର୍ଣ୍ଣ ରାସ୍ତା, ଗୋଦାମ, ବେସମେଣ୍ଟ ଏବଂ ଜଙ୍ଗଲରେ ନିଆଁକୁ ନିଆଁ ଆୟତ୍ତ ଲାଗି ରୋବୋଟ ବ୍ୟବହାର କରିପାରିବେ। ସେହିପରି ରାସାୟନିକ ଟ୍ୟାଙ୍କର୍, ତେଲ ଟ୍ୟାଙ୍କର, ଗ୍ୟାସ୍ ଟ୍ୟାଙ୍କର ଓ କାରଖାନା ପରି ସ୍ଥାନକୁ ରୋବୋଟ ପ୍ରବେଶ କରି ନିଆଁକୁ ନିୟନ୍ତ୍ରଣ କରିପାରିବା ସହ ଧନଜୀବନ ରକ୍ଷା କରିପାରିବ।

ଏହା କାର୍ଯ୍ୟକ୍ଷମ ହେଲେ ଦୂର ନିୟନ୍ତ୍ରିତ ଅଗ୍ନି ନିର୍ବାପକ ଯନ୍ତ୍ର କିଣିବାରେ ଦେଶରେ ଓଡ଼ିଶା ତୃତୀୟ ସ୍ଥାନରେ ରହିବ। ପୂର୍ବରୁ ଦିଲ୍ଲୀ ଓ ମୁମ୍ବାଇର ଅଗ୍ନିଶମ ବିଭାଗ ଏହି ରୋବୋଟ କିଣିସାରିଛି। ରୋବୋଟ ଗୋଟା ୩ କୋଟିରୁ ଅଧିକ ଟଙ୍କାରେ କିଣାଯାଇଛି। ନିକଟରେ ଦିଲ୍ଲୀରେ ଘଟିଥିବା ବଡ଼ଧରଣ ଅଗ୍ନିକାଣ୍ଡରେ ଏହି ରୋବୋଟ କାର୍ଯ୍ୟ ସମ୍ପାଦନ କରି ଲୋକଙ୍କ ଜୀବନ ବଞ୍ଚାଇଛି। ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ୨୪ଟି ଅଣାଯାଇ ପ୍ରାଥମିକ ସ୍ତରରେ କାର୍ଯ୍ୟ କରିବ। ସବୁ ଷ୍ଟେସନକୁ ଗୋଟିଏ ଲେଖାଏଁ ରୋବୋଟ ପ୍ରଦାନ କରାଯିବ। ରୋବୋଟଗୁଡିକ ଯଦି ପରୀକ୍ଷା ଅର୍ଥବା ନିଆଁ ନିୟନ୍ତ୍ରଣରେ ସଫଳ ହେଲେ, ତେବେ ଅଧିକ ରୋବୋଟ ଆଣିବାକୁ ଯୋଜନା କରାଯିବ ।

## ଦନ୍ତାର ସନ୍ଦେହଜନକ...

ଖବର ପ୍ରଚାର ହେବାପରେ ହଦଗଡ ବନବିଭାଗ ରେଞ୍ଜର ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀଟିର ମୃତ୍ୟୁକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଡିଏଫଓ ଅଭୟ କୁମାର ଦଳେଇ, ଏସିଏଫଓ ଆଲୋକ କୁମାର ବିଶ୍ୱାଳ, ଆରସିସିଏଫ୍ ପ୍ରସନ୍ନ କୁମାର ଗୁଗୁନେନୀ ଓ ରେଞ୍ଜର ମାର୍ଶାଲ କିସ୍କୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୋସୋ ଥାନା ଅଧିକାରୀ ବିଜୟ କୁମାର ବିହାରୀ, ଏସଆଇ ଫନିଭୂଷଣ ମହାନ୍ତ, ଏଏସଆଇ ମହିମାଣି ଟୁଡୁଙ୍କ ସମେତ ବନବିଭାଗ ଓ ପୁଲିସ ବିଭାଗର ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ମୃତହାତୀର ୨ଟି ଦାନ୍ତ ଜବତ ହେବା ସହିତ ଶରୀରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଗୁଡ଼ିକୁ ଶରୀରରୁ କଢ଼ାଯାଇ ପରୀକ୍ଷାନିରୀକ୍ଷା କରି ଅସଲ କାରଣ ଜାଣିବାକୁ ସେସବୁକୁ ଲ୍ୟାବକୁ ପଠାଯାଇଛି। ଡ଼ିଏଫଓଙ୍କ ନିର୍ଦ୍ଦେଶକ୍ରମେ ମେସିନ ସାହାଯ୍ୟରେ ଏକ ବିରାଟ ଗାତ ଖୋଳି ହାତୀର ମୃତ୍ୟୁ ଶରୀରକୁ ପୋତାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏ ନେଇ ଡିଏଫଓଙ୍କୁ ପଚାରିବାରୁ ହାତୀର ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ସେ କହିଛନ୍ତି। କାନପୁର ଗ୍ରାମର ସଂଗ୍ରାମ ବେହେରାଙ୍କୁ ବନ ବିଭାଗ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି।

# ଶପଥ ନେଲେ ବିଧାନସଭାର ସମସ୍ତ ୧୪୭ ବିଧାୟକ

**ଭୁବନେଶ୍ୱର, ୧୯।୬(ସମିସ):** ବୁଧବାରଠାରୁ ବିଧାନସଭାରେ ଆରମ୍ଭ ହୋଇଥିବା ନବ ନିର୍ବାଚିତ ବିଧାୟକମାନଙ୍କର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆଜି ଶେଷ ହୋଇଛି। ଶେଷ ଦିନରେ ବଳକା ୪୫ ଜଣ ବିଧାୟକ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ଏହି ୪୫ ବିଧାୟକଙ୍କ ସହ ସମସ୍ତ ୧୪୭ ବିଧାୟକଙ୍କ ଶପଥ ଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି।

### ଉଚ୍ଚଶିକ୍ଷା ବିଭାଗର ସମୀକ୍ଷା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

# ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୯ ।୬(ସମିସ):** ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୁଧବାର ବିଭାଗ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକ ପ୍ରାରମ୍ଭରେ ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ସମେତ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ଉଚ୍ଚଶିକ୍ଷାରେ ନୂତନ ଶିକ୍ଷା ନୀତିକୁ ଲାଗୁ କରିବା ସହ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ଦିଗରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଗୁରୁତ୍ୱାରୋପ କରିଛନ୍ତି। ମେଧାବୀ ଓ ଗରିବ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ବୃତ୍ତି ରାଶି ବୃଦ୍ଧି କରିବା, ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ଶିକ୍ଷା ବ୍ୟବସ୍ଥା ପରିଚାଳନା କରିବା ଏବଂ ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇଦେବାକୁ ରାଜ୍ୟ ସରକାର ବଦ୍ଧ ପରିକର ବୋଲି ସେ ପ୍ରକାଶ କରିଛନ୍ତି। ସରକାରୀ, ବେସରକାରୀ, ଅନୁଦାନପ୍ରାପ୍ତ ତଥା ବ୍ଲକଗ୍ରାଣ୍ଟ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକର କାର୍ଯ୍ୟାବଳୀ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସମାଧାନ କରିବା ପାଇଁ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆସନ୍ତା ଶହେ ଦିନର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ତାକୁ କାର୍ଯ୍ୟାନ୍ୱୟନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚଶିକ୍ଷାନୁଷ୍ଠାନରେ ମୌଳିକ ଭିତ୍ତିଭୂମିର ଅଭାବ ରହିବ ନାହିଁ। ସମସ୍ତ ଯୋଜନାର ସୁଫଳ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବାକୁ ଯତ୍ନବାନ ହେବାକୁ ଅଧିକାରୀଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ପରାମର୍ଶ ଦେଇଛନ୍ତି। ବୈଠକରେ ବିଭାଗୀୟ ସଚିବଙ୍କ ସମେତ ସ୍ୱତନ୍ତ୍ର ଶାସନ ସଚିବ ପ୍ରମୋଦ ମିଶ୍ର, ରମାକାନ୍ତ ନାୟକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Sahoo Sushree Shoumya Subhrajit Debprakash, S/o - Tarunkanti Debprakash resident of Duplex No- 10, Brahmeshwar Patna, RatnaNiwas Ps- Badagada, Bhubaneswar, Pin- 751018 Odisha declare by this affidavit No. CF-24 dtd- 09/05/2024 that now onwards I shall be known as **Subhrajit Debprakash** for all future purposes.

**AFFIDAVIT**

I, Fatima Khatun, W/o- Abdul Rahim, resident of At- Satapura Dhanipur, Po-Tarikund, Ps- Jagatsinghpur, PIN- 754102, Odisha declare by this affidavit No. 221, dated- 18/03/2024, that now onwards I shall be known as **FATMA KHATUN** for all future purposes.

**AFFIDAVIT**

I, Sanjaya Goyal, S/o- Naresh Kumar Agrawal, resident of At-Annapurna Lane Ward No-6, Po/Ps -Khariar, Dist-Nuapada, Pin-766107, Odisha declare by this affidavit No.360, Dt-18/06/2024, that now onwards I shall be known as **SANJAY GOYAL** for all future purposes.

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**NOTICE FOR EXPRESSION OF INTEREST**
**EOI for running of RSP run Schools**

**(EOI No: 02/2024 and amendment vide Ref. No. TS/CA/2024/EOI/1005 dated : 16/05/2024)**

Rourkela Steel Plant (RSP), a unit of SAIL, invites Expression of Interest (EOI) from interested parties having requisite eligibility criteria for running following RSP run Schools :

**IEMS (Ispat English Medium School), Sector-20,**
**IEMS (Ispat English Medium School), Sector-22 &**
**IVM (Ispat Vidya Mandir), Sector-19.**

The complete detail of the EOI with details of Schools, Notice inviting Expression of Interest, Terms and Conditions & Eligibility Conditions etc. is available on official website of SAIL, i.e., **https:/sailtenders.co.in (Category: Service, Unit: Rourkela Steel Plant)**.

Interested parties/ organizations having relevant experience and eligibility may submit their EOI by **04:00 PM of 06-07-2024 to GM I/c, Town Services, Sector-02, Rourkela Steel Plant, Rourkela-769 006.**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

**M.P.C. AUTONOMOUS COLLEGE, TAKHATPUR, BARIPADA**
No.: M-6(1-A): 1705/ Date 19.06.2024

**WALK-IN-INTERVIEW 2024-25**

A Walk-In-Interview for selection of candidates for engagement of Guest Faculties in different subjects (Anthropology, Education, Economics, Geography, Hindi, History, Home Science, PMIR, Ind. Sociology, Sociology, Journalism & Mass Communication, MSW, Odia, Philosophy, Pol. Sc., Psychology, Public Administration, Sanskrit, Santali, Statistics, Tourism and Hospitality Management, Commerce, M.Com. in Entrepreneurship, BBA, Geology, Mathematics, Computer Science, Biochemistry, Microbiology, ITM, Integrated B.Ed. -(SFC- Pedagogy in Physical Sc., Social Sc., English & Odia) & ITEP (TE in Physics, Chemistry, Zoology, Odia, English, Pol. Sc., History, Economics & Geography) subjects including U.G., P.G. Regular & SFC courses for the Academic Session 2024-25 will be held from 28.06.2024 to 03.07.2024 (except Sunday) in the College.

For details Visit College Website: www.mpcautocollege.org.in

**Sd/- Principal**

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
KEONJHAR (R&B) CIRCLE, KEONJHAR
No. 2442 / Date: 19.06.2024 B-30

**ORDER**

The tender for the work "Integrated Public Health Laboratory at DHH Keonjhar" invited vide Bid Identification No. C.C.E.K.C. Keonjhar No. 44/2023-24 is hereby cancelled due to Administrative Reason.

Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0008/2425

**NOTIFIED AREA COUNCIL, PATNAGARH** C-59
Ph No.-06658-222247, e-mail - nac_ptg@yahoo.co.in, website-www.nacpatnagarh.in
Letter No. 1206 / Dt. 18.06.2024

**QUOTATION CALL NOTICE**

Sealed quotations are invited from the Travel Agency/ Tour Operator/ Private Individual who are interested to provide four wheeler A/C vehicle i.e. BOLERO/ BOLERO NEO/ ERTIGA / SCORPIO, Petrol /Diesel having seven seated vehicle on monthly rental basis to N.A.C., Patnagarh as per the detailed terms and condition mentioned in quotation papers . The quotation should reach at NAC Office on or before **dt.30.06.2024 up to 1.00 P.M.** by **Speed Post/ Registry Post** and it will be opened on same day at **4.00 P.M.** in presence of the quotationers or their authorized representatives. The quotation papers will be available from the N.A.C. office website i.e. **www.nacpatnagarh.in** from **dt.19.06.2024 to dt.30.06.2024 upto 12.00 Noon.** The quotationer will deposit **non-refundable** cost of quotation paper of **Rs.1,000/-** (Rupees one thousand) only in shape of B.D of any nationalized Bank in favour of the Executive Officer, N.A.C., Patnagarh, payable at Patnagarh. The quotationer have to submit quotation papers duly filled up along with the attested photo copies of qualifying documents as indicated in terms and conditions. The authority reserves the right to accept I reject any or all quotation without assigning any reason thereof.

Sd/- Executive Officer
N.A.C. Patnagarh

OIPR-13102/11/0001/2425

Phone-0680-2404096 O-32
E-Mail: eerwgmt@yahoo.co.in

OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR
Government of Odisha e-Procurement Notice
Bid Identification No. Online Tender/01/SERWD-II/2024-25

Memo No. 3857/RWD-IIGB, Date 18.06.2024

| | | | |
|---|---|---|---|
| 1 | Name of the work | :: | Building Works |
| 2 | Estimated cost | :: | Rs.21.80 to Rs.36.64 Lakhs as per Annexure |
| 3 | Period of Completion | :: | 4 (Four) Month as per Annexure |
| 4 | Date & Time of availability of Bid documents in the Portal | :: | 01.07.2024 at 10.00 A.M. to 11.07.2024 up to 3.00 P.M |
| 5 | Last Date/ Time for receipt of Bids in the Portal | :: | 11.07.2024 up to 3.00 P.M |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Superintending Engineer
R.W Division-II, Ganjam
Berhampur

OIPR-25073/11/0001/2425

GOVERNMENT OF ODISHA A-56
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SORO CANAL DIVISION, SORO
Dist- Balasore, Odisha, Pin.- 756095

TENDER CALL NOTICE NO. SE-SCD SORO-03 of 2024-25

The Superintending Engineer, Soro Canal Division, Soro, Dist- Balasore invites sealed Tender for the following work from the registered Service Providers of State of Odisha to be eventually drawn in PWD F-2 form of contract and will be sold & received in the Office of the Superintending Engineer, Soro Canal Division, Soro from **24.06.2024** to **03.07.2024** up to **3.30** PM and will be opened on **03.07.2024 at 4.00 PM** in the presence of the renderer or their authorized representatives who may like to be present.

| Sl. No. | Name of Work | Amount put to Tender (In Rs.) | EMD cost in Rupees | Cost of Tender Paper in Rupees | Class of Contractor | Period of Completion |
|---|---|---|---|---|---|---|
| 1 | Maintenance of Office Building, Rest Shed, Residential Qrs. in Irrigation Colony at Soro (Supply of Labourers for different works) for O/o the Superintending Engineer, Soro Canal Division, Soro through Service Provider for the period from 01.08.2024 to 31.03.2025. | 8,91,235.00 | 8,900.00 | 4,000.00 | Service Provider | 206 days |

Other details can be seen from the Tender Documents.

Superintending Engineer
Soro Canal Division, Soro

OIPR-32265/11/0001/2425

**BHUBANESWAR DEVELOPMENT AUTHORITY** CAD-280
AKASH SHOVA BUILDING,
SACHIVALAYA MARG, BHUBANESWAR – 751001
Visit us at: http://www.bda.gov.in

**INVITATIONS FOR BIDS (IFB)**

**Bid Identification No. 750** **dated. 19.06.2024**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in double Cover system conforming to the Detailed Tender Call Notice (DTCN) from **Manufacturer/ Authorized system Integrator having authorization from OEM of Intercom system**, having PAN and valid EPF & ESI registration No., GST Certificate for the item of work mentioned in the table below.

| Sl No | Name of work | Estimated Cost (in Rs) | EMD (in Rs) | Cost of Tender Paper (in Rs) | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Providing intercom facilities for Housing Project over 7.00 Acres land at Subudhipur, Bhubaneswar | 24,15,580.00 | 1% of the estimated cost put to tender. (Through online transfer by the last date & time for receipt of bids) | 6,000/- +GST @18% (Through online transfer by the last date & time for receipt of bids) | 21(Twenty one) days |

2. The Bid documents will be available in the website: https://tendersodisha.gov.in from **21.06.2024** to **01.07.2024** up to **17.00 Hours.**
3. Bids along with cost of tender paper and EMD (Bid Security) shall be received only **"On line"** on or before **01.07.2024** up to **17.00 Hours**. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: https://tendersodisha.gov.in

Executive Engineer
Division No-IV, BDA

OIPR-13033/11/0026/2425

# ବଗାଡ଼ ବରକାନି ପଡ଼ାର ୮୦ ପରିବାର ଭୋଗୁଛନ୍ତି ଜଳକଷ୍ଟ



**କେସିଙ୍ଗା, ୧୯।୬(ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ୱାର୍ଡ ନଂ ୧ ବଗାଡ ବରକାନି ପଡ଼ାର ପ୍ରାୟ ୮୦ ପରିବାରର ୫୦୦ ଲୋକ ୩ ସପ୍ତାହରୁ ଅଧିକ ହେଲାଣି ଜଳକଷ୍ଟ ଭୋଗୁଛନ୍ତି। ବରକାନି ପଡ଼ାର ସୁରେନ ମିଶ୍ରାଙ୍କ ଘର ପାଖରେ ପାଇପ ଫାଟି ପ୍ରତିଦିନ ହଜାର ହଜାର ଲିଟର ପାଣି ନଷ୍ଟ ହେଉଥିବା ବିଭାଗୀୟ ଅଧିକାରୀ ମାନେ ଜାଣିଥିଲେ ମଧ୍ୟ ତାର ମରାମତି କରୁ ନ ଥିବା ଅଭିଯୋଗ ହେଉଛି। ପଡ଼ା ବାସିନ୍ଦାଙ୍କ କହିବା ଅନୁସାରେ ଯେବେ ପାଇପ ଫାଟିଲା ସେହିଦିନ ସେମାନେ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ ଦୁଃଖର ବିଷୟ ଆଜକୁ ତିନି ସପ୍ତାହରୁ ଅଧିକ ବିତି ଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ ମରାମତି ହୋଇପାରୁନାହିଁ। ପାଇପ ଫାଟି ରାସ୍ତାରେ ପାଣି ବୋହୁଥିବା ବେଳେ ଲୋକଙ୍କୁ ପିଇବାକୁ ଟୋପାଏ ପାଣି ମିଳୁନି। ଚଳିତ ବର୍ଷର ଗ୍ରୀଷ୍ମପ୍ରବାହ ସହିତ ଗୁଳୁଗୁଳି ସାଙ୍ଗକୁ ପିଇବା ପାଣି ନ ମିଳିବାରୁ ପ୍ରାୟ ୮୦ ପରିବାର କେବଳ ନଳକୂପ ପାଣି ଉପରେ ନିର୍ଭର କରୁଛନ୍ତି। ଉକ୍ତ ୱାର୍ଡର ପୂର୍ବତନ ୱାର୍ଡମେମ୍ବର ରଞ୍ଜନ ବେହେରା ଗତ ଦୁଇ ଦିନ ତଳେ ଟୁଇଟ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ଜିଲ୍ଲାପାଳ, ଜନସ୍ୱାସ୍ଥ୍ୟ ବିଭାଗର ଶୀର୍ଷ ଅଧିକାରୀମାନଙ୍କୁ ସମସ୍ୟା ବିଷୟରେ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ତେଣୁ ଅତି ଶୀଘ୍ର ପାଇପ ଲାଇନ ମରାମତି କରି ବରକାନି ପଡ଼ା ବାସିନ୍ଦାଙ୍କୁ ପାଇବା ପାଣି ନ ଯୋଗାଇଲେ ବହୁତ ଶୀଘ୍ର ଆନ୍ଦୋଳନ କରାଯାଇ କେସିଙ୍ଗା ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟକୁ ଅକାମୀ କରିଦିଆଯିବ ବୋଲି ୱାର୍ଡବାସୀ ସତର୍କ କରାଇଛନ୍ତି।

**୩ ସପ୍ତାହ ହେଲାଣି ପାଣି ଆସୁନି**

**ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ପଡ଼ା ବାସିନ୍ଦା**

**ପାଇପ ଫାଟି ରାସ୍ତାରେ ବୋହୁଛି ପାଣି**

# କର୍ଲାପାଟ ଅଭୟାରଣ୍ୟରୁ ୭ ଶିକାରୀ ଗିରଫ; ୮ ବନ୍ଧୁକ ଜବତ



**ଭବାନୀପାଟଣା, ୧୯।୬(ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ହେଉଥିବା ବେଳେ ବନ ବିଭାଗ ଆକ୍ସନ ମୁଡ୍‌ରେ ରହିଥିବା ଦେଖାଯାଇଛି। ଜଙ୍ଗଲରେ ଶିକାର କରିବା ପାଇଁ ୭ ଜଣ ଶିକାରୀ ଉଦ୍ୟମ ଚଳାଇଥିଲେ। ସେ ସମୟରେ ବନ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଚାନକ ଅତର୍କିତ ଭାବେ ମାଡି ବସିଲା। ସେମାନଙ୍କ ନିକଟରେ ଥିବା ୮ଟି ଦେଶୀ ବନ୍ଧୁକ ସମେତ ହରିଣ ସିଂଘ ଜବତ କରିଛି ବନ ବିଭାଗ। ଗିରଫ ଶିକାରୀଙ୍କ ମଧ୍ୟରେ ରାଇଧର ମାଝୀ, ଅରକ୍ଷିତ ମାଝୀ, ନିରଧର ମାଝୀ, ଗଣେଶ ଦଣ୍ଡସେନା ବୋଲି ଜଣା ପଡ଼ିଛି। ଫରେଷ୍ଟର ଯୋଗେନ୍ଦ୍ର ମାଝୀଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ କର୍ଲାପାଟ ଅଭୟାରଣ୍ୟରେ ଏହି ଶିକାରୀ ଦଳଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି।

# ମୁକୁଳା ବିଦ୍ୟୁତ ଟ୍ରାନସ୍‌ଫର୍ମର; ବିପଦକୁ ଆମନ୍ତ୍ରଣ

**ଲଡୁଗାଁ, ୧୯।୬(ସମିସ):** କୋକସରା ବ୍ଲକ ବଡ଼ପୋଡ଼ାଗୁଡା ପଞ୍ଚାୟତର ତାଲାଗାଁ ତଳପଡ଼ାଠାରେ ଥିବା ବିଦ୍ୟୁତ୍ ଟ୍ରାନସଫର୍ମର ମୁକୁଳା ଅବସ୍ଥାରେ ପଡ଼ିରହିଛି। ହେଲେ ବିଦ୍ୟୁତ୍ ବିଭାଗ ଏ ଦିଗରେ ଯତ୍ନବାନ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଟ୍ରାନସଫର୍ମର ପଡ଼ାର ମୁଖ୍ୟ ରାସ୍ତା କଡ଼ରେ ଲଗା ଯାଇଛି। ତେଣୁ ଟ୍ରାନସ୍‌ଫର୍ମର ଚାରିପଟେ ସୁରକ୍ଷା ବାଡ଼ ନ ଥିବା ପ୍ରତି ମୁହୂର୍ତ୍ତରେ ବିପଦ ରହିଛି। ଏନେଇ ବିଦ୍ୟୁତ୍ ବିଭାଗକୁ ଗ୍ରାମବାସୀ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅବହେଳା କାରଣରୁ ଆଜି ଯାଏଁ ଟ୍ରାନସଫର୍ମରଟି ମୁକୁଳା ଅବସ୍ଥାରେ ପଡ଼ିଛି। ଯଦି ଏହାର ଆଶୁ ସମାଧାନ କରା ନ ଯାଏ କୌଣସି ପ୍ରକାର ଦୁର୍ଘଟଣା ଦେଖାଦିଏ ତାହେଲେ ବିଦ୍ୟୁତ ବିଭାଗ ଦାୟୀ ରହିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



## ସିକିମ ଭୂସ୍ଖଳନ ଘଟଣା | ବଡ଼ କଷ୍ଟରେ ଫେରିଲେ ରାମ ମିଶ୍ରଙ୍କ ପରିବାର

**ସୋନପୁର, ୧୯।୬ (ସମିସ):** ସିକିମ ଭୂସ୍ଖଳନ ଯୋଗୁଁ ୫ ଦିନ ଧରି ଘଞ୍ଚ ଜଙ୍ଗଲ ଓ ପାହାଡ ମଧ୍ୟରେ ଫସି ରହିଥିବା ସୋନପୁର ଏକ ପରିବାର ସୁରକ୍ଷିତ ଫେରିଛନ୍ତି। ବୁଧବାର ସେମାନେ ସିଲିଗୁଡିକୁ ଫେରି ରାତ୍ରିଯାପନ କରିଛନ୍ତି। ତେବେ ମଙ୍ଗଳବାର ସରାଦିନ ସପରିବାର ଅନ୍ୟ ପର୍ଯ୍ୟଟକଙ୍କ ସହ ଜଙ୍ଗଲ ଭିତରେ ଚାଲିଥିଲେ। ୩ଟି ସ୍ଥାନରେ କିଛି ରାସ୍ତା ପାଇଁ ହାଇୱା, ଟ୍ରକ୍ ଭଳି ଗାଡି ଧରି ଭାଙ୍ଗିରୁଜି ଯାଇଥିବା ରାସ୍ତା ଅତିକ୍ରମ କରିବାକୁ ପଡ଼ିଥିଲା। ମଙ୍ଗଳବାର ରାତି ସାଢେ ୮ଟାରେ ମଙ୍ଗନ ନାମକ ଏକ ଛୋଟ ସହରରେ ପହଞ୍ଚି ଏମାନେ ରାତ୍ରିଯାପନ କରିଥିଲେ। ବୁଧବାର ସିକିମର ରାଜଧାନୀ ଗ୍ୟାଙ୍ଗଟକ ଦେଇ ଆସିବାର ସୁବିଧା ନ ହେବାରୁ ବିଭିନ୍ନ ଉପାୟରେ ସିଲିଗୁଡି ପହଞ୍ଚି ଥିଲେ। ତେବେ ବାଟରେ ଫସି ରହିବାରୁ ବିଭିନ୍ନ ସ୍ଥାନରେ ରହଣି ପାଇଁ ଅତିରିକ୍ତ ୪୮ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା କହିଛନ୍ତି। ଏବେ ବିପଦପୂର୍ଣ୍ଣ ସ୍ଥାନରୁ ସେମାନେ ବାହାରି ଯାଇଥିବା ରାମନାରାୟଣ କହିଛନ୍ତି। ମା' ସୁରେଶ୍ୱରୀଙ୍କ ଦୟାରୁ ଆସନ୍ନ ବିପଦରୁ ରକ୍ଷା ପାଇଥିବା ସେ କହିଛନ୍ତି। ଗୁରୁବାର ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ଥିବା କହିଛନ୍ତି।



ସୂଚନାଯୋଗ୍ୟ, ରାମନାରାୟଣ ପରିବାର ସହ ସିକିମ ବୁଲିବାକୁ ଯାଇଥିଲେ। ଗତ ୯ ତାରିଖରେ ଭୁବନେଶ୍ୱରରୁ କୋଲକାତା ଯାଇଥିଲେ। ପରେ ସେଠାରୁ ଗ୍ୟାଙ୍ଗଟକକୁ ଫ୍ଲାଇଟରେ ଯିବା ପରେ ପୁଣି ଚାଇନା ସୀମାକୁ ଲାଗିଥିବା ଲାଚୁମକୁ ପରିବାର ସହିତ ସଡକ ପଥରେ ବୁଲିବାକୁ ଯାଇଥିଲେ। ଲାଚୁମରୁ ୧୩ ତାରିଖରେ ଗ୍ୟାଙ୍ଗଟକକୁ ଫେରିବାର ଥିଲା; କିନ୍ତୁ ୧୨ ତାରିଖ ରାତିରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ହେବା ଫଳରେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ ହୋଇ ଯାଇଥିଲା। ଏହା ଫଳରେ ସେମାନେ ଲାଚୁମ ନିକଟରେ ଫସି ରହିଥିଲେ।

**୫ ଦିନ ଧରି ଫସି ରହିଥିଲେ**

## ଗ୍ରାମାଞ୍ଚଳରେ କୃଷକ କଲ୍ୟାଣ ଯୋଜନା ବିଫଳ

# ଘରେ କାମ କରୁଛନ୍ତି ଗ୍ରାମ୍ୟ କୃଷି କର୍ମଚାରୀ

**ଜୟପାଟଣା, ୧୯।୬(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଗ୍ରାମାଞ୍ଚଳରେ କ୍ଷେତ୍ରରେ ଚାଷୀଙ୍କୁ ସରକାରୀ ଯୋଜନା ଓ ସହାୟତା ସାତ ସପନ ହୋଇଛି। କୃଷି ଓ କୃଷକ ସଶକ୍ତିକରଣ ପାଇଁ ରାଜ୍ୟ ତଥା କେନ୍ଦ୍ରୀୟ ଅନେକ ଯୋଜନା କାର୍ଯ୍ୟକାରୀ କରିଥିଲେହେଁ ଗ୍ରାମାଞ୍ଚଳରେ ଦାୟିତ୍ୱରେ ଥିବା କୃଷି କର୍ମଚାରୀ ମାନେ କ୍ଷେତ୍ର ପରିଦର୍ଶନ କିମ୍ବା ଉଚିତ ଚାଷୀଙ୍କୁ ସାକ୍ଷାତ ନକରି କେବଳ ଘରେ ରହି କାଗଜପତ୍ରରେ ଚାଷ ରିପୋର୍ଟ ଦେଉଛନ୍ତି। ଯାହାଫଳରେ ଚାଷୀମାନେ ଠିକ ସମୟରେ ଚାଷରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ସଚେତନ ହୋଇପାରୁ ନାହାନ୍ତି।

ସୂଚନା ଅନୁଯାୟୀ ରଣମାଳ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କୃଷି କର୍ମଚାରୀ ଲୋକେଶ୍ୱର ବିଶି ଅଞ୍ଚଳରେ ଠିକ ଭାବେ କାର୍ଯ୍ୟ କରୁ ନ ଥିବା ବେଳେ ସମ୍ପର୍କୀୟ ଲୋକଙ୍କୁ ଅଭିଯୋଗ ହୋଇଛି। କେବଳ କିଛି ମୁଷ୍ଟିମେୟ ଲୋକଙ୍କୁ ଭିଟାମିନ, କୀଟନାଶକ, ବିହନ ସାର ଯୋଗାଇ ସରକାରୀ ବହୁବିଧ ଯୋଜନାରେ ସାମିଲ କରି ସବୁ କାର୍ଯ୍ୟ ସମ୍ପାଦନ କରୁଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାରୁ ପ୍ରକାଶଯେ ଉପଯୁକ୍ତ ଚାଷୀ କେଉଁ ଯୋଜନାରେ ସାମିଲ ହୋଇପାରୁ ନ ଥିବାବେଳେ ମୁଷ୍ଟିମେୟ ଲୋକଙ୍କ କବଜାରେ ଗ୍ରାମ୍ୟ କୃଷି କର୍ମଚାରୀ ଅଛନ୍ତି। ଏମିତିକି ସେ କୌଣସି ଚାଷୀ ମାନଙ୍କ କ୍ଷେତ୍ର ପରିଦର୍ଶନ ନକରି ଚାଷୀଙ୍କ ସମସ୍ୟା ନ ବୁଝି ନିଜ ଇଚ୍ଛାରେ କାମ କରୁଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍



**କୋକସରା, ୧୯।୬ (ସମିସ):** ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କିପରି କରିହେବ ସେନେଇ ବୁଧବାର କୋକସରା ବ୍ଲକ କାର୍ଯ୍ୟାଳୟ ପରିସରରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମକଡ୍ରିଲ କାର୍ଯ୍ୟକ୍ରମରେ ବିଡ଼ିଓ ସ୍ନେହପ୍ରଭା ମାଝୀ, ବ୍ଲକ ହିସାବରକ୍ଷକ ଅଶୋକ ସେଠୀ, ଜିପିଡିଓ ରାଜେନ୍ଦ୍ର ପାତ୍ର, ପିଇଓ ବିରଞ୍ଚି ଖର୍ସେଲ, ରାଜେନ୍ଦ୍ର ସୋରି ପ୍ରମୁଖ ଉପସ୍ଥିତ ଥିଲେ। କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଗଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ଦିଗାମ୍ବର ଶବର, ମନୋଜ ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନ, ବାସୁଦେବ ଭୋଇ, ଶ୍ୟାମଲାଲ ଗଣ୍ଡ, ଲଳିତ ପୁଟେଲ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ମୁକାବିଲା କରିବେ ଏବଂ ଘରେ ନିଆଁ ଲାଗିଲେ କେମିତି ଲିଭାଇବେ, ପାଣିରେ ବୁଡି ଯିବା ସମୟରେ କେମିତି ଉଦ୍ଧାର କରିବେ, ଗ୍ୟାସ ଟାଙ୍କିରେ ନିଆଁ ଲାଗିଲେ କେମିତି ଲିଭାଇବେ ସେନେଇ ଲୋକଙ୍କୁ ପ୍ରଶିକ୍ଷଣ କଳା ପ୍ରଦର୍ଶନ କରି ଦେଖାଇଥିଲେ।

## ଜଙ୍ଗଲ ଜମି ଜବରଦଖଲ ପ୍ରତିବାଦ

# ଉପ ଜିଲ୍ଲାପାଳଙ୍କ ଅଫିସରେ ମହିଳାଙ୍କ ବିକ୍ଷୋଭ

**ବୀରମହାରାଜପୁର, ୧୯।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଅଧୀନ ବିଶାଳପାଳି ଗ୍ରାମ୍ୟ ଜଙ୍ଗଲ ଜମି ସହ ଗାଁ ରାସ୍ତାକୁ ପଡୋଶୀ ଭାଲୁଡୁଙ୍ଗୁରି ଲୋକ ଅକ୍ତିଆର କରିଛନ୍ତି। ଏହାଦ୍ୱାରା ଯାତାୟାତ ବାଧାପ୍ରାପ୍ତ ସହ ଅନ୍ୟାନ୍ୟ ଅସୁବିଧା ହେଉଛି। ଏଣୁ ଏ ନେଇ ବୁଧବାର ବିଶାଳପାଳି ଗ୍ରାମର ଶତାଧିକ ମହିଳା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ତେବେ ଗତ କିଛି ଦିନ ଆଗରୁ ସେହି ସ୍ଥାନରେ ତହସିଲ ୧୪୪ ଧାରା ଲାଗୁ କରିଥିଲା। ତାହା ସତ୍ତ୍ୱେ ଭାଲୁଡୁଙ୍ଗୁରି ଲୋକ ଅକ୍ତିଆର କରିଛନ୍ତି। ଏଣୁ ବିଶାଳପାଳି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ର କରିବାକୁ ଚେତାବନୀ ଦେଇଛନ୍ତି।




# ରାସ୍ତା ଓ ପାନୀୟଜଳ ସମସ୍ୟା ନେଇ ବିଡ଼ିଓଙ୍କୁ ଦାବିପତ୍ର



**କୋକସରା, ୧୯।୬(ସମିସ):** କୋକସରା ବ୍ଲକ ଲଡୁଗାଁ ଗ୍ରାମର ପାନୀୟ ଜଳ ସମସ୍ୟା ଓ ଆଏଁଲି ଦିଶାରୀପଡ଼ା ରାସ୍ତା ସମସ୍ୟା ନେଇ ବୁଧବାର ଲଡୁଗାଁ ପଞ୍ଚାୟତବାସୀ କୋକସରା ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବି କରିଛନ୍ତି।

ଆଏଁଲି ଗ୍ରାମର ଦିଶାରୀପଡ଼ା ଛକଠାରୁ ଦିଶାରୀପଡ଼ା ପର୍ଯ୍ୟନ୍ତ ରାସ୍ତା ଦୀର୍ଘ ବର୍ଷରୁ ଶୋଚନୀୟ ହୋଇପଡ଼ିଛି। ହେଲେ ରାସ୍ତାର ଉନ୍ନତି ହୋଇପାରୁନାହିଁ। ଯାହାଫଳରେ ବର୍ଷାଦିନେ ଲୋକେ ଆଣ୍ଠୁଏ କାଦୁଅରେ ଯାତାୟତ କରିବା ସହ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସେହିପରି ଦୀର୍ଘ ଦିନରୁ ଲଡୁଗାଁ ଗ୍ରାମକୁ ପାଇପ ଯୋଗେ ଯୋଗାଣ ହେଉଥିବା ପାନୀୟ ଜଳ ବ୍ୟବସ୍ଥା ଠପ୍ ହୋଇଛି। ଫଳରେ ପାଣି ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉକ୍ତ ସମସ୍ୟାକୁ ନେଇ ସ୍ୱେଚ୍ଛାସେବୀ ପ୍ରଧାନି ବାଗଙ୍କ ନେତୃତ୍ୱରେ ପଞ୍ଚାୟତବାସୀ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସ୍ନେହପ୍ରଭା ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡ଼ିଓ ମଧ୍ୟ ସମସ୍ୟାର ଶୀଘ୍ର ସମାଧାନ କରିବା ନେଇ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଚନ୍ଦ୍ରିକା ମାଝୀ, ଜନେକ ଦିଶାରୀ, ଡାଳିମ୍ବ ମାଝୀ, ଜୟମନି ମାଝୀ, ଜୟନ୍ତି ମାଝୀ, ବରୁଣ ରାଉତ, ତିଳୋତ୍ତମା ମାଝୀ, ରଏନି ଶବର, ଜ୍ୟୋତ୍ସ୍ନା ଶବର, ଭବାନୀ ମାଝୀ, ଗୋଲାପ ମାଝୀ, ଫାଲଗୁନି ବାଣୁଆ, ଜିତେନ୍ଦ୍ର ଶବର ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଯୋଗ ଦିବସ ପାଳନ ନେଇ ପ୍ରସ୍ତୁତି



**ନୂଆପଡ଼ା, ୧୯।୬(ସମିସ):** ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନ ୨୧ ତାରିଖ ଦିନ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ହେବ। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରାଇତା ଅଧ୍ୟକ୍ଷତା କରିଥିଲେ। ସକାଳ ୬ରୁ ୮ଟା ପର୍ଯ୍ୟନ୍ତ ଯୋଗ ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ବହୁମୁଖୀ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଜିଲ୍ଲାସ୍ତରୀୟ ଯୋଗ ଦିବସ ପାଳନ ହେବ। ସେହିଭଳି ନୂଆପଡ଼ା ବ୍ଲକସ୍ତରୀୟ ଆନ୍ତର୍ଜାତିକ ଯୋଗ ପତୋରା ଯୋଗେଶ୍ୱର ଶିବ ମନ୍ଦିରରେ ଅନୁଷ୍ଠିତ ହେବ। ଅନ୍ୟପକ୍ଷେ ନୂଆପଡ଼ା ମିନି ଷ୍ଟାଡିୟମରେ ନୂଆପଡ଼ା ଏନଏସି ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ ପଟ୍ଟନାୟକ, ସିଭିଲ ବାର ଆସୋସିଏସନ ସଭାପତି ସୁଶାନ୍ତ ପତି, ବରିଷ୍ଠ ଆଇନଜୀବୀ ପ୍ରସନ୍ନ ପାଢ଼ୀ, ନୂଆପଡ଼ା ଏନଏସି ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ହେମନ୍ତ ଦଣ୍ଡସେନା, ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନବୀକରଣରେ ଅନିୟମିତତା ଅଭିଯୋଗ

**ମ.ରାମପୁର, ୧୯।୬(ସମିସ)**

କଳାହାଣ୍ଡି ଜିଲ୍ଲା ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନବୀକରଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗତ ଏପ୍ରିଲ ୨୨ ତାରିଖରେ କ୍ଷୀରଧର ସାହୁ ସୂଚନା ଅଧିକାର ଆଇନରେ ମାଗିଥିବା ଅଟକଳ, ଖର୍ଚ୍ଚ ବିବରଣୀ, ସୂଚନାଫଳକ ଓ ପୁରୁଣା ଘର ଭଙ୍ଗା ଯାଇଥିବା ସମସ୍ତ ଆବାସିକ ଉପକରଣ, ତହିଁର ସମ୍ପୂର୍ଣ୍ଣ ନକଲ ବିବରଣୀ ପାଇବା ପାଇଁ ଆବେଦନ କରିଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ ଆବେଦନକାରୀ ପୁରାତନ କୋଠାରୁ ବାହାରି ଥିବା ସାମଗ୍ରୀ ( ପଙ୍ଖା, ଏସି, ଆଲମିରା, ଲୁହା ଉପକରଣ ଇତ୍ୟାଦି) କୁ କେବେ ଜନସାଧାରଣଙ୍କ ସାମ୍ନାରେ କେବେ ନିଲାମ କରାଯିବ, ଗୃହ ଭଙ୍ଗା ଓ ନୂତନ କୋଠା ନିର୍ମାଣ ପାଇଁ କଣ ଖର୍ଚ୍ଚ ହୋଇଛି ସେ ସମ୍ପର୍କରେ ମାଗିବା ପରେ ସୂଚନା ଅଧିକାରୀ ମ, ରାମପୁର ବ୍ଲକଙ୍କ ପତ୍ର ସଂଖ୍ୟା ୨୪୧୪/ତା ୨୭।୫।୨୪ରେ ଏହି ସୂଚନାର ବିବରଣୀ ପ୍ରଦାନ କରିଛନ୍ତି। ଏ ନେଇ ମ, ରାମପୁର ଜାଗରଣ ମଞ୍ଚରେ ଏହି ବିବରଣୀ ସମ୍ପର୍କରେ ଆଲୋଚନା କରାଯିବା ସହ ପ୍ରାପ୍ତ ସୂଚନାକୁ ନେଇ ମ, ରାମପୁର ଜାଗରଣ ମଞ୍ଚରେ ପଠନ କରାଯାଇ ତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହା ମଧ୍ୟରେ ଅନେକ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେବା ସଙ୍ଗେ ଆଦୌ ସନ୍ତୋଷଜନକ ହୋଇ ନ ଥିଲା। ଏଣୁ ଏହି ବିଷୟକୁ ନେଇ ପରବର୍ତ୍ତୀ ପଦକ୍ଷେପ ଜାଗରଣ ମଞ୍ଚ ଦ୍ୱାରା କିଭଳି କରାଯିବ ତାହାକୁ ନେଇ ଆଲୋଚନା ପରେ ନିଷ୍ପତ୍ତି ନିଆଗଲା। ଏହି ଅନିୟମିତତା ନେଇ ମଞ୍ଚ ପର୍ଯ୍ୟାୟ କ୍ରମେ ବିଭିନ୍ନ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଜାଗରଣ ମଞ୍ଚ ସଭାପତି ଚମରା ବଗର୍ତ୍ତି ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ସଦସ୍ୟ ପଦ୍ମଲୋଚନ ମିଶ୍ର, ଲଳିତ କୁମାର ମହାଲିକ, ଉଦ୍ଧବ ପଣ୍ଡା, ପ୍ରକାଶ ଚନ୍ଦ୍ର ମାଝୀ, ହନୁ ପ୍ରସାଦ ନାଗ, ଚିତ୍ତ ରଞ୍ଜନ ବାଗ୍, ଦିବାକର ବାଗ୍, କ୍ଷୀରଧର ସାହୁ, ଦାଶରଥି ଭୋଇ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ ମଞ୍ଚ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପସ୍ଥିତ ସଦସ୍ୟ ମତ ପ୍ରକାଶ କରିଛନ୍ତି। ସୂଚନା ଥାଉକି, ଆମ ଡାକ୍ତରଖାନା ଯୋଜନାରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ନବୀକରଣ କାର୍ଯ୍ୟକୁ ଏକ ବର୍ଷରୁ ଅଧିକ ହୋଇ ସାରିଥିବା ବେଳେ ନବୀକରଣ କୋଠା ମଧ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇ ନ ଥିବା ଦେଖାଯାଇଛି।

**ମ.ରାମପୁର ଜାଗରଣ ମଞ୍ଚର ଉଦ୍‌ବେଗ**



# ଜଙ୍ଗଲରୁ ଛତିଶଗଡ଼ୀ ବୃଦ୍ଧ ଉଦ୍ଧାର

**ବାଲିଶଙ୍କରା, ୧୯ ।୬(ସମିସ):** ବାଲିଶଙ୍କରା ବ୍ଲକ ସୀମାନ୍ତ ପଞ୍ଚାୟତ ଲୁଲକିଡିହି ଗ୍ରାମରୁ ଜଣେ ବୃଦ୍ଧଙ୍କୁ ଉଦ୍ଧାର କରିଛନ୍ତି ଗ୍ରାମର ଅରୁଣ ଗୁପ୍ତା, ବୀରେନ୍ଦ୍ର ମାଝୀ ଓ ଗଣେଶ ସାଏ। ବୃଦ୍ଧ ଜଣକ ଛତିଶଗଡ଼ ଯଶପୁର ଜିଲ୍ଲା କଲାରୀ ଗ୍ରାମର ରେଜୁଆମ ଭଗତ (୬୫) ବୋଲି ଜଣାପଡ଼ିଛି। ତାଙ୍କୁ ଉଦ୍ଧାର ପରେ ଗ୍ରାମକୁ ଅଣାଯାଇ ଖାଦ୍ୟ, ପାନୀୟ ଦିଆଯିବା ସହ ନିକଟସ୍ଥ ବନଡେଗା ଫାଣ୍ଡି ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ରେଜୁଆମଙ୍କୁ ତାଙ୍କ ଘରକୁ ପଠାଇବା ବ୍ୟବସ୍ଥା କରୁଛି।



ମିଳିଥିବା ସୂଚନା ଅନୁଯାୟୀ ରେଜୁଆମ ବସ୍‌ରେ ଆସି ନିକଟସ୍ଥ ତପକରାରେ ଓହ୍ଲାଇବା ପରେ ପଥଭ୍ରଷ୍ଟ ହୋଇ ଲୁଲକିଡିହି ଗ୍ରାମ ଜଙ୍ଗଲରେ ଫସିଯାଇଥିଲେ। ଦୁଇଦିନ ବିତିବା ପରେ ସେଠାକୁ ଗାଈ ଚାରାଳୀମାନେ ଗାଈ ଆଣିବାକୁ ଯିବାବେଳେ ତାଙ୍କୁ ଠାବ କରିଥିଲେ। ରେଜୁଆମ ଦୁଇଦିନ ପର୍ଯ୍ୟନ୍ତ ଭୋକ ଉପାସରେ ରହିଥିବା ପ୍ରକାଶ କରିଥିଲେ। ତେବେ ପ୍ରଥମେ ଗାଈ ଚାରାଳୀମାନେ ତାଙ୍କୁ ବିଶ୍ୱାସ କରିପାରି ନ ଥିଲେ। ସେମାନେ ଭୟରେ ଗ୍ରାମକୁ ଯାଇ ଅରୁଣ ଗୁପ୍ତାଙ୍କୁ ଖବର ଦେଇଥିଲେ। ଅରୁଣ, ବୀରେନ୍ଦ୍ର ଓ ଗଣେଶ ନିଜ ଗାଡ଼ିରେ ରେଜୁଆମଙ୍କୁ ଉଦ୍ଧାର କରି ଗ୍ରାମକୁ ଆଣିବା ସହ ଖାଦ୍ୟ ଓ ପାଣି ବସ୍ତ୍ର ପ୍ରଦାନ କରିଥିଲେ।

# ହାଇୱା ଚକତଳେ ଚାପିହୋଇ ଜଣେ ମୃତ

**ସୁନ୍ଦରଗଡ଼, ୧୯ ।୬(ସମିସ):** ବୁଧବାର ଅପରାହ୍ନରେ ୧୦ ନମ୍ବର ରାଜ୍ୟ ରାଜପଥର ବଡ଼ଗାଁ ଦାଶ ହୋଟେଲ ସମ୍ମୁଖରେ ହାଇୱାର ପଛ ଚକତଳେ ଚାପିହୋଇ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁକୁନ୍ଦପୁର ଗ୍ରାମର ସଞ୍ଜୀବ ନାଏକ (୩୦)। ସଞ୍ଜୀବ ରାସ୍ତା ପାରି ହେଉଥିବା ବେଳେ ଭାରସାମ୍ୟ ହରାଇ ସୁନ୍ଦରଗଡ଼ ଅଭିମୁଖେ ଆସୁଥିବା ମାଙ୍ଗାନିଜ ପଥର ବୋଝେଇ ହାଇୱା ଚକ ତଳେ ପଡ଼ିଯାଇଥିଲେ। ହାଇୱା ପଛ ଚକ ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ବଡ଼ଗାଁ ଥାନା ପୁଲିସ ମୃତଦେହ ଜବତ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରାଯାଇଛି।

## ପ୍ରେମ ବିବାହ କରିଥିଲେ ବୋଲି...

# ଗାଁକୁ ମୃତଦେହ ନେଲେନି ପରିବାର ଲୋକେ

ସୁନ୍ଦରଗଡ଼, ୧୯ ।୬(ସମିସ)

ପ୍ରେମ ବିବାହ କରିଥିଲେ ବୋଲି ପରିବାର ଲୋକେ ନିଜ ପୁଅର ମୃତଦେହ ନେଲେନାହିଁ। ଶେଷରେ ଶ୍ମଶାନ ବନ୍ଧୁ ସଦସ୍ୟମାନେ ତାଙ୍କ ଶେଷସାଥୀ ହେଲେ। ପୁଣି ଏପରି ଏକ ଚିତ୍ର ସାମ୍ନାକୁ ଆସିଛି। ନିଜ ରକ୍ତ ସମ୍ପର୍କୀୟଙ୍କ ଏପରି ଅମାନବିକତା ସଭ୍ୟ ସମାଜ ପ୍ରତି କୁଠାରାଘାତ କରିଥିବା ବେଳେ ଶ୍ମଶାନ ବନ୍ଧୁଙ୍କ ମାନବିକତା ଆଶ୍ୱସ୍ତିକର ବିଷୟ ହୋଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଦେଉଳତାରା ଗ୍ରାମର ମନୋରଞ୍ଜନ ବାରିକ (୩୨) ସୁନ୍ଦରଗଡ଼ ଅଞ୍ଚଳର ଅନ୍ୟ ଜାତିର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ସମ୍ପ୍ରତି ତାଙ୍କର ଏକ ତିନି ବର୍ଷ ବୟସର କନ୍ୟା ସନ୍ତାନ ରହିଛି। ତେବେ ପ୍ରେମ ବିବାହକୁ ନେଇ ପରିବାର ଲୋକଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନୋରଞ୍ଜନ ଅନ୍ୟତ୍ର ରହୁଥିଲେ। କିଛି ମାସ ହେବ ତାଙ୍କ ସ୍ତ୍ରୀ ଝିଅକୁ ନେଇ



● ଅନ୍ତିମ ସଂସ୍କାର କଲେ ଶ୍ମଶାନ ବନ୍ଧୁ

ବାପଘରେ ଆଶ୍ରୟ ନେଇଥିଲେ। ମନୋରଞ୍ଜନ ଲେଦ୍ ଇଞ୍ଜିନିୟରିଂ ଅପରେଟର ଭାବେ କାମ କରୁଥିଲେ। ମାନସିକ ଚାପଗ୍ରସ୍ତ ରହୁଥିବା ମନୋରଞ୍ଜଙ୍କ ମୃତଦେହ ସୋମବାର ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ-ଦେଓଭୁବନପୁର ରାସ୍ତା କଡ଼ରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୁଲିସ ମୃତଦେହ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲା। ମନୋରଞ୍ଜନଙ୍କ ବାପା ମଳୟ କୁମାର ବାରିକ ଓ କକା ସୁନ୍ଦରଗଡ଼ ପହଞ୍ଚିବା ପରେ ପୁଲିସ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ କରାଇଥିଲା। ମୃତଦେହ ଗ୍ରହଣ ପରେ ମନୋରଞ୍ଜନଙ୍କ ବାପା ଓ କକା ମୃତଦେହ ନିଜ ଗାଁକୁ ନେଇ ଗାଁ ମଶାଣିରେ ଅନ୍ତିମ ସଂସ୍କାର କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ପୁଲିସ ବାରମ୍ବାର କହିବା ସତ୍ତ୍ୱେ ସେମାନେ ମୃତଦେହ ନେବାକୁ ରାଜି ହୋଇ ନ ଥିଲେ। ଫଳରେ ବ୍ୟବଚ୍ଛେଦ ଗୃହ ବାହାରେ ଦୀର୍ଘ ସମୟ ମୃତଦେହ ପଡ଼ି ରହିଥିଲା। ଶେଷରେ ବଡ଼ଗାଁ ଥାନା ପୁଲିସ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ସମସ୍ତ ବିଷୟ ଅବଗତ କରି ଅନ୍ତିମ ସଂସ୍କାରରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ପରେ ସିଦ୍ଧାନ୍ତ ଏବଂ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ଚିଣ୍ଟୁ ରକ୍ସା ମହାପ୍ରୟାଣ ଗାଡ଼ି ଯୋଗେ ମୃତଦେହ ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରକୁ ନେଇ ନୀତିନିୟମରେ ଶେଷକୃତ ସମ୍ପନ୍ନ କରିଛନ୍ତି।

# ନିଖୋଜ ଜଗୁଆଳିଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼, ୧୯ ।୬(ସମିସ):** ଏକ ଟାୱାର ନିର୍ମାଣ ସଂସ୍ଥାର ନିଖୋଜ ଜଗୁଆଳିଙ୍କ ମୃତଦେହ ଉଦ୍ଧାର କରିଛି ବଡ଼ଗାଁ ଥାନା ପୁଲିସ। ଗଙ୍ଗାଜଳସ୍ଥିତ ତାଙ୍କ କ୍ୟାମ୍ପରୁ ପ୍ରାୟ ୫୦୦ ମିଟର ଦୂର ବିଲରୁ ମୃତଦେହ ମିଳିଛି। ପଶ୍ଚିମବଙ୍ଗ ମେଦିନାପୁର ଗ୍ରାମର କ୍ରିଷ୍ଣା ଚୌଧୁରୀ (୫୫) ସେହି ଅଞ୍ଚଳରେ ଅନ୍ୟ କେତେଜଣ ବ୍ୟକ୍ତିଙ୍କ ସହ ଉକ୍ତ ସଂସ୍ଥାରେ କାମ କରୁଥିଲେ। ଗଙ୍ଗାଜଳରେ ଥିବା କମ୍ପାନୀର କ୍ୟାମ୍ପରେ ତାଙ୍କୁ ଜଗୁଆଳି ଦାୟିତ୍ୱ ଦିଆଯାଇଥିଲା। ତେବେ ଗତ ୧୬ ତାରିଖରୁ ସେ ନିଖୋଜ ଥିଲେ। ଗ୍ରାମବାସୀ ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ମୃତଦେହ ଜବତ କରି ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି। ମୃତଦେହ ଗଳିତ ହୋଇଯାଇଥିବାରୁ ତାଙ୍କ ଦେହରେ କ୍ଷତଚିହ୍ନ ଅଛି ନା ନାହିଁ ଜଣାପଡୁ ନାହିଁ। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କ୍ରିଷ୍ଣାଙ୍କୁ କେହି ହତ୍ୟା କରି ଫିଙ୍ଗିଦେଇଥିବା ଚର୍ଚ୍ଚା ହେଉଛି। ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ପୁଲିସ କହିଛି।

● ହତ୍ୟା ସନ୍ଦେହ

# ଅଙ୍ଗନବାଡ଼ି କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ଯୋଗାଣ

**ବାଲିଶଙ୍କରା, ୧୯ ।୬(ସମିସ):** ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ କୁରେଇ ମହାକୁଳପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି। ଫଳରେ ଶିଶୁର ବିକାଶ ଓ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ପୋଷଣ ମିଳିପାରୁନାହିଁ। ଅଙ୍ଗନବାଡ଼ି କେନ୍ଦ୍ରରେ ପିଲା ଅନୁପସ୍ଥିତ ଥିବାବେଳେ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିବା ଦର୍ଶାଇ ଅଣ୍ଡା, ଚାଉଳ, ଡାଲି, ପନିପରିବା ଆଦି ହରିଲୁଟ ଚଳାଇଛନ୍ତି। ଏସବୁ ଅଭିଯୋଗ ନେଇ ବୁଧବାର କୁରେଇ ମହାକୁଳପଡ଼ାରେ ଗ୍ରାମବାସୀ ଏକ ବୈଠକ କରିଥିଲେ। ଗ୍ରାମର ପ୍ରଶାନ୍ତ ବାରିକ, ନମିତା ବାଘ, କଲ୍ୟାଣୀ ସାନେ, ଉଷାବତି ବାରିକ, ଗୋଲାପୀ ବାରିକ, ଶିବମ ନାଏକ, ବାସନ୍ତୀ ଖୁଣ୍ଟିଆ, ନିରାଳୀ ନାଏକ, ପୂର୍ଣ୍ଣମୀ ପାଣ୍ଡେ, ପୁଷ୍ପାଞ୍ଜଳି ମାଝୀ, ଚନ୍ଦ୍ରାବତୀ ନାଏକ, ରୀତା ସାନେ, ରୁକମାଇ ଖୁଣ୍ଟିଆ, ଉପାସୀ ବାଗ, କୁନ୍ତୀ ଖୁଣ୍ଟିଆ, ରାଜକୁମାରୀ ସାଏ, ରତି ସାଏ, ଗୋମତୀ ଖୁଣ୍ଟିଆ, ପ୍ରଭାତୀ ଖୁଣ୍ଟିଆ, ଇନ୍ଦ୍ରମଣି ଖୁଣ୍ଟିଆ, ଧନେଶ୍ୱରୀ ଖୁଣ୍ଟିଆ, ଦୀନବନ୍ଧୁ ଖୁଣ୍ଟିଆ, ଘନଶ୍ୟାମ ଖୁଣ୍ଟିଆ, ପ୍ରତାପ ବାରିକ ପ୍ରମୁଖ ଆଲୋଚନା କରିଥିଲେ। ଏ ନେଇ ଆଗରୁ ବ୍ଲକ ଶିଶୁ ଓ ମହିଳା ବିକାଶ ବିଭାଗକୁ ଅଭିଯୋଗ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି। ତୁରନ୍ତ ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

● ଏୟାର ୱିଙ୍ଗ ବାର୍ଷିକ ପ୍ରଶିକ୍ଷଣ ଶିବିର

# ଓଏଭି ସିମଡେଗାର କୃତୀ ଏନସିସି କ୍ୟାଡେଟଙ୍କୁ ସମ୍ବର୍ଦ୍ଧନା





**ବାଲିଶଙ୍କରା, ୧୯ ।୬(ସମିସ):** ଓଏଭି ସିମଡେଗାର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବୁଧବାର ବିଦ୍ୟାଳୟରେ କୃତୀ ଏନସିସି କ୍ୟାଡେଟ ପହଞ୍ଚିବା ପରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଜିତ ଏକ୍କା, ଏନସିସି ଶିକ୍ଷକ ବିକାଶ ପାତ୍ର, ଶିକ୍ଷକ ରାମଚନ୍ଦ୍ର ମାର୍ଣ୍ଡି, ଶିକ୍ଷୟିତ୍ରୀ ସୁନିତା ଦାସ, ବର୍ଷା ନାଏକ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଝାରସୁଗୁଡ଼ା ଓଏମପିସ୍ଥିତ ଦ୍ୱିତୀୟ ଓଏସଏପି ବାଟାଲିୟନ ପ୍ରଶିକ୍ଷଣ କେନ୍ଦ୍ରରେ ୨-ଓଡ଼ିଶା ଏୟାର ସ୍କ୍ୱାଡ୍ରନ ଫ୍ଲାଇଂ ଏନସିସି ପକ୍ଷରୁ ୱିଙ୍ଗ କମାଣ୍ଡର ତାପସ ଓଝାଙ୍କ ନେତୃତ୍ୱରେ ଜୁନ ୯ ରୁ ୧୮ ପର୍ଯ୍ୟନ୍ତ ୧୦ଦିନିଆ ଏନସିସି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ୪୦୦ରୁ ଅଧିକ ଏନସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ଶିବିରରେ ଅନେକ ପ୍ରତିଯୋଗିତା କରାଯାଇଥିଲା। ଅନ୍ତିମ ଦିନରେ ମୁଖ୍ୟଅତିଥି ଭାବରେ ଦ୍ୱିତୀୟ ଓଏସଏପି କମାଣ୍ଡାଣ୍ଟ ଭବାନୀଶଙ୍କର ସେଠ ଯୋଗଦେଇ ବିଜେତା ବିଦ୍ୟାଳୟ ତଥା କ୍ୟାଡେଟମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଥିରେ ଓଏଭି ସିମଡେଗାର କ୍ୟାଡେଟ ସମସ୍ତ ବିଦ୍ୟାଳୟକୁ ପଛରେ ପକାଇ ମୋଟ ୫ଟି ପୁରସ୍କାର ପାଇବା ସହ ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ। ବେଷ୍ଟ ସ୍କୁଲ ଅଫ ଡ୍ରିଲ, ବେଷ୍ଟ ସ୍କୁଲ ଇନ ଏକାଡେମିକ, ଗ୍ରୁପ ନୃତ୍ୟରେ ପ୍ରଥମ, ଗ୍ରୁପ ଡ୍ରଙ୍ଗରେ ପ୍ରଥମ ଏବଂ ବେଷ୍ଟ ଜୁନିଅର ୱିଙ୍ଗ କ୍ୟାଡେଟ ଭାବେ ଏଞ୍ଜେଲ ଖାଖାଙ୍କୁ ପୁରସ୍କାର ମିଳିଥିଲା।

# ଘର ଅଗଣାରେ ଶୋଇଥିବା ବ୍ୟକ୍ତିଙ୍କୁ ଦଳିଦେଲା ଦନ୍ତା

**ସୁନ୍ଦରଗଡ଼/ହେମଗିରି, ୧୯ ।୬(ସମିସ):** ହେମଗିରି ବନାଞ୍ଚଳର କୋଡ଼ବାହାଲ ସେକ୍ସନ ଅନ୍ତର୍ଗତ ରୋହିଣୀ ଗ୍ରାମରେ ନିଜ ଘର ଅଗଣା ରାସ୍ତାରେ ଶୋଇଥିବା ଜଣେ ବ୍ୟକ୍ତିଙ୍କୁ ବୁଧବାର ଭୋର ସମୟରେ ଏକ ଦନ୍ତା ଦଳିଦେଇଛି। ମୃତକ ହେଲେ ଗ୍ରାମର ପ୍ରେମଲାଲ କଣ୍ଟା (୫୩)। ମଙ୍ଗଳବାର ରାତିରେ ପ୍ରେମଲାଲ ତାଙ୍କ ଘର ଅଗଣା କଂକ୍ରିଟ ରାସ୍ତାରେ ବିଛଣାରେ ଶୋଇଥିଲେ।



ଅଞ୍ଚଳରେ ଏକ ଦନ୍ତାହାତୀ ବୁଲୁଥିବାରୁ ବନ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ପ୍ରେମଲାଲଙ୍କୁ ଦେଖି ରାସ୍ତାରେ ଶୋଇବାକୁ ବାରଣ କରିଥିଲେ। ତେବେ ତାଙ୍କ ମାଆ ଘରୁ ବାହାରି ହସ୍ତକ୍ଷେପ କରିବାରୁ ବନ ବିଭାଗ କର୍ମଚାରୀ ଚାଲିଯାଇଥିଲେ। ଭୋର ପ୍ରାୟ ୪ଟାରେ ଦନ୍ତାଟି ପ୍ରେମଲାଲ ଶୋଇଥିବା ସ୍ଥାନରୁ କିଛି ଫୁଟ ଦୂରରେ ଥିବା ପଣସ ଗଛରୁ ପଣସ ଖାଇବାକୁ ଆସି ତାଙ୍କୁ ଦଳି ଦେଇଥିଲା। ପରେ ଦନ୍ତା ଗର୍ଜନ କରିବାରୁ ଗ୍ରାମବାସୀ ଉଠି ପ୍ରେମଲାଲଙ୍କୁ ଦଳିଦେଇଥିବା ଜାଣିବାକୁ ପାଇଥିଲେ। ବୁଧବାର ସକାଳେ ହେମଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହେମଗିରି ବନାଞ୍ଚଳ ଅଧିକାରୀ ପ୍ରକାଶ କୁମାର ନାଏକ, ବନପାଳ ରାଜୀବ ପଟେଲ ପ୍ରମୁଖ ଗ୍ରାମକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି। ଏହି ଘଟଣା ପରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।

# ହେମଗିରିରେ ଶ୍ରୀରାମ କଥା ପ୍ରବଚନ ଆରମ୍ଭ

**ହେମଗିରି, ୧୯ ।୬(ସମିସ):** ବୁଧବାର ସନ୍ଧ୍ୟାରୁ ହେମଗିରି ଦୁର୍ଗା ମଣ୍ଡପରେ ଶ୍ରୀରାମ କଥା ପ୍ରବଚନ ଆରମ୍ଭ ହୋଇଛି। ପ୍ରବଚକ ଅନନ୍ତ ଆଚାର୍ଯ୍ୟ ଏଥିରେ ଯୋଗଦେଇ ପ୍ରବଚନ ପ୍ରଦାନ କରୁଛନ୍ତି। ଏଥିରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଏହି କାର୍ଯ୍ୟକ୍ରମ ସାତଦିନ ଧରି ଚାଲିବ।



# ବଡ଼ଗାଁ ମେଡିକାଲରେ ବିଶ୍ୱ ରକ୍ତଶିକୁଳି ଦିବସ ପାଳିତ



**ସୁନ୍ଦରଗଡ଼, ୧୯ ।୬(ସମିସ):** ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ବିଶ୍ୱ ରକ୍ତଶିକୁଳି ଦିବସ ପାଳିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ବୈଠକ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଦୁଲାରି ସୋରେଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ରକ୍ତଶିକୁଳି ଏକ ମାରାତ୍ମକ ରୋଗ। ଏହାକୁ ଯଥାଶୀଘ୍ର ଚିହ୍ନଟ କରି ରୋଗୀଙ୍କୁ ଉଚିତ୍ ସେବା ଦିଆଯିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅମୀୟ ପ୍ରଧାନ ଯୋଗଦେଇ ରକ୍ତଶିକୁଳି ଚିହ୍ନଟ ପ୍ରକ୍ରିୟାକୁ ଠିକ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ବସନ୍ତ ଟପ୍ପୋ ରକ୍ତଶିକୁଳି ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ଗ୍ରାମର ଲୋକେ ପୂର୍ବରୁ ପରୀକ୍ଷା କରାଇଥିବା ପରୀକ୍ଷା କାର୍ଡ ବଣ୍ଟନ କରାଯାଇଥିଲା। ବିପିଏମ୍ ଅରୁଣ କୁମାର ବେହେରା ଏବଂ ଡାକ୍ତରଖାନା କର୍ମଚାରୀ ରକ୍ତଶିକୁଳିର ନମୁନା ସଂଗ୍ରହ, ଆଭା ଆଇଡି ପ୍ରସ୍ତୁତି, ଅଣସଂକ୍ରାମକ ରୋଗ ସ୍କ୍ରିନିଂ ଆଦି କରିଥିଲେ। ପିଏଚ୍ଓ ଚିତ୍ରସେନ ସାହୁଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିଲା।

# 'ରକ୍ତଶିକୁଳିର ନିରାକରଣ ପାଇଁ ସଚେତନତା ହିଁ ମୁଖ୍ୟ ମାଧ୍ୟମ'



**ସୁନ୍ଦରଗଡ଼, ୧୯ ।୬(ସମିସ):** ସ୍ଥାନୀୟ ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ସିକଲସେଲ ସଚେତନତା ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ଏଥିରେ ସଭାପତିତ୍ୱ କରି ବିଶ୍ୱ ରକ୍ତଶିକୁଳି ଦିବସ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଡ. ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସିକଲସେଲ ରୋଗର କାରଣ, ନିରାକରଣ ଓ ପ୍ରତିକାର ସମ୍ପର୍କରେ ବୁଝାଇଥିଲେ। ରକ୍ତହୀନତା ଜନିତ ରୋଗ ସିକଲସେଲର ଦୂରୀକରଣ ବିଶ୍ୱରେ ସମ୍ପ୍ରତି ଏକ ଆହ୍ୱାନ ରୂପେ ଦେଖାଦେଇଛି। ଏହି ରୋଗର ନିରାକରଣ ନିମିତ୍ତ କୌଣସି ଯଥାଯଥ ଔଷଧ ଏଯାବତ ଉପଲବ୍ଧ ହୋଇ ନ ଥିବା କାରଣରୁ ସଚେତନତା ହିଁ ମୁଖ୍ୟ ମାଧ୍ୟମ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅଦିତି ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ. ସୁନୀଲ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ସଞ୍ଜିତା ଅଭିଜିତା ଧନ୍ୟବାଦ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଂଯୋଜକଙ୍କ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ସୁନ୍ଦରଗଡ଼ରେ ରାଜ୍ୟସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ

● ୫୦୨୩ ରକ୍ତ ଶିକୁଳି ଆକ୍ରାନ୍ତଙ୍କ ଯୋଗଦାନ

● ସିକଲ ସେଲ ଷ୍ଟାଟସ୍ ପରିଚୟପତ୍ର ପ୍ରଦାନ





ସୁନ୍ଦରଗଡ଼, ୧୯ ।୬(ସମିସ)

ବିଶ୍ୱ ରକ୍ତ ଶିକୁଳି ବା ସିକଲ ସେଲ ଦିବସ ପାଳନ ଅବସରରେ ବୁଧବାର ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଉପାଧ୍ୟକ୍ଷ କମଳ ଲାକ୍ରା, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶିକା ସଙ୍ଗୀତା ଗୁପ୍ତା, ଜିଲ୍ଲାପାଳ ଡା. ପରାଗ ଗାଭାଲି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ଦୈତାରୀ ରାଉତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଜିଲ୍ଲାରେ ରକ୍ତ ଶିକୁଳି ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ନିମନ୍ତେ ବହୁଳ ଭାବେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିବାହ ପୂର୍ବରୁ ଉଭୟ ବର ଓ କନ୍ୟାଙ୍କ ରକ୍ତ ପରୀକ୍ଷା କରାଇବା, ରକ୍ତ ଶିକୁଳି ରୋଗୀ ଗର୍ଭବତୀ ହୋଇଥିଲେ ନିୟମିତ ଡାକ୍ତରଙ୍କ ପରାମର୍ଶ ନେବା, ପ୍ରତ୍ୟେକ ପରିବାରରେ ନିଜର ଏହି ରୋଗ ପ୍ରତି ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ଏହି ରୋଗର ଭୟାବହତା ନେଇ ଜଣାଇବା, ରୋଗର ଲକ୍ଷଣ ପରିଲକ୍ଷିତ ହେଲେ ତୁରନ୍ତ ଡାକ୍ତରଖାନା ଯାଇ ଏହାର ପରୀକ୍ଷଣ କରିବା ଏବଂ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଗ୍ରହଣ କରିବା ଏବଂ ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରିବା ଦିଗରେ ମାର୍ଗଦର୍ଶନ କରିଥିଲେ। ସମସ୍ତେ ସଙ୍କଳ୍ପବଦ୍ଧ ହୋଇ ଏହି ରୋଗକୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ କରିବାକୁ ଆଗଭର ହେବା ସହ ରୋଗୀଙ୍କୁ ସେମାନଙ୍କ ନିକଟରେ ସୁଲଭ ମୂଲ୍ୟରେ ଉତ୍ତମ, ଗୁଣବତ୍ତା ଚିକିତ୍ସା ବ୍ୟବସ୍ଥା ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ୪୦ ବର୍ଷ ବୟସରୁ କମ୍ ବୟସ୍କ ୧୧୯୫ ଜଣଙ୍କ ରକ୍ତ ଶିକୁଳି ରୋଗ ପରୀକ୍ଷା ଏବଂ କାଉନସେଲିଂ କରାଯାଇଥିଲା। ସେହିପରି ଅଣସଂକ୍ରାମକ ରୋଗର ମଧ୍ୟ ପରୀକ୍ଷା ହୋଇଥିଲା। କାର୍ଯ୍ୟକ୍ରମରେ ୫୦୨୩ ଜଣ ରକ୍ତ ଶିକୁଳି ରୋଗୀ ଯୋଗଦେଇଥିଲେ। ହିତାଧିକାରୀମାନଙ୍କୁ ସିକଲ ସେଲ ଷ୍ଟାଟସ୍ ପରିଚୟପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ହିତାଧିକାରୀମାନେ ନିଜ ଅଭିଜ୍ଞତା, ଅନୁଭୂତି ବାଣ୍ଟିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ନୂଆପାଟଣା ସରକାରୀ ବିଦ୍ୟାଳୟରେ ଅବ୍ୟବସ୍ଥା

# କୂଅପାଣି ପିଉଛନ୍ତି ଛାତ୍ରଛାତ୍ରୀ; ବିଦ୍ୟୁତ୍ ସଂଯୋଗ ନାହିଁ

ଓଲାଭର, ୧୯।୬(ସମିସ)

ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବାକୁ ସରକାରୀ ଭାବେ ନିଆ ଯାଇଛି ବିଭିନ୍ନ ପ୍ରକାର ପଦକ୍ଷେପ। ଏଥିରେ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତକରଣ, ପାଚେରୀ ନିର୍ମାଣ, ପରିମଳ ପରିଚ୍ଛନ୍ନତା, ସ୍ମାର୍ଟ କ୍ଲାସରୁମ୍ ଭଳି ବିଭିନ୍ନ ଦିଗପ୍ରତି ସୂଚାରୁରୂପେ କାର୍ଯ୍ୟ କରାଯାଉଛି। ହେଲେ ରାଜକନିକା ବ୍ଲକ ଅନ୍ତର୍ଗତ ଓଲାଭର ନୋଡାଲ ହାଇସ୍କୁଲ ଆଞ୍ଚଳିକ ସାଧନ କେନ୍ଦ୍ରର ନୂଆ ପାଟଣା ସରକାରୀ ପ୍ରକଳ୍ପ ବିଦ୍ୟାଳୟର ବିକଳ ସ୍ଥିତି ସରକାରୀ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛି। ଅଭିଯୋଗ ଅନୁସାରେ ଶିକ୍ଷାର ଏହି ମନ୍ଦିର ଏବେ ନାହିଁ ନାହିଁ ରେ ଚାଲୁଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଯାଏ ୪୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଆବଶ୍ୟକ ଥିବା ୩ ଜଣ ଶିକ୍ଷକଙ୍କ ସ୍ଥାନରେ ଜଣେ ମାତ୍ର ଶିକ୍ଷକ କାମ ଚଳାଉଥିବାରୁ ପାଠପଢ଼ା କେତେ ବ୍ୟବସ୍ଥିତ ତାହା ବିଚାର ସାପେକ୍ଷ। ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଏଠାରେ




ଏକମାତ୍ର ନଳକୂପ କେବେଠୁ ଅଚଳ ହୋଇଥିବାରୁ ଘଞ୍ଚ ବଣବୁଦା ଭିତରେ ନିଜର ରୁଗ୍ଣ ଅସ୍ତିତ୍ୱ ଜାହିର କରୁଥିବା ବେଳେ ଚକିତ କଲା ଭଳି ପ୍ରସଙ୍ଗ ହେଉଛି ଏକ କୂଅରୁ ନଳକୂପ ମାଧ୍ୟମରେ ପାଣି ଉତ୍ତୋଳନ କରାଯାଇ ତାହା ଛାତ୍ରଛାତ୍ରୀଙ୍କ ପିଇବା ଆଉ ରୋଷେଇଘରେ ବ୍ୟବହାର ହେଉଛି। ଏହି ପାଣିର ସ୍ୱଚ୍ଛତା ଆଉ ପରିଚ୍ଛନତା ଉପରେ ନିଶ୍ଚିତ ଭାବେ ତଦନ୍ତ ହେବାର ଆବଶ୍ୟକତା ରହିଛି। ଆଉ ଏକ ପ୍ରମୁଖ ସମସ୍ୟା ଏହି ସ୍କୁଲରେ ବିଦ୍ୟୁତକରଣ କରା ଯାଇ ନ ଥିବାରୁ ଛାତ୍ରଛାତ୍ରୀ ଖରା ଗରମରେ ସିଝୁଛନ୍ତି। ଶୌଚାଳୟ ଅବସ୍ଥା ବି ଶୋଚନୀୟ। ସ୍କୁଲ ଚାରିପାଖେ ପାଚେରୀ ନ ଥିବାରୁ ଅବାଧରେ ଅସାମାଜିକ ଲୋକଙ୍କ ସହିତ ଗୋରୁଗାଈ ପ୍ରବେଶ କରୁଛନ୍ତି। ଏମିତିକି ଏଠାରେ ପକା ଯାଇଥିବା ଟାଇଲ ଗୁଡ଼ିକ ବି ଭାଙ୍ଗି ତୁଟି ଗଲାଣି। ବିଦ୍ୟାଳୟର ବିକଳ ସ୍ଥିତି ଏବେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ସ୍ଥାନୀୟ ଗ୍ରାମବାସୀମାନଙ୍କ ମଧ୍ୟରେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ସିଆରସିସି ଶଶିକାନ୍ତ ଖଟୁଆଙ୍କୁ ପଚାରିବାରୁ ପାନୀୟ ଜଳ, ଶିକ୍ଷକ ଅଭାବ ଓ ବିଦ୍ୟୁତକରଣ ଭଳି ସମସ୍ୟା ରହିଥିବା ନେଇ କହିଥିଲେ। ତେବେ ଖରା ଗରମରେ ପିଲାଙ୍କ ପାଇଁ ଫ୍ୟାନ୍ ବ୍ୟବସ୍ଥା ସହିତ ପାନୀୟ ଜଳର ବ୍ୟବସ୍ଥିତ କରିବା ଉପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ବାତ୍ୟା ଆସୁ, ଆମେ ପ୍ରସ୍ତୁତ

# ୪୫ ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ୍




**ରାଜନଗର, ୧୯।୬(ସମିସ):** ରାଜନଗର ବାତ୍ୟା ପ୍ରବଣ ଅଞ୍ଚଳ। ବାତ୍ୟା ଆସିବା ପୂର୍ବରୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ରାଜନଗର ବ୍ଲକର ୪୫ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ଅନୁଷ୍ଠିତ ହୋଇଛି। ରାଜନଗର ବ୍ଲକର ସାତଭାୟାବାସୀଙ୍କ ଥଇଥାନସ୍ଥଳୀ ବଗପାଟିଆ ଠାରେ ଅନୁଷ୍ଠିତ ମକ୍‌ଡ୍ରିଲରେ ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ନିଶାନ ମିଶ୍ର, ଜିପିଇଓ ଧର୍ମେନ୍ଦ୍ର କୁମାର ଦାସ, ଏନ୍‌ଡିଆଲ୍‌ଏଫ୍‌ର କମାଣ୍ଡାଣ୍ଟ ଅଫିସର ବି. ମିଶ୍ର, ସାତଭାୟା ପଞ୍ଚାୟତର ସରପଞ୍ଚ ପ୍ରସନ୍ନ କୁମାର ପରିଡ଼ା, ନୋଡାଲ ଏନଜିଓ ନେଚର୍ସ କ୍ଲବର ବିରଜା ପ୍ରସାଦ ପତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ ପ୍ରମୁଖଙ୍କ ସହିତ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଓ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ବାତ୍ୟା ଆସିଲେ କିପରି ସୁରକ୍ଷିତ ଭାବେ ଘରୁ ବାତ୍ୟା ଆଶ୍ରୟସ୍ଥଳୀକୁ ଆସିବେ, ଯେକୌଣସି ଅଘଟଣର କିପରି ସାମ୍ନା କରିବେ, ସେ ନେଇ ମକ୍‌ଡ୍ରିଲ ମାଧ୍ୟମରେ ଏନଡିଆରଏଫ ଟିମ ତାର କଳା କୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ରାଜନଗର ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଆଜି ମକଡ୍ରିଲ କରାଯାଇଛି। ଓସଡମାର ସଭାପତି ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ଉମେଶ ଚନ୍ଦ୍ର ଦାସ, ବାସୁଦେବ ସାହୁ, ଦତହରି ମଲିକ, ସୋମନାଥ ବାରିକ, ଇଶ୍ୱରପୁର ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ କରାଯାଇଥିଲା। ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ଉପସ୍ଥିତ ଥିଲେ। ରାଜନଗର ବ୍ଲକରେ ଥିବା ୩୫ଟି ଓସଡମା ବାତ୍ୟା ଆଶ୍ରୟସ୍ଥଳ ଓ ୧୦ଟି ରେଡକ୍ରସ ଆଶ୍ରୟସ୍ଥଳରେ ସ୍ୱେଚ୍ଛାସେବୀମାନେ ଅଭିନୟ ମାଧ୍ୟମରେ ସଚେତନତା ସୃଷ୍ଟି କରିଛନ୍ତି।

## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ, ୧୯।୬(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଓ ମକ୍‌ଡ୍ରିଲ ୧୦ଟି ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଅନ୍ୱେଷଣ ସମ୍ପାଦକ ଅନନ୍ତ କରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁ ଯୋଗଦେଇ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ଓ କୌଶଳ ଉପରେ ଆଲୋକପାତ କରିଥିଲେ। ସିଂହଗାଁଠାରେ ସରପଞ୍ଚ ଗଣେଶ ଦାସ, ସମିତିସଭ୍ୟ ଅଭୟ ସ୍ୱାଇଁ, ଦାଣ୍ଡିସାହି ଠାରେ ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସମ୍ପାଦକ ନିଖିଳ ପ୍ରଧାନ, ପାଳପାଟଣାଠାରେ ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ସମ୍ପାଦକ ଉମାକାନ୍ତ ମହାନ୍ତି, ବଳଭଦ୍ରପୁର ଠାରେ ସରପଞ୍ଚ ପ୍ରିୟବ୍ରତ ଓଝା, ବିଲିକଣା ଠାରେ ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ବଢେଇପଡ଼ାଠାରେ ସମ୍ପାଦକ ରଞ୍ଜନ ବିଶ୍ୱାଳ, ସାତକୁଡ଼ିଆଠାରେ ସମ୍ପାଦକ ସତ୍ୟବ୍ରତ ଥାଟୋଇ, କୋରିଆପଲ୍ଲାଠାରେ ସମ୍ପାଦକ ଭରତ ରାଉତ, ଶଙ୍ଖପୁରଠାରେ ସମ୍ପାଦକ ସୁବ୍ରତ ବାରିକଙ୍କ ନେତୃତ୍ୱରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଓ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନିଶମ ବାହିନୀ କର୍ମଚାରୀ, ଅନ୍ୱେଷଣ କର୍ମକର୍ତ୍ତା ସତ୍ୟବ୍ରତ ରାଉତ, ସମୀର ପ୍ରଧାନ, ଜଗବନ୍ଧୁ ରାଉତ, ସୂର୍ଯ୍ୟକାନ୍ତ ବାରିକ ଓ ବଶିଷ୍ଠ ସାମଲ ପରିଚାଳନା କରିଥିଲେ।

## ହରିତ୍ ଉଦ୍‌ଜାନ ବର୍ଥ ପ୍ରକଳ୍ପ ପରିଦର୍ଶନ କଲେ ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଦଳ



**ପାରାଦୀପ, ୧୯।୬(ସମିସ):** ଆନ୍ତର୍ଜାତିକ ବରିଷ୍ଠ ସାମୁଦ୍ରିକ ବିଶେଷଜ୍ଞ ଡ଼ଃ.ଏନ୍ନାରସୁ କରୁନେସାନ ଓ ବରିଷ୍ଠ ଉର୍ଜା ବିଶେଷଜ୍ଞ କୁମାରୀ ସୁରଭି ଗୋୟଲଙ୍କୁ ନେଇ ଗଠିତ ଏକ ବିଶ୍ୱବ୍ୟାଙ୍କ ଦଳ ବୁଧବାର ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପରିଦର୍ଶନ କରି ଏହାର ହରିତ୍ ଉଦଜାନ ପ୍ରକଳ୍ପ (ଗ୍ରୀନ ହାଇଡ୍ରୋଜେନ ପ୍ରୋଜେକ୍ଟ) ପରିଦର୍ଶନ କରି ଏହାର ସମୀକ୍ଷା କରିଛନ୍ତି। ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣର ସମସ୍ତ ହିତାଧିକାରୀ ଓ ବନ୍ଦର ମୁଖ୍ୟ ଅଧିକାରୀଙ୍କ ସହ ଏହି ବିଶ୍ୱବ୍ୟାଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇଥିଲା। ବନ୍ଦର ଟ୍ରାଫିକ ବିଭାଗ ଉପଦେଷ୍ଟା ଏ. କେ. ବୋଷ ପାରାଦୀପ ବନ୍ଦରରେ ଉପଲବ୍ଧ ସୁବିଧା ତଥା ହରିତ୍ ଉଦଜାନ ବର୍ଥ, ଉପକୂଳ ଅକ୍ଷୟ ଶକ୍ତି ଏବଂ ସବୁଜ ଶକ୍ତିର ଅଂଶୀଦାର ସମ୍ପର୍କରେ ବିଶ୍ୱବ୍ୟାଙ୍କ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ।

## ଜଳପଥରେ ଡାକବାଜି ଯନ୍ତ୍ର ଯୋଗେ କୁମ୍ଭୀର ସଚେତନତା

**ରାଜନଗର, ୧୯।୬(ସମିସ):** ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ପ୍ରଜନନସ୍ଥଳୀ ଭାବେ ପରିଚିତ। ବର୍ଷାଦିନେ ଏହି ବଉଳା କୁମ୍ଭୀର ଉପର ଭାଗକୁ ଚାଲି ଆସୁଥିବାରୁ ଜନବସତି ଅଞ୍ଚଳରେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଥାଏ। ଗତବର୍ଷ କୁମ୍ଭୀର ଆକ୍ରମଣରେ ଛଅ ଛଅଟି ଜୀବନ ଅକାଳରେ ଚାଲି ଯାଇଥିଲା। ଚଳିତବର୍ଷ ବର୍ଷାଋତୁ ଆରମ୍ଭ ନହେଉଣୁ କୁମ୍ଭୀର ଆତଙ୍କ ସୃଷ୍ଟି ହେଲାଣି। ରାଜକନିକାରେ ଜଣେ ବୃଦ୍ଧ ପ୍ରାଣ ହରାଇଥିବା ବେଳେ ଆଳି ଅଞ୍ଚଳରେ ମଇଁଷିକୁ ଟାଣି ନେଇଛି କୁମ୍ଭୀର। ବନବିଭାଗ ପକ୍ଷରୁ କୁମ୍ଭୀର ଆକ୍ରମଣ ନେଇ ପ୍ରତିବର୍ଷ ଲୋକମାନଙ୍କୁ ସଚେତନତା କରାଯାଇଥାଏ। ଗତକାଲି ଠାରୁ ସ୍ଥଳପଥରେ କୁମ୍ଭୀର ସଚେତନତା ରଥ ବୁଲିବା ଆରମ୍ଭ କରିଛି। ଆଜିଠାରୁ ଜଳପଥରେ ଲୋକଙ୍କୁ ସଚେତନ କରିବା ପାଇଁ କୁମ୍ଭୀର ସଚେତନତା ବୋଟ ବୁଲିବା ଆରମ୍ଭ କରିଛି। କେଉଁଠି କୁମ୍ଭୀର ଦେଖିଲେ ବନ କର୍ମଚାରୀଙ୍କୁ ଖବର ଦେବା, ସୁରକ୍ଷିତ ଗାଧୁଆ ଘାଟର ବ୍ୟବହାର କରିବା, କଳାରଙ୍ଗର ବୋଟ ବ୍ୟବହାର କରିବା ସହିତ



ନିଷିଦ୍ଧାଞ୍ଚଳରେ ମାଛ ନମାରିବା, ନିଷିଦ୍ଧାଞ୍ଚଳରେ ନଗାଧୋଇବା, ନଈ କୂଳକୁ ଗୃହପାଳିତ ପଶୁଙ୍କୁ ନଛାଡିବା ଆଦି କୁମ୍ଭୀର ସଚେତନତା ବାର୍ତ୍ତା ବୋଟ ଯୋଗେ ପ୍ରଚାର କରାଯାଉଛି।

ଆଜି ରାଜନଗର ହଂସୁଆ ନଦୀର ବନବିଭାଗ ଜେଟିରୁ ଏହି ସଚେତନତା ବୋଟ ବାହାରିଛି। ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା ପତାକା ଦେଖାଇ ଏହି ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟଗାର୍ଡ ଗୀତାଞ୍ଜଳି ସାହୁ, ବିଶ୍ୱ ରଞ୍ଜନ ତରାଇ ପ୍ରମୁଖ ଉପସ୍ଥିତ ରହି ନଈ କୂଳିଆ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ସଚେତନତା ବୋଟ ରାଜନଗରରୁ ବାହାରି ବାଲିସାହିପାଟଣା, ଚମ୍ପାଦିଆ, କେରେଡାଗଡ଼, ନଳପାହି, ଦକ୍ଷିଣଦିଆ, ରାଜପୁର, ଚନ୍ଦନପୁର ଆଦି ଅଞ୍ଚଳରେ ନଈକୂଳିଆ ଲୋକଙ୍କୁ ସଚେତନ କରିଛି।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ଜଗତସିଂହପୁର, ୧୯।୬(ସମିସ):** ଆସନ୍ତା ୨୧ ତାରିଖରେ ସମଗ୍ର ବିଶ୍ୱରେ ପାଳିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ଯୋଗ ଦିବସ। ସେଥିନିମନ୍ତେ ଜିଲ୍ଲାସ୍ତରରେ ବ୍ୟାପକ ପ୍ରସ୍ତୁତି ନିମନ୍ତେ ବୁଧବାର ପୂର୍ବାହ୍ନରେ ଜିଲ୍ଲାପାଳ ଅନୁପମ ସାହାଙ୍କ ଅଧକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ ତାରିଖରେ ସକାଳ ୭ରୁ ୮ଟା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସ୍କୁଲ, କଲେଜ, ବ୍ଲକ, ମ୍ୟୁନିସିପାଲିଟି ଏବଂ ଜିଲ୍ଲା ସଦର ମହକୁମାରେ ଏହି ଦିବସ ପାଳନ କରାଯିବ। ଜିଲ୍ଲା ସଦର ମହକୁମାରେ ଏହି ଦିବସ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇ ଥିବା ବେଳେ ପାରାଦୀପରେ ଏହା କଳିଙ୍ଗ ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ହେବ। ଏହାସହ ସମସ୍ତ ବ୍ଲକ, ବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡିକରେ ମଧ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ। ଜିଲ୍ଲାସ୍ତରରେ ୫୦୦, ବ୍ଲକସ୍ତରରେ ୨୦୦ ଓ ଆନୁଷ୍ଠାନିକସ୍ତରରେ ୧୦୦ ଜଣ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ନେଇ ଏହି ଦିବସ ପାଳନ କରାଯିବ। ଜିଲ୍ଲାର ସାଧାରଣ ଜନତା, ଛାତ୍ର ଛାତ୍ରୀ, ଯୁବକ ଯୁବତୀ, ମହିଳା, ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀମାନେ




ଏଥିରେ ଭାଗ ନେଇପାରିବେ। ମାଷ୍ଟର ଯୋଗ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ଯୋଗଶିକ୍ଷା ପ୍ରଦାନ କରାଯିବ। ଆଜି ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଶତ୍ରୁଘ୍ନ ଦାଶ, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ଉପ ନିର୍ଦ୍ଦେଶିକା ସବିତା ସାହୁ, ଜଗତ୍‌ସିଂହପୁର ମୁନିସିପାଲିଟି ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସନାତନ ଧର୍ମ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

**ରାଜନଗର, ୧୯।୬(ସମିସ):** ଜଗତ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ପକ୍ଷରୁ ୫୫ତମ ବାର୍ଷିକ ସନାତନ ଧର୍ମ ସମ୍ମିଳନୀ ପାଇଁ ଗହ୍ମାଶିଖର ଭକ୍ତ ଗୋଷ୍ଠୀ ଅନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀ ୨୦୨୫ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀ କିପରି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ବୈଠକରେ ଆଲୋଚନା ହୋଇଥିଲା। ଡେରା ଗ୍ରାମପଞ୍ଚାୟତ ସରପଞ୍ଚ ନିରଞ୍ଜନ ରାଉତ, ସମିତିସଭ୍ୟ ରଶ୍ମି ରଞ୍ଜନ ସାହାଣୀ, ଦେବେନ୍ଦ୍ର କୁମାର ଜେନା, ଭୀମସେନ ପଢ଼ିହାରୀ, ଘନଶ୍ୟାମ ପରିଡ଼ା, ଶୁକଦେବ ଭଦ୍ର, ଅଭିରାମ ସ୍ୱାଇଁ, ଶରତ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ଚନ୍ଦ୍ର କଣ୍ଠ, ଅନିରୁଦ୍ଧ ଦାସ, ଅଙ୍କୁର ଚନ୍ଦ୍ର ଦାସ, ହେମନ୍ତ କୁମାର ଦାସ, ଆଞ୍ଚଳିକ ଭକ୍ତ ଗୋଷ୍ଠୀର ସଭାପତି ଦିବାକର ପରିଡ଼ା, ଗୋଲେଖ ବିହାରୀ ରାଉତ, ବସନ୍ତ କୁମାର ରାଉତ ପ୍ରମୁଖଙ୍କ ସମେତ ଡେରା ଗ୍ରାମ ପଞ୍ଚାୟତର ମୁରବୀ ଓ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଘର ସେବକ ଅଭୟ ଦାସ ପରିଚାଳନା କରିଥିଲେ।

## ରାହୁଲଙ୍କୁ ସହାୟତା ପ୍ରତିଶ୍ରୁତି ଦେଲା ସେବା ଫାଉଣ୍ଡେସନ



ଜଗତସିଂହପୁର, ୧୯।୬(ସମିସ): ଜିଲ୍ଲାର ବାଲିକୁଦା ବ୍ଲକ ମରିଚିପୁର ପଞ୍ଚାୟତ ବାରବାଟିଆ ଗ୍ରାମର ବାପଛେଉଣ୍ଡ ରାହୁଲ ଶୁକ୍ଲା (୭)ର ଭବିଷ୍ୟତ ଗଢି ତୋଳିବା ପାଇଁ ସେବା ଫାଉଣ୍ଡେସନ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। କିଛିଦିନ ପୂର୍ବେ ରାହୁଲର ବାପା ସୁବ୍ରତ ଶୁକ୍ଲାଙ୍କ ଅକାଳ ବିୟୋଗ ପରେ ପୁରା ପରିବାର ଭାଙ୍ଗିପଡ଼ିଥିଲେ। ଛୋଟ ପୁଅର ଭବିଷ୍ୟତ ସହିତ ପରିବାରର ଭରଣ ପୋଷଣ କଷ୍ଟକର ହୋଇପଡ଼ିଥିଲା। ଖବର ପାଇ ସେବା ଫାଉଣ୍ଡେସନ ସଭାପତି ରଶ୍ମି ରଞ୍ଜନ ପାତ୍ର, ସମ୍ପାଦକ ସମ୍ବିତ କୁମାର ପାଇଟାଲ, ରାଜେଶ ଖଟୁଆ, ରୁଦ୍ରବେହେରା, ଜଗା ବେହେରା, ଅଳୟ ବେହେରା ପ୍ରମୁଖ ରାହୁଲଙ୍କ ଘରେ ପହଞ୍ଚି ତାଙ୍କର ମା'ଙ୍କୁ ରାହୁଲର ପାଠ ପଢ଼ା ଓ ଅନୁସଙ୍ଗିକ ଖର୍ଚ୍ଚ ପାଇଁ ୨ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏଥିସହିତ ସେ ଦଶମ ପର୍ଯ୍ୟନ୍ତ ପାଠ ପଢ଼ିବା ଯାଏ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ସେବା ଫାଉଣ୍ଡେସନ ପକ୍ଷରୁ ମାସିକ ଏକ ହଜାର ଟଙ୍କା ପ୍ରଦାନ ପାଇଁ ସଂଗଠନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଫାଉଣ୍ଡେସନ ସମ୍ପାଦକ ସମ୍ବିତ କୁମାର ପାଇଟାଳ ପ୍ରକାଶ କରିଛନ୍ତି। ସେହିପରି ଏହା ପୂର୍ବରୁ ଦୁଇଜଣ ଅସହାୟ ପିଲା ସୌରଭ, ଶୁଭମ ଦାସ, ସୋମ୍ୟଜିତ ମୁଦୁଲିଙ୍କ ପାଠ ପଢ଼ାର ଅନୁସଙ୍ଗିକ ଖର୍ଚ୍ଚ ଏହି ସଂଗଠନ ବହନ କରୁଥିବା ସେ କହିଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ମକ୍‌ଡ୍ରିଲ୍

**ଡେରାବିଶ, ୧୯।୬(ସମିସ):** ଡେରାବିଶ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ (ବନ୍ୟା, ବାତ୍ୟା) ନିମନ୍ତେ ସତର୍କତା ଓ ପୂର୍ବପ୍ରସ୍ତୁତି ଉପରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଦାସରଥି ଜେନା ଅଧକ୍ଷତା କରିଥିବା ବେଳେ ତହସିଲଦାର ପ୍ରଜ୍ଞାପରିମିତା ପୃଷ୍ଟି ମୁଖ୍ୟ ଅତିଥି ଓ ଡେରାବିଶ ଅଗ୍ନିଶମବାହିନୀର ଭାରପ୍ରାପ୍ତ ଅଧିକାରୀ ବନମାଳୀ ଓଝା ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସିଭିଲ ଡିଭେନ୍ସ, ଆପଦମିତ୍ର ଓ ଅଗ୍ନିଶମ ବାହିନୀର ତାଲିମଦାତା ବିଭିନ୍ନ ନମୁନା ପ୍ରଦର୍ଶନ କରିଥିଲେ। ଜୟଭାରତୀ ସାଥିସମାଜର ସମ୍ପାଦକ ନିରଞ୍ଜନ ସାହୁ ସମସ୍ତ ଅତିଥି ଓ ଗ୍ରାମବାସୀଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହିତ



ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖିନ ହେବା ଉପରେ ଗ୍ରାମ କମିଟି ଓ ଯୁବଗୋଷ୍ଠୀଙ୍କର ସହଯୋଗର ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଛକନା ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ଗ୍ରାମ କମିଟିର ସଭାପତି ତଥା ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା, ସମ୍ପାଦକ ପ୍ରମୋଦ କୁମାର ମହାନ୍ତିଙ୍କ ସମେତ ଗ୍ରାମ କମିଟିର ସମସ୍ତ ସଭ୍ୟସଭ୍ୟାବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅଗ୍ନିଶମ ବାହିନୀର ଅଧିକାରୀ, ସିଭିଲ୍ ଡିଫେନ୍ସର ତାଲିମପ୍ରାପ୍ତ ପ୍ରଶିକ୍ଷକ ଓ ଆପଦମିତ୍ର ସାଥୀମାନେ ଉଦ୍ଧାର, ଥଇଥାନ, ପ୍ରାଥମିକ ଚିକିତ୍ସା ଉପରେ ତାଲିମ ପ୍ରଦାନ କରିଥିଲେ। ଶେଷରେ ସରପଞ୍ଚ ଶ୍ରୀମତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜନଗର ମୁଖ୍ୟ ରାସ୍ତାରେ ମାର୍‌ପିଟ୍

# ପୁଲିସ ଆଗରେ ମହିଳାଙ୍କୁ ମାଡ଼ ଅଭିଯୋଗ

ରାଜନଗର, ୧୯।୬(ସମିସ)

ରାଜନଗର ବ୍ଲକ ହେଡକ୍ୱାର୍ଟରରେ ଥାନାଠାରୁ ଅଳ୍ପ ଦୂରରେ ପୁଲିସ ଉପସ୍ଥିତିରେ ମହିଳାଙ୍କୁ ମାଡ ମରାଯାଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ପୁଲିସ ଅଭିଯୁକ୍ତକୁ ଥାନାରେ ରଖି ପଚରା ଉଚରା କରୁଥିବା ଜଣାପଡ଼ିଛି। ରାଜନଗର ଥାନାରେ ଏ ନେଇ ୨ଟି ଅଭିଯୋଗ ହୋଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ରାଜନଗର ଗାଁର ଟୁଲୁ ଦଳେଇଙ୍କ ଅଭିଯୋଗ ମୁତାବକ ଆଜି ଦିନ ପ୍ରାୟ ୮ ଘଟିକା ସମୟରେ ରାଜନଗର ଗାଁର ସୁକାନ୍ତ ବେହେରା ଓ ତାଙ୍କ ପୁଅ ଦିଲନ ହଠାତ୍ ତାଙ୍କ ଘର ଭିତରେ ପଶି କାହିଁକି ଘରଭଡା ଦେଉନାହୁଁ ବୋଲି ପଚାରିଥିଲେ। ମୋ ଘରକୁ ଭଡା ଦେବି କି ନାହିଁ, ତୋତେ



କାହିଁକି କହିବି ବୋଲି କହିବାରୁ ମୋ ଝିଅକୁ ଦିଲନ ଗୋଇଠା ମାରିଥିଲା। ମୁଁ ଧରିବାରୁ ସୁକାନ୍ତ ମୋ ଶାଢୀକୁ ଟାଣି ତଳେ ଫୋପାଡି ଦେଇଥିଲା। ବାପ ପୁଅ ମୋତେ ଟଣା ଭିଡା କରି ବଳାତ୍କାର ଉଦ୍ୟମ କରିଥିଲେ। ମୋ ଝିଅ ପ୍ରତିବାଦ କରିବାରୁ ତା' ତୁଟିକୁ ଘୋଷାଡି ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ ଓ ଏସିଡ ଢାଳି ପୋଡି ଦେବାକୁ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ମୋ ଘରର ତାଲା ଭାଙ୍ଗି ଚେୟାର ଟେବୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ନେଇ ସୁକାନ୍ତ ବେହେରା ରାଜନଗର ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାବେଳେ ସୁକାନ୍ତ ଓ ତାଙ୍କ ପୁଅ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଉଗ୍ରରୂପ ଧାରଣ କରିଥିଲା। ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାର ଷ୍ଟେଟ୍ ବ୍ୟାଙ୍କ ନିକଟରେ ରାସ୍ତା ଉପରେ ବାଡିଆପିଟା ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଲିସ ଉପସ୍ଥିତିରେ ମହିଳାଙ୍କୁ ତଳେ ପକାଇ ମାଡ ମାରିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଗଣ୍ଡଗୋଳ ସ୍ଥଳରେ ପୁଲିସ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ କରିଥିବା ମହିଳାଙ୍କ ପୁଅକୁ ଗାଡିରେ ନେଇ ପୁରାଉଥିବାବେଳେ ଅଭିଯୁକ୍ତମାନେ ମହିଳାଙ୍କୁ ରାସ୍ତା ଉପରେ ପକାଇ ବାଡେଇବାର ଦୃଶ୍ୟ ସବୁ ମହଲକୁ ବିସ୍ମିତ କରିଛି। ପୁଲିସ ଉପସ୍ଥିତିରେ ମହିଳାଙ୍କୁ ମାଡ ମାରୁଥିବା ଦୁଇଜଣଙ୍କ ମଧ୍ୟରୁ ପୁଲିସ ବାପାକୁ ଛାଡି ଦେଇ ପୁଅ ଦିଲନ ବେହେରା ଓ ଦୁଷ୍କର୍ମ ଅଭିଯୋଗ ଆଣିଥିବା ମହିଳାଙ୍କ ପୁଅକୁ ଥାନାରେ ବସାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶ୍ରୀରାମକୃଷ୍ଣ ଆଶ୍ରମ କର୍ମକର୍ତ୍ତା



**ମ.ରାମପୁର, ୧୯।୬(ସମିସ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀରାମକୃଷ୍ଣ ଆଶ୍ରମ କର୍ମକର୍ତ୍ତା ସାକ୍ଷାତ କରି ଫେରିଛନ୍ତି। ଆଶ୍ରମର ସମ୍ପାଦକ ସ୍ୱାମୀ ଅଶୋକାନନ୍ଦ ମହାରାଜ, ସ୍ୱାମୀ ଭିରେଶା ନନ୍ଦ ମହାରାଜ, ଅନ୍ନଦା ଶଙ୍କର ପଟ୍ଟନାୟକ, ଦୀପ୍ତିବାନ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଧ୍ୟ ସମାଜ ପାଇଁ ସମର୍ପିତ ଶ୍ରୀ ରାମକୃଷ୍ଣ ଆଶ୍ରମ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇ ଆଶ୍ରମର ଉନ୍ନତି ଦିଗରେ ସଦା ଯତ୍ନବାନ ରହିବୁ ବୋଲି ମତ ପ୍ରକାଶ କରିଥିଲେ।

### ସ୍କୁଲ ପାଚିକା ସହାୟିକା ଚୟନରେ ଅନିୟମିତତା ଅଭିଯୋଗ

## ଗ୍ରାମବାସୀଙ୍କୁ ବୈଠକରେ ସାମିଲ କଲେନି ପ୍ରଧାନଶିକ୍ଷକ

**ସିନାପାଲି, ୧୯।୬(ସମିସ)**

ସିନାପାଲି ବ୍ଲକ ମୁଣ୍ଡାପଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମନମାନି ଚଳାଇଛନ୍ତି। ସଦ୍ୟ ପାଚିକା ସହାୟିକା ଚୟନରେ ସେ ଅନିୟମିତତା କରିଛନ୍ତି। ପାଚିକା ସହାୟିକା ଚୟନ ଲାଗି ବୈଠକରେ ଯୋଗ ଦେବାକୁ ଯାଉଥିବା ଗ୍ରାମବାସୀଙ୍କୁ ସେ ସ୍କୁଲ ପ୍ରବେଶ କରାଇ ଦେଇ ନାହାନ୍ତି। ଏହାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇଛନ୍ତି। ପ୍ରଧାନ ଶିକ୍ଷକ କ'ଣ ପାଇଁ ଗ୍ରାମବାସୀଙ୍କୁ ବୈଠକରେ ସାମିଲ କଲେ ନାହିଁ ଏବେ ତାକୁ ନେଇ ନାନା ସନ୍ଦେହ ଉପୁଜିଛି।

ଏହି ବିଦ୍ୟାଳୟରେ ଖାଦ୍ୟ ରାନ୍ଧିବା ପାଇଁ ପାଚିକା ସହାୟିକାର ଆବଶ୍ୟକତା ରହିଛି। ଏଥିବଲାଗି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିୟମିତତା କରିଛନ୍ତି। ଗତ ୧୬ ତାରିଖ ଏହି ପଦ ପାଇଁ ଏକ ନୋଟିସ୍ କରିଥିଲେ। ୧୮ ତାରିଖ ପାଚିକା ସହାୟିକା ଚୟନ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପଦ ଚୟନ ବେଳେ ବୈଠକକୁ ଗ୍ରାମବାସୀ ଯାଇଥିବା ବେଳେ ସ୍କୁଲକୁ ସେ ପ୍ରବେଶ କରାଯାଇ ଦେଇ ନ ଥିଲେ। ଏଣୁ ଗ୍ରାମବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏଣୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଛାତ୍ରଛାତ୍ରୀଙ୍କୁ ସ୍କୁଲ ନ ଛାଡିବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ବ୍ଲକ ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମର ଲୟା ଭୋଇ, ନିଲେନ୍ଦ୍ରି ମାଝି, ଗୋମତି ମାଝି, ପଦ୍ମା ବିଶି, ବାଳ ମାଝି, କୁନ୍ତି ମାଝି, କବିରାଜ କଟା, ବିବେକ ମାଝି, ଯୁଧିଷ୍ଠିର ମାଝି, ଲକ୍ଷ୍ମଣ



**ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ**

ଭୋଇ, ଭରତ ଭୋଇ, ସଜନେ ଭୋଇ, ଲଳିତା ମାଲି ସମେତ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଏ ନେଇ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜତିନ୍ଦ୍ର ସେଠ୍ଙ୍କୁ ପଚାରିବାରୁ ଏ ବିଷୟରେ ତଦନ୍ତ କରି ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## କେନାଲ ପୁନରୁଦ୍ଧାର ପାଇଁ ଦାବି



**ବୌଦ୍ଧ, ୧୯।୬(ସମିସ):** ଗାନ୍ଧୀଅଣା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କେନାଲର ପୁନଃଉଦ୍ଧାର ଓ ଅନ୍ୟାନ୍ୟ ସମସ୍ୟା ନେଇ ବୌଦ୍ଧ କ୍ଷୁଦ୍ର ଜଳ ସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚାଷୀ ଭେଟିଛନ୍ତି। କେନାଲର ରକ୍ଷଣାବେକ୍ଷଣ ଓ ପଙ୍କ ଉଦ୍ଧାର ଅଭାବରୁ କ୍ଷେତକୁ ପାଣି ପହଞ୍ଚି ପାରୁନାହିଁ ବୋଲି ଏଥିରେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ଗାନ୍ଧୀଅଣା ଆୟାକଟ ଅଞ୍ଚଳର ଚାଷୀଙ୍କୁ ନେଇ ପାଣି ପଞ୍ଚାୟତ ଗଠନ କରିବାକୁ ଏମାନେ ଦାବି କରିଛନ୍ତି। ସେହିଭଳି ଗାନ୍ଧୀଅଣା କେନାଲ ହୁଡ଼ାରେ ରାସ୍ତା ନିର୍ମାଣ କରାଯିବାକୁ ଦାବି କରିଛନ୍ତି। ତେବେ ଅଧୀକ୍ଷଣ ଯନ୍ତ୍ରୀ ମନରଞ୍ଜନ ହାଁସଦା ଚାଷୀଙ୍କଠାରୁ ଦାବିପତ୍ର ଗ୍ରହଣ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଜଳିଗଲା ଚଣ୍ଡିଗଡ଼ ବନୀକରଣ ଅଞ୍ଚଳ

**ଜହ୍ନାପଙ୍କ, ୧୯।୬(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଚଣ୍ଡିଗଡ଼ ବନୀକରଣ ଅଞ୍ଚଳ ଜଳି ଯାଇଛି। ଚଣ୍ଡିଗଡ଼ ଗ୍ରାମ ନିକଟରେ ୨୦୨୨-୨୩ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ଅଢେଇ ହେକ୍ଟର ଜମିରେ ୫ ଲକ୍ଷ ଟଙ୍କା ଅଟକଳରେ ବିଭିନ୍ନ ପ୍ରଜାତିର ୪ ହଜାର ଗଛ ଲଗାଯାଇଥିଲା। ବନୀକରଣ ଅଞ୍ଚଳରେ ପଡ଼ିଥିବା ପତ୍ର ଓ ଶୁଖିଲା ଘାସରେ କେହି ନିଆଁ ଲଗାଇ ଦେବା ଫଳରେ ଅନେକ ଗଛ ଜଳି ଯାଇଛି। ସେଠାରେ ଥିବା ଜଗୁଆଳିମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀକୁ ମଧ୍ୟ ଖବର ଦିଆଯାଇଥିଲା। ମାତ୍ର ବନୀକରଣ ଅଞ୍ଚଳକୁ ରାସ୍ତା ନ ଥିବା ହେତୁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିବାରେ ଡେରି ହେବାରୁ ଅନେକ ଗଛ ଜଳି ଯାଇଛି। ଏ ନେଇ ବନପାଳ ସୁଶୀଲ ହୋତାଙ୍କୁ ଯୋଗାଯୋଗ କରିବାରୁ ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗିବା ସମୟରେ ସେ ହାତୀ ଘଉଡ଼ାଇବାରେ ବ୍ୟସ୍ତ ଥିଲେ ବୋଲି କହିଛନ୍ତି।



### ■ ତେଲଙ୍ଗାନାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ମାମଲା

## ଜିଲ୍ଲାପାଳଙ୍କୁ ଭେଟିଲେ ମୃତକଙ୍କ ସ୍ତ୍ରୀ

**ନୂଆପଡ଼ା, ୧୯।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଅଞ୍ଚଳରୁ ମାଳ ମାଳ ଦାଦନ ଶ୍ରମିକ ରାଜ୍ୟ ବାହାରେ ନିର୍ଯାତନାର ଶିକାର ହେଉଛନ୍ତି। ଅନେକ ମୃତ୍ୟୁ ମୁଖରେ ପଡୁଛନ୍ତି। କାଣ୍ଡେତରା ପଞ୍ଚାୟତ ମାଲପଡ଼ା ଗାଁର ଦାଦନ ଶ୍ରମିକ ତୁଳାରାମ ଶବରଙ୍କ ମୃତ୍ୟୁ ଘଟଣା ତାହାର ଏକ ଜ୍ୱଳନ୍ତ ଉଦାହରଣ।

ତାଙ୍କୁ ତେଲଙ୍ଗାନା ରାଜ୍ୟରେ ଏକ ଇଟା ଭାଟିରେ ହତ୍ୟା କରାଯାଇଥିବା ପରିବାର ତରଫରୁ ଅଭିଯୋଗ ହୋଇଛି। ଏହି ଅଭିଯୋଗ ପରେ ବି ପୁଲିସ ଚୁପ୍। ଶେଷରେ ତାଙ୍କ ସ୍ତ୍ରୀ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଏକମାତ୍ର ରୋଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତୁଳାରାମଙ୍କ ବୃଦ୍ଧ ମା'ବାପା, ସ୍ତ୍ରୀ ଦେବକୀ ଓ ଦୁଇ କୋମଳମତି ଶିଶୁ ଅସହାୟ ହୋଇ ପଡ଼ିଛନ୍ତି। ଜମି ବାଡ଼ି କିଛି ନାହିଁ। ପରିବାର ପାଖରେ ରାଶନକାର୍ଡ ବି ନାହିଁ। ଦୁଇ ପିଲାଙ୍କ ପାଠପଢ଼ାରେ ଡୋରି ଲାଗିଛି। ଶେଷରେ ଦେବକୀ ଦୁଇ ଛୁଆକୁ ଧରି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ବୁଧବାର ମଧ୍ୟାହ୍ନରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ସେ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ତେବେ



**ସ୍ୱାମୀଙ୍କୁ ହତ୍ୟା କରାଯାଇଛି**
**ଅଭିଯୋଗ ସତ୍ତ୍ୱେ ପୁଲିସ ଚୁପ୍**

ଦୁଇ ପିଲାଙ୍କ ପାଠପଢ଼ାକୁ ଜିଲ୍ଲାପାଳ ଗୁରୁତ୍ୱ ଦେବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅସହାୟ ପରିବାରକୁ ଯଥା ସମ୍ଭବ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ତୁଳାରାମ ଗତ ଜାନୁୟାରୀରେ ସ୍ତ୍ରୀ ଦେବକୀ ଓ ଦୁଇ ଛୁଆକୁ ଧରି ତେଲଙ୍ଗାନା ରାଜ୍ୟ ମହିସରମ ଥାନା ତମଲୁଡ ଗାଁକୁ ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ଏକ ଇଟାଭାଟିରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ଜୁନ୍ ୫ରେ ତୁଳାରାମଙ୍କ ସ୍ତ୍ରୀ ଓ ଦୁଇ ପିଲା ଘରକୁ ଫେରିଥିଲେ; ହେଲେ ତୁଳାରାମ ସେଠାରେ ଆଉ ମାସେ କାମ କରି କିଛି ରୋଜଗାର କରି ଘରକୁ ଫେରିବା ପାଇଁ ସ୍ତ୍ରୀକୁ କହିଥିଲେ। ଜୁନ୍ ୧୦ ତାରିଖ ରାତିରେ ତୁଳାରାମଙ୍କ ଅନ୍ୟଜଣେ ଶ୍ରମିକଙ୍କ ସହ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହା ଫଳରେ ସମ୍ପୃକ୍ତ ଶ୍ରମିକ ଜଣକ ପ୍ରତିଶୋଧ ପରାୟଣ ହୋଇ ତୁଳାରାମଙ୍କୁ ଶୋଇଥିବା ଅବସ୍ଥାରେ କାଠ ଫାଳିଆରେ ଆକ୍ରମଣ କରି ହତ୍ୟା କରିଥିଲା। ଏହି ଖବର ପାଇବା ପରେ ଦେବକୀ କୋମନା ଥାନାରେ ଲିଖିତ ଭାବେ ଜଣାଇଛନ୍ତି; ହେଲେ ଏହା ଉପରେ ପୁଲିସ କୌଣସି ପଦକ୍ଷେପ ନେଉ ନ ଥିବା ସେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

## ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ସିକିଲସେଲ୍ ସଚେତନତା ଦିବସ

**ଭବାନୀପାଟଣା, ୧୯।୬ (ସମିସ):** ଭବାନୀପାଟଣା ସରକାରୀ ମହିଳାଠାରେ ବୁଧବାର ବିଶ୍ୱ ସିକିଲସେଲ ସଚେତନତା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ତ୍ରିଲୋଚନ ଜେନା ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡାକ୍ତର ଦୀନବନ୍ଧୁ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଡାକ୍ତର ସାହୁ ବିଷଦ ଭାବରେ ଆଲୋଚନା କରିଥିଲେ। ଏଥିରେ ଜାତୀୟ ସେବା ଯୋଜନା ଅଧିକାରୀ ଡ.ପ୍ରତାପ କୁମାର ସେନାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଯୁବ ରେଡକ୍ରସ୍ ଅଧିକାରୀ ଶଙ୍କର ଦଳାଇ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



## ଦୋକାନ ସମ୍ମୁଖରୁ ବାଇକ୍ ଚୋରି ଅଭିଯୋଗ

**ବାଉଁଶୁଣି, ୧୯।୬(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଅଧୀନ ସାହାଜପାଲ ବଜାର ଛକ ନିକଟରେ ଥିବା ଏକ ଦୋକାନ ସମ୍ମୁଖରୁ ବାଇକ୍ ଚୋରି ହୋଇଛି। ଏ ନେଇ ଗାଡ଼ି ମାଲିକ ବାଉଁଶୁଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳବାର ରାତିରେ ସାହାଜପାଲ ବଜାର ଛକ ନିକଟରେ ଥିବା ତ୍ରିଶା ଭେରାଇଟି ଷ୍ଟୋର ସମ୍ମୁଖରେ ଗାଡ଼ି ମାଲିକ ପ୍ରକାଶ ପାଣ୍ଡେ ତାଙ୍କ ବାଇକ୍ (ଓଡି ୩୧ ଏ ୪୨୪୮) ରଖି ରାତିରେ ଦୋକାନ ଭିତରେ ଶୋଇଥିଲେ। ଭୋର୍ ପ୍ରାୟ ୪ଟାରେ ନିଦ ଭାଙ୍ଗିବାରୁ ଦୋକାନ ବାହାରକୁ ଆସିଥିଲେ; ହେଲେ ବାଇକ୍ ନ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ବିଳମ୍ବିତ ରାତିରେ କେହି ଗାଡ଼ିଟି ଚୋରି କରି ନେଇଥିବା ସେ ବାଉଁଶୁଣି ଥାନାରେ ଅଭିଯୋଗ କରିଛନ୍ତି।

## ବନ ବିଭାଗ ତରଫରୁ ଚଢ଼ଉ; ଲକ୍ଷାଧିକ ଟଙ୍କାର କାଠଗଣ୍ଡି ଜବତ

**ଗୋଲାମୁଣ୍ଡା, ୧୯।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁ ରେଞ୍ଜର ତୁମୁରା ଗ୍ରାମଠାରେ ସାଗୁଆନ କାଠ କାରବାର ଚାଲୁଥିବା କୌଣସି ସୂତ୍ରରୁ ଖବର ପାଇ ନୂଆପଡ଼ା ଜିଲ୍ଲାର ସିନାପାଲି ରେଞ୍ଜର ଜଗତାନନ୍ଦ ମଙ୍ଗରାଜ ଓ କଳାହାଣ୍ଡି ଜିଲ୍ଲା କେଗାଁ ରେଞ୍ଜର ଚିନ୍ମୟ ଗଡ଼ଟିଆ, ଡେପୁଟି ରେଞ୍ଜର ଗୌରଚନ୍ଦ୍ର ସାହୁଙ୍କ ସହ ଫରେଷ୍ଟର ରମେଶ ପଣ୍ଡା, ମଧୁସୂଦନ ପଟେଲ, ରୁଦ୍ର ପ୍ରସାଦ ଗହୀର, ଜଜାତି କିଶୋର ବଗର୍ତ୍ତିଙ୍କ ସହ ବହୁ କର୍ମଚାରୀ ସାମିଲ ହୋଇ ଦୁଇ ଟ୍ରାକ୍ଟର କାଠ ଜବତ କରି କେଗାଁ ରେଞ୍ଜ ଅଫିସକୁ ନେଇଛନ୍ତି। ଏ ସଂକ୍ରାନ୍ତରେ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା କେଗାଁ ରେଞ୍ଜର ପ୍ରକାଶ କରିଛନ୍ତି।

## ନାଳାରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**ନୂଆପଡ଼ା, ୧୯।୬(ସମିସ):** ନୂଆପଡ଼ା ଜିଲ୍ଲା ସଦର ଥାନା ଦିଆନମୁଣ୍ଡା ଗାଁର ଏକ ନାଳାରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଏହି ବୃଦ୍ଧ ଜଣକ ହେଲେ ଦିଆନମୁଣ୍ଡା ଗ୍ରାମର ରାମଜୀ ଶବର (୬୦)। ମଙ୍ଗଳବାର ସେ ଖୋକସା ଗାଁକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ସେଠାରେ ଭୋଜି ଖାଇ ସାଇକଲରେ ଘରକୁ ଫେରୁଥିଲେ। ଏଣୁ ଦିଆନମୁଣ୍ଡା ନାଳା ନିକଟରେ ଭାରସାମ୍ୟ ହରାଇ ନାଳା ତଳକୁ ପଡ଼ିଯିବାରୁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ବୁଧବାର ସକାଳେ କିଛି ଲୋକ ତାଙ୍କ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା।

# ବିପର୍ଯ୍ୟୟ ମୁକାବିଲା କୌଶଳ ପ୍ରଦର୍ଶନ

**ସୋନପୁର, ୧୯।୬ (ସମିସ)**

ସୋନପୁର ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପାନ୍ଥ ନିବାସ ନିକଟସ୍ଥ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ସାମୂହିକ ଅଭ୍ୟାସ କରାଯାଇଛି। ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ ଏହି ସଚେତନତା ସଭାରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ବନ୍ୟା ବାତ୍ୟା ସମେତ ପ୍ରାକୃତିକ ବିପର୍ଯ୍ୟୟର କିଭଳି ସହଜରେ ମୁକାବିଲା କରି ହେବ ସେ ନେଇ ଶ୍ରୀ ବାରିକ ମତ ରଖିଥିଲେ। ଏଥିପାଇଁ ରାଜସ୍ୱ, ଅଗ୍ନିଶମ, ପୌର କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଉଦ୍ୟମ ଜରୁରୀ ବୋଲି ମତ ରଖିଥିଲେ। ଏହି ଅବସରରେ ସେ ପୂର୍ବ ବନ୍ୟା ବାତ୍ୟା ସମୟର ଅନୁଭୂତି ପ୍ରକାଶ କରିଥିଲେ। ସୋନପୁର ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସୋନପୁର ତହସିଲଦାର ସୌମ୍ୟ ରୂପା ରଥ ଯୋଗ ଦେଇଥିଲେ। ଜିରୋ କାଜୁଆଲିଟି ସରକାରଙ୍କ ଲକ୍ଷ୍ୟ। ଏଣୁ ବନ୍ୟା ବାତ୍ୟାରେ ଯେମିତି ଜିଲ୍ଲାରେ ଗୋଟିଏ ବି ବହୁମୂଲ୍ୟ ଧନ ଜୀବନ ନଷ୍ଟ ନ ହେବ ସେଥିପ୍ରତି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି କହିଥିଲେ। ଗ୍ରାମାଞ୍ଚଳରୁ ଜିଲ୍ଲା ଓ ରାଜ୍ୟସ୍ତରକୁ କିଭଳି ତୁରନ୍ତ ସମସ୍ତ ସୂଚନା ଦେଇ ହେବ ସେଥିପ୍ରତି ସଜାଗ ରହିବାକୁ ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ତାମସି ତାମସ୍ୱିତା ନାଏକ, ଅଗ୍ନିଶମ ବିଭାଗ ଅଧିକାରୀ, କାଉନସିଲର ଗଙ୍ଗା ତରିଆ, ବନିତା ପଶାୟ ଓ ଜନ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଆୟୁବ ଖାଁ ଯୋଗ ଦେଇ ଉପସ୍ଥିତ ସ୍ୱଚ୍ଛ ସାଥୀ ତଥା ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ସଚେତନ କରାଇଥିଲେ। ବନ୍ୟା, ବାତ୍ୟା, ବିଜୁଳି ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ଅଗ୍ନିଶମ ବାହିନୀର କର୍ମଚାରୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସଭାରେ ସୋନପୁର ଆରଆଇ ସୁଧୀର ପାଣ୍ଡିଆ, ଇଞ୍ଜିନିୟର କାହ୍ନୁ ଚରଣ ସ୍ୱାଇଁ, ଅଶୋକ ପ୍ରଧାନ, ଶାଶ୍ୱତ ଠାକୁର, ବିଶ୍ୱଜିତ ମିଶ୍ର, ସ୍ୱଚ୍ଛ ସୁପରଭାଇଜର ମାନିନୀ ମିଶ୍ରଙ୍କ ସମେତ ପୌର ସଫେଇ କର୍ମଚାରୀ ଯୋଗ ଦେଇଥିଲେ।









**ଶଗଡ଼ା:** କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ବନ୍ୟା ଆଶ୍ରୟସ୍ଥଳରେ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ଅଭ୍ୟାସ କରାଯାଇଛି। କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କନ୍ଧମାଳ ବିଡିଓ ସାମି ଜୟଶ୍ରୀ ରେଡି, ଘଣ୍ଟାପଡ଼ା ସରପଞ୍ଚ ରୀତା କହଁର ପ୍ରମୁଖ ଉପସ୍ଥିତ ଥିଲେ। ବନ୍ୟା ଓ ବାତ୍ୟା ସମୟରେ କିଭଳି ସତର୍କତା ଅବଲମ୍ବନ କରାଯିବ ସେ ସମ୍ପର୍କରେ ଓଡ୍ରାଫ ବାହିନୀ ସୂଚନା ଦେଇଥିଲା। ଆପତ୍ତକାଳୀନ ପରିସ୍ଥିତିରେ କିଭଳି ଉଦ୍ଧାର କରାଯାଏ ସେ ସମ୍ପର୍କରେ ଅଭ୍ୟାସ୍ ତଥା କୌଶଳ ପ୍ରଦର୍ଶନ କରାଯାଇଥିଲା।

**ବିନିକା:** ବିନିକା ଏନଏସି ଓ ସ୍ପୋର୍ଟ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସିଦ୍ଧାର୍ଥ କଲେଜ ପରିସରରେ ଥିବା ବନ୍ୟା ଆଶ୍ରୟସ୍ଥଳରେ ବନ୍ୟା, ବାତ୍ୟା ଓ ଦୁର୍ବିପାକ ମୁକାବିଲା ନେଇ ବୁଧବାର ଏକ ଅଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି। ବିନିକା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ଅଧକ୍ଷତାରେ ଓ ବିନିକା ସ୍ପୋର୍ଟ୍ସ କ୍ଲବ ସମ୍ପାଦକ ମନୋଜ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ସୁବର୍ଣ୍ଣପୁର ଜିଲ୍ଲା ଡେପୁଟି କଲେକ୍ଟର ତଥା ଜରୁରୀ କାଳୀନ ଅଧିକାରୀ ଶୁଭଶ୍ରୀ ରଥ ମୁଖ୍ୟଅତିଥି, ସ୍ୱଦେଶ ସେଠୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା ପୂର୍ବରୁ କିପରି ନିଜକୁ ସୁରକ୍ଷିତ ରଖି ଅନ୍ୟକୁ ରକ୍ଷା କରିହେବ ସେ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନିକା ତହସିଲଦାର ସୀତାରାମ ଭୋଇ, ବିଡିଓ ପ୍ରମୋଦ ମେହେର, ସିଦ୍ଧାର୍ଥ ଜୁନିଅର କଲେଜ ଅଧକ୍ଷା ରେଖା ପ୍ରଧାନ, ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ, ଫୁଲମୁଠି ମହିଳା ଜୁନିଅର କଲେଜ ଅଧ୍ୟାପିକା ବୈଜୟନ୍ତୀ ସାହୁ ପ୍ରମୁଖ ଯୋଗ ଦେଇ ବିପର୍ଯ୍ୟୟ ମୁକାବିଲା ଉପରେ ସୂଚନା ପ୍ରଦାନ କରିଥିଲେ। ସଭା ଶେଷରେ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସ୍ୱେଚ୍ଛାସେବୀମାନେ ଗ୍ରହଣ କରିଥିବା ସୁରକ୍ଷା କୌଶଳ ଦେଖାଇଥିଲେ। ସେହିପରି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟମାନଙ୍କୁ କିପରି ବିପଦରୁ ରକ୍ଷା କରାଯାଇ ପାରିବ ସେ ଦିଗରେ ଆବଶ୍ୟକ ସରଞ୍ଜାମ ବ୍ୟବହାର ସ୍ୱରୂପ ଡେମୋ ପ୍ରଦର୍ଶନ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ, ସାଧାରଣ ଲୋକ, ଅଙ୍ଗନୱାଡ଼ି, ଆଶା କର୍ମୀ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ବିନିକା ଏନଏସି ସିଏମଏମ ଉମାକାନ୍ତ ସିଂ, ସ୍ପୋର୍ଟ୍ସ କ୍ଲବ ସଭାପତି ସୋମନାଥ ମିଶ୍ରଙ୍କ ସହ ସ୍ପୋର୍ଟ୍ସ କ୍ଲବ ସଦସ୍ୟ ଓ ପରିଷଦ କର୍ମଚାରୀ ସହଯୋଗ କରିଥିଲେ।

**ସୁବଳୟା:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତ ଟିକ୍ରାପଡ଼ା ବହୁମୁଖି ବନ୍ୟା ଆଶ୍ରୟସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ବ୍ଲକସ୍ତରୀୟ ସାମୂହିକ ଅଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ପୁନମ ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶୀ ମିର୍ଦ୍ଧା, ଏବିଡିଓ ପୁରୁଷୋତ୍ତମ ଧରୁଆ, ଅଗ୍ନିଶମ ଅଧିକାରୀ ଭରତ ଲାଲ ଏକା, ବିଶ୍ୱନାଥ ନାଏକ, ସରପଞ୍ଚ ପ୍ରମୋଦ ମହାପାତ୍ର ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟସ

# ଯୁବ ଖେଳାଳିଙ୍କ ଦକ୍ଷତା ବିକାଶରେ ହେବ ସହାୟକ

- ଉଦ୍‌ଘାଟିତ ହେଲା କ୍ରିକେଟ ଇନ୍‌ଡୋର୍ ହଲ୍
- କୋଚିଂ ବିୟଣ୍ଡ ସହଭାଗୀତାରେ ଚାଲିଛି ପ୍ରଶିକ୍ଷଣ
- ଆଗାମୀ ଦିନରେ ଆସିବେ ଅର୍ନ୍ତଜାତୀୟ ଖେଳାଳି




**କଟକ,୧୯।୬(ସମିସ):** ଭାରତର କୋଣ ଅନୁକୋଣ ବୁଲିଛି। କିନ୍ତୁ ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସରେ ଯେଉଁ ସବୁ ସୁବିଧା ସୁଯୋଗ ରହିଛି ତାହା ପ୍ରଶଂସନୀୟ। ଜଣେ କ୍ରିକେଟ ଖେଳାଳି ପାଇଁ ଯାହା ବି ଆବଶ୍ୟକ ଥାଏ, ସେ ସବୁ ଏଠାରେ ଉପଲବ୍ଧ ଅଛି। ଖେଳାଳିଙ୍କ ନିମନ୍ତେ ଅନ୍ତର୍ଜାତୀୟସ୍ତରର ସୁବିଧାସୁଯୋଗ ଏଠାରେ ମିଳିପାରିବ। ଯୁବ ଖେଳାଳିଙ୍କ ପାଇଁ ଏହା ଏକ ପ୍ରଯୁଜ୍ୟ କେନ୍ଦ୍ର ହେବ। ବିଶେଷକରି ସେମାନଙ୍କ ଦକ୍ଷତା ବୃଦ୍ଧି ଦିଗରେ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟସ ସହାୟକ ହେବ। ଆଠଗଡ଼ ଗୁରୁଡୁଝାଟିଆସ୍ଥିତ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟସ ପରିସରରେ କ୍ରିକେଟ ଇନ୍‌ଡୋର୍



ହଲ୍‌କୁ ବୁଧବାର ଉଦ୍‌ଘାଟନ କରିବା ଅବସରରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ଭାରତୀୟ ଦଳର ପୂର୍ବତନ ବୋଲିଂ କୋଚ୍ ଭରତ ଅରୁଣ ଏକଥା କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଭେଙ୍କଟପତି ରାଜୁ, ଭାରତୀୟ ଦଳର ପୂର୍ବତନ ଫିଲ୍ଡିଂ କୋଚ୍ ଆର. ଶ୍ରୀଧର, ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ତଥା ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟସ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟସ ଅଧ୍ୟକ୍ଷ ଶ୍ରୀ ମହାନ୍ତି କହିଥିଲେ ଯେ, ସାଢ଼େ ୩ କୋଟି ଟଙ୍କା ବ୍ୟୟରେ ନୂତନ କ୍ରିକେଟ ଇନ୍‌ଡୋର୍ ହଲ୍ ନିର୍ମାଣ ହୋଇଛି। ଅତ୍ୟାଧୁନିକ ଜିମ୍ ସାଙ୍ଗକୁ ୨୪ଟି ପ୍ରାକ୍ଟିସ ୱିକେଟ ରହିଛି। ଟର୍ଫ, ଆଷ୍ଟ୍ରୋଟର୍ଫ, ମାଟିଂ ସହିତ ୮ଟି ମୁଖ୍ୟ ୱିକେଟ ରଖାଯାଇଛି। ଏହାକୁ ପୂର୍ଣ୍ଣାଙ୍ଗ ଏକାଡେମୀରେ ପରିଣତ କରିଯିବାକୁ ଯୋଜନା ରହିଛି। ୮୫ଜଣ ଖେଳାଳି ରହିବା ନିମନ୍ତେ ବ୍ୟବସ୍ଥା ହେବ। ଏବେ ୩୦ଜଣ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି। ରାଜ୍ୟ ବାହାରର ୩୩ଜଣ ଖେଳାଳି ରହିବେ। ଏପରିକି ଅନ୍ତର୍ଜାତୀୟସ୍ତରର ଖେଳାଳି ଏଠାକୁ ଆସିବାକୁ ଇଚ୍ଛା ପ୍ରକଟ କରିଛନ୍ତି। ଆଗାମୀ ଦିନରେ ଆମେରିଆ, ଦୁବାଇର ଖେଳାଳି ଏଠାରେ ଅଭ୍ୟାସ ମ୍ୟାଚ୍ ଖେଳିବେ। ପୂର୍ବ ଭାରତର କିଛି ରାଜ୍ୟ ଏଠାରେ ଅଭ୍ୟାସ ଶିବିର ଆୟୋଜନ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ଖୁବଶୀଘ୍ର ମହିଳା ଖେଳାଳିଙ୍କ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ମହାନ୍ତି କହିଥିଲେ। ଏହାଛଡ଼ା ପ୍ୟାଭିଲିୟନ ନିର୍ମାଣ, ରଣଜୀ ମ୍ୟାଚ୍ ଆୟୋଜନ ବାବଦରେ ମଧ୍ୟ ସେ ମତ ଦେଇଥିଲେ। ପ୍ରଶିକ୍ଷକମାନଙ୍କ ନିମନ୍ତେ ଏଠାରେ ୧୦ଟି ପ୍ରକୋଷ୍ଠ ସଂରକ୍ଷିତ ରହିଥିବା ସେ ଜଣାଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଭେଙ୍କଟପତି ରାଜୁ ଏବଂ ଭାରତୀୟ ଦଳର ପୂର୍ବତନ ଫିଲ୍ଡିଂ କୋଚ୍ ଆର. ଶ୍ରୀଧର ଏଠାକାର ସମସ୍ତ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଏଠାରେ ପ୍ରଶିକ୍ଷଣ ହାସଲ କରୁଥିବା ଖେଳାଳି ନିଶ୍ଚୟ ଦିନେ ଭଲ ଖେଳାଳି ହୋଇ ପାରିବ ବୋଲି ଭେଙ୍କଟପତି ମତ ଦେଇଥିଲେ। ଏମଜିଏମ୍‌ର ଏଭଳି ଉଦ୍ୟମ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି ପୂର୍ବତନ ଫିଲ୍ଡିଂ କୋଚ୍ ଶ୍ରୀଧର କହିଥିଲେ। ପ୍ରକାଶ ଥାଉକି, ଦେଶର ଖ୍ୟାତିସମ୍ପନ୍ନ କ୍ରିକେଟ ଅନୁଷ୍ଠାନ 'କୋଚିଙ୍ଗ ବିୟଣ୍ଡ' ସହିତ ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସ ଏକ ଏମଓୟୁ ସ୍ୱାକ୍ଷର କରିଛି। କୋଚିଙ୍ଗ ବିୟଣ୍ଡର ପ୍ରତିଷ୍ଠାତା ହେଉଛନ୍ତି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରବି ଶାସ୍ତ୍ରୀ, ଭରତ ଅରୁଣ ଏବଂ ଆର ଶ୍ରୀଧର। କ୍ରିକେଟ ଜଗତର ଏହି ତିନି ଚର୍ଚ୍ଚିତ ବ୍ୟକ୍ତିତ୍ୱ ମୁଖ୍ୟ ପ୍ରଶିକ୍ଷକ ଭାବେ ଏମଜିଏମ୍ ଏକାଡେମୀର ଖେଳାଳିଙ୍କ ଦକ୍ଷତା ବିକାଶ ଦିଗରେ ଗୁରୁତ୍ୱ ଦେବେ। ଏହାଛଡ଼ା ବିସିସିଆଇର ଲେଭଲ-୨ ପ୍ରଶିକ୍ଷକ ପ୍ରଶିକ୍ଷଣ ପ୍ରଦାନ କରିବେ। ପୂର୍ବତନ କ୍ରିକେଟର ଭେଙ୍କଟପତି ରାଜୁ ମଧ୍ୟ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ଜଣାପଡ଼ିଛି।

## ୱେଷ୍ଟଇଣ୍ଡିଜ୍ ପିଚ୍‌ରେ ଭାରତ ଫେଭରିଟ୍: ଭରତ ଅରୁଣ

**କଟକ,୧୯।୬(ସମିସ):** 'ୱେଷ୍ଟଇଣ୍ଡିଜ୍ ପିଚ୍ ସହିତ ଖାପଖୁଆଇ ଖେଳିବା ଭାରତୀୟ ଦଳକୁ ଭଲ ଭାବେ ଜଣା। ଏବେ ଦଳରେ ରହିଥିବା ପ୍ରାୟତଃ ସମସ୍ତ ଖେଳାଳି ୱେଷ୍ଟଇଣ୍ଡିଜ୍‌ରେ ପୂର୍ବରୁ ଖେଳିଛନ୍ତି। ବିଶ୍ୱକପ୍‌ର ସୁପର-୮ରେ ଭାରତର ପ୍ରଦର୍ଶନ ଉତ୍ସାହଜନକ ରହିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଦଳର ଉଭୟ ବ୍ୟାଟିଂ ଓ ବୋଲିଂ ୟୁନିଟ୍ ଶକ୍ତିଶାଳୀ ପରିଲକ୍ଷିତ ହେଉଛି। ୱେଷ୍ଟଇଣ୍ଡିଜ୍ ପିଚ୍‌ରେ ଭାରତ ଫେଭରିଟ୍' ବୋଲି ଭାରତୀୟ ଦଳର ପୂର୍ବତନ ବୋଲିଂ କୋଚ୍ ଭରତ ଅରୁଣ କହିଛନ୍ତି। ଗୁରୁଡୁଝାଟିଆ ସ୍ଥିତ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟସ ପରିସରରେ କ୍ରିକେଟ ଇନ୍‌ଡୋର୍ ହଲ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଭରତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ଚଳିତ ଟି-୨୦ ବିଶ୍ୱକପ୍ ବାବଦରେ ମଧ୍ୟ ଗଣମାଧ୍ୟମକୁ ମତ ଦେଇଥିଲେ। ଭରତ ଅରୁଣ ଏ କଥା ମଧ୍ୟ କହିଥିଲେ ଯେ, ଭାରତର ବୋଲିଂ ଆଟାକ୍ ପ୍ରଭାବଶାଳୀ ରହିଛି। ପେସ୍ ବୋଲିଂ ଲାଇନ୍‌ଅପ୍‌ରେ ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ, ମହମ୍ମଦ ସିରାଜ୍ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପାକିସ୍ତାନ ବିପକ୍ଷରେ ଦଳର ବୋଲିଂ ପ୍ରଦର୍ଶନ ସବୁଦିନ ପାଇଁ ମନେ ରହିବ। ଏହା ବିଶ୍ୱର ସମସ୍ତ କ୍ରିକେଟପ୍ରେମୀଙ୍କୁ ଚକିତ କରିଥିଲା। ୟୁଏସ୍‌ଏ ପିଚ୍ ବୋଲିଂକୁ ସୁହାଉଥିଲା। ଯେଉଁଥିରେ ଭାରତୀୟ ବ୍ୟାଟର ଧୈର୍ଯ୍ୟର ସହ ଖେଳି ନିଜ ଦକ୍ଷତା ଓ ପରାକାଷ୍ଠାର ପରିଚୟ ଦେଇଛନ୍ତି। ହେଲେ ୱେଷ୍ଟଇଣ୍ଡିଜ୍ ପିଚ୍‌ରେ କେବଳ ବ୍ୟାଟର କିମ୍ବା ପେସ୍ ବୋଲର ନୁହଁନ୍ତି, ସ୍ପିନ୍ ବୋଲରମାନଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଦଳରେ ସ୍ଥାନ ପାଇଥିବା ସ୍ପିନ୍ ବୋଲରମାନେ ବେଶ୍ ଅଭିଜ୍ଞ। ସେମାନେ ଭଲଭାବେ ଜାଣନ୍ତି, କେଉଁ ପରିସ୍ଥିତିରେ କେଉଁ ରଣନୀତି ଆପଣାଇବାକୁ ହେବ।



ନୂଆ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସୌଜନ୍ୟମୂଳକ ସାକ୍ଷାତକାର ଅବସରରେ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଓ ତାଙ୍କ ଝିଅ ତଥା ଆଥ୍‌ଲେଟ୍ ଅଂଶିକା ରାଉତରାୟ

## କୌସ୍ତୁଭ, ପ୍ରତ୍ୟାଶା ଚାମ୍ପିଅନ

**କଟକ,୧୯।୬(ସମିସ):** ନିଖିଳ ଓଡିଶା ଚେସ ସଂଘ ଓ ଆଇଏସ ଚେସ ସେଣ୍ଟର ମିଳିତ ଆନୁକୁଲ୍ୟରେ ରିଦ୍ଧିସିଦ୍ଧି କଲ୍ୟାଣ ମଣ୍ଡପରେ ଚାଲିଥିବା ରାଜ୍ୟ ୧୭ ବର୍ଷରୁ କମ୍ ଚେସ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଓପନ୍ ବର୍ଗରେ କୌସ୍ତୁଭ ଦାସ ଚାମ୍ପିଅନ, ସ୍ଥିତପ୍ରଜ୍ଞ ସାହୁ ରନର୍ସଅପ ହୋଇଥିବା ବେଳେ ବାଳିକା ବର୍ଗରେ ପ୍ରତ୍ୟାଶା ଜେନା ଓ ଯାସିତା ରାଉତ ଯଥାକ୍ରମେ ଚାମ୍ପିଅନ ଏବଂ ରନର୍ସଅପ ହୋଇଛନ୍ତି। ଆସନ୍ତା ମାସରେ ଚଣ୍ଡୀଗଡରେ ହେବାକୁ ଥିବା ଜାତୀୟ ୧୭ ବର୍ଷରୁ



କମ୍ ଚେସ ପ୍ରତିଯୋଗିତାରେ ଉପରୋକ୍ତ ୪ଜଣ ଖେଳାଳି ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଓପନ ବର୍ଗରେ ବିକାଶ କୁମାର ଲେଙ୍କା, ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ, ଆର୍ଯ୍ୟନ୍ ବେହେରା, ଓମ୍ ଆଦିତ୍ୟ ଖାଡେଙ୍ଗା, ଜ୍ୟୋତ୍ସ୍ନା ତାଲୁକଦାର, ପ୍ରତ୍ୟୁଷ ନାୟକ, ମନୀଷ ମିଶ୍ର ଓ ସିୟମ ସତ୍ୟାଂଶ ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳିକା ବର୍ଗରେ ଜୟଲକ୍ଷ୍ମୀ ସାହୁ, ଦୃଷ୍ଟି ପ୍ରଧାନ, ଇସାନି ଦାସ, ପ୍ରୀତିଶା ମିତ୍ର, ଜ୍ୟୋତିକା ସାହୁ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ରତୁଶ୍ରୀ ରତୁପ୍ରଭା ସାହୁ ଓ ନୈନିକା ସାହୁ ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନ ଅଧିକାର କରି ଟ୍ରଫି, ମାନପତ୍ର ଓ ଅର୍ଥ ରାଶି ସହ ପୁରସ୍କୃତ ହୋଇଥିଲେ। ଆଇଏସ ଚେସ ସେଣ୍ଟର ନିର୍ଦ୍ଦେଶକ ମାନସ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରାଜ୍ୟ ଚେସ ସଂଘର ସମ୍ପାଦକ ଦେବବ୍ରତ ଭଞ୍ଜ, ସମାଜସେବୀ ସଞ୍ଜୟ ଜେନା, କର୍ପୋରେଟର ସୁବ୍ରତ ଘଡେଇ,ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋୟୀ, ଅମର ମହାନ୍ତି, ଅନ୍ତର୍ଜାତୀୟ ଆର୍ବିଟର୍ ଭବେସ ମହାନ୍ତି, ସନ୍ତୋଷ ମହାପାତ୍ର, ପ୍ରଶାନ୍ତ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଟି-୨୦ ବିଶ୍ୱକପ୍ ଗ୍ରୁପ୍ ପର୍ଯ୍ୟାୟ ଗଣିତ

# ଶ୍ରେଷ୍ଠ-୧୦ ବ୍ୟାଟର, ବୋଲର ତାଲିକାରେ ଭାରତୀୟ ନାହାନ୍ତି

**ଆମେରିକା ଓ ୱେଷ୍ଟଇଣ୍ଡିଜରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣର ଗ୍ରୁପ୍ ପର୍ଯ୍ୟାୟ ଖେଳ ଶେଷ ହୋଇଛି। ବୁଧବାରଠାରୁ ଆରମ୍ଭ ହୋଇଛି ସୁପର-୮ ପର୍ଯ୍ୟାୟ। ଜୁନ୍ ୧ରୁ ଆରମ୍ଭ ହୋଇଥିବା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ୧୮ ତାରିଖରେ ଶେଷ ହୋଇଛି। ଏହି ସମୟ ଅବଧିରେ ୪୦ଟି ମ୍ୟାଚ୍ ଖେଳାଯାଇଛି। ଏପର୍ଯ୍ୟନ୍ତ ଶ୍ରେଷ୍ଠ-୧୦ ବ୍ୟାଟର ଓ ବୋଲର ତାଲିକାରେ କୌଣସି ଭାରତୀୟ ନାହାନ୍ତି। ୧୬ଜଣ ଖେଳାଳି ୫ କିମ୍ବା ତା'ଠାରୁ ଅଧିକ ଛକା ମାରିଛନ୍ତି। ଭାରତ ପାଇଁ ରୋହିତ ଶର୍ମା ସର୍ବାଧିକ ୪ଟି ଛକା ମାରିଛନ୍ତି। ପାକିସ୍ତାନର ଶାହିନ ଶାହା ଆଫ୍ରିଦି ମଧ୍ୟ ୪ଟି ଛକା ମାରିଛନ୍ତି। ଏପର୍ଯ୍ୟନ୍ତ ଖେଳାଯାଇଥିବା ୪୦ଟି ମ୍ୟାଚ୍‌ରେ ୧୨ଥର ୧୦୦ରୁ କମ୍ ରନ ବିଭିନ୍ନ ଦଳଗୁଡିକ ସଂଗ୍ରହ କରିଛନ୍ତି। ଭାରତ ଗ୍ରୁପ୍ ଏ'ରେ ୪ଟି ମ୍ୟାଚ୍ ଖେଳି ୩ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି।**

### ଶ୍ରେଷ୍ଠ-୧୫ ରନ୍ ସ୍କୋରରଙ୍କ ମଧ୍ୟରେ ଭାରତୀୟ ନାହାନ୍ତି

ଗ୍ରୁପ ପର୍ଯ୍ୟାୟରେ ୧୬ ଖେଳାଳି ୧୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। କିନ୍ତୁ ଏଥିରେ କୌଣସି ଭାରତୀୟ ନାହାନ୍ତି। ଋଷଭ ପନ୍ତ ୯୬ ରନ ସଂଗ୍ରହ କରି ଭାରତର ସର୍ବାଧିକ ସ୍କୋରର ହୋଇଛନ୍ତି। ପ୍ରଥମ ରାଉଣ୍ଡରୁ ବିଦା ହୋଇଥିବା ପାକିସ୍ତାନ ତରଫରୁ ବାବର ଆଜମ ୧୨୨, ମହମ୍ମଦ ରିଜୱାନ ୧୧୦ ରନ ସଂଗ୍ରହ କରିଛନ୍ତି। ଆଫଗାନିସ୍ତାନର ରହମାନୁଲ୍ଲା ଗୁରବାଜ ୧୬୭ ରନ ସଂଗ୍ରହ କରି ଟପ୍ ସ୍କୋରର ବିବେଚିତ ହୋଇଛନ୍ତି।

### ଦ୍ରୁତ ବୋଲରଙ୍କୁ ୬୪ ପ୍ରତିଶତ ୱିକେଟ

ଗ୍ରୁପ୍ ପର୍ଯ୍ୟାୟରେ ୪୦ଟି ମ୍ୟାଚ୍‌ରେ ଦ୍ରୁତ ବୋଲରମାନେ ଅଧିକ ସଫଳ ରହିଛନ୍ତି। ୨୦ଟି ଦଳ ମୋଟ୍ ଉପରେ ୬୩୪ ଚୌକା ଓ ୩୨୮ ଛକା ମାରିଛନ୍ତି। ମୋଟ୍ ଉପରେ ୪୮୮ ୱିକେଟର ପତନ ହୋଇଛି। ଏଥିରେ ଦ୍ରୁତ ବୋଲର ୬୪ ପ୍ରତିଶତ ଅର୍ଥାତ ୩୧୨ ୱିକେଟ ଓ ସ୍ପିନର ୨୯ ପ୍ରତିଶତ ଅର୍ଥାତ ୧୪୩ ୱିକେଟ ନେଇଥିବା ବେଳେ ୭ ପ୍ରତିଶତ ଓ୍ୱିକେଟ ରନଆଉଟ ମାଧ୍ୟମରେ ପତନ ହୋଇଛି।

### ଶତକଶୂନ୍ୟ ଗ୍ରୁପ୍ ପର୍ଯ୍ୟାୟ

ଗ୍ରୁପ୍ ପର୍ଯ୍ୟାୟରେ ବ୍ୟାଟରମାନେ ୨୬ଟି ଅର୍ଦ୍ଧଶତକ ମାରିଛନ୍ତି। କିନ୍ତୁ କୌଣସି ଖେଳାଳି ଏପର୍ଯ୍ୟନ୍ତ ଶତକ ହାସଲ କରିପାରି ନାହାନ୍ତି। ଭାରତର ସୂର୍ଯ୍ୟକୁମାର ଯାଦବ ୫୦ ଓ ଅଧିନାୟକ ରୋହିତ ଶର୍ମା ୫୨ ରନ ସଂଗ୍ରହ କରିଛନ୍ତି। ଅନ୍ୟକୌଣସି ଭାରତୀୟ ବ୍ୟାଟର ଅର୍ଦ୍ଧଶତକ ମାରି ପାରିନାହାନ୍ତି। ୱେଷ୍ଟଇଣ୍ଡିଜର ନିକୋଲାସ ପୁରନ ଆଫଗାନିସ୍ତାନ ବିପକ୍ଷ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ସର୍ବାଧିକ ୯୮ ରନ ସଂଗ୍ରହ କରିଥିଲେ ମଧ୍ୟ ଶତକ ହାସଲରୁ ୨ ରନ ପଛରେ ରହିଥିଲେ।

### ଜୋନ୍ସ, ପୁରନ୍ ସର୍ବାଧିକ ଛକା ମାରିଛନ୍ତି

ଗ୍ରୁପ୍ ପର୍ଯ୍ୟାୟରେ ୧୬ ଖେଳାଳି ୫ କିମ୍ବା ତା'ଠାରୁ ଅଧିକ ଛକା ମାରିଛନ୍ତି। କିନ୍ତୁ ଏଥିରେ କୌଣସି ଭାରତୀୟ ନାହାନ୍ତି। ରୋହିତ ୪ ଓ ପନ୍ତ ୩ଟି ଛକା ମାରିଛନ୍ତି। ଆମେରିକାର ଆରୋନ ଜୋନ୍ସ ଓ ପୁରନ୍ ସର୍ବାଧିକ ୧୩ଟି ଲେଖାଏ ଛକା ମାରି ଶୀର୍ଷରେ ରହିଛନ୍ତି।

### ଫାରୁକି ସର୍ବାଧିକ ୧୨ ୱିକେଟ

ଗ୍ରୁପ୍ ପର୍ଯ୍ୟାୟରେ ୮ ଖେଳାଳି ୮ରୁ ଅଧିକ ୱିକେଟ ଅକ୍ତିଆର କରିଛନ୍ତି। ଏଥିରେ କୌଣସି ଭାରତୀୟ ସାମିଲ ନାହାନ୍ତି। ହର୍ଦ୍ଦିକ ପାଣ୍ଡ୍ୟା ଓ ଅର୍ଶଦୀପ ସିଂ ୭ଟି ଲେଖାଏ ୱିକେଟ ନେଇ ଭାରତର ସଫଳତମ ବୋଲର ବିବେଚିତ ହୋଇଛନ୍ତି। ଆଫଗାନିସ୍ତାନର ଫଜଲହକ ଫାରୁକି ସର୍ବାଧିକ ୧୨ ୱିକେଟ ନେଇ ସଫଳତମ ବୋଲର ସାବ୍ୟସ୍ତ ହୋଇଛନ୍ତି।

### ଦୁଇ ବୋଲରଙ୍କୁ ୫ ୱିକେଟ ସଫଳତା

ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ଦୁଇଜଣ ବୋଲରଙ୍କୁ ୫ ୱିକେଟ ସଫଳତା ମିଳିଛି। ଅର୍ଥାତ ଗୋଟିଏ ପାଳିରେ ହାସଲ କରିଛନ୍ତି ୫ ୱିକେଟ। ଆଫଗାନିସ୍ତାନର ଫାଜଲହକ ଫାରୁକି ଓ ୱେଷ୍ଟଇଣ୍ଡିଜର ଅକିଲ ହୁସେନଙ୍କୁ ଏହି ସଫଳତା ମିଳିଛି। ଭାରତର ଅର୍ଶଦୀପ ସିଂ ଆମେରିକା ବିପକ୍ଷରେ ୭ ରନ ଦେଇ ୪ ୱିକେଟ ହାସଲ କରିଛନ୍ତି। ବିଶ୍ୱକପ୍‌ରେ ଭାରତୀୟ ବୋଲର ଭାବେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

### ୩ଥର ୨୦୦ରୁ ଊର୍ଦ୍ଧ୍ୱ ସ୍କୋର

ଗ୍ରୁପ୍ ପର୍ଯ୍ୟାୟରେ ଲୋ ସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିଥିଲେ ମଧ୍ୟ ୩ଥର ୨୦୦ରୁ ଉଦ୍ଧ୍ୱର୍ ରନ ସ୍କୋର ହୋଇଛି। ୮୦ଟି ପାଳିରେ ୮ଥର ୧୮୦ରୁ ଊର୍ଦ୍ଧ୍ୱ ରନ ସ୍କୋର ହୋଇଛି। ଏଥିରେ ୩ଥର ୨୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର ହୋଇଛି। ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଆଫଗାନିସ୍ତାନ ବିପକ୍ଷରେ ୱେଷ୍ଟଇଣ୍ଡିଜ ୨୧୮ ରନ ସଂଗ୍ରହ କରିଥିଲା ଓ ଏହା ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ସର୍ବାଧିକ ସ୍କୋର ବିବେଚିତ ହୋଇଛି। ସେହିପରି ଶ୍ରୀଲଙ୍କା ବିପକ୍ଷରେ ଅଷ୍ଟ୍ରେଲିଆ ୨୦୦ରୁ ଅଧିକ ରନ ସଂଗ୍ରହ କରିଛି।



ରହମାନୁଲ୍ଲା ଗୁରବାଜ

### ୩ଥର ମିଳିଛି ୧୦୦+ ରନର ବିଜୟ

୫ଥର ବିଭିନ୍ନ ଦଳଗୁଡିକ ୮୦ରୁ ଊର୍ଦ୍ଧ୍ୱ ରନ ଅନ୍ତରରେ ବିଜୟୀ ହୋଇଛନ୍ତି। ୱେଷ୍ଟଇଣ୍ଡିଜ ଦୁଇଥର ଓ ଆଫଗାନିସ୍ତାନ ଥରେ ୧୦୦ରୁ ଊର୍ଦ୍ଧ୍ୱ ରନରେ ବିଜୟୀ ହୋଇଛି। ୱେଷ୍ଟଇଣ୍ଡିଜ ସର୍ବାଧିକ ୧୩୪ ରନରେ ଉଗାଣ୍ଡାକୁ ଓ ଆଫଗାନିସ୍ତାନକୁ ୧୦୪ ରନରେ ପରାସ୍ତ କରିଛି। ପାକିସ୍ତାନ ବିପକ୍ଷରେ ଭାରତ ସବୁଠାରୁ ବଡ଼ ବିଜୟ ୬ ରନ ବ୍ୟବଧାନରେ ହାସଲ କରିଛି।

### ଦକ୍ଷିଣ ଆଫ୍ରିକାକୁ ମିଳିଛି ସବୁଠାରୁ ଛୋଟ ବିଜୟ

ଗ୍ରୁପ୍ ଡି'ରେ ଦକ୍ଷିଣ ଆଫ୍ରିକା ମାତ୍ର ୧ ରନରେ ନେପାଳକୁ ହରାଇ ସବୁଠାରୁ ଛୋଟ ବିଜୟ (ରନରେ) ହାସଲ କରିଛି। ୧୧୫ ରନର ସ୍କୋରକୁ ଦକ୍ଷିଣ ଆଫ୍ରିକା ଡିଫେଣ୍ଡ କରିଥିଲା ଓ ନେପାଳ ଅଳ୍ପକେ ବିଜୟ ହାତଛଡ଼ା କରିଥିଲା। ସେହିପରି ଦକ୍ଷିଣ ଆଫ୍ରିକା ଅନ୍ୟଏକ ମ୍ୟାଚ୍‌ରେ ୪ ରନରେ ବାଂଲାଦେଶକୁ ହରାଇଥିଲା। ସେହିପରି ଭାରତ ୬ ରନରେ ପାକିସ୍ତାନକୁ ହରାଇଥିଲା। ସବୁଠାରୁ ଛୋଟ ବିଜୟରେ ଭାରତ ତୃତୀୟ ସ୍ଥାନରେ ରହିଛି।

### ୩ଟି ଦଳ ଜିତିଛନ୍ତି ସବୁ ମ୍ୟାଚ୍

ଗ୍ରୁପ୍ ପର୍ଯ୍ୟାୟରେ ୩ଟି ଦଳ ସେମାନଙ୍କର ସବୁ ୪ଟି ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛନ୍ତି। ଗ୍ରୁପ୍ ବି'ରେ ଅଷ୍ଟ୍ରେଲିଆ, ଗ୍ରୁପ୍ ସି'ରେ ୱେଷ୍ଟଇଣ୍ଡିଜ ଓ ଗ୍ରୁପ୍ ଡି'ରେ ଦକ୍ଷିଣ ଆଫ୍ରିକା ସବୁ ମ୍ୟାଚ୍ ଜିତିଛନ୍ତି। ଭାରତ ଗ୍ରୁପ୍ ଏ'ରେ ଅପରାଜେୟ ରହିଥିଲେ ମଧ୍ୟ ୩ଟି ବିଜୟ ହାସଲ କରିଛି ଓ ଗୋଟିଏ ବର୍ଷା କାରଣରୁ ବାତିଲ ହୋଇଛି। ସେହିପରି ଆଫଗାନିସ୍ତାନ ଓ ବାଂଲାଦେଶ ୩ଟି ସେମାନଙ୍କ ଗ୍ରୁପ୍‌ରେ ୩ଟି ଲେଖାଏ ମ୍ୟାଚ୍ ଜିତିଛନ୍ତି।

### ଓମାନ, ପିଏନ୍‌ଜି ସବୁ ମ୍ୟାଚ୍ ହାରିଛନ୍ତି

ଗ୍ରୁପ ପର୍ଯ୍ୟାୟରେ ୭ଟି ଦଳ ୩ରୁ କିମ୍ବା ତା'ଠାରୁ ଅଧିକ ମ୍ୟାଚ୍‌ରେ ହାରିଛନ୍ତି। ଗ୍ରୁପ୍ ବି'ରେ ଓମାନ ଓ ଗ୍ରୁପ୍ ସି'ରେ ପାପୁଆ ନ୍ୟୁ ଗିନି (ପିଏନ୍‌ଜି) ନିଜର ୪ଟି ଯାକ ଗ୍ରୁପ୍ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ସେହିପରି ଉଗାଣ୍ଡା, ନାମିବ୍ୟା ଓ ନେଦରଲାଣ୍ଡସ ୩ଟି ଲେଖାଏ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଗୋଟିଏରେ ବିଜୟୀ ହୋଇଛନ୍ତି।

### ଆମେରିକାରେ ଲୋ ସ୍କୋରିଂ ମ୍ୟାଚ୍: ୩ଟି ବିନା ଫଳାଫଳ

ଗ୍ରୁପ୍ ପର୍ଯ୍ୟାୟର ୧୬ଟି ମୁକାବିଲା ଆମେରିକାର ୩ଟି ସହରରେ ଖେଳାଯାଇଛି। ଏଥିରୁ ୯ଟି ମ୍ୟାଚ୍‌ରେ ଚେଜ୍ କରିବା ଦଳ ଓ ୩ଟିରେ ପ୍ରଥମେ ବ୍ୟାଟିଂ କରିବା ଦଳ ବିଜୟୀ ହୋଇଛି। ୩ଟି ମ୍ୟାଚ୍ ବର୍ଷା କାରଣରୁ ବିନା ଫଳାଫଳ ସହ ଶେଷ ହୋଇଛି। କୌଣସି ଦଳ ୨୦୦ ରନ ସ୍କୋର କରିପାରି ନାହାନ୍ତି। ଦୁଇଥର ୧୦୦ରୁ କମ୍ ରନ ସ୍କୋର ହୋଇଛି। ଆମେରିକାରେ ଲୋ ସ୍କୋରିଂ ମ୍ୟାଚ୍ ହୋଇଥିଲେ ମଧ୍ୟ ସବୁ ମ୍ୟାଚ୍‌ରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା।

### ୱେଷ୍ଟଇଣ୍ଡିଜରେ ୧୦ଥର ୧୦୦ରୁ କମ୍ ରନ ସ୍କୋର ହୋଇଛି

ୱେଷ୍ଟଇଣ୍ଡିଜରେ ୬ଟି ଷ୍ଟାଡିୟମରେ ୨୪ଟି ଗ୍ରୁପ୍ ମ୍ୟାଚ୍ ଖେଳାଯାଇଛି। ୧୨ଟିରେ ପ୍ରଥମେ ବ୍ୟାଟିଂ ଓ ୧୦ଟିରେ ପ୍ରଥମେ ବୋଲିଂ କରିଥିବା ଦଳ ବିଜୟୀ ହୋଇଛନ୍ତି। ଏଠାରେ ମଧ୍ୟ ଗୋଟିଏ ମ୍ୟାଚ୍ ଟାଇ ରହିଛି। ବର୍ଷା କାରଣରୁ ଗୋଟିଏ ମ୍ୟାଚ୍‌ର ଫଳାଫଳ ମିଳିପାରି ନଥିଲା। ୩ଥର ଦଳଗୁଡିକ ୨୦୦ରୁ ଅଧିକ, ୧୦ ଥର ୧୦୦ ରନରୁ କମ ରନ ସଂଗୃହିତ ହୋଇଛି।




ଫଜଲହକ ଫାରୁକି

ଭଲ କଳାକାରଟିଏ ହେବାକୁ ତାଙ୍କର ଇଚ୍ଛା ଥିଲା । ନୂଆ ଅନୁଭୂତି ପାଇବା ପାଇଁ ସେ 'ରଜ କୁଇନ୍'କୁ ଅଡିସନ୍ ଦେବାକୁ ଆସିଥିଲେ । ହେଲେ ଏହି ଅଡିସନ୍ ଦେବା ପୂର୍ବରୁ ତାଙ୍କୁ ଟେଲି ଧାରାବାହିକରେ କାମ ପାଇଁ ସୁଯୋଗ ମିଳିଗଲା । ଆଉ ଏବେ ସେ 'ସୁନାଝିଅ' ଧାରାବାହିକରେ 'ପ୍ରିୟା' ଚରିତ୍ରରେ ଘରେ ଘରେ ପରିଚିତ । ଖୁବ୍ କମ୍ ସମୟ ମଧ୍ୟରେ ଦର୍ଶକଙ୍କ ହୃଦୟ ଜିଣିଥିବା ଏହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି ଯାଜପୁର, ରୁଢ଼ିଆର ଅଙ୍କିତା ମିଶ୍ର । ତେବେ ଅଭିନୟ ଦୁନିଆରେ ତାଙ୍କର ଯାତ୍ରା କିପରି ରହିଥିଲା, ଜାଣିବା ତାଙ୍କ ମୁହଁରୁ... ।

ସାକ୍ଷାତକାର

# "ଚରିତ୍ରରେ ବୁଡ଼ି ରହିଲେ ଅଭିନୟ ଭଲ ହୁଏ"

**ଅଙ୍କିତା ମିଶ୍ର, ଅଭିନେତ୍ରୀ**







**'ସୁନା ଝିଅ' ଧାରାବାହିକରେ ଲିଡ୍ ଅଭିନେତ୍ରୀ, କେମିତି କାମ ମିଳିଥିଲା?**

- ମୁଁ କେବେ ହିରୋଇନ୍ ହେବି ଭାବିନଥିଲି । ଜଣେ ଭଲ କଳାକାର ହେବା ମୋର ସ୍ୱପ୍ନ ଥିଲା । ପାଠ ପଢ଼ାର ବ୍ୟସ୍ତତା ଭିତରେ ଅଭିନେତ୍ରୀ ପାଇଁ କିଛି ସ୍ୱତନ୍ତ୍ର ପ୍ରସ୍ତୁତି କରିନଥିଲି । ଯଦିଓ ନୂଆ ଅଭିଜ୍ଞତା ପାଇବା ପାଇଁ 'ରଜ କୁଇନ୍' ଅଡିସନ୍ ଦେବାକୁ ଆସିଥିଲି । ହେଲେ ସୌଭାଗ୍ୟବଶତଃ ଅଡିସନ୍ ଦେବା ପୂର୍ବରୁ ମୋତେ 'ସୁନା ଝିଅ'ରେ ପ୍ରିୟା ଚରିତ୍ର ମିଳିଥିଲା । କିଛି ନ ଭାବି ଏହି ଚରିତ୍ର ପାଇ ମୁଁ ବହୁତ ଖୁସି ହୋଇଯାଇଥିଲି ।

**ଅଭିନୟ ଜଗତରେ ପୂରା ନୂଆ, ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ ?**

- ସେ ଅନୁଭୂତି ପୂରା ନିଆରା ଥିଲା । ଅଭିନୟ ଜଗତରେ ମୋର ପ୍ରଥମ ପାଦ, କାମ ବିଷୟରେ ଜଣାନଥିଲା, କେଉଁଠି କେମିତି ସଂଳାପ କହିବି, ଚରିତ୍ରକୁ କେମିତି ନିଭାଇବି, ଏସବୁକୁ ନେଇ ମୋ ମନ ଭିତରେ ଡର ଥିଲା । ହେଲେ 'ସୁନାଝିଅ'ର ପୂରା ଟିମ୍ ଆଉ ନିର୍ଦ୍ଦେଶକ ଗୌରୀ ସାର୍‌ଙ୍କ ସହଯୋଗରେ ମୁଁ ଆରମ୍ଭରୁ ଭଲ କାମ କରିବାକୁ ଚେଷ୍ଟା କରିଥିଲି । ସେ ମୋତେ ତାଙ୍କ ଝିଅ ପରି ଭାବନ୍ତି, ବାପା ପରି ତାଗିଦ କରନ୍ତି । ସେ ମୋର ମାର୍ଗଦର୍ଶକ । ତେବେ ଆରମ୍ଭରୁ ଏବେ ଯାଏଁ ଦର୍ଶକ ଯେଉଁ ଭଲପାଇବା ଦେଇଛନ୍ତି, ତାହା ଅବିଶ୍ୱସନୀୟ । ସେମାନେ ମୋ' ପାଇଁ ଭଗବାନ, ତାଙ୍କ ପାଖେ ମୁଁ ଚିରଋଣୀ ।

**ପଢ଼ା ପାଇଁ କେମିତି ସମୟ ବାହାର କରନ୍ତି?**

- ସୁଟିଂ ସେଟ୍‌କୁ ବହିପତ୍ର ନେଇ ଯାଏ । କାମରୁ ଟିକେ ସମୟ ମିଳିଲେ, ପଢ଼ାପଢ଼ି କରେ । ହଁ ମୋ' ପାଖରେ ସବୁବେଳେ ଗୀତା ବହି ଥାଏ । କେବେ କେବେ ଗୀତା ବି ପଢ଼େ । ସେଟ୍‌ରେ କେହି ବି ମୋତେ ଡିଷ୍ଟର୍ବ କରନ୍ତିନି । ପରୀକ୍ଷା ଦେବାକୁ ଯାଏ ।

**ସୁନାଝିଅ ପ୍ରିୟା, କିନ୍ତୁ ବାସ୍ତବରେ ଅଙ୍କିତା କେମିତି?**

- 'ସୁନାଝିଅ'ରେ ଆମେ ତିନି ଭଉଣୀ, ସମସ୍ତଙ୍କଠାରୁ ପ୍ରିୟା ସାହସୀ ଆଉ ପରିଶ୍ରମୀ । ଭୁଲ୍ ଠିକ୍ କହିବାକୁ ପ୍ରିୟା ଡରେନାହିଁ । ବାପଘର, ଶାଶୂଘର ତା'ଭିତରେ ଜିଲ୍ଲାପାଳର ଦାୟିତ୍ୱକୁ ସେ ଭଲଭାବେ ନିଭାଉଛନ୍ତି । ଗୋଟିଏ ଶବ୍ଦରେ କହିଲେ, ଜଣେ ଝିଅ ଯେକୌଣସି ପରିସ୍ଥିତି ଆସୁନା କାହିଁ ହାର ନମାନି ପରିବାରକୁ ସର୍ପୋଟ୍ କରି ଆଗକୁ ବଢ଼ିପାରେ ବୋଲି ପ୍ରିୟା ତାହା ପ୍ରମାଣିତ କରୁଛି । ଠିକ୍ ସେମିତି ରିଅଲରେ ଆମେ ଦୁଇ ଭଉଣୀ, ପ୍ରିୟା ପରି ଅଙ୍କିତା ସତ କୁହେ, ଠିକ୍ ଆଉ ଭୁଲ୍‌କୁ ମୁହଁରେ କୁହେ ।

**ନବାଗତା ହୋଇ ବି ଚରିତ୍ରକୁ ଜୀବନ୍ତ କରିପାରିଛନ୍ତି, କିପରି?**

- 'ସୁନା ଝିଅ' ଟାଇଟଲ୍ ପ୍ରିୟା ଚରିତ୍ରକୁ ମୁଁ ବହୁତ ଭଲପାଇଯାଇଛି । ମୋ ଚରିତ୍ର ପ୍ରତି ଦୁର୍ବଳତା ରହିଛି । ସେଥିପାଇଁ କେବଳ ସେଟ୍‌ରେ ମୁଁ ଅଭିନୟ କରେ ତାହା ନୁହେଁ, ମୁଁ ଘରେ ବି ନିଜେ ନିଜେ ଅଭ୍ୟାସ କରୁଥାଏ । କେବଳ ମୁଁ ନୁହେଁ, ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନର ଶେଷ ଯାଏଁ ଶିଖିବାର ଆବଶ୍ୟକତା ଥାଏ, ତେଣୁ ସମସ୍ତଙ୍କ ଠାରୁ ଭଲ କଥା ଶିଖେ । ମୋ କାମକୁ ଗୁରୁତ୍ୱ ଦିଏ । କାମକୁ ଆସିଲେ ପ୍ରଥମେ ସ୍କ୍ରିପ୍ଟ ମାଗିଦିଏ ।

**ପ୍ରିୟା ଚରିତ୍ରଟି ଆପଣଙ୍କ ଜୀବନରେ କିଛି ପ୍ରଭାବ ପକାଇଛି କି?**

- ପ୍ରିୟା ଚରିତ୍ରରୁ ମୁଁ ବହୁତ କିଛି ଶିଖିଛି । ସଂଘର୍ଷ ଭିତରେ ଗୋଟେ ଝିଅ, ବୋହୂ, ମା', ପତ୍ନୀ ଆଉ ଜିଲ୍ଲାପାଳର ଦାୟିତ୍ୱକୁ ବେଶ୍ ଭଲ ଭାବେ ବୁଝିପାରିଛି । ଏ ସମସ୍ତ ଚରିତ୍ର ଭିତରେ ବୁଡ଼ି ରହୁଥିବାରୁ ଅଭିନୟ ମଧ୍ୟ ଭଲ ହେଉଛି ।

**ସୁଟିଂ ନଥିଲେ କ'ଣ କରନ୍ତି?**

- ଯଦିଓ ସୁଟିଂ ପାଇଁ ସବୁବେଳେ ବ୍ୟସ୍ତ ରହିବାକୁ ହୁଏ, ତେଣୁ ସମୟ ମିଳିଲେ ମୁଁ ଶୋଇପଡ଼େ । ନହେଲେ ବହି ପଢ଼ାପଢ଼ି କରେ । ଫିଟ୍‌ନେସ୍ ପ୍ରତି ଧ୍ୟାନ ଦେବା ସହ ଘର ଲୋକଙ୍କ ସହ ସମୟ ବିତାଏ ।

**ପରଦାରେ ପ୍ରିୟା ଆଉ ବିଷ୍ଣୁଙ୍କ ବଣ୍ଡିଂ ବହୁତ ଭଲ, ରିଅଲରେ କେମିତି ?**

- ତାଙ୍କ ସହ ମୋର ଭଲ ବନ୍ଧୁତ୍ୱ ରହିଛି । ତାଙ୍କୁ ମୁଁ ଭାଇ ବୋଲି ଡାକେ । କେବଳ ବିଷ୍ଣୁ ନୁହଁନ୍ତି, ସେଟ୍‌ରେ ସମସ୍ତଙ୍କ ସହିତ ମୋର ବହୁତ ଭଲ । ସିନିୟର୍ କଳାକାରଙ୍କଠାରୁ ମୁଁ ବହୁତ କିଛି ଶିଖିଛି ।

**ଆଗାମୀ ଯୋଜନା?**

- ଦୁଇବର୍ଷ ହେବ 'ସୁନାଝିଅ' ସଫଳ ଭାବେ ଆଗେଇ ଚାଲିଛି । ଏବେ କେବଳ ସୁନାଝିଅ ଆଉ ପ୍ରିୟା ଚରିତ୍ରକୁ କିପରି ଆଗକୁ ନେବି ସେ କଥାକୁ ଚିନ୍ତା କରୁଛି । ଭବିଷ୍ୟତରେ ମୋତେ ଯାହା ବି ଚରିତ୍ର ମିଳିବ, ତାହାକୁ ମୁଁ ନିଖୁଣ ଭାବେ ଫୁଟାଇବାକୁ ଚେଷ୍ଟା କରିବି ।

**ଅଡିସନ୍‌କୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ବିଭିନ୍ନ ଚ୍ୟାନେଲ୍‌ରେ ହେଉଥିବା ରିଆଲିଟି ଶୋ' ମାଧ୍ୟମରେ ଅଭିନେତାଅଭିନେତ୍ରୀ ହେବାକୁ ସୁଯୋଗ ମିଳୁଛି । ସେହି ଚ୍ୟାନେଲ୍‌କୁ ଅନୁସରଣ କରନ୍ତୁ । ନିଜର ଟ୍ୟାଲେଣ୍ଟକୁ ବ୍ୟବହାର କରି ଏହି ପ୍ଲାଟ୍‌ଫର୍ମରେ ଜଣେ ଭଲ କଳାକାର ହୋଇପାରିବେ । ତା'ସହ ଶିଖିବାର ପ୍ରଚେଷ୍ଟା ସବୁବେଳେ ରହିବା ଦରକାର । ■

ଟେଲିଭିଜନ ପ୍ରିମିୟର୍

## ମୁକ୍ତିର ପ୍ରେମରେ ଆଦିତ୍ୟ



ଧାରାବାହିକ 'ମୋ ସିନ୍ଦୂର'ର ଅଧିକାରର ନାୟକ ଆଦିତ୍ୟ ଏବଂ ନାୟିକା ମୁକ୍ତି ଧୀରେ ଧୀରେ ପରସ୍ପରର ନିକଟତର ହେଉଛନ୍ତି । ଯଦିଓ ସେମାନେ ଅଜାଣତରେ ପରସ୍ପରର ନିକଟତର ହେଉଛନ୍ତି, ତଥାପି ମୁକ୍ତି ପ୍ରତି ଆଦିତ୍ୟର ଭଲପାଇବା ଦେଖିବାକୁ ମିଳିଛି । ମୁକ୍ତିର ବସ୍ ଆଦିତ୍ୟ ହୋଇଥିବା ବେଳେ ମୁକ୍ତିର ଚାଲିଚଳଣି ତା'କୁ ବେଶ୍ ପସନ୍ଦ ଆସୁଛି । ଉପରୁ କଠୋର ଲାଗୁଥିବା ଆଦିତ୍ୟ ଯେ ହୃଦୟରୁ ଜଣେ ଭଲ ମଣିଷ, ସେକଥା ମୁକ୍ତି ବୁଝିପାରିଛି । କୋଉଠି ନା କୋଉଠି ଆଦିତ୍ୟର ହାବଭାବରେ ପରିବର୍ତ୍ତନ ଆସିଥିବା ନିଜେ ଆଦିତ୍ୟ ଅନୁଭବ କରୁଛି । କିନ୍ତୁ ଏ ପରିବର୍ତ୍ତନ ପଛରେ ମୁକ୍ତି ଯେ ଦାୟୀ, ସେକଥା ଜାଣି ମଧ୍ୟ ସେ ମାନିବାକୁ ପ୍ରସ୍ତୁତ ନାହିଁ । ■

## ଗୁଡ୍ଡୁ ଗ୍ୟାଙ୍ଗ୍‌ଷ୍ଟର୍



ପ୍ରୀତମ ସାହୁଙ୍କ ନିର୍ମିତ 'ଗୁଡ୍ଡୁ ଗ୍ୟାଙ୍ଗଷ୍ଟର୍' ସିନେମା ଗତବର୍ଷ ରଜରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା । ଚଳିତ ଜୁନ୍ ୨୩ରେ ତରଙ୍ଗରେ ସନ୍ଧ୍ୟା ୬ଟା ୩୦ରେ ଏହାର ଟେଲିଭିଜନ ପ୍ରିମିୟର୍ ହେବ । ସିନେମାର ମୁଖ୍ୟ ଚରିତ୍ରରେ ସିଦ୍ଧାନ୍ତ ମହାପାତ୍ର, ନମ୍ରତା ଥାପା, ଶୈଳେନ୍ଦ୍ର, ଶିବାନୀ, ବବି ମିଶ୍ର ଅଛନ୍ତି । ଅଶୋକ ପତିଙ୍କ ନିର୍ଦ୍ଦେଶିତ ଆକ୍ସନଧର୍ମୀ ଏହି ସିନେମାର ସଙ୍ଗୀତକାର ହେଉଛନ୍ତି ଅସଦ ନିଜାମ । ସେହିପରି ସିନେମାରେ ଶୈଳେନ୍ଦ୍ରଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ଶୈଳେନ୍ଦ୍ର ଏଥିରେ ସମ୍ପୂର୍ଣ୍ଣ ନୂଆ ଲୁକ୍‌ରେ ନଜର ଆସିଛନ୍ତି । ■

## ଭାଗ୍ୟ-ରେଖାଙ୍କ ଭୁଲ୍ ବୁଝାମଣା



ଜି-ସାର୍ଥକ ଚ୍ୟାନେଲର ଧାରାବାହିକ 'ଭାଗ୍ୟ ରେଖା'ରେ ରେଖାର ବୋଉ ଏବେ ଜେଲ ହାଜତରେ ଅଛନ୍ତି । ଆଦର୍ଶ ଓ ଦିଆ ନିର୍ବନ୍ଧରେ ଖାଦ୍ୟରେ ବିଷ ମିଶାଇବା ଅଭିଯୋଗରେ ତା'କୁ ହାଜତରେ ରହିବାକୁ ପଡ଼ିଛି । ଅବଶ୍ୟ ବିନା ଦୋଷରେ ତା'କୁ ଦୋଷୀ ସାବ୍ୟସ୍ତ କରାଯାଇଛି, ଏକଥା ରେଖା ଜାଣି ମଧ୍ୟ ନିଜ ବୋଉକୁ ଜେଲରୁ ବାହାର କରିପାରୁ ନାହିଁ । ତେବେ ଏହି ଅଭିଯୋଗ ମିଛ ବୋଲି ଭାଗ୍ୟ ରେଖାକୁ ପ୍ରମାଣ ଯୋଗାଡ଼ କରିବାକୁ କହିଛି । ଭାଗ୍ୟ ମୁହଁରୁ ଏକଥା ଶୁଣି ରେଖା ଓ ତା' ବଡ଼ ଭଉଣୀ ଶିଖା ପ୍ରମାଣ ଖୋଜିବାରେ ବାହାର କରିଛନ୍ତି । ଶେଷରେ ଖାଦ୍ୟରେ ଦିଆ ବିଷ ମିଶାଇଥିବା କଥା ସେମାନେ ଜାଣିପାରିଛନ୍ତି । ଦିଆର ମନ୍ଦ ଉଦ୍ଦେଶ୍ୟ ବାବଦରେ ରେଖା ଭାଗ୍ୟକୁ କହିବା ପରେ ତାହାକୁ ଭାଗ୍ୟ ଗ୍ରହଣ ନ କରି ବରଂ, ରେଖାକୁ ଭୁଲ ବୁଝିଛି । ଗୋଟିଏ ପଟେ ଭାଗ୍ୟ ମନରେ ରେଖା ପ୍ରତି ଭଲପାଇବା ସୃଷ୍ଟି ହୋଇଥିବା ବେଳେ ଏବେ ରେଖାର ଏଭଳି କଥାରେ ଦୁହେଁ ଦୁହିଁଙ୍କଠାରୁ ଦୂରେଇ ଯିବେ କି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି? ■

ବଲିଉଡ୍ ପ୍ରେମ କାହାଣୀ

## ରେଳ ଷ୍ଟେସନ୍‌ରୁ ଆରମ୍ଭ ଅଲ୍‌କାଙ୍କ ପ୍ରେମର ଯାତ୍ରା

'ଏକ୍ ଦୋ ତିନ୍', 'ଦିଲ୍ କେ ବଦଲେ ସନମ୍', 'ଗଲି ମେଁ ଆଜ୍ ଚାନ୍ଦ ନିକ୍‌ଲା', 'ଚୋଲି କେ ପିଛେ' ଭଳି ଏକାଧିକ ସୁପରହିଟ୍ ଗୀତ ଭେଟି ଦେଇଛନ୍ତି ବଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ଆଲ୍‌କା ଯାଗ୍ନିକ୍ । ଏବେ ସେ ଏକ ଗମ୍ଭୀର ନ୍ୟୁରୋ ରୋଗରେ ପୀଡ଼ିତ ଥିବାରୁ ତାଙ୍କ କାନକୁ କିଛି ଶୁଭୁନି । ଏକଥା ସେ ନିଜେ ସାମାଜିକ ଗଣମାଧ୍ୟମରେ ସମସ୍ତଙ୍କୁ ଜଣାଇଛନ୍ତି । ଯାହାକୁ ଜାଣିବା ପରେ ସଂଗୀତ ପ୍ରେମୀଙ୍କ ମନରେ ନିରାଶ ଭାବ ଖେଳି ଯାଇଛି । ତେବେ ଏହି ଗାୟିକାଙ୍କ କଣ୍ଠସ୍ୱର ଯେଭଳି ସୁନ୍ଦର, ତାଙ୍କ ପ୍ରେମ କାହାଣୀ କୌଣସି ସୁମଧୁର ଗୀତଠାରୁ କମ୍ ନୁହେଁ ।

ରେଳ ଷ୍ଟେସନ୍‌ରୁ ଆରମ୍ଭ ହୋଇଥିଲା ଆଲ୍‌କାଙ୍କ ପ୍ରେମ କାହାଣୀର ଯାତ୍ରା । ରେଳ ଷ୍ଟେସନ୍‌ରେ ବ୍ୟବସାୟୀ ନୀରଜ କପୁରଙ୍କ ସହ ତାଙ୍କର ଭେଟ ହୋଇଥିଲା । ବିବାହର ତିନି ବର୍ଷ ପୂର୍ବରୁ ଦୁହେଁ ପରସ୍ପରକୁ ଭେଟି ଥିଲେ । ସେମାନଙ୍କର ଏହି ଦେଖାସାକ୍ଷାତ ପ୍ରଥମେ ବନ୍ଧୁତାରୁ ଆରମ୍ଭ ହୋଇଥିଲା । ଏହାର ୬ ମାସ ପରେ ତାହା ପ୍ରେମର ରୂପ ନେଇଥିଲା । ୧୯୮୯ରେ ଆଲ୍‌କା ନୀରଜଙ୍କୁ ବିବାହ କରିଥିଲେ । ଅନ୍ୟପଟେ ଦୁଇଜଣ ଭିନ୍ନ ଭିନ୍ନ କ୍ଷେତ୍ରର ହୋଇଥିବାରୁ ସେମାନଙ୍କ ସମ୍ପର୍କ ବେଶି ଦିନ ତିଷ୍ଠିବ ନାହିଁ ବୋଲି ଦୁହିଁଙ୍କ ପରିବାର ଚିନ୍ତା ପ୍ରକଟ କରିଥିଲେ । କିନ୍ତୁ ସେମାନେ ପରିବାର ଲୋକଙ୍କ ଏଭଳି ଚିନ୍ତାଧାରାକୁ ଭୁଲ ପ୍ରମାଣିତ କରି ଦେଖାଇଛନ୍ତି । ଆଲ୍‌କା ଏବଂ ନୀରଜଙ୍କ ଦାମ୍ପତ୍ୟ ଏବେ ବି ବଜାୟ ରହିଛି ।

ଯଦିଓ ଏବେ ବି ଦୁହିଁଙ୍କ ମଧ୍ୟରେ ପ୍ରେମପୂର୍ଣ୍ଣ ସମ୍ପର୍କ ଅଛି, ତଥାପି ସେମାନେ ପରସ୍ପରଠାରୁ ଅଲଗା ରହୁଛନ୍ତି । ସେମାନଙ୍କ ଅଲଗା ରହିବା ପଛର କାରଣ ପାରିବାରିକ ଅଶାନ୍ତି କିମ୍ବା ଭୁଲ୍ ବୁଝାମଣା ନୁହେଁ, କାମ ଯୋଗୁଁ ଦୁହେଁ ଦୁହିଁଙ୍କଠୁ ଅଲଗା ଅଛନ୍ତି । ନୀରଜ ବ୍ୟବସାୟ ପାଇଁ ଶିଲଂରେ ରହୁଥିବା ବେଳେ ଆଲ୍‌କା ତାଙ୍କ କ୍ୟାରିୟର୍ ପାଇଁ ମୁମ୍ବାଇରେ ଅଛନ୍ତି । ଯେତେବେଳେ ଦୁହେଁ କାମରୁ ଫାଙ୍କା ହୁଅନ୍ତି, ପରସ୍ପର ସହ ସମୟ ଅତିବାହିତ କରନ୍ତି । ସେମାନଙ୍କ ଝିଅ ସାୟଶା କପୁର ଏବେ ବିବାହିତା ଏବଂ ମୁମ୍ବାଇରେ ରହୁଛନ୍ତି । ଅନ୍ୟପଟେ ଆଲ୍‌କା ଏବେ ବିରଳ କର୍ଣ୍ଣ ରୋଗରେ ପୀଡ଼ିତ ଥିବାରୁ ତାଙ୍କୁ କିଛି ଶୁଭାଯାଉ ନାହିଁ । ସେଥିପାଇଁ ସେ ଦୀର୍ଘଦିନ ହେବ ସକ୍ରିୟ ନ ଥିବା କହିଛନ୍ତି । ବିମାନ ଯାତ୍ରା ପରେ ଏହି ସମସ୍ୟା ଅନୁଭବ କରିଥିଲେ । ଅନ୍ୟପକ୍ଷରେ ଆରୋଗ୍ୟ ଲାଭ ପାଇଁ ପ୍ରଶଂସକମାନେ ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ସେ ଅନୁରୋଧ କରିଛନ୍ତି । ■



## 'ସୀତା'ର ଫାଷ୍ଟ ଲୁକ୍ ରିଲିଜ୍




ଚାଷୀଙ୍କ ସଂଘର୍ଷ ତଥା ସେମାନଙ୍କ ଆତ୍ମହତ୍ୟାର ନିଚ୍ଛକ କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ସୀତା' । ଅଶ୍ୱିନୀ ତ୍ରିପାଠୀ ଫିଲ୍ମସ ନିବେଦିତ ଏହି ସିନେମାର ଫାଷ୍ଟ ଲୁକ୍ ଇତିମଧ୍ୟରେ ରିଲିଜ୍ ହୋଇଛି । ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି ଅଭିନେତ୍ରୀ ଦେବଯାନୀ ଏବଂ ସମରେଶ । ସେହିପରି ସିନେମାର ପ୍ରଯୋଜନା, କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନାର ଭାର ନିଜେ ଅଶ୍ୱିନୀ ସମ୍ଭାଳିଛନ୍ତି । ସଂଳାପରେ ଡ.ରଜନୀ ରଞ୍ଜନ ଥିବା ବେଳେ ସଂଗୀତରେ ଅଛନ୍ତି ଜାପାନୀ ଭାଇ । ଅନ୍ୟପଟେ ବହୁ ଦିନରୁ ଚର୍ଚ୍ଚାରେ ରହି ଆସିଥିବା ଏହି ସିନେମାର ଟିଜର୍‌କୁ ଦର୍ଶକୀୟ ଆଦୃତି ମିଳିପାରିଛି । ଅନ୍ୟପଟେ ପ୍ରଥମେ ଏହି ଫିଲ୍ମର ନାଁ 'ଉଦଣ୍ଡୀ ସୀତା' ଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହାର ନାଁ ପରିବର୍ତ୍ତନ କରାଯାଇ 'ସୀତା' ରଖାଯାଇଛି । ସିନେମାଟିକୁ ମୁମ୍ବାଇର ସେନ୍‌ସର ବୋର୍ଡ ଦ୍ୱାରା ବିନା ଆପତ୍ତିରେ 'ଏୟୁ' ସାର୍ଟିଫିକେଟ୍ ମିଳିଛି । ଏହା ଜୁଲାଇ ୫ ତାରିଖରେ ପ୍ରେକ୍ଷାଳୟକୁ ଆସିବ । ■

# ଭାରତ-ଆଫଗାନିସ୍ତାନ ମୁକାବିଲା ଆଜି



**ବାର୍ବାଡୋସ୍,୧୯ ।୬(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ଗୁରୁବାରଠାରୁ ତା'ର ସୁପର-୮ ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ କେନସିଂଟନ ଓଭାଲ ଗ୍ରାଉଣ୍ଡରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ରସିଦ ଖାନଙ୍କ ଆଫଗାନିସ୍ତାନକୁ ଭେଟିବ। ସୁପର- ୮ର ୩ଟି ଯାକ ମ୍ୟାଚ୍ ଭାରତ କ୍ୟାରିବିୟାନରେ ଖେଳିବ। ଆମେରିକାରୁ ଆସି ନୂଆ ପରିବେଶରେ ଭାରତ ଖାପ ଖୁଆଇ ସୁପର-୮ରେ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଭାରତୀୟ ଦଳ ବ୍ୟାଟିଂ, ବୋଲିଂ, ଫିଲ୍ଡିଂରେ ବେଶ ଶକ୍ତିଶାଳୀ ମନେହେଉଥିବା ବେଳେ ଏହି ମ୍ୟାଚ୍‌ରେ ଫେବରାଇଟ ବିବେଚିତ ହେଉଛି।

ନ୍ୟୁୟର୍କରେ ଖରାପ୍ ପିଚ୍ କାରଣରୁ ଭାରତୀୟ ବ୍ୟାଟର ହାତଖୋଲା ସଟ୍ ଖେଳିପାରି ନଥିଲେ। କିନ୍ତୁ ଏଠାରେ ବ୍ୟାଟରମାନେ ଆକ୍ରମଣାତ୍ମକ ଶୈଳୀରେ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଏଠାରେ ସ୍ପିନରଙ୍କୁ ସୁହାଇବା ଭଳି ପିଚ୍ ପ୍ରସ୍ତୁତ ହୋଇଥିବା ବେଳେ ଭାରତୀୟ ଖେଳାଳି ଏଥିପାଇଁ ବିଶେଷ ଧ୍ୟାନ ଦେବାକୁ ହେବ। ଅଭିଜ୍ଞ ବ୍ୟାଟର ରୋହିତ ଓ ବିରାଟ କୋହଲି ମଧ୍ୟ ନେଟ୍ସରେ ସ୍ପିନର ଓ ସ୍ଲୋ ବୋଲରଙ୍କୁ ସାମ୍ନା କରି ଅଭ୍ୟାସ କରିଛନ୍ତି। ଆଫଗାନିସ୍ତାନ ଦଳରେ କେତେଜଣ ବିଶ୍ୱସ୍ତରୀୟ ସ୍ପିନର ରହିଛନ୍ତି। ଖାସ୍ କରି ସୂର୍ଯ୍ୟକୁମାର ଯାଦବ ଓ ଋଷଭ ପନ୍ତ କିଭଳି ବ୍ୟାଟିଂ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। ଏହି ସ୍ପିନ ଫ୍ରେଣ୍ଡଲି ପିଚ୍‌ରେ ଭାରତ କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ମଧ୍ୟରୁ କାହାକୁ ଖେଳାଇବା ତାହା ଟସ୍ ପରେ ଜଣା ପଡିବ। ରବୀନ୍ଦ୍ର ଜାଡେଜା, ହାର୍ଦ୍ଦିକ ପାଣ୍ଡ୍ୟଙ୍କ ଭଳି ଅଲରାଉଣ୍ଡର ମଧ୍ୟ ଏହି ମ୍ୟାଚ୍‌ରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ସେହିପରି ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ନୂଆ ବଲ୍‌ରେ ପୁଣିଥରେ ଚମତ୍କାର ଦେଖାଇବା ଆଶା କରାଯାଉଛି।

## ୩ ସ୍ପିନରଙ୍କ ଉପରେ ନିର୍ଭରଶୀଳ ଆଫଗାନିସ୍ତାନ

ଅପରପକ୍ଷରେ ଟି-୨୦ରେ ଆଫଗାନିସ୍ତାନ ଗତକିଛି ବର୍ଷ ମଧ୍ୟରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ୩ଜଣ ସ୍ପିନର ରସିଦ ଖାନ, ନୁର ଅହମ୍ମଦ ଓ ମହମ୍ମଦ ନବୀଙ୍କ ଉପରେ ଦଳ ଅତ୍ୟଧିକ ନିର୍ଭରଶୀଳ ହୋଇପଡିଛି। ଆଫଗାନିସ୍ତାନ ଦଳରେ ମଧ୍ୟ କେତେଜଣ କ୍ୱାଲିଟି ବିଶ୍ୱସ୍ତରୀୟ ବ୍ୟାଟର ରହିଛନ୍ତି। ଖାସ୍ କରି ଦଳର ୩ ତାରକା ସ୍ପିନର ଭାରତୀୟ ବ୍ୟାଟରଙ୍କ ପାଇଁ ପରୀକ୍ଷା ସୃଷ୍ଟି କରିବେ।

## ଦୁଇପାଦ ଆଗରେ ଭାରତ

ଗତ ୫ଟି ମ୍ୟାଚ୍‌ରେ ଭାରତ ୪ଟି ବିଜୟୀ ହୋଇଥିବା ବେଳେ ଗୋଟିଏରେ ପରାସ୍ତ ହୋଇଛି। ସେହିପରି ଆଫଗାନିସ୍ତାନ ଗତ ୫ଟି ମ୍ୟାଚ୍‌ରେ ୩ଟିରେ ବିଜୟୀ ହୋଇଛି। ରେକର୍ଡ, ଫର୍ମ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତ ଦୁଇ ପାଦ ଆଗରେ ରହିଛି। ଏପର୍ଯ୍ୟନ୍ତ ଉଭୟ ଦଳ ପରସ୍ପରକୁ ୮ଥର ଭେଟିଛନ୍ତି। ଏଥିରେ ଭାରତ ୭ଥର ବିଜୟୀ ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ଟାଇ ରହିଛି। ଭାରତ ବିପକ୍ଷରେ ଆଫଗାନିସ୍ତାନ ଏପର୍ଯ୍ୟନ୍ତ ଖାତା ଖୋଲିପାରିନାହିଁ। ଏହି ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ, ସଞ୍ଜୁ ସାମସନ, ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ।

**ଆଫଗାନିସ୍ତାନ ଦଳ:** ରହମାନୁଲ୍ଲା ଗୁରୁବାଜ, ଇବ୍ରାହିମ ଜଦ୍ରାନ, ଗୁଲବଦିନ ନାଇବ, ଅଜମାତୁଲ୍ଲା ଓମରଜାଇ, ମହମ୍ମଦ ନବୀ, ନାଜିବୁଲ୍ଲା ଜଦ୍ରାନ, କରିମ ଜନତ, ରସିଦ ଖାନ୍ (ଅଧିନାୟକ), ନୁର ମହମ୍ମଦ, ନବୀନ-ଉଲ-ହକ, ଫାଜଲହକ ଫାରୁକି, ହଜରାତୁଲ୍ଲା ଜଜାଇ, ଫରିଦ ଅହମ୍ମଦ ମଲିକ, ମହମ୍ମଦ ଇଶାକ ଓ ନାନଗେୟାଲିଆ ଖାରୋଟ।

### ଆଜିର ସୁପର-୮ ମ୍ୟାଚ୍

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ (ଗ୍ରୁପ୍) | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୦।୬ | ଇଂଲଣ୍ଡ-ୱେଷ୍ଟଇଣ୍ଡିଜ୍ | ଗ୍ରସ୍ ଆଇଲେଟ | ସକାଳ ୬ଟା |
| ୨୦।୬ | ଭାରତ-ଆଫଗାନିସ୍ତାନ | ବ୍ରିଜ୍‌ଟାଉନ୍ | ରାତି ୮ଟା |

# ଡି କକ୍, ରାବାଡା ଜିତାଇଲେ




**ଆଣ୍ଟିଗୁଆ, ୧୯ ।୬ (ଏଜେନ୍ସି):** ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ପ୍ରଥମ ସୁପର-୮ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୧୮ ରନରେ ସହ-ଆୟୋଜକ ଆମେରିକାକୁ ପରାସ୍ତ କରିଛି। ସୁପର୍-୮ ର ଏହି ରୋମାଞ୍ଚକ ଗ୍ରୁପ୍-୨ ମୁକାବିଲାରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୧୯୫ ରନର ଲକ୍ଷ୍ୟକୁ ପିଛା କରିଥିବା ଆମେରିକା ଓପନର୍ ତଥା ୱିକେଟ୍‌ରକ୍ଷକ ଆଣ୍ଡ୍ରେସ ଗୌସଙ୍କ ଅପରାଜିତ ୮୦ ରନ ସତ୍ତ୍ୱେ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୬ ରନ କରିପାରିଥିଲା। ଗୌସ ତାଙ୍କ ୪୭ ବଲ ପାଳିରେ ୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରମିତ୍ ସିଂହ ୩୮, ଷ୍ଟିଭେନ ଟେଲର ୨୪, କୋରୀ ଆଣ୍ଡରସନ ୧୨ ରନ କରିଥିଲେ। ବିଜୟୀ ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା ସର୍ବାଧିକ ୩ଟି ୱିକେଟ ନେଇଥିଲେ।

ଏହି ମ୍ୟାଚରେ ଟସ୍ ଜିତିବା ପରେ ଆମେରିକା ଅଧିନାୟକ ଆରୋନ ଜୋନ୍ସ ଦକ୍ଷିଣ ଆଫ୍ରିକାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଦକ୍ଷିଣ ଆଫ୍ରିକା ତୃତୀୟ ଓଭରରେ ଓପନର ରିଜା ହେଣ୍ଡ୍ରିକ୍ସ (୧୧ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଏହାପରେ କ୍ୱିଣ୍ଟନ ଡି କକ୍‌ଙ୍କ ସହ ଅଧିନାୟକ ଆଇଡେନ ମାର୍କରାମ ଯୋଗଦେଇ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଉଭୟଙ୍କ ମଧ୍ୟରେ ୨ୟ ୱିକେଟ୍‌ରେ ୧୧୦ ରନର ଭାଗୀଦାରି ହୋଇଥିଲା। ତେବେ ୧୫ ରନ ମଧ୍ୟରେ ଡି କକ୍‌ଙ୍କ ସମେତ ମାର୍କରାମ ଓ ଡେଭିଡ୍ ମିଲରଙ୍କୁ ଆଉଟ୍ କରି ଆମେରିକା ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଡି କକ୍ ୪୦ ବଲରେ ୫ ଛକା ଓ ୭ ଚୌକା ବଳରେ ସର୍ବାଧିକ ୭୪ ରନ କରିଥିଲେ। ସେହିଭଳି ମାର୍କରାମ ୩୨ ବଲରେ ୪୬ ରନ କରି ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିବାବେଳେ ମିଲର ଖାତା ଖୋଲିବା ପୂର୍ବରୁ ପ୍ରଥମ ବଲରେ ପ୍ୟାଭିଲିୟନ ଫେରିଥିଲେ। ବାମହାତୀ ସ୍ପିନର ହର୍‌ମିତ୍ ସିଂହ କ୍ରମାଗତ ୨ଟି ବଲରେ ଡି କକ୍ ଓ ମିଲରଙ୍କୁ ଆଉଟ୍ କରି ବଡ଼ ସଫଳତା ପାଇଥିଲେ। ତେବେ ଶେଷ ଭାଗରେ ହେନରିଚ୍ କ୍ଲାସେନ ଓ ଟ୍ରିଷ୍ଟାନ ଷ୍ଟବ୍ସ ଦ୍ରୁତ ଗତିରେ ରନ ସଂଗ୍ରହ କରିବା ଯୋଗୁ ଦକ୍ଷିଣ ଆଫ୍ରିକା ୪ ୱିକେଟ୍‌ରେ ୧୯୪ ରନର ଏକ ବଡ଼ ସ୍କୋର କରିପାରିଥିଲା। କ୍ଲାସେନ ୩ ଛକା ସହ ୨୨ ବଲରୁ ୩୬ ଓ ଷ୍ଟବ୍ସ ୧୬ ବଲରେ ୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଉଭୟଙ୍କ ମଧ୍ୟରେ ଅସମାପ୍ତ ୫ମ ୱିକେଟ୍ ଭାଗୀଦାରିରେ ୫୩ ରନ ସଂଗୃହିତ ହୋଇଥିଲା। ବୋଲିଂରେ ଆମେରିକାର ବାମହାତୀ ଦ୍ରୁତ ବୋଲର ସୌରଭ ନେତ୍ରାଭାଲକର ଓ ହରମିତ୍ ୨ଟି ଲେଖାଏ ୱିକେଟ୍ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା:** ୧୯୪/୪, ୨୦ ଓଭର (ଡି କକ୍- ୭୪, ମାର୍କରାମ- ୪୬, କ୍ଲାସେନ- ୩୬*, ଷ୍ଟବ୍ସ- ୨୦*, ମିଲର- ୦, ନେତ୍ରାଭାଲକର- ୨/୨୧, ହରମିତ୍- ୨/୨୪)।

**ଆମେରିକା:** ୧୭୬/୬, ୨୦ ଓଭର (ଟେଲର- ୨୪, ଆଣ୍ଡ୍ରେସ ଗୌସ୍- ୮୦*, ଆଣ୍ଡରସନ- ୧୨, ହରମିତ୍- ୩୮, କାଗିସୋ ରାବାଡା- ୩/୧୮, ନୋର୍ଜେ- ୧/୩୭)।

# ଏଏଫ୍‌ସି ଏସିଆନ ଚାମ୍ପିଅନ ଦଳକୁ ମିଳିବ ୧୦୦ କୋଟି

**ରିୟାଧ, ୧୯ ।୬ (ଏଜେନ୍ସି):** ଏସିଆ ମହାଦେଶର କ୍ଲବ ଭିତ୍ତିକ ସର୍ବଶ୍ରେଷ୍ଠ ଫୁଟ୍‌ବଲ ପ୍ରତିଯୋଗିତା ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍ ଏଲିଟ୍ (ଏସିଏଲ୍ ଏଲିଟ୍)ର ନୂଆ ବିଜେତା ଦଳକୁ ଏଥର ପୁରସ୍କାର ବାବଦରେ ୧୨ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୧୦୦ କୋଟି ୧୦ ଲକ୍ଷ ଟଙ୍କା) ଜିତିବ। ଏସିଆ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଏସିଆନ ଫୁଟବଲ୍ କନଫେଡେରେସନ (ଏଏଫ୍‌ସି) ପକ୍ଷରୁ ବୁଧବାର ଏକ ବିବୃତ୍ତିରେ ଏହା କୁହାଯାଇଛି। ଗତ ମେ'ରେ ଖେଳାଯାଇଥିବା ପୂର୍ବ ସଂସ୍କରଣରେ ୟୁଏଇର କ୍ଲବ ଅଲ୍-ଅମିନ ଜିତିଥିବା ପୁରସ୍କାର ରାଶିର ଏହା ୩ ଗୁଣା ହେବ ବୋଲି ଜଣାପଡ଼ିଛି। ପୁରସ୍କାର ରାଶିରେ ବୃଦ୍ଧି ନେଇ ଏଏଫ୍‌ସିର ଏହି ନିଷ୍ପତ୍ତି ଏସିଆ ମହାଦେଶର କ୍ଲବ ଫୁଟ୍‌ବଲରେ ଉତ୍ସାହ ଆଣିଦେଇଛି। ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍ ଏଲିଟ୍ ପ୍ରତିଯୋଗିତାର ପ୍ରିଲିମିନାରୀ ରାଉଣ୍ଡ ଅଗଷ୍ଟ ୬ରୁ ଆରମ୍ଭ ହେବ। ଏଥିରେ ଏସିଆ ମହାଦେଶର ୨୭ କ୍ଲବ ଅଂଶଗ୍ରହଣ କରିବେ। ଯେଉଁଥିରେ ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ ଓ ସାଉଦୀ ଆରବର ପ୍ରମୁଖ କ୍ଲବ ରହିଛନ୍ତି। ପୂର୍ବରୁ ଏହି ପ୍ରତିଯୋଗିତା ଏସିଆନ ଚାମ୍ପିଅନ୍ସ ଲିଗ୍ ନାମରେ ନାମିତ ଥିଲା। ଆଗାମୀ ସିଜନରୁ କିନ୍ତୁ ଏହା ନୂଆ ନାମ ଅର୍ଥାତ ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍ ଏଲିଟ୍ ନାମରେ ଖେଳାଯିବ।

# ୧୦ ଦିନ ମଧ୍ୟରେ ପାଉଣା ନ ମିଳିଲେ ଆଇନ୍‌ର ଆଶ୍ରୟ ନେବେ ଷ୍ଟିମାକ୍



**ନୂଆଦିଲ୍ଲୀ,୧୯ ।୬(ଏଜେନ୍ସି):** ଭାରତୀୟ ପୂର୍ବତନ ଫୁଟବଲ ପ୍ରଶିକ୍ଷକ ଆଇଗର ଷ୍ଟିମାକ୍ ସର୍ବ ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ବିଷୋଦ୍‌ଗାର କରିଛନ୍ତି। ବାକିଆ ପାଉଣା ନ ମିଳିଲେ ସେ ଆଇନ୍‌ର ଆଶ୍ରୟ ନେବେ ବୋଲି ଏଆଇଏଫ୍‌ଏଫ୍‌କୁ ସତର୍କ କରାଇଛନ୍ତି। ଆଗାମୀ ୧୦ ଦିନ ମଧ୍ୟରେ ତାଙ୍କର ବାକିଥିବା ସବୁ ପାଉଣା ନ ମିଳିଲେ ସେ ଫିଫା ଫୁଟବଲ୍ ଟ୍ରିବ୍ୟୁନାଲରେ ଦ୍ୱାରସ୍ଥ ହେବା ସହ ଅଭିଯୋଗ କରିବେ ବୋଲି କହିଛନ୍ତି। ତାଙ୍କୁ ନ ଜଣାଇ ଏଆଇଏଫ୍‌ଏଫ୍ ଏକପାଖିଆ ଭାବେ ପ୍ରଶିକ୍ଷକ ପଦରୁ ବହିଷ୍କାର କରିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ଏକାଧିକବାର ଚୁକ୍ତି ନିୟମକୁ ଉଲ୍ଲଂଘନ କରିଛନ୍ତି ଓ ଏଥିପାଇଁ ସେ ତାଙ୍କୁ ସମାଲୋଚନା କରିଛନ୍ତି। ଉଲ୍ଲେଖଥାଉ କି, ୫୬ ବର୍ଷୀୟ କ୍ରୋଏସିଆ ଫୁଟବଲ କୋଚ୍ ଷ୍ଟିମାକଙ୍କୁ ସୋମବାର ଏଆଇଏଫ୍‌ଏଫ୍ ପଦରୁ ବହିଷ୍କାର କରିଥିଲା। ୨୦୧୯ରେ ଷ୍ଟିମାକ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରେ ନିଯୁକ୍ତି ପାଇଥିଲେ ଓ ଗତ ବର୍ଷ ଅକ୍ଟୋବରରେ ୨୦୨୬ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ୧୯୯୮ ଫିଫା ବିଶ୍ୱକପ୍‌ରେ କ୍ରୋଏସିଆ କାଂସ୍ୟ ପଦକ ଜିତିଥିଲା ଓ ଷ୍ଟିମାକ ଏହି ଦଳର ସଦସ୍ୟ ଥିଲେ। ଫିଫା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଭାରତ ତୃତୀୟ ରାଉଣ୍ଡକୁ ଉଠିବାର ବିଫଳ ହେବା ପରେ ଷ୍ଟିମାକ୍‌ଙ୍କୁ ପଦରୁ ବିଦା କରାଯାଇଥିଲା।

# ଜର୍ମାନୀର କ୍ରମାଗତ ଦ୍ୱିତୀୟ ବିଜୟ

**ହାମବର୍ଗ,୧୯ ।୬(ଏଜେନ୍ସି):** ଚଳିତ ୟୁରୋକପ୍‌ରେ ଆୟୋଜକ ଜର୍ମାନୀ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଗ୍ରୁପ୍ ଏ'ରେ ପ୍ରଥମ ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ୫-୧ ଗୋଲରେ ପରାସ୍ତ କରିବା ପରେ ଜର୍ମାନୀ ବୁଧବାର ତା'ର ଦ୍ୱିତୀୟ ମୁକାବିଲାରେ ୨-୦ ଗୋଲରେ ହଙ୍ଗେରୀକୁ ପରାସ୍ତ କରି ପ୍ରି- କ୍ୱାର୍ଟର ଖେଳିବା ଆଶାକୁ ଦୃଢ଼ କରିଛି। ଜର୍ମାନୀ ତରଫରୁ ୨୨ତମ ମିନିଟ୍‌ରେ ଜମାଲ ମୁସିଆଲା ଓ ୬୭ତମ ମିନିଟ୍‌ରେ ଇଲ୍‌କେ ଗୁଣ୍ଡୋଗାଁ ଗୋଲ ସ୍କୋର କରିଥିଲେ।

## ପର୍ତ୍ତୁଗାଲର ବିଜୟ ଅଭିଯାନ

ପର୍ତ୍ତୁଗାଲ ତା'ର ପ୍ରଥମ ମ୍ୟାଚ୍ ୨-୧ ଗୋଲରେ ଚେକ ଗଣରାଜ୍ୟକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ୬୨ ତମ ମିନିଟ୍‌ରେ ଲୁକାସ ପ୍ରୋଭୋଡ ଗୋଲ ଦେଇ ଚେକ୍‌କୁ ଅଗ୍ରଣୀ କରାଇଥିଲେ। ୬୯ତମ ମିନିଟ୍‌ରେ ଚେକ୍ ଖେଳାଳି ରୋବିନ ହ୍ରାନାକ ଆତ୍ମଘାତୀ ଗୋଲ ବଳରେ ମ୍ୟାଚ୍ ୧-୧ ବରାବର ସ୍ଥିତିକୁ ଆସିଥିଲା। ଶେଷରେ ଇଞ୍ଜୁରି ଟାଇମ ଦ୍ୱିତୀୟ ମିନିଟ୍‌ରେ ଫ୍ରାନସିସ୍କୋ କୋନସେଇକାଓ ଗୋଲ ଦେଇ ପର୍ତ୍ତୁଗାଲକୁ ଜିତାଇଥିଲେ।

ସେହିଭଳି ବୁଧବାର କ୍ରୋଏସିଆ ଓ ଆଲବାନିଆ ମଧ୍ୟରେ ମୁକାବିଲା ୨-୨ ଗୋଲରେ ଡ୍ର ରହିଛି। ଗ୍ରୁପ୍ ବି'ର ଏହି ମ୍ୟାଚ୍‌ରେ ୧୧ତମ ମିନିଟ୍‌ରେ କାଜିମ ଲାସି ଗୋଲଦେଇ ଆଲବାନିଆକୁ ଅଗ୍ରଣୀ କରିଥିଲେ। କ୍ରୋଏସିଆ ତରଫରୁ ୭୪ତମ ମିନିଟ୍‌ରେ ଆଣ୍ଡ୍ରେଜ କ୍ରାମାରିକ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ୭୬ତମ ମିନିଟ୍‌ରେ ଆଲବାନିଆର କ୍ଲାଉସ୍ ଗଜାସୁଲାଙ୍କ ଆତ୍ମଘାତୀ ଗୋଲ ବଳରେ କ୍ରୋଏସିଆ ଅଗ୍ରଣୀ ହୋଇଥିଲା। ଶେଷ ମୁହୂର୍ତ୍ତରେ କ୍ଲାଉସ୍ ଏକ ସୁନ୍ଦର ଗୋଲ ଦେଇ ମ୍ୟାଚ୍‌କୁ ଡ୍ର କରିଥିଲେ।

ୟୁରୋକପ୍ ଫୁଟବଲ



ହଙ୍ଗେରୀ ବିପକ୍ଷରେ ଗୋଲ ସ୍କୋର କରିବା ପରେ ଉଲ୍ଲସିତ ଜର୍ମାନୀ ଖେଳାଳି

# କେନ୍ଦ୍ରୀୟ ଚୁକ୍ତିକୁ ୱିଲିୟମସନଙ୍କ ପ୍ରତ୍ୟାଖାନ



**ୱେଲିଂଟନ, ୧୯ ।୬ (ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ସୁପର୍-୮କୁ ଉଠିବାରେ ବିଫଳ ହୋଇଥିବା ନ୍ୟୁଜିଲାଣ୍ଡ ଦଳର ଅଧିନାୟକ କେନ୍ ୱିଲିୟମସନ ବୁଧବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ଆଗାମୀ ୨୦୨୪-୨୫ ସିଜନ ଲାଗି ବାର୍ଷିକ କେନ୍ଦ୍ରୀୟ ଚୁକ୍ତିକୁ ୱିଲିୟମସନ ପ୍ରତ୍ୟାଖାନ କରିଛନ୍ତି। ୩୩ ବର୍ଷୀୟ ୱିଲିୟମସନଙ୍କ ଏହି ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଦେଇଛି। ଏଥିସହ ସେ ନ୍ୟୁଜିଲାଣ୍ଡ ଦଳର ସୀମିତ ଓଭର ଫର୍ମାଟ୍‌ର ଅଧିନାୟକ ପଦ ମଧ୍ୟ ଛାଡ଼ିଦେଇଛନ୍ତି। ଏଥିପୂର୍ବରୁ ସେ ଟେଷ୍ଟ ଅଧିନାୟକ ପଦରୁ ମଧ୍ୟ ଓହରିଯାଇଥିଲେ। ତେବେ ସେ ଏବେ ଅବସର ନେବେ ନାହିଁ ଏବଂ ତିନୋଟି ଯାକ ଫର୍ମାଟ୍‌ରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ଲାଗି ପ୍ରସ୍ତୁତ ଥିବା ଜଣାପଡ଼ିଛି। 'ନ୍ୟୁଜିଲାଣ୍ଡର ଆଗାମୀ ସିଜନ ସମୟରେ କେତୋଟି ବିଦେଶୀ ଲିଗ୍‌ରେ ଖେଳିବାକୁ ଯୋଜନା କରିଛି। ଯେଉଁଥି ପାଇଁ ଜାତୀୟ ଦଳ ପାଇଁ ଉପଲବ୍ଧ ହୋଇପାରିବି ନାହିଁ। ସେଥିଲାଗି କେନ୍ଦ୍ରୀୟ ଚୁକ୍ତିକୁ ଗ୍ରହଣ କରିନି' ବୋଲି ୱିଲିୟମସନ କହିଛନ୍ତି। ତେବେ ସେ ନ୍ୟୁଜିଲାଣ୍ଡ ପାଇଁ ଆଗାମୀ ୮ଟି ଟେଷ୍ଟ ମ୍ୟାଚ୍ ଲାଗି ଉପଲବ୍ଧ ରହିବେ ବୋଲି ଜଣାପଡ଼ିଛି। ସେହିଭଳି ଆସନ୍ତାବର୍ଷ ପାକିସ୍ତାନରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଲିଗ୍‌ରେ ମଧ୍ୟ ଭାଗନେବେ।

# ଭାରତରେ ସବୁ ଫୁଟବଲ ଏକାଡେମୀ ବନ୍ଦକଲା ଏଫ୍‌ସି ବାର୍ସିଲୋନା

**ବାର୍ସିଲୋନା,୧୯ ।୬(ଏଜେନ୍ସି):** ବିଶ୍ୱ ପ୍ରସିଦ୍ଧ ଫୁଟବଲ କ୍ଲବ ସ୍ପେନର ଏଫ୍‌ସି ବାର୍ସିଲୋନା ଭାରତରେ ତା'ର ସବୁ ଫୁଟବଲ ଏକାଡେମୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଭାରତରେ ଫୁଟବଲ ପ୍ରତିଭାଗୁଡିକର ଚିହ୍ନଟ ଓ ବିକାଶ ପାଇଁ ବିଗତ ୧୪ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ଏବେ ଏହି ନିଷ୍ପତ୍ତି ନେଇ ଚକିତ କରିଛି। ତେବେ କ'ଣ ପାଇଁ ଏହି ନିଷ୍ପତ୍ତି ନେବାକୁ ପଡିଲା ସେ ସଂକ୍ରାନ୍ତରେ ବାର୍ସିଲୋନ ତରଫରୁ କିଛି ସ୍ପଷ୍ଟିକରଣ ଦିଆଯାଇନାହିଁ। ଦିଲ୍ଲୀ ଏନ୍‌ସିଆର, ମୁମ୍ବାଇ, ବେଙ୍ଗାଲୁରୁ ଓ ପୁଣେ ଥିବା ବାର୍ସିଲୋନାର ସବୁ ଯୁବ ଏକାଡେମୀ ଜୁଲାଇ ୧ରୁ ବନ୍ଦ ହେବା ନିଶ୍ଚିତ ହୋଇଛି। ୨୦୧୦ରେ ବାର୍ସିଲୋନା ଭାରତର ଏହି ସହରଗୁଡିକରେ ଫୁଟବଲ ଏକାଡେମୀ ପ୍ରତିଷ୍ଠା କରିଥିଲା। ଏହି ଏକାଡେମୀଗୁଡିକରେ ହଜାର ହଜାର ଯୁବ ପ୍ରତିଭା ବାର୍ସିଲୋନା ଶୈଳୀରେ ଫୁଟବଲ ପ୍ରଶିକ୍ଷଣ ନେଉଥିଲେ। ୨୦୧୯ ଓ ୨୦୨୦ରେ ଭାରତରେ ଦୁଇଥର ବାର୍କା ଏକାଡେମୀ ଏପିଏସି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଲିଓନେଲ ମେସି, ଆଣ୍ଡ୍ରେସ ଇନିଏଷ୍ଟା, ସର୍ଗିଓ ବସକ୍ୱେଟ୍ ଓ ଗେରାର୍ଡ ପିକ୍‌ଙ୍କ ଭଳି ବିଶ୍ୱସ୍ତରୀୟ ଫୁଟବଲର ଏହି ବାର୍କା ଏକାଡେମୀରେ ପ୍ରଶିକ୍ଷଣ ନେଇ ସଫଳତାର ଶୀର୍ଷକୁ ଛୁଇଛନ୍ତି। ଉଲ୍ଲେଖଥାଉ କି, ବାର୍କା ଏକାଡେମୀ ଭାରତରେ ସର୍ବାଧିକ ତୃଣମୂଳସ୍ତରୀୟ ଫୁଟବଲ ପ୍ରଶିକ୍ଷଣ ଓ ବିକାଶ ପ୍ରକ୍ରିୟା ଚାଲୁ ରଖିଥିଲା। ବାର୍କା ଏକାଡେମୀରେ ୪ରୁ ୧୭ ବର୍ଷୀୟ ବାଳକ ଓ ବାଳିକା ପ୍ରଶିକ୍ଷଣ ନେଉଥିଲେ।

## ସିରିଜ ଆଗୁଆ କବ୍‌ଜା କଲା ଭାରତ

# ମନ୍ଧାନା, ହର୍‌ମନ୍‌ପ୍ରୀତ୍‌ଙ୍କ ଶତକ

**ବେଙ୍ଗାଲୁରୁ, ୧୯ ।୬ (ଏଜେନ୍ସି):** ଅଧିନାୟିକା ହର୍‌ମନପ୍ରୀତ୍ କୌର ଓ ଉପ-ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଶତକୀୟ ପାଳି ବଳରେ ଏଠାରେ ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଏକଦିବସୀୟ ମ୍ୟାଚକୁ ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ୪ ରନରେ ରୋମାଞ୍ଚକ ଭାବେ ବିଜୟୀ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୧୪୩ ରନରେ ଜିତିଥିବା ଭାରତ ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ଅନ୍ତିମ ତଥା ୩ୟ ଏକଦିବସୀୟ ମ୍ୟାଚ୍ ରବିବାର ଖେଳାଯିବ।



ହର୍‌ମନପ୍ରୀତ୍ କୌର-୧୦୩*

ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ଜିତି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳର ଅଧିନାୟିକା ଲୌରା ୱଲଭର୍ଡ୍‌ଟ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତିକୁ ଭୁଲ ପ୍ରମାଣିତ କରିଥିଲେ ଘରୋଇ ଭାରତୀୟ ଦଳର ଦୁଇ ଅଭିଜ୍ଞ ଖେଳାଳି ହର୍‌ମନପ୍ରୀତ୍ ଓ ମନ୍ଧାନା। ଉଭୟ ଦ୍ରୁତ ଗତିରେ ରନ ସଂଗ୍ରହ କରି ନିଜ ନିଜର ଶତକ ପୂରଣ କରିବା ସହ ଦଳକୁ ଏକ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। ଓପନିଂ ଆସିଥିବା ମନ୍ଧାନା ଏଠାରେ କ୍ୟାରିୟରର ୭ମ ଏକଦିବସୀୟ ଶତକ ହାସଲ କରି ୧୩୬ ରନରେ ଆଉଟ୍ ହୋଇଥିଲେ। ୧୨୦ ବଲର ଏହି ପାଳିରେ ସେ ୧୮ ଚୌକା ଓ ୨ଟି ଛକା ମାରିଥିଲେ। ମନ୍ଧାନାଙ୍କ ଏହା କ୍ରମାଗତ ୨ୟ ଶତକ ଥିଲା। ପ୍ରଥମ ମ୍ୟାଚରେ ମଧ୍ୟ ସେ ୧୧୭ ରନର ପାଳି ଖେଳିଥିଲେ। ସେହିଭଳି ହରମନପ୍ରୀତ୍ ୮୮ ବଲରେ ୧୦୩ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ନିଜର ଏହି ୬ଷ୍ଠ ଏକଦିବସୀୟ ଶତକୀୟ ପାଳିରେ କୌର ୯ଟି ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଚା ଘୋଷ ୨୫, ଡି ହେମଲତା ୨୪, ଶେଫାଳି ବର୍ମା ୨୦ ରନ କରିଥିଲେ। ଭାରତ ୫୦ ଓଭରରେ ୩ ୱିକେଟରେ ୩୨୫ ରନର ବିଶାଳ ସ୍କୋର କରିଥିଲା।



ସ୍ମୃତି ମନ୍ଧାନା-୧୩୬

## ଲୌରା, କାପ୍ପଙ୍କ ଶତକ ବୃଥା

ଜବାବରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟିକା ଲୌରା ୱଲଭର୍ଡ୍‌ଟ ଓ ଅଭିଜ୍ଞ ଖେଳାଳି ମାରିଜନେ କାପ୍ପ ଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳ ୬ ୱିକେଟ୍‌ରେ ୩୨୧ ରନ କରି ଅଳ୍ପକେ ପରାଜୟବରଣ କରିଥିଲା। ଲୌରା ୧୩୫ ବଲରେ ୧୩୫ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। କାପ୍ପ ୯୪ ବଲରେ ୧୧୪ ରନ କରି ଆଉଟ୍ ହୋଇଥିଲେ। ଭାରତର ପୂଜା ବସ୍ତ୍ରାକାର ଓ ଦୀପ୍ତି ଶର୍ମା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ହରମନପ୍ରୀତ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କ୍ୟାରିୟରରେ ପ୍ରଥମଥର ଲାଗି ବୋଲିଂ କରିଥିବା ମନ୍ଧାନାଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

### ମ୍ୟାଚରେ ମାଇଲଖୁଣ୍ଟ

୭: ମନ୍ଧନାଙ୍କ ଏହା ଏକଦିବସୀୟ ଫର୍ମାଟରେ ୭ମ ଶତକ ଥିଲା। ଏଥିସହ ଭାରତୀୟ ଭାବେ ସର୍ବାଧିକ ଶତକ ହାସଲ କରିଥିବା ମିତାଲି ରାଜଙ୍କ ସହ ସେ ସମକକ୍ଷ ହୋଇଛନ୍ତି।

୨: ପ୍ରଥମ ଭାରତୀୟ ମହିଳା କ୍ରିକେଟର୍ ଭାବେ ମନ୍ଧାନା ୫୦ ଓଭର ଫର୍ମାଟ୍ କ୍ରିକେଟ୍‌ରେ କ୍ରମାଗତ ୨ଟି ଶତକ ମାରିବାର କୀର୍ତ୍ତିମାନ କରିଛନ୍ତି।

୬: ହରମନପ୍ରୀତ୍ ଏଠାରେ ୬ଷ୍ଠ ଏକଦିବସୀୟ ଶତକ ହାସଲ କରି ମନ୍ଧାନା ଓ ମିତାଲିଙ୍କ ପଛକୁ ରହିଛନ୍ତି।

୮: ଭାରତ ପାଳିରେ ୮ଟି ଛକା ଦେଖିବାକୁ ମିଳିଥିଲା। କୌଣସି ଏକଦିବସୀୟ ମ୍ୟାଚର ଗୋଟିଏ ପାଳିରେ ଏହା ସର୍ବାଧିକ ଛକା ହେବାର ରେକର୍ଡ ହୋଇଛି।

୧୩୬: ମନ୍ଧାନା ଏହି ମ୍ୟାଚରେ ୧୩୬ ରନ କରିଥିଲେ। ଏହି ଫର୍ମାଟ୍‌ରେ ଏହା ତାଙ୍କ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର।

୩୨୫: ୩୨୫ ରନ କରି ଭାରତ ଏକଦିବସୀୟରେ ଏହାର ୩ୟ ସର୍ବାଧିକ ସ୍କୋର କରିଛି। ପୂର୍ବରୁ ଭାରତ ୨୦୨୨ରେ ଇଂଲଣ୍ଡ ବିପକ୍ଷରେ ୩୩୩ ଓ ୨୦୧୭ରେ ଆୟର୍ଲାଣ୍ଡ ବିପକ୍ଷରେ ୩୫୮ ରନ କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA